

# ଓଡ଼ିଶା ଭାସ୍କର
ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ଚିକିତ୍ସା କ୍ଷେତ୍ର ସମୃଦ୍ଧ ହେଲେ ରାଜ୍ୟ ସମୃଦ୍ଧ ହେବ | ୬

ମନ ଜିଣୁଛି ରାଶାଙ୍କ 'ଉଇ ଆମ୍ମା' | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୯୨ Vol. 21 No-292 20 JANUARY 2025 MONDAY BHUBANESWAR ସୋମବାର, ୨୦ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ମୋଦୀଙ୍କ ମନ୍ କି ବାତ୍

# ଗଣତନ୍ତ୍ର ଦିବସ ଭବ୍ୟ ଆଉ ଦିବ୍ୟ



**ଭାରତ ଗଣତନ୍ତ୍ରର ୭୫ତମ ବାର୍ଷିକୀ**

**ସମ୍ବିଧାନ କାର୍ଯ୍ୟକାରୀ ହେବାର ୭୫ବର୍ଷ ପୂର୍ତ୍ତି**

**ପ୍ରୟାଗରାଜର ମହାକୁମ୍ଭ ପରମ୍ପରା ସହ ଜଡ଼ିତ**

**ଭାରତକୁ ଗର୍ବିତ କରୁଛନ୍ତି ମହାକାଶ ବିଜ୍ଞାନୀ**

ନୂଆଦିଲ୍ଲୀ, ୧୯।୧: ଚଳିତବର୍ଷର ଗଣତନ୍ତ୍ର ଦିବସ ଅତ୍ୟନ୍ତ ସ୍ୱତନ୍ତ୍ର। ଏହା ହେଉଛି ଭାରତ ଗଣତନ୍ତ୍ରର ୭୫ତମ ବାର୍ଷିକୀ। ଏହିବର୍ଷ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେବାର ୭୫ବର୍ଷ ପୂର୍ତ୍ତି। ତେଣୁ ଏହି ଦିବସକୁ ଚଳିତବର୍ଷ ଭବ୍ୟ ଆଉ ଦିବ୍ୟ ଭାବରେ ପାଳନ କରାଯିବ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ମନ୍ କି ବାତ୍‌ର ୧୧୮ତମ ଏପିସୋଡ୍‌ରେ ଏହା କହିଛନ୍ତି। ସେ କହିଛନ୍ତି, ପ୍ରତ୍ୟେକ ଥର ମାସର ଶେଷ ରବିବାର ଦିନ ମନ୍ କି ବାତ୍ ଅନୁଷ୍ଠିତ ହୁଏ। କିନ୍ତୁ ଏଥର ଆମେ ଚତୁର୍ଥ ରବିବାର ପରିବର୍ତ୍ତେ ତୃତୀୟ ରବିବାର ଏକସପ୍ତାହ ପୂର୍ବରୁ ଏହି ମନ୍ କି ବାତ୍ ଶୁଣୁଛୁ। କାରଣ ଚତୁର୍ଥ ରବିବାର ପଡୁଛି ସାଧାରଣତନ୍ତ୍ର ଦିବସ। ତେଣୁ ଗଣତନ୍ତ୍ର ଦିବସ ପୂର୍ବରୁ ସେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ, ସମ୍ବିଧାନ ସଂପର୍କରେ ଡକ୍ଟର ବି.ଆର. ଆମ୍ବେଦକର, ରାଜେନ୍ଦ୍ର ପ୍ରସାଦ, ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଅବଦାନ ମଧ୍ୟ ଅତୁଳନୀୟ। ଅନ୍ୟପକ୍ଷରେ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ଉପରେ ଆଲୋକପାତ କରି ମୋଦୀ କହିଥିଲେ, ହଜାର ହଜାର ବର୍ଷ ଧରି ଚାଲି ଆସୁଥିବା ଏହି ପରମ୍ପରାରେ କୌଣସି ଭେଦଭାବ କିମ୍ବା ଜାତିଭେଦ ନାହିଁ। ଉଭୟ ଧନୀ ଓ ଗରିବ ଏଠି ଏକତ୍ର ହୋଇଥାନ୍ତି। ଗୋଟିଏପଟେ ପ୍ରୟାଗରାଜ, ଉଜ୍ଜୟିନୀ, ନାସିକ ଓ ହରିଦ୍ୱାରରେ କୁମ୍ଭମେଳା ଆୟୋଜନ କରାଯାଉଥିବାବେଳେ ଦକ୍ଷିଣ ଭାରତରେ ଗୋଦାବରୀ, କୃଷ୍ଣା, ନର୍ମଦା ଓ କାବେରୀ ନଦୀକୂଳରେ ପୁଷ୍କରନ ଆୟୋଜିତ ହୋଇଥାଏ। ସେହିପରି ଗତବର୍ଷ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉପରେ ମତ ଦେଇ ମୋଦୀ କହିଥିଲେ, ପ୍ରାଣ ପ୍ରତିଷ୍ଠାର ଏହି ଦ୍ୱାଦଶ ହେଉଛି ଭାରତର ସାଂସ୍କୃତିକ ଚେତନାକୁ ପୁନର୍ବାର ଜୀବିତ କରିବାର ଦ୍ୱାଦଶୀ। ମହାକୁମ୍ଭର ଏହି ପର୍ବ ବିବିଧତା ମଧ୍ୟରେ ଏକତାକୁ ପାଳନ କରିଥାଏ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ମୋଦୀ କହିଥିଲେ ଯେ ଆମର ବୈଜ୍ଞାନିକମାନେ ମହାକାଶରେ ଭାରତକୁ ଗର୍ବିତ କରିବାରେ ଲାଗିଛନ୍ତି। ସେଠାରେ ପନିପରିବା ଚାଷ କରୁଛନ୍ତି। ଯାହାଫଳରେ ଭବିଷ୍ୟତରେ ପନିପରିବା ଉତ୍ପାଦନ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏଥିସହ ପ୍ରଧାନମନ୍ତ୍ରୀ ଇସ୍ରୋର ସ୍ପାଡେକ୍ସ ମିଶନ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ମୋଦୀ କହିଥିଲେ, ସାଧାରଣତନ୍ତ୍ର ଦିବସର ଗୋଟିଏ ଦିନ ପୂର୍ବରୁ ଜାନୁଆରୀ ୨୫ ହେଉଛି ଜାତୀୟ ମତଦାତା ଦିବସ। ଏହି ଦିନଟି ଏଇଥିପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ସେହିଦିନ ଭାରତୀୟ ନିର୍ବାଚନ ଆୟୋଗର ପ୍ରତିଷ୍ଠା ହୋଇଥିଲା। ଭାରତ ଏବେ ମହାକାଶ କ୍ଷେତ୍ରରେ ବହୁ ସଫଳତା ହାସଲ କରିଛି। ଭାରତୀୟ ସ୍ପେଶଟେକ୍ ଷ୍ଟାର୍ଟଅପ୍ ବେଙ୍ଗାଲୁରୁର ପିକ୍ସେଲ ଭାରତର ଘରୋଇ ସାଟେଲାଇଟ କନଷ୍ଟେଲେସନ ଫାୟାର ଫ୍ଲାଏକୁ ସଫଳତାର ସହ ଆରମ୍ଭ କରିଛି। ଆମର ବୈଜ୍ଞାନିକମାନେ ମହାକାଶ କ୍ଷେତ୍ରରେ ବଡ଼ ସଫଳତା ମଧ୍ୟ ହାସଲ କରିଛନ୍ତି ବୋଲି ମୋଦୀ କହିଥିଲେ।

## ପ୍ରୟାଗରାଜ ମହାକୁମ୍ଭରେ ଭୟାବହ ଅଗ୍ନିକାଣ୍ଡ

# ଜଳିଗଲା ୨୫ ତମ୍ବୁ



**ତଦନ୍ତ ନିର୍ଦ୍ଦେଶ ଦେଲେ ୟୁପି ମୁଖ୍ୟମନ୍ତ୍ରୀ**

**ଯୋଗୀଙ୍କ ସହ କଥାହେଲେ ପ୍ରଧାନମନ୍ତ୍ରୀ**

**ଅଗ୍ନିଶମ ସହ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ନିୟୋଜିତ**

ପ୍ରୟାଗରାଜ, ୧୯।୧: ଉତ୍ତରପ୍ରଦେଶର ପ୍ରୟାଗରାଜରେ ଗତ ୧୩ ତାରିଖଠାରୁ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳାରେ ରବିବାର ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଶାସ୍ତ୍ରୀ ବ୍ରିଜ୍ ସେକ୍ଟର-୧୯ ଅଞ୍ଚଳରେ ଥିବା କ୍ୟାମ୍ପରେ ଏହି ଅଗ୍ନିକାଣ୍ଡ ଘଟିଥିବା ସୂଚନା ଦିଆଯାଇଛି। ଅଗ୍ନିକାଣ୍ଡ ଯୋଗୁ ଆଖପାଖରେ ଥିବା ୨୫ରୁ ଅଧିକ ତମ୍ବୁ କ୍ଷତିଗ୍ରସ୍ତ ସହ ସେଠାରେ ଥିବା ଗ୍ୟାସ୍ ସିଲିଣ୍ଡରଗୁଡ଼ିକରେ କ୍ରମାଗତ ବିସ୍ଫୋରଣ ଘଟିଥିଲା। ଫଳରେ ଅଗ୍ନିକାଣ୍ଡ ଭୟଙ୍କର ରୂପ ଧାରଣ କରିଥିଲା। ନିଆଁର ପ୍ରକୋପ ଏତେ ଭୀଷଣ ଥିଲା ଯେ ଦୂରରୁ ଏହା ଦୃଶ୍ୟମାନ ହେଉଥିଲା। ନିଆଁ ଲାଗିବା ପରେ ଉପସ୍ଥିତ ଲୋକମାନେ ଦୌଡ଼ିବା ଆରମ୍ଭ କରିଥିଲେ। ଏପରିକି ଆଖପାଖ ଟେଣ୍ଟଗୁଡ଼ିକରେ ରହୁଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ଗ୍ୟାସ୍ ସିଲିଣ୍ଡର ବ୍ଲାଷ୍ଟରୁ ଏହି ନିଆଁ ଲାଗିଥିବା କୁହାଯାଉଛି। ଆଖଡ଼ାଗୁଡ଼ିକର ନିକଟ ରାସ୍ତାରେ ଥିବା ଲୁହା ପୋଲତଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ତୁରନ୍ତ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅନ୍ୟପକ୍ଷରେ ଏନଡିଆରଏଫ ଓ ଏସଡିଆରଏଫକୁ ମଧ୍ୟ ନିୟୋଜିତ କରାଯାଇଥିଲା। ଅଗ୍ନିଶମବାହିନୀର ୧୨ରୁ ଅଧିକ ଗାଡ଼ି ନିଆଁଲିଭା କାର୍ଯ୍ୟରେ ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଝାଡ଼ାବାନ୍ତିରେ ୪ ମୃତ

ପୁରୀ, ୧୯।୧ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କଣାସ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପୁଥିବା ସୂଚନା ମିଳିଛି। ଝାଡ଼ାବାନ୍ତିରେ ବର୍ତ୍ତମାନ ସୁଦ୍ଧା ୪ ଜଣଙ୍କ ମୃତ୍ୟୁ ଘଟିଛି। ଗତ ଶନିବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ନୂଆଗାଁର ମାଗି ଦଳାଇ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ରବିବାର ନଈକୂଳ ପାଟଣାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ଦୟାନଦୀର ଦୂଷିତ ଜଳ ବ୍ୟବହାର ଯୋଗୁ ଝାଡ଼ାବାନ୍ତି ବ୍ୟାପୁଥିବା ଜଣାପଡ଼ିଛି।

### ଜଳିଗଲା ଘର ୪ ଜୀବନ୍ତ ଦଗ୍ଧ

ଲକ୍ଷ୍ନୌ, ୧୯।୧: ଗାଜିଆବାଦର କଞ୍ଚନ ପାର୍କ କଲୋନୀରେ ଭୟଙ୍କର ଅଗ୍ନିକାଣ୍ଡ। ଘରେ ନିଆଁ ଲାଗି ଜଳିଗଲେ ଗୋଟିଏ ପରିବାରର ସଦସ୍ୟ। ଶନିବାର ରାତିରେ ଗାଜିବାଦ ଅଞ୍ଚଳରେ ଥିବା ଏକ ଘରେ ଶୋଇଥିବା ଅବସ୍ଥାରେ ହଠାତ୍ ନିଆଁ ଲାଗି ଯାଇଥିଲା। ଫଳରେ ଅଗ୍ନିକାଣ୍ଡରେ ୩ ଶିଶୁଙ୍କ ସମେତ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିଲା। ଅଗ୍ନିକାଣ୍ଡଟି ଏତେ ଭୟଙ୍କର ଥିଲା ଯେ ଖୁବ୍ କମ୍ ସମୟ ମଧ୍ୟରେ ଦୁଇ ମହଲା ପର୍ଯ୍ୟନ୍ତ ନିଆଁ ବ୍ୟାପି ଯାଇଥିଲା। ଫଳରେ ପରିବାର ଲୋକ ଅଣନିଃଶ୍ୱାସୀ ହୋଇପଡିଥିଲେ। ଘଟଣାସ୍ଥଳରେ ୪ ଜଣଙ୍କର ଜୀବନ ଚାଲି ଯାଇଥିବାବେଳେ ଅନ୍ୟ ସଦସ୍ୟଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ପରେ ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଘର ଭିତରେ ମୋଟ୍ ୮ ଜଣ ସଦସ୍ୟ ରହିଥିବା ସୂଚନା ମିଳିଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସେନ୍‌ସେକ୍ସ: ୭୬,୬୧୯.୩୩
ସର୍ବାଧିକ: ୨୮.୦ ଡିଗ୍ରୀ
ସର୍ବନିମ୍ନ: ୧୪.୨ ଡିଗ୍ରୀ

**୧୯।୧।୨୦୨୫ ର ମତାମତ**

ପ୍ରୟାଗରାଜର ମହାକୁମ୍ଭ ମେଳା ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ କି ?




**ଆଜିର ପ୍ରସଙ୍ଗ**

ସରକାରୀ ଅଧିକାରୀଙ୍କ ଗାଡ଼ିଭଡ଼ା ବୃଦ୍ଧି ଠିକ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com



ରାଜ୍ୟ ଅତିଥି ଭବନରେ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି.କିଶନ ରେଡ୍ଡୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସାକ୍ଷାତ ଆଲୋଚନା।

# ବଢ଼ିଲା ଅଫିସରଙ୍କ ଗାଡ଼ିଭଡ଼ା

ଭୁବନେଶ୍ୱର, ୧୯।୧ (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଅଧିକାରୀମାନେ ଉପଯୋଗ କରୁଥିବା ଗାଡ଼ିର ଭଡ଼ା ପରିମାଣକୁ ସରକାର ବୃଦ୍ଧି କରିଛନ୍ତି। ତେଲ ଦରରେ ବୃଦ୍ଧି ଘଟିଥିବାରୁ ୮ବର୍ଷ ପରେ ଏହି ଭଡ଼ାରେ ସଂଶୋଧନ କରିବାର ଆବଶ୍ୟକତା ରହିଛି ବୋଲି ଅର୍ଥ ବିଭାଗ କହିଛି। ଫେବୃଆରୀ ପହିଲାରୁ ଅଫିସରମାନଙ୍କୁ ଗାଡ଼ି ଉପଯୋଗ ପାଇଁ ବର୍ଦ୍ଧିତ ଦର ଦେବାକୁ ପଡ଼ିବ। ବାସ ଭବନରୁ ଅଫିସ ଯିବା ଆସିବା, ଅଫିସ କାର୍ଯ୍ୟରେ ଭୁବନେଶ୍ୱରରୁ କଟକ ଯିବା ଆସିବା ଏବଂ ବ୍ୟକ୍ତିଗତ କାର୍ଯ୍ୟ ନିମନ୍ତେ ସରକାରୀ ଗାଡ଼ି ଉପଯୋଗ ପାଇଁ ମଧ୍ୟ ଭଡ଼ା ଦରରେ ସଂଶୋଧନ କରାଯାଇଛି। ଅର୍ଥ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ସଚିବ, ଅତିରିକ୍ତ ସଚିବ, ବିଭାଗୀୟ ମୁଖ୍ୟ ଓ ଜିଲ୍ଲାପାଳଙ୍କ ସମେତ ଆଇଜି ତଥା ତଦୂର୍ଦ୍ଧ୍ୱ ପାହ୍ୟାର ଆଇଏଫଏସ୍ ଅଫିସର, ଆଇପିଏସ୍ ଅଫିସର, ସିସିଏଫ, ଆଇଏସଏଫ, କମିଶନର ପାହ୍ୟାର ଆଇଏଏସ୍ ଅଫିସର, ବ୍ୟକ୍ତିଗତ କାର୍ଯ୍ୟପାଇଁ ସରକାରୀ ଗାଡ଼ିକୁ ସଂଶୋଧିତ ଭଡ଼ା ଦେଇ ଉପଯୋଗ କରିପାରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଏବେ ମାସକୁ ସର୍ବାଧିକ ୩୦୦ କିମି ପର୍ଯ୍ୟନ୍ତ ବ୍ୟକ୍ତିଗତ କାର୍ଯ୍ୟରେ ସରକାରୀ ଗାଡ଼ିର ଉପଯୋଗ ପାଇଁ ଅଫିସରଙ୍କୁ ୨୫୨୦ ଟଙ୍କା ଏବଂ ୩୦୦ରୁ ୫୦୦ କିମି ପର୍ଯ୍ୟନ୍ତ ୪୨୦୦ ଟଙ୍କା ଦେବାକୁ ପଡୁଛି। ତେବେ ସଂଶୋଧିତ ଦର ଅନୁଯାୟୀ ଫେବୃଆରୀ ● ପୃଷ୍ଠା ୫ ଦେଖନ୍ତୁ

# ଚିଲିକାରେ ପୁଣି ଫସିଲା ଡଙ୍ଗା



**ଦେଢଘଣ୍ଟା ପରେ ଉଦ୍ଧାର**

କୃଷ୍ଣପ୍ରସାଦ, ୧୯।୧ (ଭାସ୍କର ନ୍ୟୁଜ): ଚିଲିକାର ସୁନୀଳ ଜଳରାଶିରେ ରବିବାର ଅପରାହ୍ଣରେ ଏକ ଯାତ୍ରୀବାହୀ ଡଙ୍ଗା ଫସିଥିବା ସୂଚନା ମିଳିଛି। ଏହି ଡଙ୍ଗାରେ ୨୦ଟି ବାଇକ୍ ସହ ୫୦ଜଣ ଯାତ୍ରୀ ଅଟକି ରହିଛନ୍ତି। ସେମାନଙ୍କୁ ଅନ୍ୟ ଡଙ୍ଗା ସହାୟତାରେ ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଡଙ୍ଗାରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ହୋଇଥିବା କୁହାଯାଉଛି। ରବିବାର ଅପରାହ୍ଣ ସାଢେ ୩ଟାରେ କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦା ଘାଟରୁ ସାତପଡ଼ା ଅଭିମୁଖେ ଏହି ଡଙ୍ଗାଟି ଯାଉଥିଲା। ତେବେ ଯାତ୍ରା ଆରମ୍ଭ କରିବାର କିଛି ସମୟ ପରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହା ଅଟକି ରହିଥିଲା। ଡଙ୍ଗାଟି ମଝି ଚିଲିକାର ମହିଷା ଗାଁ ନିକଟରେ ଫସିଥିଲା। ତେବେ ଡଙ୍ଗାରେ ଥିବା ଯାତ୍ରୀଙ୍କୁ ଉଦ୍ଧାର କରିବା ପାଇଁ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ବାରମ୍ବାର ମଝି ଚିଲିକାରେ ● ପୃଷ୍ଠା ୫ ଦେଖନ୍ତୁ

## ତାର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଭଲା ଡିଜିଟାଲ ମିଟର ବସିଲା
ବିଲ୍ ଆସୁଅଛି ଚଢା,
ଖାଉଟି ମୁଣ୍ଡରେ ବଜ୍ର ପଡିଲାଣି
ବ୍ୟାପାରଟା କାନମୋଡା ।
ମିଟର ପାଇଁକି ଉଡା।
କିସ୍ତି କିସ୍ତି କରି ଝିଙ୍କି ନେଇଯିବ
ନୂଆ ଡିଜିଟାଲ ଘୋଡା ।






ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): : ମଞ୍ଜୁରୀରୋଡ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ ପ୍ରତିଷ୍ଠାତା ସ୍ୱର୍ଗତ ଗିରିଧାରୀ ପଣ୍ଡାଙ୍କ ୫୪ ତମ ଶ୍ରାଦ୍ଧୋତ୍ସବ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ଯେନାଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ଉପସଭାପତି ବିଶ୍ୱନାଥ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାକ୍ ସ୍ୱାଧିନତା ସମୟରେ ସ୍ଥାପିତ ହୋଇଥିବା ବ୍ଲକର ପ୍ରଥମ ଉଚ୍ଚ ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହୋଇଛି ବୋଲି ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ସନାତନ ଖଣ୍ଡାଇ, ଅଞ୍ଜନା ଜେନା, ଅନୀତା ସେନାପତି, ହରପ୍ରିୟା ଦାସ, ଜୟନ୍ତୀ ପଣ୍ଡା, ରତିକାନ୍ତ ଜେନା ପ୍ରମୁଖ ବକ୍ତବ୍ୟ ରଖି ସ୍ୱର୍ଗତ ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।



# ରତାଦିଆ ଖଣ୍ଡସାହି ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଂଚାୟତ ଅନ୍ତର୍ଗତ ରତାଦିଆ ଖଣ୍ଡସାହି ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଚଳିତ ବର୍ଷ ଖରିଫ୍ ଧାନ ସଂଗ୍ରହ ପାଇଁ ସମବାୟ ସମିତି ପରିସରରେ ଖୋଲିଥିବା ଧାନ ମଣ୍ଡିକୁ ଜିଲ୍ଲା ସମବାୟ ଉପନିବନ୍ଧକ ସନ୍ତୋଷ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପରିଚାଳନା କମିଟିର ସଭାପତି ବିମଳକାନ୍ତ ତ୍ରିପାଠୀ, ଉପସଭାପତି ସୁନିତା ବଳ, ନୋଡାଲ ଅଫିସର ଅଜୟ କୁମାର ରାଉତ, ରାଜସ୍ୱ ନିରୀକ୍ଷକ ବିଜୟ କୁମାର ଯେନା, ପଂଚାୟତ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ କର ପ୍ରମୁଖ ଉପସ୍ଥିତ ରହିଥିବାବେଳେ ସରପଂଚ ଶିଶିର କୁମାର ସାମଲ, ମଦନ ମୋହନ ସାହୁ, ସରୋଜକାନ୍ତ ଦାସ, ପ୍ରମୋଦ କୁମାର ଭଦ୍ର, ଧ୍ରୁବଚରଣ ବାରିକ, ପ୍ରଶାନ୍ତ କୁମାର ଭଦ୍ର, ଶୁଭେନ୍ଦୁ ଭଦ୍ର, ତାପସ ଭଦ୍ର, ରାଜେନ୍ଦ୍ର ଦାସ, ଅଭିରାମ ଭଦ୍ର, ରତ୍ନାକର ସାହୁ, ମନୋରଞ୍ଜନ ସ୍ୱାଇଁ ଓ ଚୁନିପ୍ରଭା ଭଦ୍ର ପ୍ରମୁଖ ଚାଷୀ ଉପସ୍ଥିତ ରହିଥିଲେ । ଶେଷରେ ସମିତିର ସମ୍ପାଦକ ଶୁଭେନ୍ଦୁ କୁମାର ଲେଙ୍କା ସରକାରୀ ନିୟମ ଅନୁଯାୟୀ ଚାଷୀମାନଙ୍କୁ ସମସ୍ତ ସୁବିଧାଯୋଗାଇ ଦିଆଯିବା ସହିତ ଧାନ ଆରମ୍ଭ ହେଲା ବୋଲି ସୂଚନା ଦେଇଥିଲେ ।

# କଟ୍‌ନୀ ଛଟ୍‌ନୀ ବିରୋଧରେ ନବନିର୍ମାଣ କୃଷକ ସଙ୍ଗଠନର ଦାବିପତ୍ର

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଥିବା ସରକାରୀ ମଣ୍ଡିଗୁଡିକରେ କ୍ୱିଣ୍ଟାଲ ପିଛା ୮ ରୁ ୧୨ କିଲୋ କଟନୀଛଟନୀ କରାଯାଉଛି । କଟନୀଛଟନୀ ପରିମାଣ ପୂର୍ବବର୍ଷକୁ ବଳିଯାଇଛି । ଧାନ କ୍ରୟ ନୋଡାଲ ଅଧିକାରୀ ତହସିଲଦାର ଓ ବିଡିଓ ମଣ୍ଡି ପରିଦର୍ଶନ କରୁନାହାନ୍ତି । ମିଲରମାନେ ରାଜନୈତିକ ପୃଷ୍ଠପୋଷକତା ପାଇ ଚାଷୀଙ୍କୁ ଶୋଷଣ କରୁଛନ୍ତି । ସରକାର ଓ ପ୍ରଶାସନ ନିରବଦ୍ରଷ୍ଟା ହୋଇ ରହିଛନ୍ତି । ବହୁ ବିଳମ୍ବରେ ମଣ୍ଡି ଖୋଲା ଯାଇଥିବାରୁ ଚାଷୀମାନେ ଅଭାବୀ ବିକ୍ରୟ କରିବାକୁ ବାଧ ହୋଇଛନ୍ତି । ଏଭଳି ଅଭିଯୋଗ ଆଣିଛି ନିର୍ମାଣ କୃଷକ ସଙ୍ଗଠନ ।ମାର୍ଚ୍ଚ ୩୧ ତାରିଖରେ ମଣ୍ଡି ବନ୍ଦ ହେବ । ସ୍ୱଳ୍ପ ସମୟରେ ପଞ୍ଜିକୃତ ଚାଷୀଙ୍କ ଠାରୁ ଧାନ ସରକାର କିପରି କ୍ରୟ କରିବେ ସେଥିନେଇ ସଙ୍ଗଠନ ଚିନ୍ତାପ୍ରକଟ କରିଛି । ସଙ୍ଗଠନର ଜିଲ୍ଲା ସହସଂଯୋଜକ ସତ୍ୟପ୍ରକାଶ ନାୟକ, ବ୍ଲକ ସଂଯୋଜକ ବିବେକାନନ୍ଦ ଜେନା, ରବିନ୍ଦ୍ର ପଣ୍ଡା, ଅଭିମନ୍ୟୁ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ନରନାରାୟଣ ବାରିକ, ସନ୍ତୋଷ ଭାରତୀ, ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ଶନିବାର ତହସିଲଦାର ସରୋଜକାନ୍ତ ନାୟକଙ୍କୁ ଏଥିନେଇ ଦାବିପତ୍ର ପ୍ରଦାନ କରି ପ୍ରତିକାର ଲୋଡିଛନ୍ତି । ଅନ୍ୟଥା ଚାଷୀମାନେ ଏଭଳି ଶୋଷଣ ବିରୋଧରେ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦିଆଯାଇଛି ।



# ଅତିରିକ୍ତ ଜିଲ୍ଲାପାଳଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା



ରାୟଗଡ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ପ୍ରଦକ୍ଷିଣ ଗୃହ ପାର୍ଶ୍ୱସ୍ଥ ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଭାସ୍କର ରଇତ, ଅତିରକ୍ତ ଜିଲ୍ଲାପାଳ ରାୟଗଡ ପଦୋନ୍ନତି ପାଇ ଅତିରିକ୍ତ ଶାସନ ସଚିବ ଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗରେ ନିଯୁକ୍ତି ହୋଇଥିବାରୁ ଓଡିଶା ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ନୂତନ ଅତିରକ୍ତ ଜିଲ୍ଲାପାଳ ଶ୍ରୀ ନିହାର ରଞ୍ଜନ କହଁର ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ସିଡିଓ ତଥା ଇଓ ଜିଲ୍ଲା ପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ କଲ୍ୟାଣୀ ସଂଘମିତ୍ରା ଦେବୀ, ତହସିଲଦାର ଗୁଣୁପୁର ପ୍ରାଣକୃଷ୍ଣ ପାଣିଗ୍ରାହୀ, ବିଷମକଟକ ତହସିଲ, କୋଲନରା ତହସିଲଦାର କୀର୍ତି ପ୍ରଧାନ, ଅତିରିକ୍ତ ତହସିଲଦାର ବିଗ୍ନରାଜ କହଁର,ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମନାଗୁଡ଼ା, ପ୍ରଦ୍ୟୁମ୍ନ ମଣ୍ଡଳ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ତତ୍ତ୍ୱମସୀ ମହାପାତ୍ର, ରାୟଗଡ ତହସିଲଦାର ପ୍ରିୟଦର୍ଶନୀ ସ୍ୱାଇଁ, ଅତିରକ୍ତ ତହସିଲଦାର ରକ୍ଷୟଗଡ଼, ଦେବାଶିଷ ବିଶ୍ୱାସ,ବସନ୍ତ କୁମାର ପ୍ରଧାନ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରକ୍ଷୟଗଡ଼, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ,ଆରୀ କୈଳାଶ ଚନ୍ଦ୍ର ସ୍ୱାଇଁ,ସହକାରୀ ଜିଲ୍ଲାପାଳ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ରକ୍ଷୟଗଡ଼, କର୍ମ ନିୟୋଜନ ଅଧିକାରୀଙ୍କ କାର୍ଯ୍ୟାଳୟର ବଡ଼ବାବୁ ସନ୍ତୋଷ କୁମାର ନନ୍ଦ ଆଦି ଅଧିକାରୀମାନେ ଯୋଗଦାନ କରିଥିଲେ । ଅତିରକ୍ତ ଜିଲ୍ଲାପାଳ ଶ୍ରୀ ରଇତ ଜଣେ ସଚ୍ଚଟ ଓ ନିଷ୍ଠାବାନ ବ୍ୟକ୍ତି,କୁଶଳୀ, ଚରିତ୍ରବାନ ଓ ଉତ୍ତମ ବ୍ୟବହାର ସମ୍ପନ୍ନ ବ୍ୟକ୍ତି ଥିବା ସମସ୍ତ ବକ୍ତା କହିଥିଲେ ଓ ତାଙ୍କର ପରବର୍ତ୍ତୀ ଜୀବନ ଉତ୍ତରୋତ୍ତର କାମନା କରିଥିଲେ ।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର



ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଯଅଁରାବାରିମୂଳ ପଂଚାୟତ ଅନ୍ତର୍ଗତ ଭିତରବମ୍ଭୁ ସ୍ଥିତ ଡେଲଟା ଜୁନିୟର କଲେଜରେ ଆଠଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି । ଅଧକ୍ଷ ଡଃ ବିବେକାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଯାପନୀ ସଭାରେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ସୁବ୍ରତ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ଅଶୋକ ଦାସ ମଂଚ ପରିଚାଳନା କରିଥିଲେ । ଶିବିରରେ ପ୍ରଶିକ୍ଷିକା ରୋଜାଲିନ ସ୍ୱାଇଁ ଶିବିରାର୍ଥୀମାନଙ୍କୁ ଶିଖାଇଥିବା ଆତ୍ମରକ୍ଷାର କିଛି କୌଶଳ ଶିବିରାର୍ଥୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଅଧ୍ୟାପକ ବିକ୍ରମ ବିଶ୍ୱାଳ, ବିକାଶ ସ୍ୱାଇଁ, ପ୍ରଦୀପ ଜେନା, ମହେଶ ଶତପଥି, ଅଧ୍ୟାପିକା ମମତା ପ୍ରଧାନ, ମମତା ପଲାଇ, ଅଧ୍ୟାପକ ବିଭୂତି ଦାସ ପ୍ରମୁଖ ଯୋଗଦେଇଥିଲେ । ଶିବିରାର୍ଥୀମାନଙ୍କୁ ଅତିଥି ପ୍ରମାଣପତ୍ର ପ୍ରଦାନ କରିଥିଲେ । ଶେଷରେ କ୍ରୀଡ଼ା ପ୍ରଶିକ୍ଷକ ସୁରେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ ସପ୍ତାହ ପାଳିତ

ନବରଙ୍ଗପୁର(ଭାସ୍କର ନ୍ୟୁଜ୍): ରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ ସପ୍ତାହ ପାଳନ ଅବସରରେ ଆଇଏସଆରଡି ୱାନଷ୍ଟପ ସେଣ୍ଟର ପକ୍ଷରୁ ସ୍ଥାନୀୟ ଟେକ୍ନୋ ଗୁରୁକୁଳ ବିଦ୍ୟାଳୟ ଠାରେ କନ୍ୟା ସନ୍ତାନ ଦିବସ ସପ୍ତାହ ପାଳନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର କନ୍ୟା ସନ୍ତାନ ଦିବସ ସପ୍ତାହର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରି କହିଲେ ଯେ ପ୍ରତ୍ୟେକ ଝିଅ ମାନଙ୍କର ସୁରକ୍ଷା ଓ ଉଜ୍ଜଳ ଭବିଷ୍ୟତ ହିଁ ସରକାରଙ୍କ ଲକ୍ଷ୍ୟ ।ସମସ୍ତ କିଶୋରୀମାନେ କୌଶଳ ଭିତିକ ଶିକ୍ଷା ମାଧ୍ୟମରେ ଆର୍ଥିକ କ୍ଷେତ୍ରରେ ସଶକ୍ତ ହୋଇ ନିଜ ଉପରେ ହେଉଥିବା ହିଂସାକୁ ଦୃଢ ଭାବରେ ପ୍ରତିବାଦ କରିବା ପାଇଁ ବୋଲି ମତବ୍ୟକ୍ତ କରିବା ସହିତ ଚଳିତବର୍ଷ ଶିଶୁ କନ୍ୟା ଦିବସର ବାର୍ତା ଉଜ୍ଜଳ ଭବିଷ୍ୟତ ପାଇଁ କିଶୋରୀ ମାନଙ୍କର ଦୃଷ୍ଟିକୋଣ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ନିଜର ବକ୍ତବ୍ୟ ରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ କହିଲେ ଯେ ପୁଅମାନଙ୍କ ଠାରୁ ଝିଅ ମାନେ କୌଣସି ଗୁଣରେ କମ୍ ନୁହଁନ୍ତି । ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ନିଜର ବକ୍ତବ୍ୟ ରେ ସମାଜରେ କୃତିତ୍ୱ ଅର୍ଜନ କରିଥିବା ମହିଳା ମାନଙ୍କର ତ୍ୟାଗକୁ ସ୍ମରଣ କରାଇବା ସହିତ ବାଳିକାମାନଙ୍କ ଜୀବନରେ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ପିତା ମାତାମାନେ ଝିଅ ଟି ଜନ୍ମ ହେଲେ ଟେନସନ ନହୋଇ ଗୋଟିଏ ଝିଅ ଦଶଟି ପୁଅ ସହିତ ସମାନ ବୋଲି ମତବ୍ୟକ୍ତ କରିଥିଲେ । ଆକ୍ସନଏଡ ର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତଙ୍କ ସଂଯୋଜନାରେ ହୋଇଥିବା ଏହି ସମାବେଶରେ ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ, ମନୋରମା ମାଝି, ଟେକ୍ନୋ ଗୁରୁକୁଳ ବିଦ୍ୟାଳୟ ର ଅଧ୍ୟକ୍ଷ ସଂଗ୍ରାମ ନାୟକ, ୱାନଷ୍ଟପ ସେଂଟର ପକ୍ଷରୁ ରଞ୍ଜିତା ସାହୁ, କିଶୋରୀ ପଟ୍ଟନାୟକ, ସ୍ମରଣିକା ପଟ୍ଟନାୟକ, ସୁମିତା ଗରଡା, ଯଶମିନୀ ନାୟକ ଓ ଟୁନି କନ୍ଧପାନ ପ୍ରମୁଖ ବକ୍ତାମାନେ ସମାଜରେ ମହିଳା ମାନଙ୍କର ସମସ୍ୟା, ବିଶେଷ କରି କିଶୋରୀ ବାଳିକା ମାନେ ସେମାନଙ୍କ ଜୀବନରେ ଯେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହାକୁ ଦୃଢ ଭାବରେ ମୁକାବିଲା କରି ଆଗକୁ ଚାଲିବା ସହିତ ସେମାନଙ୍କର ମାନବିକ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା,ସମସ୍ତ ଶିଶୁ କନ୍ୟା ମାନେ ଯେପରି ସମାନ ଭାବରେ ଶିକ୍ଷା ପାଇପାରିବେ ଏହି ସବୁ ବିଷୟରେ ଆଲୋଚନା କରିଥିଲେ । ଶେଷରେ ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



# ହୁତୁହୁତୁ ହୋଇ ଜଳିଗଲା ଘରୋଇ ବସ୍ କ୍ରିଷ୍ଣା
# ତଦନ୍ତ ଦାବି

କନ୍ଧମାଳ/ବାଲିଗୁଡା(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ବାଲିଗୁଡାରେ ପୁଣି ଜଳିଗଲା ଘରୋଇ ବସ ।ଏହାର ସରଜମୀନ ତଦନ୍ତ କରାଯାଉ । ଶୁଣିବାକୁ ମିଳୁଛି ଯେ କୌଣସି ଋଣ, ବୀମା ପାଇବା ପାଇଁ ଏହିପରି କରାଯାଇନାହିଁ ତ ନା ଆଉ କୌଣସି ଉଦ୍ଦେଶ୍ୟ । ରହିଛି ଏହାକୁ ନେଇ ପ୍ରଶ୍ନ ଉଙ୍କି ମାରୁଛି । ପଣସପଡି ବନ୍ଧ ନିକଟରେ କ୍ରୀଷ୍ଣା ନାମକ ଏହି ଘରୋଇ ବସଟି ଠିଆ ହୋଇଥିବା ଅବସ୍ଥାରେ ହୁତୁହୁତୁ ହୋଇ ଜଳିଯାଇଛି । ପଣସପୋଡି ବନ୍ଧ ନିକଟରେ ସବୁଦିନ ପରି ପାର୍କିଂ ଅବସ୍ଥାରେ ଥିବା ବେଳେ ବସଟିରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା । ତେବେ କ୍ରୀଷ୍ଣା ବସଟି କିଛି ଦିନ ହେବ ଅଫରୋଡରେ ରହିଥିବା ଜଣାପଡିଛି । ବସଟି ରାସ୍ତାରେ ଗଡୁ ନଥିବାରୁ ପଣସପଡି ବନ୍ଧ ନିକଟରେ ଠିଆ ହୋଇ ରହୁଥିବା ଜଣାପଡିଛି । ତେବେ ଖବର ପାଇ ବାଲିଗୁଡା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ବସରେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି । ବାଲିଗୁଡା ପୋଲିସ ଘଟଣାର ତଦନ୍ତ କରୁଛି । ତେବେ ସବୁଠାରୁ ବଡ଼ କଥା ହେଉଛି ଗତ ଡ଼ିସେମ୍ବର ୨୧ ତାରିଖ ଦିନ ମଧ୍ୟ ଏହି କ୍ରୀଷ୍ଣା ବସ ମାଲିକଙ୍କ ଅନ୍ୟ ଏକ ବସ ମଧ୍ୟ ଥାନା ନିକଟରେ ଠିଆ ହୋଇଥିବା ବେଳେ ପୋଡି ଯାଇଥିଲା । ସେହି ବସଟି ମଧ୍ୟ ଅଫ ରୋଡ୍‌ରେ ରହିଥିଲା ।

# ବାହୁଦା ନଦୀରୁ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର

ଚିକିଟି(ଭାସ୍କର ନ୍ୟୁଜ୍): ପାତ୍ରପୁର ବ୍ଲକ ଜରଡ଼ା ଥାନା ଅଧିନସ୍ଥ ଖରଣୀପଡ଼ା ଗ୍ରାମ ନିକଟସ୍ଥ ବାହୁଦା ନଦୀ ଗର୍ଭରୁ ଏକ ଅଜଣା ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର କଲା ଜରଡ଼ା ପୋଲିସ । ସୂଚନା ପ୍ରକାରେ ଆଜି ଖରଣୀ ପଡା ଗ୍ରାମ ପଛ ପଟେ ଥିବା ବାହୁଦା ନଦୀ ମଧ୍ୟରେ ଏକ ଗଳିତ ଶବ ଭାସୁଥିବା ସ୍ଥାନୀୟ ବାସିନ୍ଦା ଦେଖିଥିଲେ । ପରେ ପରେ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଜରଡ଼ା ପୋଲିସ ଘଟଣା ସ୍ଥଳରେ ସଦଳ ବେଳେ ପହଁଚି ଘଟଣାର ସ୍ଥିତି ଅନୁଧାନ କରିବା ସହ ପାତ୍ରପୁର ଦମକଳ କେନ୍ଦ୍ରକୁ ଯୋଗା ଯୋଗ କରିଥିଲେ । ଦମକଳ ବାହିନୀ ପହଞ୍ଚି ଗଳିତ ଶବକୁ ପାଣି ଭିତରୁ ଉଦ୍ଧାର କରିଥିଲେ । ପୋଲିସ ନିଜଆଡୁ ଏକ ଅପମୃତ ମାମଲା ରୁଜୁ କରି ପୋଷ୍ଟମାର୍ଟମ ସକାଶେ ବ୍ରହ୍ମପୁର ପଠାଇଥିଲେ । ଉକ୍ତ ଶବକୁ ଦେଖିବା ସକାଶେ ସ୍ଥାନୀୟ ଲୋକ ପ୍ରବଳ ଋଣ୍ଟ ହୋଇ କେହିବି ଉକ୍ତ ମୃତକଙ୍କ ପରିଚୟ ପାଇପାରିନଥିଲେ ।

# ଚିତ୍ରକୋଣ୍ଡା ବନାଞ୍ଚଳରେ ୧୬୭୬ଟି ପକ୍ଷୀ ଚିହ୍ନଟ



ମାଲକାନଗିର(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଡିଏଫ୍‌ଓ ପ୍ରତାପ କତାପଲ୍ଲିଙ୍କ ନିର୍ଦ୍ଦେଶ କ୍ରମେ ଚିତ୍ରକୋଣ୍ଡା ବନାଞ୍ଚଳରେ ପକ୍ଷୀଗଣନା ଆରମ୍ଭ ହୋଇଛି । ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକଙ୍କ ନେତୃତ୍ୱରେ ଏହି ପ୍ରକ୍ରିୟା ଚାଲିଛି । ଗଣନା ନିମନ୍ତେ ଟିମ୍ ଜଳଭଣ୍ଡାରକୁ ଯାଇଥିବା ବେଳେ ସ୍ୱତନ୍ତ୍ର ବୋଟ୍‌ରେ ଚିତ୍ରକୋଣ୍ଡା ସ୍ୱିଲବାଇ ଘାଟରୁ ଆଲାମପାକା ଏବଂ ଆଲାମପାକାରୁ ଜାନବାଇ ର ଧନୁର୍ଯ୍ୟୟଗୁଡ଼ା ପର୍ଯ୍ୟନ୍ତ ପକ୍ଷୀଗଣନା ହୋଇଥିଲା । ଏଥିରେ ବନ ବିଭାଗର ୧୨ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ । ମୋଟ ୧୬୭୬ ପକ୍ଷୀଙ୍କୁ ଚିହ୍ନଟ କରି ଗଣନା କରାଯାଇଥିଲା । ଛୋଟ ପାଣିକୁଆ, ଧଳା ବଗ, ବଡ଼ ପାଣିକୁଆ, କିଙ୍ଗ୍ ଫିସର, ରାଣୀ ବଗ, ପାଣି ଡୁବୁକି, ହାଡ଼ଗିଳା, କଳାକାଙ୍କ ଓ ହଂସରାଳୀ ଭଳି ପକ୍ଷୀ ଚିହ୍ନଟ ହୋଇଛନ୍ତି । ଚିତ୍ରକୋଣ୍ଡା ବନପାଳ ନିରଞ୍ଜନ ସାରକା, ସରୋଜ କୁମାର ଘଡେଇ, ବନରକ୍ଷୀ ରାଜୁ ମାଡକାମୀ, ବଳଦେବ ଧାରୁଆ, ସିଦ୍ଧାନ୍ତ ରାଉତ, ଶ୍ରୀମନ୍ତ ଗିରି, ସୁନୀଲ କୁମାର ସାହୁ, ସାରୁ କୁଆସି,ସଂଗ୍ରାମ ବରାଳ, ସଞ୍ଜୀୟ କୁମାର ପରିଡାଙ୍କ ସମେତ ପାରା କର୍ମଚାରୀ ଏବଂ ବନ୍ୟଜନ୍ତୁ ସ୍କାର୍ଡ ପ୍ରମୁଖ ସାମିଲ ହୋଇଥିଲେ ।

# ଉତ୍କଳ ପରିଡ଼ା ସ୍ମୃତି ପରିଷଦ ଗଠିତ

ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଖମୋଳ ପଂଚାୟତ ଅନ୍ତର୍ଗତ ସଲାର ମଠ ପରିସରରେ କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ ସ୍ୱର୍ଗତ ଉତ୍କଳ ପରିଡ଼ାଙ୍କ ସ୍ମୃତିରେ ' ଉତ୍କଳ ପରିଡ଼ା ସ୍ମୃତି ପରିଷଦ' ଗଠନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଖମୋଳ ପଂଚାୟତର ପୂର୍ବତନ ସମିତିସଭ୍ୟ ଗୌତମ ପରିଡ଼ାଙ୍କ ଆବାହକତ୍ୱରେ ଆହୂତ ଏହି ବୈଠକରେ ସଚ୍ଚିଦାନନ୍ଦ ରଥ ସଭାପତିତ୍ୱ କରିଥିଲେ । ଏହି ବୈଠକରେ ଡେରାବିଶ, ଗରଦପୁର ଓ କେନ୍ଦ୍ରାପଡ଼ା ବ୍ଲକର ସ୍ୱର୍ଗତ ପରିଡ଼ାଙ୍କର ଶୁଭେଚ୍ଛୁ ଓ ବନ୍ଧୁମାନେ ଉପସ୍ଥିତ ରହିଥିଲେ । ସ୍ୱର୍ଗତ ପରିଡ଼ା ଜଣେ ସୁସଂଗଠକ ଓ ସମାଜସେବୀ ଭାବରେ ଗ୍ରାମାଞ୍ଚଳରେ ନିଜର ଦକ୍ଷତା ବଳରେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କର ଅଧୁରା କାମକୁ ସ୍ମୃତି ପରିଷଦ ପୂରଣ କରିବା ପାଇଁ ଏହି ଅନୁଷ୍ଠାନର ଲକ୍ଷ୍ୟ ହେବ ବୋଲି ଆବାହକ ଶ୍ରୀ ପରିଡ଼ା ପ୍ରକାଶ କରିଥିଲେ । ତେବେ ପ୍ରଥମ କାର୍ଯ୍ୟକ୍ରମ ଚଳିତ ମାସ ୨୪ ତାରିଖ ସ୍ୱର୍ଗତ ଉତ୍କଳ ପରିଡ଼ାଙ୍କ ଜନ୍ମ ଦିବସ ଅବସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ପରବର୍ତ୍ତୀ ସମୟରେ ଏହି ଅନୁଷ୍ଠାନ ପଞ୍ଜିକରଣ ହେବ ଓ ଏକ ଅଗ୍ରଣୀ ପରିଷଦ ଭାବରେ ସୁନାମ ଅର୍ଜନ କରିବ ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ପ୍ରକାଶ କରିଥିଲେ । ଶେଷରେ ଶିକ୍ଷାବିତ ସୁବୋଧ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡେରାବିଶର ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ, ମହେନ୍ଦ୍ର ସିଂ, ଅମ୍ବିକା ପ୍ରସାଦ ରଥ, ରାଜେଶ ଦାସ, ରଞ୍ଜନ କୁମାର ସ୍ୱାଇଁ, ଅଜୟ କୁମାର ମଲ୍ଲ, ମନିନ୍ଦ୍ର ପ୍ରସାଦ ରଥ, କୃଷ୍ଣ ଚନ୍ଦ୍ର ବଳ ପ୍ରମୁଖ ଶତାଧିକ ବ୍ୟକ୍ତି ଉପସ୍ଥିତ ରହିଥିଲେ ।



# ଅଗ୍ନି ବିପନ୍ନଙ୍କୁ ସରପଞ୍ଚଙ୍କ ସହାୟତା



ତିହିଡ(ଭାସ୍କର ନ୍ୟୁଜ୍) ଭଦ୍ରକ ଜିଲା କାଁପଡ଼ା ପଞ୍ଚାୟତ ସରପଞ୍ଚ କୁନ୍ତଳା ମଳିକ ସେହି ପଞ୍ଚାୟତ ଅଧିନ ଚିଲପଦା ଗ୍ରାମର ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ କରିଛନ୍ତି । ଚିଲପଦା ଗ୍ରାମର ଅମୀୟ ମଳିକଙ୍କ ଘରପୋଡ଼ି ଯାଇଥିଲା । ଅଗ୍ନିକାଣ୍ଡରେ ଅମୀୟଙ୍କର ୩ବଖରା ଘର ଭସ୍ମୀଭୂତ ହେବା ସହିତ ସମସ୍ତ ଆସବାପତ୍ର ଓ ଧାନ ଚାଉଳ ପୋଡ଼ି ପାଉଁଶ ହୋଇଥିଲା । ଏଥିସହିତ ଏକ ଗାଈ ମଧ୍ୟ ପୋଡ଼ି ଯାଇଥିଲା । ଖବର ପାଇ ସରପଞ୍ଚ ଶ୍ରୀମତୀ ମଳିକ ଅଗ୍ନି ବିପନ୍ନଙ୍କ ନିକଟରେ ପହଞ୍ଚି ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି । ତୁରନ୍ତ ଅଗ୍ନି ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରଶାସନ ନିକଟରେ ସରପଞ୍ଚ ଦାବି କରିଛନ୍ତି ।

# ମୀରାବାଈ କଳାବିକାଶ କେନ୍ଦ୍ରର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଭୁବନ(ଭାସ୍କର ନ୍ୟୁଜ୍): ଭୁବନ ମୀରାବାଈ କଳାବିକାଶ କେନ୍ଦ୍ର ଠାରେ ଚାଲିଥିବା ତିନିଦିନିଆ ମହୋତ୍ସବ ଉଦଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ଅଧକ୍ଷ ମାତୃପ୍ରସାଦ ମିଶ୍ର, ମୁଖ୍ୟ ବକ୍ତା ଭାବେ ଗାୟକ ସୁରେନ୍ଦ୍ର କୁମାର ମିଶ୍ର, ସମ୍ମାନିତ ଅତିଥି ଡକ୍ଟର ଶାନ୍ତିଭୁଷଣ ପଣ୍ଡା, ଆଇନଜୀବୀ ନବକିଶୋର ଗୁରୁ, କଟକ ବାର ଆସୋସିଏସନ ପୂର୍ବତନ ଉପ ସଭାପତି ତଥା ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ସାହୁ, ଭୁବନ ବ୍ଲକ କଳାକାର ସଂଘ ସଭାପତି ଅଶୋକ କୁମାର ସାମଲ ଉପସ୍ଥିତ ରହି ଅନୁଷ୍ଠାନର ଉତ୍ତରୋତ୍ତର କାମନା କରିଥିଲେ । କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ତଥା ସମ୍ପାଦକ ଭଗବାନ ଗୁରୁ ସଭାପତିତ୍ୱ କରି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିନୋଦ କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବାର୍ଷିକ ଉତ୍ସବରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ଲୋକକଳା, ଘୁମୁରା ନୃତ୍ୟ, ଘୋଡାନାଚ, ଓଡ଼ିଶୀ ନୃତ୍ୟ, ଦାସକାଠିଆ, ପାଲା, ସମ୍ବଲପୁରୀ ନୃତ୍ୟ ଓ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା । ଉଦ୍‌ଯାପନ ଉତ୍ସବରେ ୬ ଜଣ କଳାକାର, କାମାକ୍ଷାନଗର ଉପଖଣ୍ଡ ଓ ଭୁବନର ବରିଷ୍ଠ ସାମ୍ବାଦିକ ମାନଙ୍କୁ ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା ।




# ଶତବାର୍ଷିକ ପୂର୍ତ୍ତି ମହୋତ୍ସବରେ ଯୋଗଦେଲେ ମନ୍ତ୍ରୀ

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଜହ୍ନପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ପୂର୍ତ୍ତି ମହୋତ୍ସବ ଅବସରରେ ରବିବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ । ଶ୍ରୀ ପାତ୍ର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାର୍ଥ ମହାପାତ୍ର, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା,ମୁଖ୍ୟ ବକ୍ତା ଶରତ ଚନ୍ଦ୍ର ପାଣିଗ୍ରାହୀ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ,ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ, ପରଜଙ୍ଗ ସରପଞ୍ଚ ଗାୟତ୍ରୀ ମହାପାତ୍ର, ସମିତିସଭ୍ୟା ଶୈଳେନ୍ଦ୍ରି ସେଠୀ ପ୍ରମୁଖ ମଞ୍ଚାସିନ ଥିଲେ । ଅତିଥିମାନଙ୍କୁ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀମାନେ ସ୍ୱାଗତ ସମ୍ବର୍ଦ୍ଧନା ପୂର୍ବକ ପାଛୋଟି ନେଇଥିଲେ । ଅତିଥିମାନେ ପ୍ରଥମେ ବିଦ୍ୟାଳୟ ର ଫାଟକ ସମ୍ମୁଖରେ ଥିବା ସହିଦ ବୀର ସାହୁ ଏବଂ ବେନୁ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଆନୁଷ୍ଠାନିକ ଭାବେ ମଞ୍ଚ ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟ ର ଶହେ ବର୍ଷ ପୂର୍ତ୍ତି ଅବସରରେ ଅତିଥିମାନେ ମୁଗ୍ଧହୋଇ ପୁରାତନ ଛାତ୍ରଛାତ୍ରୀ ଓ ବର୍ତମାନ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବହୁ ବକ୍ତବ୍ୟ ରଖିଥିଲା ବେଳେ ବିଦ୍ୟାଳୟର ସୁବିଧା ଅସୁବିଧା ଉପରେ ମୁଖ୍ୟ ଅତିଥି ଧ୍ୟାନ ଦେବାପାଇଁ କହି ବିଦ୍ୟାଳୟର ଉନ୍ନତି କାମନା କରିଥିଲେ । ଏହି ପରିପ୍ରେକ୍ଷୀରେ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ବେଳେ, କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ, ଗ୍ରାମବାସୀଙ୍କ ସମେତ ଗ୍ରାମର ଉଦୀୟମାନ ଯୁବକ ମାନେ ମିଶି ପୂର୍ଣ୍ଣ ସହଯୋଗ ରଖିଥିଲେ ।ମଞ୍ଚ ସଂଚାଳନ ଓ ଅତିଥି ପରିଚୟ ପ୍ରଦାନ ଦାୟିତ୍ୱ ଯୁବ ସମାଜସେବୀ ସୁବାସ ପାଣି ନିର୍ବାହ କରିଥିଲା ବେଳେ, ପରିଶେଷରେ ପୁରାତନ ଛାତ୍ର ଅମୁଲ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭିନ୍ନକ୍ଷମ ମାନଙ୍କ ଠାରେ ଭରପୁର ପ୍ରତିଭା ରହିଛି ।ଏଣୁ ସେମାନଙ୍କ ଠାରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ପ୍ରକାଶ ପାଇଁ ପ୍ରୋତ୍ସାହନ ଯୋଗାଇବା ଉପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି ।ଏ ଦିଗରେ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଶ୍ରୀହର୍ଷ ମିଶ୍ର ସ୍ମୃତି ବଧିର ବିଦ୍ୟାଳୟ, ଜଟଣୀର ଛାତ୍ରାଛାତ୍ରୀମାନେ ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ କରିବା ଅବସରରେ ରାଜ୍ୟପାଳଏହି ଆହ୍ୱାନ ଜଣାଇଛନ୍ତି । ଛାତ୍ରଛାତ୍ରୀମାନେ ରାଜଭବନ ଉଦ୍ୟାନ ପରିଦର୍ଶନ କରିଏହାର ନୈସର୍ଗିକ ଶୋଭାରାଜି ଦେଖିବା ପରେ ଅଭିଷେକ ହଲ୍‌ଠାରେ ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ ।ଦୁଇ ଜଣ ଛାତ୍ରଛାତ୍ରୀ ନିଜ ଦ୍ୱାରା ଆଙ୍କିତ ରାଜ୍ୟପାଳଙ୍କ ଫଟୋଚିତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କର ସୃଜନଶୀଳତା ଓ ପ୍ରତିଭା ପାଇଁରାଜ୍ୟପାଳ ପ୍ରଶଂସା କରିଥିଲେ ।ବିଦ୍ୟାଳୟର ଅଧ୍ୟକ୍ଷ ଦେବବ୍ରତ ବେହେରାଙ୍କ ଜରିଆରେ ରାଜ୍ୟପାଳ ପିଲାମାନଙ୍କର କୁଶଳ ଜିଜ୍ଞାସା କରିଥିଲେ । ଶବଣ ଶକ୍ତି ବାଧିତ ପିଲାମାନଙ୍କ ପାଇଁ ଉକ୍ତ ଆବାସିକ ବିଦ୍ୟାଳୟର ସ୍ଥାପନା, ପରିଚାଳନା, ପାଠପଢ଼ା, ଖାଇବା ଓ ରହିବା ବ୍ୟବସ୍ଥା, ଶ୍ରବଣ ଯନ୍ତ୍ର ଯୋଗାଣ, କର୍ମଚାରୀମାନଙ୍କର ଦରମା ବ୍ୟବସ୍ଥା, ସରକାରଙ୍କ ତରଫରୁ କରାଯାଇଥିବା ବ୍ୟବସ୍ଥା ତଥା ବିଦ୍ୟାଳୟର ଆବଶ୍ୟକତା ସଂପର୍କରେ ରାଜ୍ୟପାଳ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ପଚାରି ବୁଝିଥିଲେ ।

### ରଙ୍ଗାରଙ୍ଗ ପରିବେଶରେ ବିଏମ୍‌ସିର ତୃତୀୟ ପଥ ଉତ୍ସବ ଶେଷ

## ଜଲୱା ଦେଖାଇଲେ କଣ୍ଠଶିଳ୍ପୀ ଅର୍ଚ୍ଚନା, ସୁଙ୍ଖାନୀ ଓ ରୁକୁ ସୁନା





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ଥିଲା ବିଏମ୍‌ସିର ତୃତୀୟ ପଥ ଉତ୍ସବ । ଏଥିପାଇଁ ସକାଳ ୬ଟାରୁ ଲୋକାରଣ୍ୟ ହୋଇପଡିଥିଲା ଉତ୍ତର ଜୋନର ଇଙ୍ଫୋସିଟି ଛକଠାରୁ ସିଲିକନ କଲେଜ ଛକ ପର୍ଯ୍ୟନ୍ତ । ଚଳିତ ବର୍ଷର ତୃତୀୟ ପଥ ଉତ୍ସବକୁ ପୁରା ରଙ୍ଗୀନ କରିବା ପାଇଁ ବିଏମ୍‌ସି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଏଥିରେ ପ୍ରାୟ ୨୦ ହଜାର ଲୋକଙ୍କର ସମାଗମ ହୋଇଥିଲା । ଏହି ଉପଲକ୍ଷେ ଆୟୋଜିତ ଉଦଘାଟିନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଏସ୍ ବି ଆଇର ଚିଫ୍ ଜେନେରାଲ ମ୍ୟାନେଜର ଦୀନେଶ ପୃଥ୍ୱୀ, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଏବଂ ଉତ୍ତର ଜୋନର ସମସ୍ତ କର୍ପୋରେଟର, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ଓ ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ତଥା ୧ ନମ୍ବର ୱାର୍ଡର କର୍ପୋରେଟର ମିହିର କୁମାର ରାଉତ । ଉଦଘାଟିନୀ ଅଭିଭାଷଣ ଦେଇ ମେୟର କହିଥିଲେ ଯେ, କେବଳ କର୍ପୋରେଟର, ବିଏମ୍‌ସି ଅଧିକାରୀଙ୍କଠାରୁ ଆରମ୍ଭ କରି କର୍ମଚାରୀଙ୍କ ପର୍ଯ୍ୟନ୍ତ ନୁହଁନ୍ତି, ଭୁବନେଶ୍ୱରବାସୀଙ୍କ ସହଯୋଗ ଓ ସହଭାଗିତାରେ ଆମ ସହର ଆଜି ସ୍ୱଚ୍ଛ, ସବୁଜ ଓ ସୁନ୍ଦର ହୋଇପାରିଛି । ଏହା କେବଳ ଆମ ଦେଶରେ ନୁହେଁ, ବିଭିନ୍ନ ଦେଶରୁ ଆସିଥିବା ପ୍ରବାସୀ ଭାରତୀମାନେ ସ୍ୱୀକାର କରିଛନ୍ତି । ଏ ସମସ୍ତ ଶ୍ରେୟ ଭୁବନେଶ୍ୱରବାସୀଙ୍କର । ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଭୁବନେଶ୍ୱର ସାଂସଦ କହିଥିଲେ ଯେ ଭୁବନେଶ୍ୱରର ବିକାଶ କେବଳ ସହଭାଗିତା ମାଧ୍ୟମରେ ହୋଇପାରିବ । ଜନସାଧାରଣଙ୍କ ସହଭାଗିତା ମାଧ୍ୟମରେ ଭୁବନେଶ୍ୱରର ପ୍ରଗତି ହେଉଛି ଆଉ ଆଗାମୀ ଦିନରେ ଏହି ଧାରା ବଜାୟ ରହିବ । ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏକାମ୍ର ବିଧାୟକ କହିଥିଲେ ଯେ ବାହ୍ୟ ଶକ୍ତି ଓଡିଶାର ଯୁବମାନସକୁ ବିଭ୍ରାନ୍ତି କରିବାକୁ ଚାହୁଁଛନ୍ତି । ତେଣୁ ଏଥିରୁ ନିବୃତ୍ତ କରିବା ପାଇଁ ଏହି ପରି ସାଂସ୍କୃତିକ ଚେତନା କେବଳ ଭୁବନେଶ୍ୱରରେ ନୁହେଁ, ସମଗ୍ର ରାଜ୍ୟରେ ସୃଷ୍ଟି କରିବା ଦରକାର । ଶେଷରେ ଗୀତ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ ୬ ନମ୍ବର ୱାର୍ଡର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ । ଏହି ପଥ ଉତ୍ସବରେ ଜଲୱା ଦେଖାଇଥିଲେ ସ୍ୱନାମଧନ୍ୟା କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢୀ, ରୁକୁ ସୁନା ଏବଂ ସୁଙ୍ଖାନୀ ମହାପାତ୍ର । ସିଜଲର୍ସ ଡ୍ୟାନ୍ସ ଗ୍ରୁପର ଧମାକାଦାର ନୃତ୍ୟର ତାଳେ ତାଳେ ଝୁମିଥିଲେ ଉପସ୍ଥିତ ଦର୍ଶକ । ଏଥର ମୁଖ୍ୟ ଆକର୍ଷଣ ଥିଲେ ଡିଜେ ଭବେଶ କୁମାର । ମୁଖ୍ୟ ମଞ୍ଚରେ ପ୍ଲେବ୍ୟାକ୍ ସିଙ୍ଗର ଅର୍ଚ୍ଚନା ପାଢୀ, ସୁଙ୍ଖାନୀ ମହାପାତ୍ରଙ୍କ ସହ ରୁକୁ ସୁନାଙ୍କ ସଂଗୀତରେ ହଜାର ହଜାର ଦର୍ଶକ ମସଗୁଲ୍ ହୋଇଉଠିଥିଲେ । ତିନି ଜଣ ମିଳିତ କଣ୍ଠରେ ଗାଇଥିବା ରଙ୍ଗବତୀ ଗୀତରେ ଉପସ୍ଥିତ ଦର୍ଶକଙ୍କ ସହ ଯୁବବର୍ଗଙ୍କ ନାଚରେ ଦୁଲୁକିଥିବା ଇଙ୍ଫୋସିଟି ଅଞ୍ଚଳ । କେବଳ ସଂଗୀତ ନୁହେଁ, ବହୁ ଚର୍ଚ୍ଚିତ ସିଜିଲର୍ସ ଡ୍ୟାନ୍ସ ଗ୍ରୁପ୍‌ର ଧମାକାଦାର ନୃତ୍ୟରେ ଝୁମିଥିଲେ ଦର୍ଶକ ।



ବିଏମ୍‌ସି ପକ୍ଷରୁ ଆୟୋଜିତ ତୃତୀୟ ପଥୋତ୍ସବରେ ଉପସ୍ଥିତ ଅତିଥିବୃନ୍ଦ

## ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ସ୍ୱର ଉଠାନ୍ତୁ ସାହିତ୍ୟିକ: ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ସାହିତ୍ୟିକମାନେ ସ୍ୱର ଉଠାଇବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ଆହ୍ୱାନ ଜଣାଇଛନ୍ତି । ଚଳିତ ଜାନୁଆରୀ ୧୯ ତାରିଖ ଦିନ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ 'ବିଶ୍ୱମୁକ୍ତି' ଆନୁକୂଲ୍ୟରେ ବିଶ୍ୱରେ ଜଳବାୟୁ ପରିବର୍ତ୍ତନରେ ଭାରତୀୟ ଭାଷା ଓ ସଂସ୍କୃତି ଉପରେ ପ୍ରଭାବ ତଥା ବିଚାର ସଂପର୍କରେ ଅଷ୍ଟମତ୍ରି-ଦିବସୀୟ ରାଷ୍ଟ୍ରୀୟ କର୍ମଶାଳା ଓ ବହୁଭାଷୀ କାବ୍ୟପାଠର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପତି ଏହି ଆହ୍ୱାନ ଦେଇଛନ୍ତି । ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନ କେବଳ ଏକ ପରିବେଶଗତ ଚ୍ୟାଲେଞ୍ଜ ନୁହେଁ ବରଂ ସାଂସ୍କୃତିକ ଐତିହ୍ୟ ସମେତ ଜୀବନର ପ୍ରତ୍ୟେକ ଦିଗ ଉପରେ ଗଭୀର ପ୍ରଭାବ ପକାଇଥାଏ । ଆଜି ଆମେ ଯେଉଁ ଦ୍ରୁତ ପରିବେଶଗତ ପରିବର୍ତନ ଦେଖୁଛୁ ତାହା ଧିରେ ଧିରେ ଏହି ସମନ୍ୱୟକୁ ବ୍ୟାହତ କରୁଛି । ଏହି ବାଧାଗୁଡ଼ିକ କେବଳ ପରିବେଶଗତ ନୁହେଁ ବରଂ ଭାଷାଗତ ଓ ସାଂସ୍କୃତିକ ମଧ୍ୟ । ଏହା ଆମ ଭାଷା ଓ ପରଂପରାକୁ ପ୍ରଭାବିତ କରୁଛି ବୋଲି ରାଜ୍ୟପାଳ କହିଥିଲେ । ଆଜି ପରିବେଶ ସଚେତନ ତାଜାଗ୍ରତ କରିବା ଏବଂ ଭବିଷ୍ୟତ ପୀଢ଼ିକୁ ପ୍ରେରଣା ଦେବା ପାଇଁ ସାହିତ୍ୟର ବ୍ୟବହାର ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ଏବଂ ପ୍ରାଣୀଜଗତକୁ ସୁସ୍ଥ ଓ ସଶକ୍ତରଖିବା ପାଇଁ ସାହିତ୍ୟିକ ମାନେ ନିରନ୍ତର କଲମ ଚାଳନା ଜାରି ରଖିବାକୁ ରାଜ୍ୟପାଳ ଡ. କମ୍ଭମ୍ପତି ଆହ୍ୱାନ ଜଣାଇଥିଲେ । ଏହି ସମାରୋହରେ ପୂର୍ବତନ ଲୋକସଭା ସାଂସଦ ତଥା 'ବିଶ୍ୱମୁକ୍ତି'ର ଚେୟାରମ୍ୟାନ ଡ ପ୍ରସନ୍ନ କୁମାର ପାଟ୍ଟଶାଣୀ, କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ଡ଼ ଅଚ୍ୟୁତ ସାମନ୍ତ, ଭାରତ ସରକାରଙ୍କ ଆର୍‌ସିଏମ୍‌ଆର୍‌ର ଏଡିଜି ଡ଼ଃ. ସଂଘମିତ୍ରା ପତି, ଇଷ୍ଟର୍ଣ୍ଣକୋଲ୍ ଫିଲଡ଼୍‌ଲିଃର ପୂର୍ବତନ ସିଏମ୍‌ଡ଼ି ଆହୁତି ସ୍ୱାଇଁ, 'ବିଶ୍ୱମୁକ୍ତି'ର ସଂପାଦକ ପ୍ରଫେସର ଶଶାଙ୍କ ଚୂଡ଼ାମଣି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ପରିବେଶ ପରିବର୍ତ୍ତନ ଦ୍ୱାରା କିପରି କଳା, ସଂସ୍କୃତି, ଭାଷା ଓ ସାହିତ୍ୟ ପ୍ରଭାବିତ ହେଉଛି ସେ ସଂପର୍କରେ ଅବତାରଣା କରିଥିଲେ । ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ପୂର୍ବତନ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ଭାଷାର କୃତୀ ସାରସ୍ୱତ ସାଧକଙ୍କୁ ସଂବର୍ଦ୍ଧିତ କରାଯିବା ସହିତ ବିଭିନ୍ନ ଭାଷାର ପୁସ୍ତକ ଉନ୍ମୋଚନ କରାଯାଇଥିଲା ଏବଂ 'ବିଶ୍ୱମୁକ୍ତି'ର ସ୍ୱତନ୍ତ୍ର ସଂସ୍କରଣଉନ୍ମୋଚିତହୋଇଥିଲା ।

## ଭିତ୍ତିଭୂମିର ନିର୍ମାଣ ଓ ବିକାଶରେ ଡିପ୍ଲୋମା ଇଞ୍ଜିନିୟରଙ୍କ ଭୂମିକା ଅପରିହାର୍ଯ୍ୟ: ଜଙ୍ଗଲମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭିତ୍ତିଭୂମିର ବିକାଶ ଆଜି ଦେଶ ପ୍ରଗତିର ମାପକାଠି । ଏହି ଭିତ୍ତିଭୂମିର ନିର୍ମାଣ ଓ ବିକାଶରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ଭୂମିକା ଅପରିହାର୍ଯ୍ୟ । ସେମାନେ ତୃଣମୂଳସ୍ତରରେ କାର୍ଯ୍ୟ କରିଥାନ୍ତି । ଏଣୁ ସେମାନଙ୍କ ଦକ୍ଷତା, ବୈଷୟିକ ଜ୍ଞାନକୌଶଳ, ସମୟୋପଯୋଗୀ ପଦକ୍ଷେପ ଏବଂ ଦାୟିତ୍ୱବୋଧ ବିନା ଏହି ବିକାଶର ସଫଳ ରୂପାୟନ ହୋଇପାରିବ ନାହିଁ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମତବ୍ୟକ୍ତ କରିଛନ୍ତି । ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘର ୮୦ତମ ପୂର୍ତ୍ତି ମହୋତ୍ସବ ଓ ୭୯ତମ ବାର୍ଷିକ ସାଧାରଣ ଅଧିବେଶନ ସ୍ଥାନୀୟ ଓଡେଶା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଲେ ଯେ ଦେଶ ସ୍ୱାଧୀନତା ହାସଲ କରିବା ପୂର୍ବରୁ ୧୯୪୪ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ସଂଘ ରୌପ୍ୟ ଜୟନ୍ତୀ, ସୁବର୍ଣ୍ଣ ଜୟନ୍ତୀ, ହୀରକ ଜୟନ୍ତୀ ଓ ପ୍ଲାଟିନମ ଜୟନ୍ତୀ ପାଳନ କରିସାରିଛି ଏବଂ ଆଜି ୮୦ ବର୍ଷ ପୂର୍ତ୍ତି ପାଳନ କରୁଥିବା ଗର୍ବର ବିଷୟ । ଡିପ୍ଲୋମା ଇଞ୍ଜିନିୟରମାନେ ପୂର୍ତ୍ତ, ଜଳସଂପଦ, ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ, ଗୃହ ଓ ନଗର ଉନ୍ନୟନ, ଶକ୍ତି, କୃଷି ଓ କୃଷକ ସଶକ୍ତିକରଣ, ଇସ୍ପାତ ଓ ଖଣି, ବାଣିଜ୍ୟ ଓ ପରିବହନ ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟକରି ରାଜ୍ୟର ଅର୍ଥନୈତିକ ପ୍ରଗତି ଓ ସର୍ବାଙ୍ଗୀନ ବିକାଶ ଦିଗରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଇଆସିଛନ୍ତି । ସମ୍ମାନୀୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇ ତୃଣମୂଳ ସ୍ତରରେ ଭିତ୍ତିଭୂମି ନିର୍ମାଣ ଦ୍ୱାରା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାସଲ ଓ ରାଜ୍ୟବାସୀଙ୍କୁ ସାମାଜିକ ନ୍ୟାୟ ସୁନିଶ୍ଚିତ କରାଇବା ଦିଗରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । ଓଡେଶାର ଅବସରପ୍ରାପ୍ତ କର୍ମକର୍ତାମାନଙ୍କୁ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ସମ୍ବର୍ଦ୍ଧିତ କରିଥିଲେ । ଓଡେଶାର ସଭାପତି ଇଂ ଶ୍ରୀକାନ୍ତ ମହାପାତ୍ର ଓ ଅନ୍ୟ ପ୍ରାକ୍ତନ ସଭାପତିଗଣ ଉଦବୋଧନ ଦେଇଥିଲେ । ସାଧାରଣ ସମ୍ପାଦକ ଇଂ ଶ୍ରୀଧର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ । ସଂଘର ମୁଖପତ୍ର ଟେକ୍ନୋସ୍କ୍ରାଇବ୍ ଉନ୍ମୋଚିତ ହୋଇଥିଲା ।

## ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଗୋପାଳ କରଙ୍କ ପରଲୋକ

କଟକ(ଭାସ୍କର ନ୍ୟୁଜ୍): ବିଶିଷ୍ଟ ମାନସିକରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଗୋପାଳ ରବିବାର ସକାଳ ୧୦ ଘଟିକାରେ ପୁରୀଘାଟସ୍ଥିତ ବାସଭବନରେ ପରଲୋକ ହୋଇଯାଇଅଛି । ମୃତ୍ୟୁ ବେଳକୁ ସେ ୮୦ବର୍ଷ ବୟସରେ ପଦାର୍ପଣ କରିଥିଲେ । ଡାକ୍ତର କର ଓଡ଼ିଶା ସରକାରଙ୍କ ଅଧୀନରେ ସ୍ୱାସ୍ଥ୍ୟ ଓ ତାଲିମ ନିର୍ଦ୍ଦେଶକ (ଡିଏମଇଟି) ଭାବେ କାର୍ଯ୍ୟ କରିଥିଲେ । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ପ୍ରିନ୍ସପାଲ ଓ ମାନସିକରୋଗ ବିଭାଗର ମୁଖ୍ୟ ଭାବେ ରହି ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲେ । ସେ ଜଣେ ଭାରତର ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ଓ ଏକାଧାରରେ ସୁଲେଖକ, ସୁବକ୍ତା, ରାଜନୀତିଜ୍ଞ, ବିଶିଷ୍ଟ ରୋଟାରିଆନ, କଟକ କ୍ଲବର ଆଜୀବନ ସଦସ୍ୟ ଓ ଓଡ଼ିଶାବାସୀଙ୍କ ପ୍ରିୟ ଚିକିତ୍ସକ । ସେ ରେଭେନ୍‌ସା କଲିଜିଏଟ୍ ସ୍କୁଲରୁ ୧୯୬୨ ମସିହାରେ ପାସ୍ କରିଥିଲେ । ପରେ ରେଭେନ୍ସା ମହାବିଦ୍ୟାଳୟ, ଶ୍ରୀରାମଚନ୍ଦ୍ର ଭଞ୍ଜ ଚିକିତ୍ସା ମହାବିଦ୍ୟାଳୟ(୧୯୬୮)ରୁ ମେଡିକାଲ ଡିଗ୍ରୀ ହାସଲ କରିବା ପରେ ପାଟନାର ପ୍ରିନ୍ସ ଅଫ୍ ୱାଲସ ଚିକିତ୍ସା ମହାବିଦ୍ୟାଳୟରୁ ମାନସିକ ରୋଗ, ସ୍ନାତକୋତରରେ ପ୍ରଥମ ସ୍ଥାନ ପାଇ ସାରିବା ପରେ ମଧୁସୂଦନ ଲ କଲେଜରେ ଆଇନ ଶିକ୍ଷା ଗ୍ରହଣ କରିଥିଲେ । ସେ ପ୍ରଥମ ଓଡ଼ିଆ ଭାବେ ଭାରତୀୟ ଚିକିତ୍ସକ ସଂଘର ସଭାପତି କାର୍ଯ୍ୟ ମଧ୍ୟ ତୁଲାଇଥିଲେ । ସମାଜକଲ୍ୟାଣ ଓ ବିଭିନ୍ନ ସେବାପାଇଁ ସେ ବହୁ ପୁରସ୍କାର ପାଇଛନ୍ତି । ତାଙ୍କ ମୃତ୍ୟୁରେ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ଦର୍ଶନ କରିବା ସହ ଶୋକର ଛାୟା ଯାଇଛି । ମୃତ୍ୟୁ ବେଳକୁ ପାଖରେ ସହଧର୍ମିଣୀ ଡକ୍ଟର ଗାୟତ୍ରୀ ଦେବୀ, ପୁତ୍ର ଇଂ. ସୌମେନ୍ଦ୍ର କର, ଆଡଭୋକେଟ ସମ୍ବିତ କର, ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ସମ୍ରାଟ କର, ପୁତ୍ରବଧୂ-ନୀତି କର, ଶୈଳବାଳା କର, ଡାକ୍ତର ଶୁଭଶ୍ରୀ ମିଶ୍ର ଓ ନାତି ନାତୁଣୀ, ଆତ୍ମୀୟ ସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଫେସର୍ ଡାକ୍ତର ଗୋପାଳ କରଙ୍କ ପତ୍ନୀ ଗାୟତ୍ରୀ ଦେବୀ ଜଣେ ସାହିତ୍ୟିକା ଓ ସଂପାଦିକା ଭାବେ ବେଶ ଜଣାଶୁଣା । ଡାକ୍ତର ଗୋପାଳ କରଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷଦର୍ଶନ ଲାଗି ପହଞ୍ଚିଥିବା ଦେଖିବାକୁ ମିଳିଛି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି ।

## ଭକ୍ତକବି ମଧୁସୂଦନ ରାଓଙ୍କ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭକ୍ତକବି ମଧୁସୂଦନ ରାଓଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ଭାଷାର ପ୍ରଥମ ବର୍ଣ୍ଣବୋଧର ପ୍ରଣେତା, ସମାଜ ସଂସ୍କାରକ ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି । ଓଡ଼ିଆ ଭାଷା ଓ ସାହିତ୍ୟ ଜଗତକୁ ସମୃଦ୍ଧ କରିବାରେ ତାଙ୍କର ଅବଦାନ ସର୍ବଦା ପ୍ରେରଣାର ଉତ୍ସ ।

## ଭକ୍ତକବି ମଧୁସୂଦନ ରାଓଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭକ୍ତକବି ମଧୁସୂଦନ ରାଓଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ତଥା ଛବିଳ ମଧୁ ବର୍ଣ୍ଣବୋଧର ରଚୟିତା ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ଜିଲ୍ଲାରେ ବଢୁଛି ଜାତିଗତ ନିର୍ଯାତନା
## ୬ ବର୍ଷରେ ୧୮ ହତ୍ୟା ୫୬ ଦୁଷ୍କର୍ମ ମାମଲା

କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାରେ ବିଗତ ୬ବର୍ଷ ମଧ୍ୟରେ ଦଳିତ ଆଦିବାସୀଙ୍କ ଉପରେ ଜାତିଗତ ନିର୍ଯ୍ୟାତନା କ୍ରମାଗତ ଭାବେ ବୃଦ୍ଧି ପାଇଛି । ପ୍ରଶାସନିକ ସ୍ତରରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବାରୁ ଏଭଳି ନିର୍ଯାତନା ବୃଦ୍ଧି ପାଉଥିବା ମୂଳନିବାସୀ ୟୁନାଇଟେଡ ଫ୍ରଣ୍ଟ ପକ୍ଷରୁ ଅଭିଯୋଗ ହୋଇଛି । ଗତ ବର୍ଷ ଅକ୍ଟୋବର ସୁଦ୍ଧା ୬ବର୍ଷରେ ୧୧୦୮ ଗୋଟି ଜାତିଗତ ମାମଲା ରୁଜୁ ହୋଇଛି । କଟକ ଜିଲ୍ଲାର ୧୯ ଟି ଥାନାରେ ୧୮ ହତ୍ୟା ମାମଲା, ୫୬ଟି ଦୁଷ୍କର୍ମ, ୧୧ଟି ଘରପୋଡ଼ି ୧୧ ଏବଂ ୧୦୨୩ ଟି ଜାତିଗତ ଆକ୍ରମଣ ମାମଲା ରୁଜୁ ହୋଇଛି । ବିଶେଷ କରି ୨୦୧୮ମସିହାରେ ୧୨୦ଟି, ୨୦୧୯ ମସିହାରେ ୧୨୮ ଟି, ୨୦୨୦ ମସିହାରେ ୧୪୪ଟି, ୨୦୨୧ ମସିହାରେ ୧୬୧ ଟି, ୨୦୨୨ ମସିହାରେ ୨୫୬ଟି, ୨୦୨୩ମସିହାରେ ୨୧୭ଟି ମାମଲା କରଯାଇଛି । ୪୭ ମାମଲାରେ ଯୁଗ୍ମ ତଦନ୍ତ ରିପୋର୍ଟ ହୋଇପାରି ନ ଥିବା ବେଳେ ୪୦୦ ରୁ ଉର୍ଦ୍ଧ ମାମଲାରେ ଚାର୍ଜସିଟ୍ ମଧ୍ୟ ଦାଖଲ କରାଯାଇପାରି ନାହିଁ । ସଂଗଠନର ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ଜେନା, ଚଗଲା ବାଗ, ଦୈତାରି ନାୟକ,ରାଜ୍ୟ ସମ୍ପାଦିକା ସୁପ୍ରଭା ମଲ୍ଲିକ୍, ଲକ୍ଷ୍ମୀଧର ଭୋଇ, ସନ୍ତୋଷ ବେହେରା, ବିଚିତ୍ରାନନ୍ଦ ସେଠୀ, ପ୍ରତାପ ଦାସ, ସୁକାନ୍ତ ଭୋଇ, ମାୟାଧର ଜେନା,ସତ୍ୟ କୁମାର ସାମଲ, ଦିଲ୍ଲୀପ ଜେନା, ଶୁକଦେବ ସାମଲ, ଜଗବନ୍ଧୁ ଜେନା ସୁମତୀ ନାଏକ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ ଜିଲ୍ଲାରେ ସହାୟତା ରାଶି ମଧ୍ୟ ବର୍ଷ ବର୍ଷ ଧରି ପ୍ରଶାସନିକ ଅବହେଳା ପାଇଁ ବିଳମ୍ବ କରାଯାଉଛି । ଏପରି କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ନେବାକୁ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକଙ୍କ ସମେତ ଜିଲାପାଳ ଓ ଏସପି ନିକଟରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି । ଅନ୍ୟପକ୍ଷରେ ଅନୁସୂଚିତ ଜାତି ଓ ଜନଜାତି ଆଇନର ମଧ୍ୟ ବହୁଳ ଭାବେ ଦୁରୁପଯୋଗ କରାଯାଉଛି । ବିଭିନ୍ନ ସମୟରେ ଜମି ବାଡ଼ି, ବ୍ୟକ୍ତିଗତ ଶତୃତା, ଆକ୍ରୋଶ ତଥା ପ୍ରତିପକ୍ଷଙ୍କୁ ଅସୁବିଧାରେ ପକାଇବା ପାଇଁ ଉକ୍ତ ଆଇନର ଦୁରୁପଯୋଗ କରାଯାଉଛି । ଫଳରେ ବହୁ ନିରିହ ବ୍ୟକ୍ତି ବିଶେଷ ମଧ୍ୟ ଏହି ଆଇନରେ ଛନ୍ଦି ହୋଇପଡୁଛନ୍ତି । ଏପରିସ୍ଥଳେ ଅନୁସୂଚିତ ଜାତି ଓ ଜନଜାତି ଆଇନର ସୁବିଧା ନେଇ ବ୍ୟକ୍ତିଗତ ଶତୃତା, ଆକ୍ରୋଶ କାରଣରୁ ଅନ୍ୟକୁ ଅସୁବିଧାରେ ପକାଉଥିବା ଲୋକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ ପ୍ରକାଶ ପାଇଛି ।

## ଅଷ୍ଟ୍ରେଲିଆରେ ଆୟୋଜିତ ହେବ ରଥଯାତ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶ୍ୱ ଦେଖିବ ଜଗନ୍ନାଥ ସଂସ୍କୃତି । ବିଶ୍ୱ ଦେଖିବ ଅଷ୍ଟ୍ରେଲିଆରେ ଜଗନ୍ନାଥ ରଥଯାତ୍ରା । ଓଡ଼ିଆ କମ୍ୟୁନିଟି ପକ୍ଷରୁ ଚଳିତ ବର୍ଷ ଆୟୋଜିତ କରାଯିବ ରଥଯାତ୍ରା । ଅଷ୍ଟ୍ରେଲିଆ ଓଡ଼ିଆ କମ୍ୟୁନିଟି ସଦସ୍ୟ ରବିବାର ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ଭେଟି ସିଡନିରେ ରଥଯାତ୍ରା ଆରମ୍ଭ ପାଇଁ ପ୍ରସ୍ତାବ ଦେଇଛନ୍ତି । ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଉପସ୍ଥିତରେ ସଂସ୍କୃତି ମନ୍ତ୍ରୀଙ୍କୁ ଭେଟିଛନ୍ତି ସିଡିନ ରେଥିବା ଓଡ଼ିଆ ପ୍ରବାସୀ । ରଥଯାତ୍ରାରେ ରଥରେ ଲାଗିବ ପିପିଲି ଚାନ୍ଦୁଆ । ୨୦ ଫୁଟ ଲମ୍ବା ରଥରେ ୫୦ ଫୁଟ ଗୋଲେଇ ର ଚାନ୍ଦୁଆ ଲାଗିବ । ଏଥିପାଇଁ ପିପିଲି ଚାନ୍ଦୁଆ କାରିଗର ମଧ ଭେଟିଥିଲେ ମନ୍ତ୍ରୀଙ୍କୁ । ସିଡିନରେ ରଥଯାତ୍ରା ପାଇଁ ୫୧ହଜାର ଟଙ୍କାର ପ୍ରଥମ ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ।

## ଅନିଲ ହଂସିତାଙ୍କ ନାଁରେ ଯୋଡିହେଲା ଆଉ ଏକ ମାମଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନିଲ ଏବଂ ହଂସିତାଙ୍କ ପାଇଁ ବଢିଲା ଅଡୁଆ । ଅନିଲ ହଂସିତାଙ୍କ ନାଁରେ ଯୋଡିହେଲା ଆଉ ଏକ ମାମଲା । ମାନବ ଚାଲାଣ, ଅପରାଧିକ ଷଡ଼ଯନ୍ତ୍ର ଏବଂ ଆୟକର ଆକ୍ଟରେ ମାମଲା ରୁଜୁ କରିଛି ଇନଫୋସିଟି ଥାନା ପୋଲିସ । ଭାରତୀୟ ନ୍ୟାୟ ସଂହିତା ୧୨୦(ବି), ଆୟକର ଆକ୍ଟ ଏବଂ ଇମୋରାଲ ଟ୍ରାଫିକ ଅର୍ଥାତ ମାନବ ଚାଲାଣ ମାମଲା ନେଇ ତଦନ୍ତ କରୁଛି ପୋଲିସ । ଗତ ୧୬ ଜାନୁଆରି ୨୦୨୫ରେ ମାମଲା ରୁଜୁ କରିଛି ଇନଫୋସିଟି ଥାନା ପୋଲିସ ।

## ଏନ୍‌ଡିଆର୍‌ଏଫ୍‌ର ସ୍ଥାପନା ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏନଡିଆରଏଫର ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏନଡିଆରଏଫର ୨୦ତମ ପ୍ରତିଷ୍ଠା ଦିବସ ଅବସରରେ ଏନ୍‌ଡିଆର୍‌ଏଫ୍ ଓ ସେମାନଙ୍କ ପରିବାରକୁ ଶୁଭେଚ୍ଛା ଜଣାଉଛି । ଏନ୍‌ଡିଆର୍‌ଏଫ୍ ହେଉଛି ଆଶା ଓ ଧୈର୍ଯ୍ୟର ପ୍ରତୀକ । ରାଷ୍ଟ୍ର ଆପଣଙ୍କର ଅସାଧାରଣ ସାହସ ଏବଂ ଦୁର୍ଗତି ଓ ସଙ୍କଟର ସମ୍ମୁଖୀନ ହେବା ସମୟରେ ଆପଣଙ୍କର ନିସ୍ୱାର୍ଥସେବା ପାଇଁ ଗର୍ବିତ । ଆପଣଙ୍କର ନିଷ୍ଠା ଓ ବଳିଦାନ ପାଇଁ ଧନ୍ୟବାଦ ।




ମାଗଣା ଫିଜିଓଥେରାପି ଶିବିରରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ଅନ୍ୟମାନେ

## ମହାନଦୀ ରିଭର ଫ୍ରଣ୍ଟ୍ ପାଇଁ ୩୮ କୋଟି ଟଙ୍କା ବ୍ୟୟ ମଞ୍ଜୁରି

କଟକ(ଭାସ୍କର ନ୍ୟୁଜ୍): କଟକ ମହାନଦୀ ବ୍ୟାରେଜ ନିକଟରେ ଖୁବଶୀଘ୍ର ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପ କାମ ଆରମ୍ଭ ହେବ ବୋଲି ସିଡିଏ ଉପାଧ୍ୟକ୍ଷ ଅନାମ ଚରଣ ପାତ୍ର ସୂଚନା ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ମହାନଦୀ ରିଭର ଫ୍ରଣ୍ଟ୍ ପ୍ରକଳ୍ପ ଡିପିଆରକୁ ଅନୁମୋଦନ ଦିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ୩୮କୋଟି ବ୍ୟୟରେ ସାଢ଼େ ୩ କିଲୋମିଟର ରାସ୍ତା ହେବ । ପ୍ରକଳ୍ପ ପାଇଁ ସମୁଦାୟ ୨୨୦କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଗୁଜରାଟ ସାବରମତୀ ଢାଞ୍ଚାରେ ମହାନଦୀ ରିଭର ଫ୍ରଣ୍ଟ କାମ ହେବ ବୋଲି ସେ ସୂଚନା ଦେଇଛନ୍ତି ।

## ନୟାଗଡରେ ଲିଥିୟମର ଥିବାର ମିଳିଲା ସଙ୍କେତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜିଓଲଜିକାଲ ସର୍ଭେ ଅଫ୍ ଇଣ୍ଡିଆ ନୟାଗଡ଼ ଜିଲ୍ଲାର ମୂଲ୍ୟବାନ ଲିଥିୟମର ସଙ୍କେତ ପାଇଛି । ଭୁବନେଶ୍ୱରରେ ଆୟୋଜିତ ଜିଏସଆଇର ସେଣ୍ଟ୍ରାଲ ବୋର୍ଡ ବୈଠକରେ ଏନେଇ ସୂଚନା ମିଳିଛି । ଭୁବନେଶ୍ୱରରେ ଅନୁଷ୍ଠିତ ଜିଓଲଜିକାଲ ସର୍ଭେ ଅଫ୍ ଇଣ୍ଡିଆର ସେଣ୍ଟ୍ରାଲ ବୋର୍ଡ ବୈଠକ ପରେ ଜିଏସଆଇ ଉପମହାନିର୍ଦ୍ଦେଶକ ପଙ୍କଜ କୁମାର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ପୂର୍ବଘାଟ ମୋବାଇଲ୍ ବେଲ୍ଟର ନୟାଗଡ଼ ଜିଲ୍ଲା ସମେତ ଅନ୍ୟ କିଛି ଜିଲ୍ଲାରେ ଲିଥିୟମ ଥିବା ନେଇ ସଙ୍କେତ ମିଳିଛି । ତେବେ ଏନେଇ ସର୍ବେକ୍ଷଣ ପ୍ରାଥମିକସ୍ତରରେ ରହିଛି । ଅଧିକ ଅନୁସନ୍ଧାନ ପରେ ଏ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମିଳିପାରିବ ବୋଲି ସେ କହିଛନ୍ତି ।

## ଶିଳ୍ପୀକାରମାନଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏକ ଘରୋଇ ସଂସ୍ଥା ତରଫରୁ ଭୁବନେଶ୍ୱର ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଶିଳ୍ପୀକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏଥିରେ ସଂସ୍ଥା କର୍ତ୍ତୃପକ୍ଷଙ୍କ ସହ ଶତାଧିକ ସଦସ୍ୟ ଉପସ୍ଥିତ ରହିଥିଲେ । ଓଡିଶାରେ କାର୍ଯ୍ୟରତ ବିଭିନ୍ନ କମ୍ପାନୀର ଡିଲର, ଡିସଟ୍ରିବ୍ୟୁଟର ଓ କମ୍ପାନୀରେ କାର୍ଯ୍ୟରତ ଶିଳ୍ପକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଲିସାନ କମ୍ପାନୀ ଏମଡି ହର୍ଷ ଅଗ୍ରୱାଲ, କମ୍ପାନୀ ଆଞ୍ଚଳିକ ସେଲସ ମ୍ୟାନେଜର ସିଦ୍ଧାର୍ଥ ମହାନ୍ତି, ଓଡିଶା ବ୍ରାଞ୍ଚ ମ୍ୟାନେଜର ପ୍ରଶାନ୍ତ କୁମାର ରାଉତ ଯୋଗଦେଇ କମ୍ପାନୀ ଅଭିବୃଦ୍ଧି ଓ ଆଗାମୀ ଦିନରେ ଓଡିଶାରେ ବ୍ୟବସାୟ ବୃଦ୍ଧି ଉପରେ ଆଲୋକପାତ କରିଛନ୍ତି । ଏହି ଅବସରରେ କାର୍ଯ୍ୟକ୍ରମରେ ଓଡିଶାରେ ପ୍ରମୁଖ ଡିଲର ରାଜେଶ ତୀରନି, ସଞ୍ଜୟ ଅଗ୍ରୱାଲ, ରମେଶ ମରୁଲା, ସୁରେଶ ମହାନ୍ତି, ଦୀପକ ଜାଲାଲ ଓ ଏନ୍ ସତ୍ୟବ୍ରତ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ଯାତ୍ରୀ ଅଶ୍ଳୀଳତାକୁ ନେଇ ଖୁବଶୀଘ୍ର ମାର୍ଗଦର୍ଶିକା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯାତ୍ରୀ ଅଶ୍ଳୀଳତାକୁ ନେଇ ଖୁବ ଶୀଘ୍ର ମାର୍ଗଦର୍ଶିକା । ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳତା ବନ୍ଦହେବା ନେଇ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ପ୍ରତିକ୍ରିୟା ରଖିଛନ୍ତି । ତୁରନ୍ତ କଠୋର ଆଇନ ନ ନେବାକୁ ଯାତ୍ରା ମାଲିକ ଅନୁରୋଧ କରିଛନ୍ତି । ଅତି ଜଲଦି କଠୋର ଆଇନ ନ ନିଆଯାଇ କିଛି ସମୟ ସେମାନଙ୍କୁ ଦେବାକୁ ଅନୁରୋଧ କରିଛନ୍ତି ଯାତ୍ରା ମାଲିକ । ଖଣ୍ଡଗିରି ମେଳା ନେଇ ପୋଲିସ ବିଭାଗ ଗୃହ ବିଭାଗ ଆଇନ ଶୃଙ୍ଖଳା ଦିଗକୁ ଦେଖୁଛି । ଅଶ୍ଳୀଳତକୁ ନେଇ ମାର୍ଗଦର୍ଶିକା ଆମେ ଜାରି କରିବାକୁ ଯାଉଛୁ । ଯାତ୍ରା କମିଟି, ଯାତ୍ରା କଳାକାର,ଏହା ସହ ମାଲିକଙ୍କ ସହ ଆଲୋଚନା ହୋଇଛି । ଅତି ଜଲଦି କଠୋର ଆଇନ ନ ନିଆଯାଇ କିଛି ସମୟ ସେମାନଙ୍କୁ ଦେବାକୁ ଅନୁରୋଧ କରିଛନ୍ତି ଯାତ୍ରା ମାଲିକ ।

## ସ୍ମାର୍ଟ ମିଟର ନ ଲଗାଇବା ପାଇଁ ଦାବି




କଟକ(ଭାସ୍କର ନ୍ୟୁଜ୍): ରବିବାର ଗୋପାଳପୁର ବାଲିକୁଦା ଟିପିଶିଓଲ କାର୍ଯ୍ୟାଳୟରେ ଉତ୍ତମାପୁର ଜୟ ଜଗନ୍ନାଥ ସୋଇଟିକୁ ତରଫରୁ ବିଦ୍ୟୁତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଏସ୍‌ଡିଓ ଙ୍କୁ ସ୍ମାର୍ଟ ମିଟର ଲଗାଇବା ପ୍ରତିବାଦରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଖବର ନେବାରୁ ଜଣାପଡିଛି ସଂପୃକ୍ତ ଅଞ୍ଚଳରେ କମ୍ପାନୀ ତରଫରୁ ପୂର୍ବରୁ ଲଗାଯାଇଥିବା ମିଟର ଠିକ୍ ଥିଲେ ମଧ ବିନା ମିଟର ରିଡ଼ିଂରେ ଟାଟା କମ୍ପାନୀ କର୍ମଚାରୀ ମାନେ ଆନୁମାନିକ ଆଭ୍ରେଜ ବିଲ ଉପୋଭୋକ୍ତା ମାନଙ୍କୁ ଧରାଇ ଦେଇଛି, ଯାହା ପ୍ରକୃତ ମିଟର ରିଡ଼ିଂ ଠାରୁ ଦେଢ଼ଗୁଣା ଅଧିକ । ଅନ୍ୟ ପଟରେ ଆଗକୁ ସ୍ମାର୍ଟ ମିଟର ଲାଗିବ ଏବଂ ତାର ମିଟର ଚାର୍ଜ ସାତ ହଜାରରୁ ଅଧିକ ଲୋକ ମାନଙ୍କୁ ଦେବାକୁ ପଡ଼ିପ ଜଣା ପଡ଼ିଛି । ଆଜି ଅଧିକାଂଶ ଉପୋଭୋକ୍ତାଙ୍କ ମୋବାଇଲକୁ କମ୍ପାନୀ ତରଫରୁ ଏକ ମେସେଜ ଆସିଛି ଆଉ ଯେଉଁଥିରେ ଦର୍ଶାଯାଇଛି ଯେ ପୂର୍ବରୁ ଯେଉଁ ସପ୍ଲାୟର ମିଟର ଯୋଗାଇଥିଲା ତାହା ଖରାପ ଅଛି ଆଉ ସେଥିପାଇଁ ନୂଆ ମିଟର ଲାଗିବ । ଏଥିରୁ ସ୍ପଷ୍ଟ ବାରିହେଉଛି ଯେ ଗୋଟିଏ କନେକ୍ସନ୍ ପାଇଁ ଦୁଇଥର ମିଟର ଚାର୍ଜ ଦେବା ଏବଂ ମିଟର ଠିକ୍ ଥାଇ ନୂଆ ମିଟର ଲଗାଇ ଅଧିକ ପଇସା ଲୁଟିବା ପାଇଁ ଟାଟା କମ୍ପାନୀ ଶୋଷଣର ଜାଲ ବିଛାଉଛି । କମ୍ପାନୀର ଏହି ହିନ ପ୍ରଚେଷ୍ଟାକୁ ବରଦସ୍ତ କରାଯିବ ନାହିଁ ଆଉ କମ୍ପାନୀ ଯଦି ଏଥିରୁ ନିବୃତ୍ତ ନରୁହେ ତେବେ ଆବଶ୍ୟକ ସ୍ଥଳେ ସୋସାଇଟିର ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତା ମାନେ ଚେତାବନୀ ଦେଇଛନ୍ତି । ଡକ୍ଟର ବ୍ରଜକିଶୋର ନାୟକ, ହରିଭଲ୍ଲଭ ଦାଶ,ରମାକାନ୍ତ ସାହୁ, ଦିଲ୍ଲୀପ ବିଶ୍ୱାଳ, ଗୌରହରି ସାମଲ, ବିଭୂତି ପଟ୍ଟନାୟକ, ଶିଶିର ମହାନ୍ତି, ଦିଲ୍ଲୀପ ଲେଙ୍କା, କୈଳାଶ ସିଂହ ପ୍ରମୁଖ ଦାବିପତ୍ର ଦେବାବେଳେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଓଡ଼ିଶା ଭାସ୍କର

ସମ୍ପାଦକୀୟ



"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



### ସଡ଼କ ଦୁର୍ଘଟଣାର ଅବାରିତ ଧାରା

# ରାଜପଥରେ ଗଡୁଛି ମୁଣ୍ଡ ପରେ ମୁଣ୍ଡ

ଗତ ଜାନୁଆରୀ ପହିଲା ନବବର୍ଷରୁ ସାରା ରାଜ୍ୟରେ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ବ୍ୟାପକ ସଚେତନତା ସୃଷ୍ଟି ସହ ଅମାନିଆ ଗାଡ଼ି ଚାଳକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ମାତ୍ର ଗୋଟିଏ ପଟେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଥିବାବେଳେ ଅନ୍ୟପଟେ ଦୁର୍ଘଟଣାର ହାର ଦ୍ରୁତ ଗତିରେ ବଢ଼ିଚାଲିଥିବାର ଲକ୍ଷ୍ୟ କରାଯାଉଛି। ଖୋଦ୍ ରାଜ୍ୟର ରାଜଧାନୀ ଭୁବନେଶ୍ୱର ଏ କ୍ଷେତ୍ରରେ ଆଗୁଆ ରହିବା ସହିତ ଏଠାରେ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ ସ୍ତରରେ ପହଞ୍ଚିଛି। ଗତ ୧୮ ଦିନ ମଧ୍ୟରେ ରାଜଧାନୀରେ ୯ ରୁ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବାର ଜଣାପଡିଛି। ଏହି ପୃଷ୍ଠଭୂମିରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ବରିଷ୍ଠ ମନ୍ତ୍ରୀ ତଥା କ୍ଷମତାସୀନ ବିଜେପିର ଜଣେ ଆଗଧାଡ଼ିର ନେତା ନୀତିନ୍ ଗଡ଼କରୀ ନିକଟରେ ଲୋକସଭାରେ ଦେଇଥିବା ଏକ ମନ୍ତବ୍ୟ ବିଶେଷ ପ୍ରଣିଧାନଯୋଗ୍ୟ ମନେହେଉଛି। ଦେଶରେ ସଡ଼କ ଦୁର୍ଘଟଣା ସଂଖ୍ୟା ଯେପରି ହୁ ହୁ ହୋଇ ବଢ଼ିଚାଲିଛି, ତାକୁ ରୋକିବାରେ ମନ୍ତ୍ରୀଙ୍କ ଅସହାୟତା ତାଙ୍କ ମନ୍ତବ୍ୟରୁ ସ୍ପଷ୍ଟ ବାରି ହୋଇପଡିଥିଲା। ଗୃହର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଏକ ପ୍ରଶ୍ନର ଉତ୍ତର ଦେବା ସମୟରେ ଗଡ଼କରୀ ସ୍ୱୀକାର କରିଥିଲେ ଯେ, ସଡ଼କ ଦୁର୍ଘଟଣା କ୍ଷେତ୍ରରେ ସାରା ବିଶ୍ୱରେ ଭାରତର ସ୍ଥିତି ସବୁଠାରୁ ଖରାପ। ଅନ୍ୟଅର୍ଥରେ ବିଶ୍ୱର ସର୍ବାଧିକ ସଡ଼କ ଦୁର୍ଘଟଣା ଭାରତରେ ହିଁ ହୋଇଥାଏ ଓ ଏଥିରେ ଭାରତ ରେକର୍ଡ ସୃଷ୍ଟି କରିଛି। ମନ୍ତ୍ରୀ କ୍ଷୋଭଭରା କଣ୍ଠରେ ଆହୁରି କହିଥିଲେ, "ସଡ଼କ ପରିବହନ ବିଭାଗର ମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିବା ପରେ ଦୁର୍ଘଟଣା ସଂଖ୍ୟା ୫୦ ପ୍ରତିଶତ କମାଇବାକୁ ମୁଁ ପ୍ରତିଶ୍ରୁତି ଦେଇଥିଲି। ମାତ୍ର ସେହି ପ୍ରତିଶ୍ରୁତି ପାଳନରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବରଂ ଦିନକୁ ଦିନ ଅବସ୍ଥା ଆହୁରି ଖରାପ ହୋଇପଡୁଛି, ଦୁର୍ଘଟଣା ସଂଖ୍ୟା ବଢ଼ିବଢ଼ି ଚାଲିଛି। ବାସ୍ତବିକ୍ ଏହା ଅତ୍ୟନ୍ତ ଚିନ୍ତାଜନକ।" ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଗଡ଼କରୀ କିଛିବର୍ଷ ପୂର୍ବେ ପରିବାର ସହ ଯାଉଥିବା ବେଳେ କିପରି ବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ତାହା ସ୍ମରଣ କରିଥିଲେ। ସୁଇଡେନ୍ ଭଳି ଦେଶ ସଡ଼କ ଦୁର୍ଘଟଣା ହାର ଶୂନକୁ ଆଣିପାରିଛି, ଅର୍ଥାତ୍ ସେଠାରେ ଗୋଟିଏ ହେଲେ ଦୁର୍ଘଟଣା ଘଟୁନାହିଁ। ଆହୁରି ଅନେକ ଦେଶ ଦୁର୍ଘଟଣା ସଂଖ୍ୟା ହ୍ରାସ କରିଥିବା ବେଳେ ଆମ ଦେଶରେ ଏହି ସଂଖ୍ୟା ବୃଦ୍ଧି ପାଇବା ଲଜ୍ଜାକର ବୋଲି ସେ କହିଥିଲେ। କୌଣସି ବିଶ୍ୱ ସମ୍ମିଳନୀରେ ସଡ଼କ ଦୁର୍ଘଟଣା ପ୍ରସଙ୍ଗରେ ଆଲୋଚନା ହେଲେ ମୁଁ ନିଜ ମୁହଁ ଲୁଚାଇବାକୁ ଉଦ୍ୟମ କରେ ବୋଲି ଗଡ଼କରୀ ପ୍ରକାଶ କରିଥିଲେ। ଦୁର୍ଘଟଣା କମାଇବା ପାଇଁ ମନୁଷ୍ୟର ବ୍ୟବହାରରେ ପରିବର୍ତ୍ତନ, ସମାଜରେ ପରିବର୍ତ୍ତନ ଓ ଆଇନକୁ ସମ୍ମାନ ଦେବା ଏକାନ୍ତ ଜରୁରି ବୋଲି ସେ ମତ ରଖିଥିଲେ। ଆମ ଦେଶରେ ସଡ଼କ ଦୁର୍ଘଟଣା ବଢ଼ିବାର ବିଭିନ୍ନ କାରଣ ଦର୍ଶାଇ ଗଡ଼କରୀ କହିଥିଲେ ଯେ, ରାଜପଥ ପାର୍ଶ୍ୱରେ ଟ୍ରକ୍‌ଗୁଡ଼ିକର ତ୍ରୁଟିପୂର୍ଣ୍ଣ ପାର୍କିଂ ଓ ଶୃଙ୍ଖଳାର ଅଭାବ ଏଥିପାଇଁ ମୁଖ୍ୟତଃ ଦାୟୀ। ଅନେକ ଟ୍ରକ୍ ଲେନ୍ ନିୟମକୁ ଆଦୌ ପାଳନ କରୁନାହାନ୍ତି। ଏଥିସହିତ ଆନ୍ତର୍ଜାତୀୟ ମାନ ଅନୁଯାୟୀ ଟ୍ରକ୍‌ଗୁଡ଼ିକର ବଡି ଡିଜାଇନ୍ ପ୍ରସ୍ତୁତ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସେହିପରି ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ବସ୍‌ଗୁଡ଼ିକର ଝରକା ପାଖରେ ହାତୁଡିଟିଏ ରଖିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। କାରଣ ଦୁର୍ଘଟଣା ଘଟିବା ମାତ୍ରେ ଯାତ୍ରୀମାନେ ହାତୁଡ଼ି ଦ୍ୱାରା ଝରକା କାଚ ଭାଙ୍ଗି ବାହାରି ଆସିପାରିବେ। ସରକାରୀ ତଥ୍ୟ ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣାରେ ପ୍ରତିବର୍ଷ ୧ ଲକ୍ଷ ୭୮ ହଜାର ଲୋକଙ୍କ ମୃତ୍ୟୁ ଘଟୁଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଯୁବବର୍ଗର, ଯେଉଁମାନଙ୍କ ବୟସ ୧୮ରୁ ୩୪ବର୍ଷ ମଧ୍ୟରେ। ଉତ୍ତର ପ୍ରଦେଶରେ ସର୍ବାଧିକ ୨୩ ହଜାର, ତାମିଲନାଡୁରେ ୧୮ ହଜାର, ମହାରାଷ୍ଟ୍ରରେ ୧୫ ହଜାର ଏବଂ ମଧ୍ୟପ୍ରଦେଶରେ ୧୩ହଜାର ଲୋକଙ୍କ ଜୀବନ ଦୁର୍ଘଟଣା ଯୋଗୁଁ ଅକାଳରେ ଚାଲିଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସେହିପରି ଦେଶର ସହରଗୁଡ଼ିକ ମଧ୍ୟରେ ରାଜଧାନୀ ଦିଲ୍ଲୀରେ ସର୍ବାଧିକ ୧୪୦୦ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ଦକ୍ଷିଣ ଭାରତର ବେଙ୍ଗାଲୁରୁ ଏ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଛି ଏବଂ ଏଠାରେ ୯୦୦ ଲୋକଙ୍କ ମୃତ୍ୟୁ ଘଟିଛି। ସଡ଼କ ପରିବହନ ମନ୍ତ୍ରୀଙ୍କ ଏଭଳି ସ୍ପଷ୍ଟ ସ୍ୱୀକାରୋକ୍ତି ଓ କ୍ଷୋଭଭରା ବୟାନକୁ ହାଲୁକା ଭାବରେ ବିଚାର କରାଯାଇନପାରେ। ସଡ଼କ ଦୁର୍ଘଟଣା ରୋକିବା କେବଳ ଆଇନ୍ ଦ୍ୱାରା ସମ୍ଭବ ନୁହେଁ, ଏଥିପାଇଁ ବ୍ୟାପକ ଜନସଚେତନତା ସୃଷ୍ଟିର ଜରୁରି ଆବଶ୍ୟକତା ରହିଛି।

# ଜନତାଙ୍କ ନୀତି ଜାଗରଣର ନେତା: 'ନେତାଜୀ'



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ୟୁନିଟ – ୪, ଭୁବନେଶ୍ୱର
ମୋ:୯୯୩୭୩୪୫୯୦୦

ଭାରତର ମୁକ୍ତି ସଂଗ୍ରାମର ଅନ୍ୟତମ ପୁରୋଧା, ନୀତିନିଷ୍ଠ, କର୍ମଠ ଓ ଆଦର୍ଶ ପୁରୁଷ ହେଉଛନ୍ତି ନେତାଜୀ ସୁବାଷ ଚନ୍ଦ୍ର ବୋଷ । ଶ୍ରଦ୍ଧା ଓ ଆଦରରେ ସମସ୍ତଙ୍କର ପରିଚିତ 'ନେତାଜୀ' । ସେ ଏପରି ନେତା ଥିଲେ ଯାହାଙ୍କର ଆଦର୍ଶ ଥିଲା ନୈତିକ ମୂଲ୍ୟବୋଧ, ଆଧାତ୍ମିକ ଚେତନା ଓ ଶୃଙ୍ଖଳାଗତ ନିଷ୍ପତ୍ତି । ନୀତି ଥିଲା ତାଙ୍କ ପରିଚୟ ଓ ପରିବାରର ଆଦର୍ଶ । ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ଗୁରୁ ବେଣୀ ମାଧବ ଦାସ, ଅରବିନ୍ଦ ଘୋଷ, ସାର ପିସି ରାୟ, ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ, ବାଲ ଗଙ୍ଗାଧର ତିଲକ ତଥା ବାପା ଜାନକୀ ନାଥ ବୋଷଙ୍କ ଆଦର୍ଶ ଥିଲା ତାଙ୍କ ଜୀବନର ଆଧାର । ଜାନକୀ ନାଥ ବୋଷଙ୍କର ୧୪ ଗୋଟି ସନ୍ତାନସନ୍ତତିଙ୍କ ମଧ୍ୟରୁ ନେତାଜୀ ହେଉଛନ୍ତି ନବମ ସନ୍ତାନ ଓ ଜାନୁୟାରୀ ୨୩ ତାରିଖ ୧୮୯୭ ମସିହାରେ ଓଡିଶାର କଟକ ଠାରେ ଜନ୍ମ ଲାଭ କରିଥିଲେ । ଭାରତରେ ନୀତିଜାଗରଣର ନେତାଜୀ ହେଉଛନ୍ତି ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ । ନୀତିର ପୂଜାରୀ ନେତାଜୀ ନିଜର ନୀତି ଓ ଆଦର୍ଶକୁ କେବେ ସାଲିସ କରି ନଥିଲେ । ନୀତିର ଇଚ୍ଛା ଶକ୍ତି ଆଗରେ କ୍ଷମତାର ପ୍ରଭାବ ନଥାଏ ବୋଲି ନେତାଜୀଙ୍କର ମତ ଥିଲା । ଉକ୍ତ ସମୟରେ ଭାରତୀୟଙ୍କ ଠାରେ ସର୍ବଶ୍ରେଷ୍ଠ ଉଚ୍ଚତର ଯୋଗ୍ୟତା ଥିଲେ ମଧ ବୃତ୍ତି ପରୀକ୍ଷାରୁ ବଞ୍ଚିତ କରାଯାଉଥିଲା, ଯାହା ନେତାଜୀଙ୍କ ହୃଦୟରେ ଏକ ଆଦର୍ଶଗତ ନୀତିର ଗମ୍ଭୀର ଜୁଆର ଆସିଥିଲା । ଇଂରେଜ ମାନଙ୍କର ବିବାଦୀୟ ଓ ବିଭେଦ ନୀତିରେ ଅତିଷ୍ଠ ହୋଇ ନେତାଜୀ ବାପଟିଷ୍ଟ ମିଶନ ସ୍କୁଲ ପରିତ୍ୟାଗ କରି ୧୯୦୯ ମସିହାରୁ ରେଭେନ୍ସା କଲେଜିଏଟ ସ୍କୁଲରେ ଚାରି ବର୍ଷ ବିଦ୍ୟା ଅଧ୍ୟୟନ କରି, ଉଚ୍ଚତର ଶିକ୍ଷା ପାଇଁ କଲିକତା ଅଭିମୁଖେ ଯାତ୍ରା କରିଥିଲେ । ଉକ୍ତ ଚାରି ବର୍ଷ ମଧ୍ୟରେ ସେ ରେଭେନ୍ସା କଲେଜିଏଟ ସ୍କୁଲର ପ୍ରଧାନ ଶିକ୍ଷକ ବାବୁ ବେଣୀ ମାଧବ ଦାସଙ୍କର ଆଦର୍ଶରେ ନେତାଜୀ ଏକ ନିର୍ଭୀକ, ନୀତିବାନ ତଥା ମାନବିକ ମୂଲ୍ୟବୋଧର ସଜ୍ଞାକୁ ଉପଲବ୍ଧି କରିଥିଲେ । ସେଇଦିନରୁ ନେତାଜୀଙ୍କ ମନରେ ଦେଶ ଓ ଜାତି ପାଇଁ ନୀତିବାନ ହୋଇ ସେବା କରିବା ଓ ଆଦର୍ଶଗତ ନୀତିରେ ଭାରତକୁ ସ୍ୱାଧୀନ କରିବାର ସ୍ୱପ୍ନ ଦେଖିଥିଲେ ।

୧୯୧୩ ମସିହାରେ ନେତାଜୀ ଯେତେବେଳେ କଲିକତାର ପ୍ରେସିଡେନ୍ସି କଲେଜରେ ଅଧ୍ୟୟନ କଲେ, ସେ ନିଜକୁ ଏକ ଆତ୍ମ ସଂଯମୀ ସେବକ ଭାବରେ ନିଜକୁ ଗଢି ତୋଳିଥିଲେ । ପାଠ ପଢା ସହିତ ନେତାଜୀ ଦରିଦ୍ର ମାନଙ୍କୁ ସେବା କରିବା, ଦୁଃସ୍ଥ, ଅକର୍ମଣ୍ୟ ଓ ନିଃସ୍ୱ ଲୋକମାନଙ୍କୁ ସାହାଯ୍ୟ କରିବା ଭଳି ମହତ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ, କାରଣ ନେତାଜୀଙ୍କ ମତ ଥିଲା ଭାରତରେ ସ୍ୱାଧିନତାର ଅର୍ଥ, ଆବଶ୍ୟକୀୟ ସାମାଜିକ ସେବା ସହ ସମସ୍ତ ବର୍ଗର ଲୋକଙ୍କୁ ସାଥିରେ ନେଇ ସଂଗ୍ରାମ କରିବା । ନେତାଜୀ ଶ୍ରୀ ଅରବିନ୍ଦଙ୍କ ଦର୍ଶନ ଶାସ୍ତ୍ରକୁ ଅଧ୍ୟୟନ କରି କର୍ମରେ ତାହାର ପରାକାଷ୍ଠା ଦେଖାଉଥିଲେ । କଲିକତାରେ ଅଧ୍ୟୟନ ସମୟରେ ଏକଦା ବ୍ରିଟିଶ ପ୍ରଫେସର ଇ ଏଫ ଓଟେନ ଅତି ନିର୍ମମ ଭାବରେ କିଛି ପିଲାଙ୍କୁ ଆଘାତ କରିଥିଲେ ଯାହାର ଉଦ୍ଦେଶ୍ୟ ଥିଲା ବିଭେଦାତ୍ମକ ଚିନ୍ତାଧାରା । ଉକ୍ତ ସ୍ଥିତିକୁ ଉପଯୁକ୍ତ ନ୍ୟାୟ ଦେବାପାଇଁ ନେତାଜୀ ସମସ୍ତ ପ୍ରକାର ଉଦ୍ୟମ କରିବା ସତ୍ତ୍ୱେ ନୀତି ଓ ଆଦର୍ଶରେ ନ୍ୟାୟ ଦେବା ପାଇଁ ସେ ଅନ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଏକଜୁଟ କରିଥିଲେ । ମାତ୍ର ପରିଶେଷରେ ତାଙ୍କୁ ଉକ୍ତ କଲେଜରୁ ନିବୃତ୍ତ ହେବାକୁ ପଡିଥିଲା, ମାତ୍ର ସେଥିପ୍ରତି ଦୃଢମନା ନେତାଜୀ ଭ୍ରୂକ୍ଷେପ ନକରି ପରବର୍ତ୍ତୀ ସମୟରେ ସ୍କଟିଶ ଚର୍ଚ୍ଚ କଲେଜରୁ ଦର୍ଶନ ଶାସ୍ତ୍ରରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇ ଉଚ୍ଚତର ଶିକ୍ଷା ପାଇଁ ତଥା ବାପାଙ୍କର ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ୧୯୧୯ ମସିହାରେ ବ୍ରିଟେନ ଅଭିମୁଖେ ଅଗ୍ରସର ହୋଇଥିଲେ ଆଇ ସି ଏସ ପଢି ସୁନାମ ଅର୍ଜନ କରିବା ପାଇଁ । ୧୯୧୭ ମସିହାର ରୁଷିଆରେ ବଲସେଭିକ ଆନ୍ଦୋଳନ, ଜର୍ମାନୀର ଏକତ୍ରୀକରଣ ଆନ୍ଦୋଳନ ଓ ଇଟାଲୀର ପୁନରୁତ୍ଥାନ ଆନ୍ଦୋଳନ ନେତାଜୀଙ୍କ ହୃଦୟରେ ଭାରତର ମୁକ୍ତି ସଂଗ୍ରାମର ଧ୍ୱନି ଦେଉଥିଲା, ତେଣୁ ଆଇ ସି ଏସ ପରୀକ୍ଷାରେ ଦକ୍ଷତାର ସହ ଉତ୍ତୀର୍ଣ୍ଣ ହୋଇ ମଧ, ବ୍ରିଟିଶ ମାନଙ୍କର ସେବା ନକରି ଭାରତୀୟମାନଙ୍କର ସେବା କରିବା ପାଇଁ ସଂକଳ୍ପ ନେଇଥିଲେ । ୧୯୧୯ ମସିହାରେ ଭାରତରେ ଘଟିଥିବା ଜାଲିଓ୍ୱାନାଓ୍ୱାଲାବାଗ ଗଣ ସଂହାର ନେତାଜୀଙ୍କ ହୃଦୟରେ ଗଭୀର ରେଖାପାତ କରିଥିଲା, ତେଣୁ ସେ ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ପରିତ୍ୟାଗ କରି ୧୯୨୧ ମସିହାରେ ଭାରତକୁ ପ୍ରତ୍ୟାବର୍ତ୍ତନ କରି ଭାରତର ମୁକ୍ତି ସଂଗ୍ରାମରେ ନିଜକୁ ସାମିଲ କଲେ ।

ଭାରତକୁ ପ୍ରତ୍ୟାବର୍ତ୍ତନ କରି ନେତାଜୀ ମହାତ୍ମା ଗାନ୍ଧୀ ଓ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତର ମୁକ୍ତି ସଂଗ୍ରାମରେ ନିଜକୁ ଉତ୍ସର୍ଗ କରିଥିଲେ । ମାତ୍ର ନୀତିନିଷ୍ଠ ନେତାଜୀ କେବେହେଲେ ନିଜର ନୀତିକୁ ସାଲିସ କରି ନଥିଲେ । ୧୯୨୮ ମସିହାରେ ମୋତିଲାଲ ନେହେରୁ କମିଟି ଭାରତରେ ଡୋମିନିଅନ ଷ୍ଟେଟସ ଘୋଷଣା କରିଥିଲେ ଯାହାକୁ ନେତାଜୀ ଘୋର ବିରୋଧ କରିଥିଲେ । ନେତାଜୀଙ୍କର ନୀତି ଥିଲା ପୂର୍ଣ୍ଣ ସ୍ୱାଧିନତା । ମାତ୍ର ତାଙ୍କର ମତଭେଦ ହେତୁ ସେ 'ଇଣ୍ଡିପେଣ୍ଡେଣ୍ଟ ଲିଗ' ନାମକ ଏକ ସଂଗଠନ ଭାରତର ସ୍ୱାଧୀନତା ନିମନ୍ତେ ଗଠନ କରିଥିଲେ । ୧୯୩୦-୩୧ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ସ୍ଥଗିତାଦେଶ ଓ ଗାନ୍ଧୀ ଇରୱିନ ଚୁକ୍ତିନାମାକୁ ସେ ତୀବ୍ର ବିରୋଧ କରିଥିଲେ କାରଣ ଉକ୍ତ ସମୟରେ ହିଁ ଇଂରେଜ ମାନେ ଭଗତ ସିଂ ଓ ତାଙ୍କର ସାଥି ମାନଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇଥିଲେ । ଉକ୍ତ ଘଟଣା ନେତାଜୀଙ୍କୁ ଅତ୍ୟନ୍ତ ଆଘାତ ଦେଇଥିଲା ଓ ସେ ଏହାର ଦୃଢ ବିରୋଧ କରିଥିବାରୁ ପୁନର୍ବାର ସେ ବେଙ୍ଗଲ ରେଗୁଲେଶନ ଆକ୍ଟ ଦ୍ୱାରା କାରାବରଣ କଲେ ଓ ୧୯୩୮ ମସିହାରେ କଂଗ୍ରେସର ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କର ସଭାପତିତ୍ୱରେ ୧୯୩୮ ମସିହାରେ ଜାତୀୟ ଯୋଜନା କମିଟି ଗଠନ ହୋଇଥିଲା ଓ ଏହା ଥିଲା ଏକ ନୀତି ଓ ଆଦର୍ଶ ଯୋଜନା ଓ ଉନ୍ନତି ଯାହା ୧୯୩୯ ମସିହାରେ ମହାତ୍ମା ଗାନ୍ଧୀଙ୍କ ବିରୋଧ ସତ୍ତ୍ୱେ କଂଗ୍ରେସରେ ପୁନର୍ବାର ସଭାପତି ଦାୟୀତ୍ୱ ଅଳଙ୍କୃତ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟାର ଅୟମାରମ୍ଭରେ ନେତାଜୀ ଇଂରେଜ ସରକାରଙ୍କୁ ଏକ ଚରମ ଚେତାବନୀ ଦେଇଥିଲେ ଯେ ଛଅ ମାସ ମଧ୍ୟରେ ଇଂରେଜ ମାନେ ଭାରତକୁ ଭାରତୀୟଙ୍କୁ ପ୍ରଦାନ କରି ନିଜ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରନ୍ତୁ, ନଚେତ ଏକ ବୃହତ ଗଣ ସଂଗ୍ରାମର ସଙ୍କେତ ନେତାଜୀ ଇଂରେଜ ମାନଙ୍କୁ ଦେଇଥିଲେ । ମାତ୍ର ଉକ୍ତ ଚରମ ବାଣୀ ଓ ଦୃଢ ନୀତିକୁ କେତେକ କଂଗ୍ରେସ ନେତା ବିରୋଧ କରିବାରୁ ନେତାଜୀ କଂଗ୍ରେସର ସଭାପତି ପଦରୁ ଇସ୍ତଫା ଦେଇ ଏକ ପ୍ରଗତିଶୀଳ ସଙ୍ଗଠନ କରିଥିଲେ ଯାହାର ନାମ ଥିଲା 'ଫରଓ୍ୱାର୍ଡ ବ୍ଲକ' ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବଧି ମଧ୍ୟରେ ୧୯୪୧ ମସିହାରେ ନେତାଜୀ ଜର୍ମାନୀରେ ଅବତରଣ କରି 'ଜଣେ ଶତ୍ରୁର ଶତ୍ରୁ ଏକ ଉତ୍ତମ ବନ୍ଧୁ' ର ନୀତିକୁ ଆଧାର କରି ଭାରତର ମୁକ୍ତି ସଂଗ୍ରାମରେ ଜର୍ମାନୀର ସହଯୋଗ ଲୋଡିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ କାରାବରଣ କରିଥିବା ଭାରତୀୟ ନାଗରିକ ଓ ସହକର୍ମୀ ମାନଙ୍କୁ ନେଇ ସେ 'ଆଜଦ ହିନ୍ଦ ଫୌଜ' ନାମକ ଏକ ଜାତୀୟ ସୁରକ୍ଷା ବାହିନୀ ଗଠନ କରିଥିଲେ । ପୂର୍ବ ଏସିଆର ଜନସାଧାରଣ ଓ ଆର୍ମୀ ମାନଙ୍କ ଦ୍ୱାରା ସେ 'ନେତାଜୀ' ନାମରେ ପରିଚିତ ହେଲେ । ଉକ୍ତ ବାହିନୀ ଭାରତର ମୁକ୍ତି ସଂଗ୍ରାମକୁ ପାଥେୟ କରି ପ୍ରଥମେ ଆଣ୍ଡାମାନ ଓ ନିକୋବର ଦ୍ୱିପକୁ ମୁକ୍ତ କରିଥିଲା । ୧୯୪୪ ମସିହା ମାର୍ଚ୍ଚ ୧୮ ତାରିଖରେ ନେତାଜୀଙ୍କ ଆଜାଦ ହିନ୍ଦ ଫୌଜ ଭାରତ ମାଟିକୁ ସ୍ପର୍ଶ କରିଥିଲା, ମାତ୍ର ବିଡମ୍ବନାର ବିଷୟ ଥିଲା ଯେ ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଜାପାନ ଓ ଜର୍ମାନୀର ପରାସ୍ତ ହେତୁ ନେତାଜୀଙ୍କ ବାହିନୀକୁ ପଛକୁ ଫେରିବାକୁ ପଡିଥିଲା ।

ନେତାଜୀଙ୍କର ନୀତି ଓ ଆଦର୍ଶ ତଥା ଦେଶ ପ୍ରେମ ଆଗରେ ସମସ୍ତ ଭାରତୀୟ ନତମସ୍ତକ । ଏପରିକି ନେତାଜୀଙ୍କ ରାଜନୈତିକ ମତପାର୍ଥକ୍ୟ ବିରୋଧୀ ମହାତ୍ମା ଗାନ୍ଧୀ ମଧ୍ୟ କହିଥିଲେ ଯେ ନେତାଜୀଙ୍କର ଦେଶ ପ୍ରେମ ହେଉଛି ଅଦ୍ୱିତୀୟ । ତେଣୁ ତାଙ୍କୁ ଦେଶ ପ୍ରେମୀ ମାନଙ୍କର ରାଜ ଯୁବକ ବୋଲି କୁହାଯାଏ । ତାଙ୍କର ଆଦରର ସ୍ଲୋଗାନ 'ମୋତେ ରକ୍ତ ଦିଅ ଓ ମୁଁ ତୁମକୁ ସ୍ୱାଧୀନତା ଦେବି' ଓ 'ଜୟ ହିନ୍ଦ' ର ହୁଙ୍କାରରୁ ପ୍ରତିୟମାନ ହୁଏ ଯେ ସେ କେତେ ନୀତି ନିଷ୍ଠ ଦେଶପ୍ରେମୀ । ନୀତି ଆଦର୍ଶରେ ସାଲିସ କରୁନଥିବା ବ୍ୟକ୍ତିତ୍ୱକୁ ସେଥିପାଇଁ ରବୀନ୍ଦ୍ରନାଥ ଟେଗୋର 'ନେତାଜୀ' ବୋଲି କହୁଥିଲେ । ସ୍ୱାଭିମାନ ଓ ନୀତିକୁ ସମ୍ମାନ ଦେଇ ସେ ୧୯୨୧ ରୁ ୧୯୪୧ ମସିହା ମଧ୍ୟରେ ଭାରତର ସ୍ୱାଧୀନତା ପାଇଁ ଏଗାର ଥର କାରାବରଣ କରିଥିଲେ ମାତ୍ର ସେଥିପ୍ରତି ନେତାଜୀ ଭ୍ରୂକ୍ଷେପ କରି ନଥିଲେ । ନେତାଜୀ ଶ୍ରୀମଦ ଭଗବତ ଗୀତା ଓ ସ୍ୱାମୀବିବେକାନନ୍ଦଙ୍କୁ ଯଥେଷ୍ଟ ସମ୍ମାନ ଦେଉଥିଲେ ଓ ନୀତି ଆଦର୍ଶର ପ୍ରେରଣା ପାଇ ତାହା କାର୍ଯ୍ୟରେ ପ୍ରତିଫଳିତ କରୁଥିଲେ । ନେତାଜୀଙ୍କ ପାଇଁ ପଦ ପଦବୀ, କ୍ଷମତା, ପ୍ରତିଷ୍ଠା ଓ ସମ୍ମାନ ଥିଲା ଅତ୍ୟନ୍ତ ତୁଚ୍ଛ ବ୍ୟବସ୍ଥା । ସେ ଥିଲେ ସ୍ୱଭିମାନୀ, ଆତ୍ମ ସମ୍ମାନ, ନୀତି ଓ ଆଦର୍ଶର ପୂଜାରୀ । ସ୍ୱାର୍ଥ ପାଇଁ ନତମସ୍ତକକୁ ସେ ଘୃଣା କରୁଥିଲେ । ତାଙ୍କ ପାଇଁ ବଞ୍ଚିବାର ମାନେ ଥିଲା ନିର୍ଭୀକତାର ସହ ଆତ୍ମ ମର୍ଯ୍ୟାଦାର ସହ ବଞ୍ଚିବା। ସେଥିପାଇଁ ତାଙ୍କର ଜନ୍ମ ଦିନକୁ 'ଦେଶପ୍ରେମ ଦିବସ' ଭାବରେ ପାଳନ କରାଯାଏ । 'ବିଜୟ ବିଶ୍ୱ ତ୍ରିରଙ୍ଗା ପ୍ୟାରା, ଝଣ୍ଡା ଉଚ୍ଚା ରହେ ହମାରା' ଥିଲା ନେତାଜୀଙ୍କର ଦେଶପ୍ରେମର ସନ୍ଦେଶ । ବାସ୍ତବିକ ଏ ମାଟିର ସନ୍ତାନ ଚିରଦିନ ପାଇଁ ଜନତାର ନେତା 'ନେତାଜୀ'ଙ୍କ ଠାରୁ କେବଳ ଶିକ୍ଷା ପାଉଥାଉ ଯେ ସେ ହେଉଛନ୍ତି ନୀତିର ନେତା : ନେତାଜୀ ।

# ସୀମାନ୍ତ ଗାନ୍ଧୀ



ଡକ୍ଟର ତପନ କୁମାର ପାଳ
ଦେଉଳ ସାହି, ତୁଳସୀପୁର, କଟକ

ଭାରତୀୟ ନ ହୋଇ ମଧ୍ୟ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନ ଲାଭ କରିଥିବା ପ୍ରଥମ ବିଦେଶୀ ହେଉଛନ୍ତି ଖାନ ଅବ୍ଦୁଲ ଗଫର ଖାନ। ୧୯୮୭ରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ପରେ ୧୯୯୦ରେ ଭାରତ ରତ୍ନ ପାଇଥିଲେ ଆଉ ଜଣେ ବିଦେଶୀ ନେଲ୍‌ସନ୍ ମଣ୍ଡେଲା। ଉଲ୍ଲେଖଯୋଗ୍ୟ ଯେ, ୧୯୮୦ରେ ମଦର ଟେରେସାଙ୍କୁ ଏହା ପ୍ରଦାନ କରାଯାଇଥିଲେ ହେଁ ଏହାର ବହୁ ପୂର୍ବରୁ ସେ ଭାରତର ନାଗରିକତ୍ୱ ପାଇସାରିଥିଲେ। ଗଫର ଖାନ ଏକାଧିକ ନାମରେ ପରିଚିତ ବଚ୍ଚା ଖାନ, ପାଶା ଖାନ, ବାଦଶାହ ଖାନ। ତାଙ୍କୁ ସୀମାନ୍ତ ଗାନ୍ଧୀ ମଧ୍ୟ କୁହାଯାଏ। ସେ ସାରା ଜୀବନ ଅହିଂସାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। ସେ ଥିଲେ ସଚ୍ଚୋଟ ମୁସଲମାନ। ମହାତ୍ମାଙ୍କ ସହ ତାଙ୍କର ଅନ୍ତରଙ୍ଗ ବନ୍ଧୁତା ଥିଲା। ଭାରତୀୟ ମୁକ୍ତି ସଂଗ୍ରାମର ଏହି ମହାନ୍ ମୁକ୍ତି ଯୋଦ୍ଧା ୧୯୨୯ରେ ଖୁଦାଇ ଖିଦମତଗାର ନାମକ ରାଜନୈତିକ ଦଳ ଗଠନ କରିଥିଲେ। ଅଖିଳ ଭାରତ ମୁସଲିମ୍ ଲିଗ୍ ଯେତେବେଳେ ଭାରତ ବିଭାଜନ ପାଇଁ ଦାବି କରିଥିଲା, ସର୍ବପ୍ରଥମେ ବିରୋଧ କରିଥିଲେ ଏହି ମୁସଲମାନ ନେତା। ଆଉ ଯେତେବେଳେ ଭାରତୀୟ ଜାତୀୟ କଂଗ୍ରେସ ବିଭାଜନକୁ ସମର୍ଥନ ଦେଲା, ହତାଶ ହୋଇ ଗଫର ଖାନ କଂଗ୍ରେସ ନେତୃବୃନ୍ଦଙ୍କୁ କହିଥିଲେ, ତୁମ୍ଭେମାନେ ଆମକୁ ଗଧିଆ ପଲଙ୍କ ମଧ୍ୟରେ ଠେଲିଦେଲ।' ବିଭାଜନ ପରେ ସେ ପାକିସ୍ତାନରେ ରହିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ସ୍ୱୟଂ ଶାସିତ ପକ୍ତୁନିସ୍ତାନ ଗଠନ ପାଇଁ ଦାବି କରିଥିଲେ ହେଁ ପାକିସ୍ତାନ ସରକାର ତାଙ୍କୁ ବାରମ୍ବାର ଅକାରଣରେ ଗିରଫ କରାଯାଉଥିଲା ଏବଂ ଲମ୍ବା ସମୟ କାରାଗାରରେ ଅଟକ ରଖାଯାଉଥିଲା। ପେଶାଓ୍ୱାରରେ ଗୃହ ବନ୍ଦୀ ଥିବାବେଳେ ହିଁ ତାଙ୍କର ଦେହାନ୍ତ ହୋଇଥିଲା।

ଅଫଗାନିସ୍ତାନଅନ୍ତର୍ଗତ ଜଲାଲାବାଦସ୍ଥିତ ନିଜର ପୈତୃକ ଘରେ କବର ପାଇବା ଥିଲା ତାଙ୍କର ଶେଷ ଇଚ୍ଛା। ଏହାକୁ ସମ୍ମାନ ଜଣାଇ ଦଶ ହଜାରରୁ ଅଧିକ ପ୍ରଶଂସକ ଓ ଅନୁଗାମୀ ତାଙ୍କ ଶବାଧାର ସହ ଖାଇବାର ପାସ ଦେଇ ଚାଲି ଚାଲି ପେଶାଓ୍ୱାରରୁ ଜଲାଲାବାଦ ଯାଇଥିଲେ। ଉକ୍ତ ମହାଯାତ୍ରାକୁ ବିରୋଧୀମାନେ ସଫଳ କରାଇ ନଦେବା ପାଇଁ ଦୁଇ ଦୁଇଟି ବିସ୍ଫୋରଣ ଘଟାଇଥିଲେ। ପନ୍ଦର ଜଣଙ୍କ ମୃତ୍ୟୁ ଘଟିବା ସତ୍ତ୍ୱେ ମହାଯାତ୍ରା ଅଟକି ନଥିଲା। ସେତେବେଳେ ଆଫଗାନିସ୍ତାନରେ ମୁଜହୀଦ୍ଦୀନମାନେ ସୋଭିଏତ୍ ସେନା ସହ ଲଢୁଥାନ୍ତି। ଗଫର ଖାନଙ୍କ ମର ଶରୀରକୁ ଯିବାକୁ ଦେବା ପାଇଁ ୧୮୯୦ରେ ପେଶଓ୍ୱାର ଉପତ୍ୟକାରେ ଏକ ସଂଭ୍ରାନ୍ତ ପରିବାରରେ ସେ ଜନ୍ମ ହୋଇଥିଲେ। ଉଚ୍ଚ ଶିକ୍ଷା ଲାଭ ପୂର୍ବରୁ ବ୍ରିଟିସ୍ ସେନାରେ ଅଫିସର ଭାବେ ଯୋଗଦେବା ପାଇଁ ତାଙ୍କୁ ପ୍ରସ୍ତାବ ମିଳିଥିଲେ ହେଁ ସେ ଗ୍ରହଣ ନକରି ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୮୮ ଜାନୁଆରୀ ୨୦ ତାରିଖ ଦିନରେ ତାଙ୍କର ପରଲୋକ ହୋଇଥିଲା।

# ଚକ୍ଷୁରେ ଅନ୍ଧ

ଉତ୍କଳାନନ୍ଦ ଅଜୟ କୁମାର ବେହେରା
ଅରୁଣୋଦୟ ମାର୍କେଟ, କଟକ
ମୋ- ୯୪୩୭୦୩୧୨୫୩

ଚକ୍ଷୁ ଦର୍ଶନେନ୍ଦ୍ରିୟ ଚକ୍ଷୁକୁ ନୟନ ବି କୁହାଯାଏ। ଜଣେ ବିପ୍ର ବାଳକ କୁ ବ୍ରତ କରାଯିବା ସ-ସ୍ୱରରେ ଉପନୟନ ସଞ୍ଚାର କରାଯାଏ। ଅନେକ ଦେବାଦେବୀ ତ୍ରିନୟନ ବିଶିଷ୍ଟ ମୂର୍ତ୍ତିରେ ଶାସ୍ତ୍ର ନିର୍ଦ୍ଦେଶରେ କରାଯାଏ। ଅଗ୍ନିର ବହୁ ସ୍ଥାନ ପ୍ରକଟର ଉଗ୍ର ନେତ୍ରରେ କ୍ରୋଧାଗ୍ନିର ବାସ। ପୁଣି ପ୍ରେମୀ ଯୁଗଳ ବହୁ ଲୋକ ମଧ୍ୟରେ ଆଖିରେ ଆଖିର ଭାଷାରେ କଥା ହୁଅନ୍ତି ଯାହା ସେହି ଦୁଇଜଣ ବୁଝି ପାରନ୍ତି। ଚକ୍ଷୁ ଯାହାର ଅଛି ସେ ଚକ୍ଷୁସ୍ମାନ ମାତ୍ର ବୟସ ବଢ଼ିଲେ ଚାଳିଶା ଧରିଲେ ଦୂରଦୃଷ୍ଟି ଓ ସମ୍ମୁଖ ଦୃଷ୍ଟି ଦୁଇ ପ୍ରକାରର ଚକ୍ଷୁର ଦୃଶ୍ୟ ତେଜ କମିଗଲେ ହୁଏ।

ବସନ୍ତ ରୋଗ ଅନେକ ସମୟ ଜଟିଳ ଆଖା ବସନ୍ତ ଭୋଗିଲେ ଚକ୍ଷୁହରାଇ ଅନ୍ଧ ହୋଇଯାଆନ୍ତି। କେହି ଏକ ଆଖିଆ ବ୍ୟକ୍ତି ବି ଅଛନ୍ତି। ଆମର ଶାସ୍ତ୍ର କହୁଛି ଶୁକ୍ରାଚାର୍ଯ୍ୟ ଓ କୁବେର ଏକ ଆଖିଆ। ଆମର ଲୌକିକ ଭାଷାରେ ଏକ ଆଖିଆଙ୍କୁ କ'ଣ କୁହାଯାଏ। ଦୁଇ ଚକ୍ଷୁର ଶକ୍ତି ଏକ ଆଖିରେ ସଞ୍ଚରଣ ହେଲେ ଏକ ଅଦ୍ଭୁତ ଅନୁଭବ ବ୍ୟକ୍ତିଙ୍କୁ କରାଏ। ଦେଖନ୍ତୁ ଘଣ୍ଟା ମରାମତି ଦୋକାନୀ ଏକ ଆଖିରେ ଘଣ୍ଟାର ସୂକ୍ଷ୍ମ ଯନ୍ତ୍ରକୁ ସଜାଡ଼ିଥାନ୍ତି। କ୍ଲିନିକାଲ ପରୀକ୍ଷାଗାରରେ ଅଣୁବୀକ୍ଷଣ ଯନ୍ତ୍ରରେ ଏକ ଆଖିରେ ହିଁ ଦେଖି ରକ୍ତ, ମଳ, ମୂତ୍ର, କଫ ଆଦି ପରୀକ୍ଷା କରାଯାଏ।

ଚିକିତ୍ସକମାନେ ମନୁଷ୍ୟର ଅଙ୍ଗ ଦୃଷ୍ଟେ ଚକ୍ଷୁ ପାଇଁ ଏକ ଅଲଗା ଚିକିତ୍ସା ବିଧାନ କରିଛନ୍ତି। ଚକ୍ଷୁର ବହୁ ପ୍ରକାର ରୋଗ, ଏଥିରେ ଅନେକ ପ୍ରକାର ଭେଷଜ ଓ ଅସ୍ତ୍ର ଚିକିତ୍ସା ଅଛି। ଚକ୍ଷୁକୁ ଏବେ ଜାନୀୟ ଦ୍ରବ୍ୟରେ ଧରାଗଲାଣି। ଦୁର୍ଘଟଣାରେ ଓ ସ୍ୱାଭାବିକ ମୃତ୍ୟୁ ଲଭିଥିବାର ଲୋକର ଚକ୍ଷୁ ଏବେ ଅନ୍ୟ ଅସାର ଚକ୍ଷୁରେ ଅଦୃଶ୍ୟ ସ୍ତରରେ ଚକ୍ଷୁ ବିଶେଷଜ୍ଞ ଡାକ୍ତରମାନେ କରୁଛନ୍ତି। ଅତିଇନ୍ଦ୍ରିୟ ଶକ୍ତି ଚକ୍ଷୁସ୍ମାନଙ୍କ ଠାରୁ ଏକ ଆଖିଆ ଓ ଅନ୍ଧଙ୍କର ଥାଏ। ଭବିଷ୍ୟତଜ୍ଞାତା ଅଷ୍ଟସିଦ୍ଧି ହାସଲ କରିଥିବା ଲୋକଙ୍କର ବିଶେଷ ଥାଏ ଏମାନେ ଭୂତ ଭବିଷ୍ୟତ ବର୍ତ୍ତମାନ ଘଟଣାର ବ୍ୟକ୍ତିର ପ୍ରଶାସନର କହିପାରନ୍ତି। ଏପରି ଅତିନ୍ଦ୍ରିୟ ଶକ୍ତି ଥିବା ପ୍ରମାଣ ଶାସ୍ତ୍ରରେ ନଜିର ଅଛି। ମାର୍କେଣ୍ଡେୟ ଭୁଷଣ୍ଡିକକ ନାଡୀଜଂଘ ବଗଙ୍କର ରହିଛି। ସିଦ୍ଧଗୁରୁ ମାନଙ୍କର ଏପରି ଶକ୍ତି ରହିଛି। ଲୋକ ଖାଲି ଚକ୍ଷୁରେ ଅନ୍ଧ ହୋଇପାରନ୍ତି। ଏମିତି ନୁହଁ ଯାଦୁଗର ମେଜିସିଆନ ଏପରି ନଜର ବନ୍ଦୀକା ତାମସା ଦେଖାନ୍ତି। ବିଶ୍ୱବିଖ୍ୟାତ ପିସି ସରକାରଙ୍କ ଏପରି ମ୍ୟାଜିକ ଖେଳ ଲୋକଙ୍କୁ ଚମକାଇ ଦେଖାଉଥିଲା। ଲୋକେ ବହୁ ତର ତର ହେଲେ ସମ୍ବିତ ହରାଇ ପାଦରେ ହାତରେ ପାଟିରେ ବ୍ୟବହାରରେ ଅନ୍ଧ ପରି ବ୍ୟବହାର କରନ୍ତି। କାମାନ୍ଧ, କ୍ରୋଧାନ୍ଧ ଅତି ଧନରେ ଅନ୍ଧ ଲୋକ ହୋଇପାରନ୍ତି ଆତଙ୍କରେ ଲୋକ ଚପଲ ଜୋତା ପିନ୍ଧିବାରେ ଭୁଲ କରନ୍ତି ଏମାନେ ପାଦରେ ଅନ୍ଧ।

କୌରବଙ୍କ ରାଣୀ ଗାନ୍ଧାରୀ ତାଙ୍କର ସ୍ୱାମୀ ଅନ୍ଧ ଜନ୍ମାନ୍ଧ ତାଙ୍କୁ ଚକ୍ଷୁରେ ଦେଖି ଅନ୍ଧ ବୋଲି ଅସୂୟା କରିବେ ନାହିଁ। ସ୍ୱାମୀର ଧର୍ମରେ ଚଳିବା ପାଇଁ ଏକ ଅନ୍ଧପୁଟୁଳି ବାନ୍ଧି ରହିଥିଲେ ଏହା ଦିନେ ଓଳିଏ ନୁହଁ ସମଗ୍ର ଜୀବନ କାଳ। ଏପରି ଭାବରେ ସେ ଏକ ତ୍ରାଟକଶକ୍ତି ହାସଲ କରିଥିଲେ। ମହା ଭାରତ ଯୁଦ୍ଧ ଆରମ୍ଭ ବେଳେ ଆଶୀର୍ବାଦ ଭିକ୍ଷୁ ତାଙ୍କର ପୁତ୍ର ଦୁର୍ଯ୍ୟୋଧନ ଓ କୁନ୍ତୀ ମାଆଙ୍କ ପୁତ୍ର ଯୁଧିଷ୍ଠିର ଅଧିନାୟକଙ୍କୁ ଏକ ପ୍ରକାର ଆଶୀର୍ବାଦ କରିଥିଲେ। ଅକ୍ଷୟ ହେଉ ପୁଣ୍ୟ ଜଗତେ ଧର୍ମର ହେଉ ଜୟ। ଆଖି ନଥିଲେ ବି ଧର୍ମ ଓ ପୁଣ୍ୟର ପରିପନ୍ଥୀ ଥିଲେ। ଏହା ଅଦାଲତର ଅନ୍ଧୁଣୀ ଦେବୀ ଏପରି ସଙ୍କେତ ଦେଉଥିଲେ। ନିଜପର ଏଥିରେ ନାହିଁ ଆଇନ ଆଖିରେ ସମସ୍ତେ ସମାନ। ରାଜମାତା ରାଜାଙ୍କ ବଡ଼ ରାଣୀ ସର୍ବଦା ବଡ଼ମାଆ ସେ ରାଜ୍ୟଙ୍କର ପ୍ରଜାଙ୍କର ବି ହୋଇଥାନ୍ତି। ଗାନ୍ଧାରୀ ଥିଲେ ସମସ୍ତଙ୍କର ବଡ଼ ମାଆ ଓ ଏଇ ଅଦାଲତର ଅନ୍ଧୁଣୀ ନାରୀ ପ୍ରକୃତରେ ମୂର୍ତ୍ତିବନ୍ତ ବଡ଼ମାଆ ଥିଲେ। ଚକ୍ଷୁରେ ଅନ୍ଧ ଯେ ଅସମ୍ମାନୀୟ ଏମିତି ନୁହଁ। ଏ ମଧ୍ୟରେ ଅନେକ ଭକ୍ତ ଅନେକ ଜ୍ଞାନୀ କଳାକାର ଅଛନ୍ତି।

# ହଜିଯାଉଛି ପିଲା ବୟସର ଚପଳତା



ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ
ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ

ବସ୍ତୁବାଦୀ ଦୁନିଆରେ ଧନବାନ ହେବାର ଲାଳସା କେବଳ ବୟସ୍କ ନୁହେଁ, ଚପଳ ଶିଶୁଙ୍କୁ ମଧ୍ୟ ଅଣାୟତ୍ତ କରିଛି। ଘରେ, ବାହାରେ ଯେଉଁଠି ଦେଖନ୍ତୁ, ପିଲାଙ୍କ ଚପଳତା ହଜିଗଲାଣି। ବାଲିଘର କରି ଖେଳିବା ବୟସରେ ସେମାନେ ବଡ଼ଲୋକ ହେବାର ସ୍ୱପ୍ନରେ ଏମିତି ମସଗୁଲ ଯେ ଯନ୍ତ୍ରବତ୍ ହୋଇଯାଉଛି ସେମାନଙ୍କ ଜୀବନ। ବୟସ ବଢ଼ିବା ସହିତ ଯେତେବେଳେ ସ୍ମୃତି ପଖାଳିବାର ଅବସର ଆସେ ସେତେବେଳକୁ କିଛି ନଥାଏ ପାଖରେ।

ଆଜିକାଲି ଖବରକାଗଜ ଓଲଟାନ୍ତୁ ଅବା ଟିଭି ଖୋଲନ୍ତି, ଅଧିକାଂଶ ବିଜ୍ଞାପନର ଆକର୍ଷଣ ହିଁ ଥାନ୍ତି ଶିଶୁମାନେ। ସେମାନଙ୍କ ଅଭିନୟ ଓ କୃତ୍ରିମ କାର୍ଯ୍ୟକଳାପ ଦର୍ଶକଙ୍କୁ ଏମିତି ଆକର୍ଷିତ କରିଥାଏ ଯେ ସେମାନେ ଦର୍ଶକଙ୍କ ପାଇଁ ଆଦର୍ଶ ପାଲଟି ଯାଆନ୍ତି ତ' ସେମାନଙ୍କ ଦ୍ୱାରା ବିଜ୍ଞାପିତ ସାମଗ୍ରୀ ପ୍ରତି ସମସ୍ତଙ୍କର ଆଗ୍ରହ ବଢ଼ିଯାଏ। ଏହାର ପଶ୍ଚାତ୍ ଭାଗରେ କିନ୍ତୁ ରହିଥାଏ ଭିନ୍ନ ଉଦ୍ଦେଶ୍ୟ। ଶିଶୁ ସୁଲଭ ବ୍ୟବହାର ପ୍ରତି ସ୍ୱାଭାବିକ ଭାବେ ସମସ୍ତଙ୍କର ଆକର୍ଷଣ ଥାଏ ଓ ଏହାକୁ ପୁଞ୍ଜିକରି ବିଭିନ୍ନ ସାମଗ୍ରୀର ବିଜ୍ଞାପନ କରାଯିବା ଚମତ୍କାର ଭାବେ ଫଳପ୍ରଦ ହୋଇଥାଏ। କେବଳ ସେତିକି ନୁହେଁ, ପିଲାଙ୍କ ପାଇଁ ଏହା ଅର୍ଥ ଉପାର୍ଜନ ଏକ ପରିମାର୍ଜିତ ମାର୍ଗ। ଏ କ୍ଷେତ୍ରରେ ଅଭିଭାବକମାନେ ହିଁ ନିଜ ପିଲାଙ୍କୁ ବଡ଼ ଲୋକ ହେବାର ନିଶା ଶିଖାଇ ଥାଆନ୍ତି। ଏଥିସହିତ ସେମାନଙ୍କ ଠାରୁ ଛଡାଇ ନେଇଥାନ୍ତି ପିଲାଦିନର ଚପଳତା। ଆଉ ଗୋଟିଏ କାରଣ ମଧ୍ୟ ପିଲା ବୟସର ଚପଳତା ହଜାଇବା ପାଇଁ ଦାୟୀ। ଏଇଟି ହେଉଛି, ଆଧୁନିକ ନାରୀ ବା ଏକଲା ରହୁଥିବା ଦମ୍ପତି ପିଲାଙ୍କୁ ଜଲ୍‌ଦି ସ୍କୁଲ ପଠାଇ ଝିନ୍‌ଝଟରୁ ମୁକୁଳିବାକୁ ଚାହିଁଥାନ୍ତି। ପିଲା ଜଲ୍‌ଦି ସ୍କୁଲ ଯିବ ଓ ପାଠପଢ଼ିବ, ଏଇ ଖୁସିରେ ତା ଉପରେ ପାଠର ବୋଝ ଏମିତି ଲଦି ଦିଅନ୍ତି ଯେ ସେ ଖେଳିବାକୁ ସମୟ ପାଆନ୍ତି ନାହିଁ। ପୁନଶ୍ଚ ଅନେକ ବାପା-ମା ନିଜ ପିଲାକୁ ସାହିପଡ଼ିଶା ପିଲା ବା ଅନ୍ୟ କାହା ସହିତ ମିଶିବାର ସୁଯୋଗରୁ ଅନେକ ସମୟରେ ବଞ୍ଚିତ କରିଥାନ୍ତି ଅନୁଶାସନ ଆଳରେ। ଯାହାଦ୍ୱାରା କି ପିଲାର ଚପଳତା ଚାପିହୋଇଯାଏ। ଏହା ଯେ ତାର ମାନସିକ ବିକାଶରେ ବାଧକ ତାହା କେହି ଚିନ୍ତା କରନ୍ତି ନାହିଁ।

ମନସ୍ତତ୍ତ୍ୱବିତ୍‌ମାନଙ୍କର ଯଦିଓ ଏ କ୍ଷେତ୍ରରେ ଏକ ବିଶେଷ ଭୂମିକା ରହିଛି; ତଥାପି ନାନା ମୁନିଙ୍କର ନାନା ମତ ନ୍ୟାୟରେ ଏଥିପ୍ରତି ଗୁରୁତ୍ୱ ଦିଆଯାଏ ନାହିଁ। କିଛି ମନସ୍ତତ୍ତ୍ୱବିତ୍‌ଙ୍କ ମତାନୁସାରେ ବିଭିନ୍ନ ଅନୁଷ୍ଠାନ ଗଢ଼ାଯାଇଥାଏ ଓ ପିଲାଙ୍କୁ ସେଠାରେ ଛାଡ଼ିଦିଆଯାଏ; କିନ୍ତୁ ଏହାର ସୁଯୋଗ ନିଅନ୍ତି ଥିଲାବାଲା ଲୋକେ। ଏଥିରୁ କେତେ ସୁଫଳ ମିଳେ ତାହା ଭିନ୍ନ କଥା କିନ୍ତୁ ଆଉ କେତେକ ମତ ଦିଅନ୍ତି ଯେ ପିଲାଙ୍କ ପାଇଁ ନିଜସ୍ୱ ସାମାଜିକ ପରିବେଶ ହିଁ ସର୍ବୋତ୍କୃଷ୍ଟ। ଯାହାହେଉ, କ୍ରମବର୍ଦ୍ଧିଷ୍ଣୁ ଆଧୁନିକତା ପଛରେ ଧାଉଁଥିବା ଆଜିର ମଣିଷ ପିଲାଙ୍କ ଚପଳତା ପ୍ରତି କମ୍ ଗୁରୁତ୍ୱ ଦେଇ ସେମାନଙ୍କୁ ବିଭିନ୍ନ କାମରେ ବାନ୍ଧି ରଖିବାର ନିରବଚ୍ଛିନ୍ନ ପ୍ରୟାସକୁ ପ୍ରତିଯୋଗିତା ଭିତ୍ତିରେ ଆଗେଇ ନେଉଛନ୍ତି। ପିଲାଙ୍କ ଜନ୍ମଗତ କଳା ବା ମେଧା ଆଳରେ ଅନେକ ଅଭିଭାବକ ଏହାର ସମାଲୋଚନାକୁ ଏଡାଇଯାଆନ୍ତି; କିନ୍ତୁ ସେଇ ପିଲା ଯେ ପରିଣତ ବୟସରେ ବାଲ୍ୟ ଚପଳତାକୁ ମନେପକାଇବାକୁ ଯାଇ ହତାଶ ହୋଇପଡ଼େ ଓ ଜୀବନ ବେକାର ବୋଲି ଭାବେ, ସେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହି ଯାଇଥାଏ। ଏଥିପାଇଁ ଦାୟୀ ଥିବା ବାପା-ମା'ଙ୍କ ହାତରେ ସେତେବେଳେ କିଛି ପ୍ରତିକାରର ମାର୍ଗ ନଥାଏ। ପ୍ରସିଦ୍ଧ ଗାୟିକା ସୁନିଧି ଚୌହାନ ହୁଅନ୍ତୁ ଅବା ପପ୍‌ଗାୟିକା ବ୍ରିଟ୍‌ନୀ ସ୍ପିୟର୍ସ, ଏମାନେ ଏବେ ଏଇଭଳି ଏକ ବିକୃତି ମାନସିକତାର ଶିକାର ହୋଇଛନ୍ତି। ସ୍କୁଲ ଛାତ୍ର ଥିବାବେଳେ ସୁନିଧି ସଙ୍ଗୀତ ଜଗତରେ ଚପଳ ପକାଇଥିଲେ ଓ ମାତ୍ର ୧୬ବର୍ଷ ବୟସରେ ସଫଳତାର ଶୀର୍ଷରେ ପହଞ୍ଚିଥିଲେ। ପରବର୍ତ୍ତୀ କାଳରେ, ମାତ୍ର ଗୋଟିଏ ଦଶନ୍ଧି ମଧ୍ୟରେ ସେ ନିଜ ଆୟତ୍ତରୁ ନିଜେ ଖସିଗଲେ। ଜୀବନ ତାଙ୍କ ପାଇଁ ଏବେ ଦୁର୍ବିସହ କହିଲେ ଭୁଲ ହେବ ନାହିଁ। ବ୍ରିଟ୍‌ନୀଙ୍କ ବିଷୟରେ ଆଲୋଚନା ନକଲେ ବରଂ ଭଲ। ପିଲାଦିନକୁ ହଜାଇବାର ଦୁଃଖରେ ଏମାନେ ଏବେ ମ୍ରିୟମାଣ। ବାପା-ମା' ଏକଦା ଏମାନଙ୍କ ସଫଳତା ନେଇ ଗର୍ବ କରୁଥିଲେ; କିନ୍ତୁ ଏବେ ସେମାନେ ସବୁକିଛି ହଜାଇ ଦେଇଥିବା ପରି ଅନୁଭବ କରୁଛନ୍ତି। 'ପାପା କହ୍‌ତେ ହେଁ ବଡ଼ା ନାମ୍ କରେଗା, ବେଟା ହମାରା ବଡ଼ା କାମ୍ କରେଗା....'ର ନିଶାରେ ପିଲାମାନେ ଜଳୁଥିବାବେଳେ ଆନନ୍ଦ ଉଠାଉଥିବା ବାପା-ମା ନିଜର ପରିଣତ ଜୀବନରେ ନିଜେ ହିଁ ଜଳୁଥାନ୍ତି। ସେତେବେଳକୁ ତାରକା ପିଲା ବା ସେମାନଙ୍କ ଅଭିଭାବକ, କାହାକୁ ବି ଆଦର୍ଶ ଭାବେ ଗ୍ରହଣ କରିବାକୁ ଆମ ସମାଜ ପ୍ରସ୍ତୁତ ନାହିଁ।

ମନୋବୈଜ୍ଞାନିକଙ୍କ ମତରେ ଆଜିକାଲି ଅଭିଭାବକମାନେ ପିଲାଙ୍କୁ ମଡ଼େଲିଂ, ଫ୍ୟାସନ୍ ଅଭିନୟ ଭଳି ଅତ୍ୟାଧୁନିକ କ୍ୟାରିୟରରେ ଆଗେଇ ନେବା ପାଇଁ ଅତି ଅଳ୍ପ ବୟସରୁ ପ୍ରାଣମୂର୍ଚ୍ଛା ପରିଶ୍ରମ କରାଉଛନ୍ତି, ଯାହାଦ୍ୱାରା ପିଲାମାନେ ନିଜେ କିଛି କରିବାର ପ୍ରଚେଷ୍ଟା ପାଇଁ ସୁଯୋଗ ପାଉ ନାହାନ୍ତି ଓ ସେମାନଙ୍କର ନିଜସ୍ୱ ସୃଜନଶୀଳତା ମରିଯାଉଛି। ପିଲାମାନେ ଯଦି ବଡ଼ ମଣିଷଙ୍କ ଭଳି ପରିପକ୍ୱ ବ୍ୟବହାର କରନ୍ତି; ତେବେ ଏହା ସେମାନଙ୍କୁ ବିପଥଗାମୀ କରାଏ ଓ କ୍ରମଶଃ ଏହା ଏକ ସାମାଜିକ ବ୍ୟାଧିରେ ପରିଣତ ହୁଏ। ବାପା-ମାଆ, ବିଶେଷକରି ମାଆମାନେ ଏଥିପ୍ରତି ସତର୍କ ରହିବା ଉଚିତ୍।



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସାନମାଣିତିଆ ବଳ୍ପମହାକାଳୀ ପଞ୍ଚାୟତ ହାଇସ୍କୁଲର ୧୯୯୫ ବ୍ୟାଚର ଏକ ବନ୍ଧୁମିଳନ ଉତ୍ସବ ଜୟକୃଷ୍ଣପୁର ମାଳବଣ ଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଐଶ୍ୱର୍ଯ୍ୟରଞ୍ଜନ ଜେନା, ସ୍ମୃତିରଞ୍ଜନ ଧଳ, ସୁଲେଖ ସାହୁ, ପ୍ରତାପ ମଲ୍ଲିକ, ସୁନିତା ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବରେ ପୁରାତନ ଛାତ୍ରଛାତ୍ରୀମାନେ ଏକାଠି ହୋଇ ପୁରୁଣା ଦିନର ସେହି ଅଭୁଲା ସ୍ମୃତିକୁ ରୋମନ୍ଥନ କରିବା ସହ ନିଜ ନିଜ ମଧ୍ୟରେ ବାକ୍ୟ ବିନିମୟରେ ମଜ୍ଜିଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଞ୍ଜବିହାରୀ ମଳିକ, ସୁମନ୍ତ ବିଶ୍ୱାଳ, ସୁରେଶ ସାହୁ, ନନ୍ଦନ ମଳିକ, ସୁସାନ୍ତ ମଳିକ, ଭାବଗ୍ରାହୀ ବାରିକ, କିଶୋର ମହାରଣା, କୃପାସିନ୍ଧୁ ମିଶ୍ର, ଜଗନ୍ନାଥ ପୃଷ୍ଟି, ମାନସ, ସୀମାରାଣୀ ସ୍ୱାଇଁ, ଅବନ୍ତୀ ସାମଲ, ସୁଜାତା ସାମଲ, ସୁଜାତା ପରିଡା, ବର୍ଷାରାଣୀ ପରିଡା, ସରସ୍ୱତୀ ସାହୁ, ହେମଲତା ସାହୁ, ମମତା ରାଉତ ପ୍ରମୁଖ ଏହି ବନ୍ଧୁମିଳନ ଉତ୍ସବରେ ଉପସ୍ଥିତ ଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ଏକ ଉତ୍ସାହର ବାତାବରଣ ସୃଷ୍ଟି କରିଥିବା ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ଏପରି ସମାରୋହ ଆୟୋଜନ କରିବାକୁ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀମାନେ ମତ ରଖିଥିଲେ।

# ପୁଣି ଭାଇରାଲ ହେଲା ଶ୍ରୀମନ୍ଦିର ଭିତର ଫଟୋ



ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିର ସୁରକ୍ଷା ନେଇ ପୁଣି ଉଠିଲା ପ୍ରଶ୍ନ। ବାରମ୍ବାର ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି ଶ୍ରୀମନ୍ଦିର ଭିତର ଦୃଶ୍ୟ । ସାମାଜିକ ଗଣମାଧ୍ୟମରେ ପୁଣି ଭାଇରାଲ ହେଲା ଶ୍ରୀମନ୍ଦିର ଭିତର ଭିଡିଓ। ମନ୍ଦିର ଭିତର ଦୃଶ୍ୟ ବାହାରକୁ ଆସିବା କିମ୍ବା ଫଟୋ ଓ ଭିଡ଼ିଓ ଉଠାଇବା ପାଇଁ ବାରଣ ରହିଥିଲେ ମଧ୍ୟ ଅନେକ ଥର ଏପରି ହେଉଛି ।କୌଣସି ବ୍ୟକ୍ତିଙ୍କୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଓ କ୍ୟାମେରା ନେବା ଉପରେ ମଧ କଟକଣା ରହିଛି ।ଶ୍ରୀମନ୍ଦିର ବେଢାର ଜଗମୋହନ ଓ ଚତୁର୍ଦ୍ଧାମୂର୍ତ୍ତି ଦୃଶ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଥିବାର ଦେଖିବାକୁ ମିଳିଛି। ବାଇଶି ପାହାଚ ସହ ଜଗମୋହନ ଓ ଗରୁଡସ୍ତମ୍ଭର ଭିଡିଓ ଭାଇରାଲ ହୋଇଛି। ବୃନ୍ଦାବନର ଜଣେ ଭକ୍ତ ଏହି ଭିଡିଓ ଭାଇରାଲ କରିଥିବା ଜଣାପଡିଛି। ଇନଷ୍ଟାଗ୍ରାମରେ ବାଙ୍କେ ବିହାରୀ ଅନନ୍ତ ନାମକ ଏକ ଆଇଡିରେ ଏହି ଭିଡିଓ ଅପଲୋଡ କରାଯାଇଥିଲା। ଗତକାଲି ରାତିରେ ଏହି ଭିଡିଓଟି ଇନଷ୍ଟାଗ୍ରାମ ଓ ଫେସବୁକରେ ଅପଲୋଡ କରାଯାଇଥିଲା। ତେବେ ବର୍ତ୍ତମାନ ୟୁଜର ଜଣକ ଏହି ଭିଡିଓକୁ ନିଜ ଆଇଡିରୁ ଡିଲିଟ୍ ? କରିଦେଇଥିବା ଜଣାପଡିଛି। ତେବେ ବାରମ୍ବାର ଏଭଳି କାର୍ଯ୍ୟକଳାପ ବଢୁଥିବା ବେଳେ ଶ୍ରୀମନ୍ଦିରର ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନ ଛିଡା ହୋଇଛି। ଏତେ କଡା ସୁରକ୍ଷା ଭିତରେ ଶ୍ରୀମନ୍ଦିର ଭିତରକୁ କ୍ୟାମେରା କିଭଳି ଯାଉଛି ସେ ନେଇ ସାଧାରଣେ ପ୍ରଶ୍ନ ଉଠିଛି।

# ଗାଜାରେ ଲାଗୁ ହେଲା ଯୁଦ୍ଧ ବିରାମ

ନୂଆଦିଲ୍ଲୀ: ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧରେ ବିରାମ ଲାଗିଛି। ଫଳରେ ଗତ ଦେଢବର୍ଷ ହେବ ଚାଲିଥିବା ଧ୍ୱଂସଲୀଳାରେ ରୋକ୍ ଲାଗିଛି। ଏଥିନେଇ ପୂର୍ବରୁ ହୋଇଥିବା ଶାନ୍ତି ଚୁକ୍ତିର ପ୍ରଥମ ପର୍ଯ୍ୟାୟ ରବିବାର ପୂର୍ବାହ୍ନ ସାଢେ ୧୧ଟାରେ ଆରମ୍ଭ ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ହମାସ ଇସ୍ରାଏଲର ୯୮ଜଣ ବନ୍ଧକଙ୍କ ମଧ୍ୟରୁ ୩୩ଜଣଙ୍କୁ ମୁକ୍ତ କରିବ । ତା ବଦଳରେ ଇସ୍ରାଏଲ ୭୩୭ଜଣ କଏଦୀଙ୍କୁ ମୁକ୍ତି ଦେବ। ଏହା ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଚେତାବନୀ ଦେଇ କହିଥିଲେ ଯେ ଯେପର୍ଯ୍ୟନ୍ତ ହମାସ ତାଙ୍କ ସରକାରଙ୍କୁ ବନ୍ଧକଙ୍କ ତାଲିକା ନ ଦିଏ ସେ ପର୍ଯ୍ୟନ୍ତ ଗାଜାରେ ଅସ୍ତ୍ରବିରତି ଆରମ୍ଭ ହେବ ନାହିଁ, ଯାହାକି ଚୁକ୍ତିର ପ୍ରଥମ ପର୍ଯ୍ୟାୟରେ ପ୍ରକାଶ ପାଇବ। ଅସ୍ତ୍ରବିରତି ଚୁକ୍ତିର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକାରୀ କରିବାକୁ ସେମାନେ ପ୍ରତିଶ୍ରୁତିବଦ୍ଧ ବୋଲି ହମାସ କହିଛି ଏବଂ ବୈଷୟିକ ଓ ଆଞ୍ଚଳିକ କାରଣରୁ ବିଳମ୍ବ ହୋଇଛି ବୋଲି ସଫେଇ ଦେଇଛି। ବନ୍ଧକ ଓ କଏଦୀଙ୍କ ବିନିମୟ ପାଇଁ ୩ଟି ପଏଣ୍ଟ ସୃଷ୍ଟି କରାଯାଇଛି। ଏହି ପଏଣ୍ଟରେ ଡାକ୍ତର ଓ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଉପସ୍ଥିତ ରହି ଡିସ୍‌ଚାର୍ଜ ହୋଇଥିବା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ।

# ରିଟାୟାର୍ଡ ପୋଲିସ୍ ଅସୋସିଏସନ୍ ପକ୍ଷରୁ ବନ୍ଧୁମିଳନ



ଢେଙ୍କାନାଳ (ଭାସ୍କର ନ୍ୟୁଜ): ରିଟାୟାର୍ଡ ପୋଲିସ୍ ଅସୋସିଏସନ ଢ଼େଙ୍କାନାଳ ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସୋଗର ମହାତ୍ମାଗାନ୍ଧୀ ଔଷଧୀୟ ଉଦ୍ୟାନ ଠାରେ ଏହି ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ୬୦ ରୁ ଉର୍ଦ୍ଧ୍ୱ ପରିବାର ଯୋଗ ଦେଇଥିଲେ । ସଭାପତି ଅକ୍ଷୟ କୁମାର ସାହୁଙ୍କ ଦ୍ୱାରା ଆୟୋଜନ ହୋଇଥିବା ଏହି ବନ୍ଧୁ ମିଳନରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପୋଲିସ୍ ଅଧିକାରୀ ଉତ୍କଳ ଦାସ ଓ ତାଙ୍କର ଧର୍ମ ପତ୍ନୀ ସୁମିତ୍ରା ଦାସ ଯୋଗ ଦେଇଥିଲେ। ଶ୍ରୀ ଦାସ ମଧୁ ମେହ ରୋଗ ଉପରେ ଉପସ୍ଥିତ ସଦସ୍ୟ ମାନଙ୍କୁ ଅବଗତ କରାଇଥିଲେ । ସମ୍ପାଦକ ବ୍ରହ୍ମାନନ୍ଦ ନାୟକ, କୋଷାଧକ୍ଷ ଅକ୍ଷୟ କୁମାର ଦାସ, ସହ ସମ୍ପାଦକ ନିତ୍ୟାନନ୍ଦ ପତି ଓ ଯୁଗଳ କିଶୋର, କାର୍ଯ୍ୟ କାରିଣୀ ସଭାପତି ପ୍ରଦୀପ କୁମାର ମିଶ୍ର ଓ ଗୋବର୍ଦ୍ଧନ ସାହୁ ଏବଂ ଏହି କାର୍ଯ୍ୟକ୍ରମ ପଦ୍ମନାଭ ଲେଙ୍କାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ପ୍ରଦୀପ୍ତ କୁମାର ପାଣି, କୁମ୍ଭକର୍ଣ୍ଣ ରାଉଳ ପ୍ରମୁଖ ସହଯୋଗ କରିଥିଲେ।

# ଗୋରୁ ଗାଡି ଜବତ, ଜଣେ ଗିରଫ

ନିଆଳି (ଭାସ୍କର ନ୍ୟୁଜ): ନିଆଳି ଥାନା ପୋଲିସ ରବିବାର ଟାଟା ଏସ.ସି ଗାଡ଼ିରେ ଗୋ-ଚାଲାଣ ହେଉଥିବା ଖବର ପାଇ ଗୋରୁ ଜବତ କରିବା ସହ ଜଣଙ୍କୁ ଗତରଫ କରିଛି । ଚାରିଛକ ଓରପଟା ଗ୍ରାମରୁ ଏକ ଗାଇ ନେଇ ରତନପୁର ଗ୍ରାମର ଲକ୍ଷ୍ମୀଧର ଭୋଇଙ୍କ ପୁଅ ପବିତ୍ର ଭୋଇ (୩୨) ଏକ ଟାଟା ଏସିରେ ଗାଇ ନେଇ ଯାଉଥିବା ବେଳେ ମଝି ଖଣ୍ଡ ଛକରେ ନିଆଳି ଥାନା ପୋଲିସ ଅଟକ ରଖିଥିଲା। ଗାଇକୁ ଗୋଶାଳାକୁ ପଠାଇ ଥିବା ବେଳେ ଗାଡିଟିକୁ ଜବତ କରିଛି। ଏ ନେଇ ନିଆଳି ଥାନାରେ ୧୫/୨୫ ରେ ମାମଲା ନିଆଳି ଥାନା ପୋଲିସ ରୁଜୁ କରିଛି। ଡ୍ରାଇଭର ପପୁକୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି।

# ମା ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

# ପାଟବନ୍ଧ କ୍ରିକେଟ କ୍ଲବ ବିଜୟୀ



ବୋଲଗଡ, ୧୯/୧ (ଭାସ୍କର )ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମର ମା ରାମଚଣ୍ଡୀ କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ବଡ଼ତୋଟା ଖେଳ ପଡ଼ିଆଠାରେ ୧୦ମ ମା ରାମଚଣ୍ଡୀ କ୍ରିକେଟ ଟୁର୍ଣାମେଣ୍ଟ ରବିବାର ଦିନ ଉଦ୍ଘାଟିତ ହୋଇଯାଇଛି । ଏହି ଟୁର୍ଣାମେଣ୍ଟରେ ୮ ଟି ଦଳ ଅଂଶଗ୍ରହଣ କରିବାକୁ ଥିବା ବେଳେ ଉଦଘାଟନୀ ମ୍ୟାଚରେ ପାଟବନ୍ଧ କ୍ରିକେଟ କ୍ଲବ ଓ ଗୋଡିପଡ଼ା କ୍ରିକେଟ କ୍ଲବ୍ ମଧ୍ୟରେ ମୁକାବିଲା ହୋଇଥିଲା ।ପାଟବନ୍ଧ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୨୭ରନ ସଂଗ୍ରହ କରିଥିଲା ।ଏହାର ଜବାବରେ ଗୋଡିପଡ଼ା ଦଳ ୧୫ ଓଭର ରେ ୮ଉଇକେଟ ବିନିମୟରେ ୧୧୨ ରନ କରି ପରାଜିତ ହୋଇଥିଲା। ଏହି ମ୍ୟାଚ ବିଜୟ ଲାଭ କରି ପାଟବନ୍ଧ ଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ମ୍ୟାଚଟିକୁ ଆମ୍ପେୟର ଭାବେ ଅଜୟ ସ୍ୱାଇଁ ଓ ରାହୁଲ କୁମାର ପରିଚାଳନା କରିଥିଲେ ।ଆୟୋଜକ କ୍ଲବ ସଦସ୍ୟ ଚନ୍ଦନ, ପ୍ରଭଞ୍ଜନ,ସିପୁ ,ରାଜୁ ଜଗନ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ




ଧର୍ମଶାଳା (ଭାସ୍କର ନ୍ୟୁଜ): ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥ ଜାରକାସ୍ଥିତ ଗଳିପୋଲ ଠାରେ ରବିବାର ଦିନ ବାବା ଗୋକର୍ଣ୍ଣେଶ୍ୱର ୟୁଥ୍ କ୍ଲବ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଗାଡ଼ି ଚାଳକମାନଙ୍କୁ ସଚେତନତା କରାଯାଇଛି । ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଚଳିତମାସ ୧୭ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ରବିବାର ଦିନ ୟୁଥ୍ କ୍ଲବ ପକ୍ଷରୁ ପୂର୍ବତନ ବ୍ଲକ ଅଧକ୍ଷ କିଷାନ ପଣ୍ଡା, କୃଷକ ନେତା ବସନ୍ତ ପରିଡ଼ା, ପ୍ରଶାନ୍ତ ବେହେରା, ଅରୁଣ କୁମାର ରଣା, ରାଜ କିଶୋର ବେହେରା, ଗଗନ ବିହାରୀ ରାଉତ ଯୋଗେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ବସ୍, ଟ୍ରକ, କାର୍ ବାଇକ୍ ଆରୋହୀଙ୍କୁ ସଚେତନ କରାଇବା ସହ ସୁରକ୍ଷା ନେଇ ପ୍ରଚାର ପତ୍ର ବଣ୍ଟନ କରିଥିଲେ ।

# ଦୋକାନରେ ନିଆଁ ଲଗାଇଲେ ଦୁର୍ବୃତ୍ତ

କାକଟପୁର (ଭାସ୍କର ନ୍ୟୁଜ): କାକଟପୁର ଥାନା ଅଧିନସ୍ଥ କୁଣ୍ଡେଇ ହାଟ ନିକଟରେ ମା' ତାରିଣୀ ଡିପୋରେ କେହି ଦୁର୍ବୃତ୍ତ ନିଆଁ ଲଗାଇଥିବା ବେଳେ ଦୋକାନରେ ଥିବା ବାଉଁଶ, ଫାଳିଆ, ପାଖୁଡ଼ି ବିଞ୍ଚନା ନିଆଁ ଲାଗି ସମ୍ପୂର୍ଣ ଜଳି ପୋଡି ପାଉଁଶ ହୋଇଯାଇଛି। ନିଆଁ ଲାଗି ଥିବା ଖବର ପାଇ ଡିପୋର ମାଲିକ ଈଶ୍ୱର ଚନ୍ଦ୍ର ନାୟକ ଘଟଣା ସ୍ଥଳରେ ପଂହଁଚି ଦୋକାନ ଜଳୁଥିବା ଦେଖି ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ଗାଡି ସଙ୍ଗେ ସଙ୍ଗେ ପଂହଁଚି ନିଆଁ କୁ ଆୟତ୍ତ କରିଥିଲେ । ଏ ସଂକ୍ରାନ୍ତରେ ଦୋକାନର ମାଲିକ ଶ୍ରୀ ନାୟକ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## 'ସୁସ୍ଥ ଭାରତ ଗଠନରେ ହିନ୍ଦୁରାଷ୍ଟ୍ର ଓ ଗଣତନ୍ତ୍ରର ପ୍ରାସଙ୍ଗିକତା ରହିଛି'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପାକ୍ଷିକ ସମ୍ବାଦପତ୍ର 'ଅରଭାନୀ ସମୟ'ର ଊନବିଂଶ ସ୍ୱନକ୍ଷତ୍ର ଉତ୍ସବ ଓ ସାମ୍ପ୍ରତିକ ଭାରତର ପରିସ୍ଥିତି ଓ ହିନ୍ଦୁରାଷ୍ଟ୍ର ସହିତ ଗଣତନ୍ତ୍ରର ଭୂମିକା ଶୀର୍ଷକ ଆଲୋଚନାଚକ୍ର ସ୍ଥାନୀୟ ଲୋହିଆ ଏକାଡ଼େମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ତଥା ସମାଜସେବୀ ଶଶଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଭାଜପା ନେତା ତଥା ମୁଖପାତ୍ର ସଜ୍ଜନ ଶର୍ମା, ମୁଖ୍ୟ ବକ୍ତା ବୈଦିକ ବିଶ୍ୱବିଦ୍ୟାଳୟ ତାମିଲନାଡୁର କୁଳପତି ଡଃ ହରିହର କାନନୁଗୋ, ସମ୍ମାନିତ ଅତିଥି ଭାବେ ବରିଷ୍ଠା ସାହିତ୍ୟିକା ଇନ୍ଦିରା ମିଶ୍ର, ଭାରତ ହିନ୍ଦୁ ସଂଗଠନର ରାଜ୍ୟ ମୁଖ୍ୟ ଦୀନବନ୍ଧୁ ଷଡ଼ଙ୍ଗୀ, ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ସାହୁ, ସାମ୍ବାଦିକା ରୀନା ମହାନ୍ତି ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ସମଗ୍ର ହିନ୍ଦୁମାନେ ସଚେତନ ହେବା ସହିତ ଏକ ମନ ଓ ଏକ ପ୍ରାଣ ହୋଇ ରାଷ୍ଟ୍ରର ପ୍ରଗତି ପାଇଁ ନିଷ୍ଠାର ସହିତ କାର୍ଯ୍ୟ କରିବା ଆବଶ୍ୟକ ଓ ନିଜର ଦକ୍ଷତା, ଯୋଗ୍ୟତା ଚିହ୍ନି ସେହିପରି ଆଚରଣ ଏବଂ ଉଚ୍ଚାରଣ କଲେ ଭାରତର ସାର୍ବଭୌମତ୍ୱ ଅଖଣ୍ଡିତ ରହିବା ସହିତ ଏକ ପୂର୍ଣ୍ଣ ହିନ୍ଦୁରାଷ୍ଟ୍ରର ପରିକଳ୍ପନା ସମ୍ଭବ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅରଭାନୀ ସମୟର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସାହିତ୍ୟିକା ମଞ୍ଜୁଳା ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ପୂର୍ବକ ଓ ଅରଭାନୀ ସମୟର ସମ୍ପାଦକ ରମେଶ କୁମାର ମହାପାତ୍ର ମତବ୍ୟକ୍ତ କରି କହିଥିଲେ ଯେ, ହିନ୍ଦୁ ରାଷ୍ଟ୍ର ଗଠନ ପ୍ରସଙ୍ଗରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ସହ କାହା ଚାପର ବଶବର୍ତ୍ତି ନହୋଇ ରାଷ୍ଟ୍ରର ପ୍ରଗତି ସହିତ ଜଡ଼ିତ ସମ୍ପର୍କକୁ ପ୍ରାଧାନ୍ୟ ଦେବା ଆବଶ୍ୟକ।

# ଆଇନଶୃଙ୍ଖଳା ସ୍ଥିତି ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ନେଇ ଲୋକସେବା ଭବନରେ ସମୀକ୍ଷା କରିଛନ୍ତି। ରାଜ୍ୟରେ ଆଉ ଅଧିକ ଦୁଇ ହଜାର ଟ୍ରାଫିକ ପୋଲିସ ପଦବୀ ସୃଷ୍ଟି ପାଇଁ ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ସେହିପରି ରାଜ୍ୟରେ ୨୦ଟି ସାଇବର ଥାନା ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଥିବା ୧୪ଟି ସାଇବର ଥାନାକୁ ସୁଦୃଢ଼ ପାଇଁ ମଧ୍ୟ ପରାମର୍ଶ ଦେଇଛନ୍ତି। ସେହିପରି ରାଜ୍ୟରେ ଚାଲିଥିବା ଗଞ୍ଜେଇ ଚାଷ ଓ ତା'ର ଚୋରା ଚାଲାଣକୁ ରୋକିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ମୁଖ୍ୟ ସଚିବଙ୍କ ସହ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ।

# ସିଜିପିବି ବୈଠକରେ ଖଣି ଅଭିବୃଦ୍ଧି ପାଇଁ ଗୁରୁତ୍ୱ

ଭୁବନେଶ୍ୱର (ଭୁବନେଶ୍ୱର): କେନ୍ଦ୍ରୀୟ ଭୂତତ୍ତ୍ୱ ପ୍ରୋଗ୍ରାମିଂ ବୋର୍ଡ (ସିଜିପିବି)ର ୬୪ତମ ବୈଠକ ଲୋକସେବା ଭବନସ୍ଥିତ ରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖଣି ମନ୍ତ୍ରଣାଳୟ ସଚିବ ତଥା ସିଜିପିବିର ଅଧ୍ୟକ୍ଷ ଭିଏଲ କାନ୍ତ ରାଓ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଜିଏସ୍‌ଆଇର ମହାନିର୍ଦ୍ଦେଶକ ଅସିତ ସାହା ଓ ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସଞ୍ଜୟ ଲୋହିଆ ପ୍ରମୁଖ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମ ଅନୁସନ୍ଧାନ, ଗବେଷଣା ଏବଂ ଖଣି କ୍ଷେତ୍ରର ପ୍ରମୁଖ ଅଂଶୀଦାରମାନଙ୍କୁ ଏକାଠି କରି ଭୂବିଜ୍ଞାନର ଅଗ୍ରଗତି, ଖଣିଜ ଅନୁସନ୍ଧାନ ରଣନୀତି ଏବଂ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଉପରେ ଆଲୋଚନା କରିଥିଲା । ଖଣିଜ ସମ୍ପଦ ବୃଦ୍ଧି, ସ୍ୱଚ୍ଛ ଶକ୍ତି ପଦକ୍ଷେପ, ଭୂ-ବିପର୍ଯ୍ୟୟ ପରିଚାଳନା ଏବଂ ନିରନ୍ତର ବିକାଶ ଉପରେ ଗୁରୁତ୍ୱ ଦେଇ ଉଦୀୟମାନ ପ୍ରାଥମିକତା ପ୍ରତି ସହଯୋଗୀ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଆଗାମୀ କ୍ଷେତ୍ର ଋତୁ ବର୍ଷ ୨୦୨୫-୨୬ ପାଇଁ ଜିଏସଆଇର ପ୍ରସ୍ତାବିତ ବାର୍ଷିକ କାର୍ଯ୍ୟକ୍ରମ ଆଲୋଚନା ପାଇଁ ବୋର୍ଡ ନିକଟରେ ଉପସ୍ଥାପନ କରାଯାଇଥିଲା । ଆଗାମୀ ୨୦୨୫-୨୬ ବର୍ଷ ପାଇଁ ଜିଏସଆଇ ପ୍ରାୟ ୧୦୬୫ଟି ବୈଜ୍ଞାନିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି, ଯେଉଁଥିରେ ୪୦୨ ଟି ଖଣିଜ ବିକାଶ ପ୍ରକଳ୍ପ (ଜି୨; ଜି୨ ଏ୩; ଏ୪; ଏବଂ ଅଫସୋର ଅନୁସନ୍ଧାନ) ଅନ୍ତର୍ଭୁକ୍ତ ଯାହା ନିକଟ ଭବିଷ୍ୟତରେ ନିଲାମଯୋଗ୍ୟ ଖଣିଜ ବ୍ଲକ ସୃଷ୍ଟି କରିବାର କ୍ଷମତା ରଖିଛି । ୧୬୭ ଖଣିଜ ଆବିଷ୍କାର ପ୍ରକଳ୍ପ (ଆରଏମଟି; ଗବେଷଣା ପ୍ରକଳ୍ପ; ସି-ଏମଏପି; ଜିଟି; ଏମପିଏ; ମଲ୍ଟିସ୍ପେକ୍ଟ୍ରାଲ/ ହାଇପରସେକ୍ଟ୍ରାଲ୍ ପ୍ରକଳ୍ପ) ଜି-୪ ପର୍ଯ୍ୟାୟରେ ଭବିଷ୍ୟତ ଅନୁସନ୍ଧାନ ପାଇଁ ଆଶାଜନକ କ୍ଷେତ୍ର ସୃଷ୍ଟି କରିବାର ସମ୍ଭାବନା ରହିଛି । ଅନୁସନ୍ଧାନ କାର୍ଯ୍ୟକଳାପ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଅନୁସନ୍ଧାନ ଉପରେ ଗୁରୁତ୍ୱ ଦିଆଯାଇଛି, ଆରଇଇ, ଆରଏମ, ଗ୍ରାଫାଇଟ୍ ?, ଲିଥିୟମ୍ ?, ଭାନାଡିୟମ୍ ଏବଂ ପିଜିଇ ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟକୁ ଲକ୍ଷ୍ୟ କରି ୨୨୭ଟି ଉତ୍ସର୍ଗୀକୃତ ପ୍ରକଳ୍ପ ପୂର୍ବ ବର୍ଷ ତୁଳନାରେ ୧୬% ବୃଦ୍ଧି ପାଇଛି । ଏଫଏସ ୨୦୨୫-୨୬ ପାଇଁ ଜିଏସଆଇର କ୍ଷେତ୍ର ଋତୁ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପରେ ୨୫% ଅନୁସନ୍ଧାନ ଅନ୍ତର୍ଭୁକ୍ତ, ଯେଉଁଥିରେ ଜିଏସଆଇର ମୋଟ ବଜେଟ ମଧ୍ୟରୁ ପ୍ରାୟ ୩୦୦ କୋଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ଅନ୍ୱେଷଣ ଏବଂ ଅନୁସନ୍ଧାନ ରେ ଖର୍ଚ୍ଚ କରାଯିବ । ଏହାବ୍ୟତୀତ ଜିଏସଆଇ ୨୦୨୫-୨୬ ପାଇଁ ପ୍ରାକୃତିକ ବିପର୍ଯ୍ୟୟ ଅଧ୍ୟୟନ, ପବ୍ଲିକ୍ ଗୁଡ୍ ଜିଓସାଇନ୍ସ ଏବଂ ମୌଳିକ ଭୂବିଜ୍ଞାନ ଅଧୀନରେ ୧୪୧ଟି ପ୍ରକଳ୍ପର ରୂପରେଖ ଦେଇଛି । ଏଥିରେ ଭୂସ୍ଖଳନ, ଭୂ-ବୈଷୟିକ ଅଧ୍ୟୟନ, ମେରୁ ଓ ଗ୍ଲାସିଓଲୋଜି ଗବେଷଣା, ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ଅଧ୍ୟୟନ ସହିତ ମୌଳିକ ଭୂବିଜ୍ଞାନ କ୍ଷେତ୍ରରେ ପଦକ୍ଷେପ ଅନ୍ତର୍ଭୁକ୍ତ ।

GOVERNMENT OF ODISHA
OFFICE OF THE SUPERINTENDING ENGINEER MINOR IRRIGATION DIVISION
KHORDHA
Tel No. (06755) 221502E-mail: eemidkhurda@yahoo.co.in
Letter No. 177 Dt. 17.01.2025
A-910
Invitation for Bids
Bid Identification No. SEMIDKHD 15/2024-25

| | | | |
|---|---|---|---|
| 1 | The Superintending Engineer, Minor Irrigation Division, Khordha, on behalf of the Governor of Odisha,invitesPercentage Rate Bids in Single Cover system in Online Mode only for civil works in MIPs under ERM,check dams under Impt.To Check Dam as detailed in the table below from the eligible Class of Contractors. | | |
| 2 | Nature of Work | :- | Civil works in MIPs under ERM Scheme & Check dams under Impt To Check Dams Scheme in different Blocks of Khordha District |
| 3 | No. of Works | :- | 15(Fifteen) Nos.Only |
| 4 | Estimated.Cost | | Rs.25.17 to 5.02 Lakhs |
| 5 | Cost of Bid Document | :- | Rs 6,000/- through online)only. |
| 6 | Class of Contractor | :- | D Class,C Class & B Class as applicable |
| 7 | Availability of Bid Documents Online | :- | 10.00A.M of Dt.22.01.2025 to5.30P.Mof Dt.31.01.2025 |
| 8 | Last Date and Time for receipt of Bids in the Portal | :- | 5.30 P.M of Dt. 31.01.2025 |
| 9 | Date of Opening of Bids | :- | 11.00A.M of Dt.01.02.2025 |
| 10 | TheBiddersshallhavetoparticipateinonlinebiddingonly.Furtherdetailscanbeseen fromthewebsitehttps://tendersodisha.gov.in.Anyaddendum/Corrigendum/Cancellation of Bid can also be seen in the said website.The Authority reserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | | |

Sd/- Superintending Engineer
Minor Irrigation Division
Khordha.
OIPR 32042/11/0010/2425

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜଳିଗଲା...

ନିୟୋଜିତ ରହିଥିଲେ। ସର୍ବଶେଷ ସୂଚନା ଅନୁଯାୟୀ ନିଆଁକୁ ସଂପୂର୍ଣ୍ଣ ରୂପେ ଆୟତ୍ତ କରାଯାଇଛି। ଜିଲ୍ଲା ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି ଯେ ବିବେକାନନ୍ଦ ଶିବିରରେ ପ୍ରଥମେ ନିଆଁ ଲାଗିଥିଲା। ତେବେ ଏହି ଅଗ୍ନିକାଣ୍ଡରେ ମୃତାହତ ହୋଇଥିବା ନେଇ କୌଣସି ସୂଚନା ମିଳିପାରି ନାହିଁ। ଅନ୍ୟପକ୍ଷରେ ଅଗ୍ନିକାଣ୍ଡ ପରେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଅଗ୍ନିକାଣ୍ଡ ସଂପର୍କରେ ଯୋଗୀଙ୍କ ସହ କଥା ହୋଇଥିଲେ। ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ।

## ଚିଲିକାରେ ପୁଣି...

ଯାତ୍ରୀଙ୍କ ଡଙ୍ଗା ଫସୁଥିବା ନଜିର ମଧ୍ୟ କିଛି କମ୍ ନୁହେଁ । ଚିଲିକା ହ୍ରଦ ମଧ୍ୟରେ ଥିବା ଏକାଧିକ ସ୍ଥଳ ଭାଗରେ ଛୋଟ ଛୋଟ ଗାଁ ରହିଛି। ଏହି ଗାଁଗୁଡ଼ିକର ଲୋକମାନେ ଚିଲିକାରୁ ମାଛଧରି ଜୀବିକା ନିର୍ବାହ କରିଥାନ୍ତି। ଜହ୍ନିକୁଦା ଘାଟରୁ ସାତପଡ଼ା ୫ କିଲୋମିଟର ହୋଇଥିବାବେଳେ ଲୋକମାନେ ଏହି ଜଳପଥରେ ଡଙ୍ଗା ସାହାଯ୍ୟରେ ପାରି ହୋଇଥାନ୍ତି। ତେବେ ବାରମ୍ବାର ଅଘଟଣ ଘଟୁଥିବାରୁ ଯାତ୍ରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି। ତେବେ ଦେଢଘଣ୍ଟା ପରେ ସମସ୍ତ ଯାତ୍ରୀ ଉଦ୍ଧାର ହୋଇଥିବା ସୂଚନା ମିଳିଛି।

## ବଢିଲା ଅଫିସରଙ୍କ...

ପହିଲାରୁ ଏହା ଯଥାକ୍ରମେ ୩୨୮୦ ଓ ୬୩୦୦ଟଙ୍କା ରହିବ। ସେହିପରି ଭୁବନେଶ୍ୱରରୁ କଟକ ଅବା କଟକରୁ ଭୁବନେଶ୍ୱରରେ ଅଫିସ କାର୍ଯ୍ୟପାଇଁ ଯାତାୟତ କରୁଥିବା ଅଫିସରମାନଙ୍କ ମାସିକ ଭଡ଼ା ବାବଦ ଅର୍ଥ ୬ ହଜାର ଟଙ୍କାକୁ ଅପରିବର୍ତ୍ତିତ ରଖାଯାଇଛି। ତେବେ ଗୋଟିଏ ଗାଡ଼ିକୁ ଯଦି ଅଫିସରମାନେ ମିଳିତ ଭାବେ ବ୍ୟବହାର କରିବେ, ତେବେ ସେମାନଙ୍କଠାରୁ ସମାନ ଭାବରେ ଭଡ଼ା ଭାଗ ଭାଗ କରି ଆଦାୟ କରାଯାଇପାରିବ। ସେହିପରି ବାସ ଭବନରୁ ଅଫିସ ଯିବା ନିମନ୍ତେ ସରକାରୀ ଗାଡ଼ି ଉପଯୋଗ ପାଇଁ ବିଭିନ୍ନ ବର୍ଗର ଅଫିସରଙ୍କ ନିମନ୍ତେ ଧାର୍ଯ୍ୟ ଭଡ଼ାକୁ ମଧ୍ୟ ସଂଶୋଧନ କରାଯାଇଛି। ସଚିବ, ଅତିରିକ୍ତ ସଚିବ, ବିଭାଗୀୟ ମୁଖ୍ୟ ଓ ଆରଡିସିଙ୍କୁ ଏଣିକି ମାସିକ ୧୬୮୦ଟଙ୍କା ବଦଳରେ ୨୫୨୦ଟଙ୍କା, ପ୍ରଶାସନିକ ବିଭାଗୀୟ ଅଧିକାରୀ ଓ ମିଳିତଭାବେ ଗାଡ଼ି ଉପଯୋଗ କରୁଥିବା ବିଭାଗୀୟ ଅଧିକାରୀଙ୍କୁ ମାସିକ ୧୧୨୦ଟଙ୍କା ପରିବର୍ତ୍ତେ ୧୬୮୦ଟଙ୍କା, ସରକାରୀ ଗାଡ଼ି ପାଇଥିବା ଅନ୍ୟ ଅଫିସରମାନଙ୍କୁ ମାସିକ ୧୪୦୦ଟଙ୍କା ପରିବର୍ତ୍ତେ ୨୧୦୦ଟଙ୍କା ଏବଂ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ମାସିକ ୧୧୨୦ଟଙ୍କା ପରିବର୍ତ୍ତେ ୧୬୮୦ଟଙ୍କା ଭଡ଼ା ଦେବାକୁ ପଡ଼ିବ।

# ଗଡେଶ୍ୱର ହାଟ ବଣିକ ସଂଘର ନୂତନ କମିଟି ଗଠିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗଡେଶ୍ୱର ହାଟ ବଣିକ ସଂଘ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ପୂର୍ବବର୍ଷ ପରି ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ନୂତନ କମିଟି ଗଠନ କରାଯାଇଛି । ସର୍ବସମ୍ମତିକ୍ରମେ ସଭାପତି ଭାବେ ଲକ୍ଷଣ କୁମାର ସାହୁ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ନୂତନ ଭାବେ କୃଷ୍ଣ ଚନ୍ଦ୍ର ସାହୁଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି। ସହ ସଂମ୍ପାଦକ ଭାବେ ପ୍ରମୋଦ କୁମାର ସାହୁ ଓ ଦିପକ କୁମାର ସାହୁ, କୋଷାଧକ୍ଷ ଭାବେ ରଞ୍ଜନ କୁମାର ଗଡନାୟକ ଓ ଗୋଲେଖ କୁମାର ଦଳାଇଙ୍କୁ ଦାୟିତ୍ୱ ଦିଆଯାଇଛି। ଏହା ସହ ୨୭ ଜଣ କର୍ମକର୍ତ୍ତା ମଧ ସହ ସହଯୋଗୀ ଭାବେ କାର୍ଯ୍ୟ କରିବେ। ହାଟର ପ୍ରମୁଖ ସମସ୍ୟା ଉପରେ ଦୃଷ୍ଟି ଦେବା ସହ ଆଗାମୀ ଦିନରେ ହାଟର ସର୍ବାଙ୍ଗିନ ଉନ୍ନତି ନିମନ୍ତେ କାର୍ଯ୍ୟ ଜାରି ରହିବ ବୋଲି ସଭାପତି ଲକ୍ଷ୍ମଣ ସାହୁ କହିଛନ୍ତି।

MANAPPURAM HOME FINANCE LTD.
ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍
ପୂର୍ବରୁ ମନପୁରମ୍ ହୋମ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍
ସିଆଇଏନ୍: ୟୁ୬୫୯୨୩କେ୧୨୦୧୦ପିଆଇସି୦୩୯୧୭୯, ୟୁନିଟ୍ ୩୦୧-୩୧୫, ତୃତୀୟ ମହଲା, ଏଡ୍ୱିଙ୍ଗ୍ କନକିଆ ୱାଲ ଷ୍ଟ୍ରିଟ୍, ଅନ୍ଧେରୀ-କୁର୍ଲା ରୋଡ୍, ଅନ୍ଧେରୀ ଇଷ୍ଟ, ମୁମ୍ବାଇ-୪୦୦୦୯୩

ପଜେସନ୍ ନୋଟିସ୍
(ସ୍ଥାବର ସମ୍ପତ୍ତି ପାଇଁ)

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍ (ମାହୋଫିନ୍)ର ପ୍ରାଧିକୃତ ଅଧିକାରୀଙ୍କ ତରଫରୁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଆକ୍ଟ) ୨୦୦୨ (୨୦୦୨ର ୫୪) ଧାରା ଅନୁଯାୟୀ ତାଙ୍କର କ୍ଷମତାର ପ୍ରୟୋଗ କରି ୨୦୦୨ର ୯ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ର ଧାରା ୧୩(୧୨)ରେ ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ ଜାରି କରି ନୋଟିସ ପାଇବାର ୬୦ଦିନ ମଧ୍ୟରେ ଋଣ ପରିଶୋଧ ପାଇଁ କୁହାଯାଇଥିଲା। ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ଯେହେତୁ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେସର୍ବସାଧାରଣ ତଥା ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ଗ୍ୟାରେଣ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି କି ସୁରକ୍ଷିତ ଋଣଦାତା (ମନପୁରମ୍ ହୋମ ଫାଇନାନ୍ସ ଲିମିଟେଡ୍)ଙ୍କ ନିକଟରେ ନିମ୍ନ ଦର୍ଶିତ ସ୍ଥାବର ସମ୍ପତ୍ତିଗୁଡ଼ିକ ବନ୍ଧକ ରହିଛି। ତେଣୁ ୯ ଆଇନର ୧୩/୪ ଧାରା ଅନୁଯାୟୀ ପ୍ରାଧିକୃତ ଅଧିକାରୀ ତାଙ୍କର କ୍ଷମତା ପ୍ରୟୋଗ କରି ଏହାକୁ ନିଜ ଦଖଲକୁ ନେଇଛନ୍ତି। ଋଣଗ୍ରହୀତା ଏବଂ ସର୍ବସାଧାରଣ ଏହି ସମ୍ପତ୍ତି ଉପରେ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ବିନା ଅନୁମତିରେ କୌଣସି କାରବାର କରିପାରିବେ ନାହିଁ। ନିମ୍ନରେ ସମ୍ପତ୍ତି ସଂପର୍କିତ ବିବରଣୀ ପ୍ରଦତ୍ତ।

| କ୍ର ନଂ | ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କ ନାମ/ ଋଣ ଏକାଉଣ୍ଟ ନଂ/ଶାଖା | ଯେଉଁ ଉଦ୍ଦେଶ୍ୟରେ ଏହି ସମ୍ପତ୍ତି ବନ୍ଧକ ରହିଥିବାର ବିବରଣୀ | ଡିମାଣ୍ଡ ନୋଟିସ ପଠାଯିବାର ତାରିଖ ଓ ବକେୟା ପରିମାଣ | ପଜେସନର ତାରିଖ |
|---|---|---|---|---|
| ୧ | ପ୍ରସନ୍ନ ବେହେରା, ନକୁଳ ବେହେରା, ସଂଗ୍ରାମ କୁମାର ମହାନ୍ତି/ ଏନଏଲଏପି୦୦୮୦୦୭୯୨୧/ କଟକ | ପରିବର୍ତ୍ତିତର ଏ୦.୧୨୦ ଡିସିମିଲ (୦.୦୪୮୬ ହେକ୍ଟର), ଖାତା ନଂ ୨୩୦/୪୩୮, ପ୍ଲଟ୍ ନଂ ୫୧୧/୧୧୭୬, ମୌଜା-ଭୋଗରା, ପିଏସ୍‌ନଂ-୯, ତହସିଲ ନଂ-୧୫୦, ଖୁଣ୍ଟୁଣି, ମଙ୍ଗଳା ମନ୍ଦିର ପାଖ, ତହସିଲ-ଆଠଗଡ଼, ଜିଲ୍ଲା-କଟକ, ପୋଷ୍ଟ-ଆଠଗଡ଼ ବଜାର, କଟକ, ଓଡ଼ିଶା, ପିନ୍-୭୫୪୨୯୫, ପୂର୍ବ- ଶଙ୍କର ବେହେରା, ପଶ୍ଚିମ- ରାସ୍ତା, ଦକ୍ଷିଣ- ରାସ୍ତା, ଉତ୍ତର- ପ୍ଲଟର ଅବଶିଷ୍ଟ ଅଂଶ। | ୦୭.୧୦.୨୦୨୪ ଏବଂ ଟ. ୫୩୧୪୮୭/- | ୧୪.୦୧.୨୦୨୫ |
| ୨ | କଳ୍ପନା ମହାନ୍ତି, ସଞ୍ଜୟ କୁମାର ମହାନ୍ତି/ ଏମଏଚ୍‌ଏଲ୍୦୦୯୬୦୦୧୫୫୦/ ବାଲେଶ୍ୱର | ଆରଓଆର ନଂ ୨୩୫/୬୦ ଏବଂ ପ୍ଲଟ ନଂ ୩୪୩/୮୯୨, ଏରିଆ- ଏ.୦.୧୦୦୦ ଡିସିମିଲ, ମୌଜା-ପୋଟାଗାଁ, ତହସିଲ-ବାଲେଶ୍ୱର, ପିଏସ୍-ବାଲେଶ୍ୱର ସଦର, ପିଏସ୍ ନଂ୬୫, ଆନନ୍ଦମାର୍ଗ ସ୍କୁଲ ନିକଟ, ବାଲେଶ୍ୱର ସଦର, ପୋଷ୍ଟ-ଝିଙ୍କିରିଆ, ଜିଲ୍ଲା- ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୨୭, ପୂର୍ବ: ଭଗବାନ ମହାନ୍ତି, ପଶ୍ଚିମ- କ୍ରେତା, ଦକ୍ଷିଣ- ସର୍ବସାଧାରଣ ରାସ୍ତା, ଉତ୍ତର- ପ୍ରଫୁଲ୍ଲ ମହାନ୍ତି। | ୦୮.୧୦.୨୦୨୪ ଏବଂ ଟ. ୪୩୦୧୫୭/- | ୧୪.୦୧.୨୦୨୫ |
| ୩ | କୁମାରୀ ବେହେରା, ରାଜ ବେହେରା/ ଏମଏଚଏଲ୦୦୭୮୦୦୧୨୬୭୪/ ଖୋର୍ଦ୍ଧା | ଆରଓଆର ନଂ ୧୦୦୨/୬୫୨ ଏବଂ ପ୍ଲଟ ନଂ ୨୧୨୭/୩୨୭୦, ଏ.୦୨୧ ଡିସିମିଲ, ମୌଜା-ମାନସିଂହପୁର, ପିଏସ୍ ନଂ ୪୩, ତହସିଲ- ଚିଲିକା, ପିଏସ୍- ଟାଙ୍ଗୀ, ଜିଲ୍ଲା- ଖୋର୍ଦ୍ଧା, ପୋଷ୍ଟ- ସୋରଣ, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୨୭, ପୂର୍ବ- ପ୍ରହ୍ଲାଦ ବେହେରା, ପଶ୍ଚିମ- କବି ବେହେରା, ଦକ୍ଷିଣ- ରାସ୍ତା, ଉତ୍ତର- ପ୍ଲଟ୍ ନଂ ୨୧୨୬। | ୧୦.୧୦.୨୦୨୪ ଏବଂ ଟ. ୩୬୨୦୫୮/- | ୧୪.୦୧.୨୦୨୫ |
| ୪ | ସାଧନା ପାଣ୍ଡେ, ନଟବର ପାଣ୍ଡେ/ ଏମଏ୯୦ସିଓଏଲଓଏନଏସ୍ ୦୦୦୦୦୫୦୦୮୯୭୪/କଟକ | ଆରଓଆର ନଂ ୨୧୭/୬୫ ଏବଂ ପ୍ଲଟ୍ ନଂ ୪୭୭, ଏରିଆ-ଏ.୧୯୪ ଡିସିମିଲ, ଗ୍ରାମ- ଅସରଳ ଦେଶ, ପିଏସ୍- ବୋଲଗଡ଼, ପିଏସ୍ ନଂ ୧୫୨, ଜିଲ୍ଲା- ଖୋର୍ଦ୍ଧା, ତହସିଲ- ବୋଲଗଡ଼, ଖୋର୍ଦ୍ଧା, ପୋଷ୍ଟ- ମଣିବନ୍ଧ, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୬୪, ପୂର୍ବ- ରାସ୍ତା, ପଶ୍ଚିମ- ବିଲଡିଂ, ଦକ୍ଷିଣ- ରାସ୍ତା, ଉତ୍ତର- ସରକାରୀ ଜମି। | ୨୧.୦୯.୨୦୨୪ ଏବଂ ଟ. ୪୭୮୧୦୨/- | ୧୪.୦୧.୨୦୨୫ |

ତାରିଖ: ୨୦.୦୧.୨୦୨୫, ସ୍ଥାନ: ଓଡ଼ିଶା
ସ୍ୱା/-ପ୍ରାଧିକୃତ ଅଧିକାରୀ, ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍



ନୂଆଦିଲ୍ଲୀ: ଦିଲ୍ଲୀ ବିଧାନସଭା ନିର୍ବାଚନକୁ ନେଇ ରାଜନୈତିକ ଦଳଗୁଡ଼ିକ ପରସ୍ପର ଉପରେ ଦୋଷ ଲଦୁଛନ୍ତି। ଏହି ସମୟରେ, ଆମ ଆଦମୀ ପାର୍ଟିର ବରିଷ୍ଠ ନେତା ଏବଂ ସାଂସଦ ସଞ୍ଜୟ ସିଂହ ପାଲମ ଏବଂ ନଜଫଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ସାଧାରଣ ସଭାକୁ ସମ୍ବୋଧିତ କରି କହିଛନ୍ତି ଯେ ବିଜେପି ଲୋକମାନେ ଅରବିନ୍ଦ କେଜରିୱାଲଙ୍କୁ ଆକ୍ରମଣ କରୁଛନ୍ତି। ମୁଁ ଦିଲ୍ଲୀବାସୀଙ୍କୁ ନିବେଦନ କରୁଛି ଯେ ଯେଉଁମାନେ ଆପଣଙ୍କ ପୁଅ ଅରବିନ୍ଦ କେଜ୍ରିୱାଲଙ୍କ ଉପରେ ଆକ୍ରମଣ କରୁଛନ୍ତି ସେମାନଙ୍କୁ ଭୋଟର ଶକ୍ତିରେ ଜବାବ ଦିଅନ୍ତୁ। ଆମେ ମୁଣ୍ଡ ନୁଆଁଇବୁ ନାହିଁ। ସେ କହିଛନ୍ତି ଯେ ବିଜେପି ମାଗଣା ବିଦ୍ୟୁତ୍-ପାଣି, ମହିଳା ବସ୍ ଯାତ୍ରା, ମୋହଲ୍ଲା କ୍ଲିନିକ୍, ସିସିଟିଭି ଏବଂ ମହିଳା ସମ୍ମାନ ରାଶି ଯୋଜନାକୁ ବିରୋଧ କରୁଛି। ଏବେ ବିଜେପି କହୁଛି ଯେ ଅରବିନ୍ଦ କେଜରିୱାଲ ଯାହା କାମ କରୁଛନ୍ତି, ଆମେ ମଧ୍ୟ ସେହି କାମ କରିବୁ। ବିଜେପିର ଘୋଷଣାପତ୍ର ସମ୍ପୂର୍ଣ୍ଣ ମିଥ୍ୟା। ପାଲମ ବିଧାନସଭାରେ ଏକ ସାଧାରଣ ସଭାରେ ଆମ ଆଦମୀ ପାର୍ଟିର ବରିଷ୍ଠ ନେତା ଏବଂ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ କହିଛନ୍ତି ଯେ ଯେତେବେଳେ ଆମେ ୨୦୧୨ ରେ ଆମ ଆଦମୀ ପାର୍ଟି ଗଠନ କରିଥିଲୁ, ଲୋକମାନେ ଆମ ଉପରେ ହସୁଥିଲେ।

## ପ୍ରତିଶ୍ରୁତି ପରେ ଅନଶନରୁ ଓହରିଲେ କୃଷକ ନେତା ଡଲ୍ଲେବାଲ



ଖନୌରୀ : ଦୀର୍ଘ ଦିନ ଧରି କୃଷକମାନେ ଆନ୍ଦୋଳନ କରି ଆସୁଛନ୍ତି। ଦୀର୍ଘ ୫୪ଦିନ ଧରି କୃଷକ ନେତା ଜଗଜିତ ସିଂହ ଡଲ୍ଲେବାଲା ଅନ୍ନ ଓ ଭୋଜନ ଗ୍ରହଣ କରୁନାହାନ୍ତି। ଏ ନେଇ କେନ୍ଦ୍ର ସରକାର ଫେବୃଆରୀ ୧୪ ତାରିଖରେ ପଞ୍ଜାବର ବିକ୍ଷୋଭକାରୀ ଚାଷୀଙ୍କ ସହ ଚଣ୍ଡିଗଡ଼ରେ ବୈଠକ କରିବେ, ଯେଉଁଥିରେ ସେମାନଙ୍କ ଦାବି ଉପରେ ଆଲୋଚନା କରାଯିବ। ଏ ନେଇ ସରକାରଙ୍କ ଜନୈକ ବରିଷ୍ଠ ଅଧିକାରୀ ରବିବାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ବୈଠକ ଚଣ୍ଡିଗଡ଼ ସେକ୍ଟର ୨୬ସ୍ଥିତ ମହାତ୍ମା ଗାନ୍ଧି ଇନିଷ୍ଟିଚ୍ୟୁଟରେ ଅନୁଷ୍ଠିତ ହେବ। ଏଥିରେ ଆନ୍ଦୋଳନକାରୀ ଚାଷୀ ଓ ସରକାର ଅଂଶଗ୍ରହଣ କରିବେ। ଏହି ସୂଚନା ମିଳିବା ପରେ ପଞ୍ଜାବର ୧୧୧ ଚାଷୀଙ୍କ ପଞ୍ଚମ ଦିନରେ ପହଞ୍ଚିଥିବା ଅନଶନ ଓ ହରିୟାଣାରେ ୩ ଦିନରେ ପହଞ୍ଚିଥିବା ୧୦ ଚାଷୀଙ୍କ ଆମରଣ ଅନଶନ ରବିବାର ସମାପ୍ତ ହୋଇଛି। କୃଷକ ନେତା କାକା ସିଂହ କୋଟଡା, ସୁଖଜିତ ସିଂହ ହରଦୋଝଣ୍ଡେ ଓ ବଲଦେବ ସିଂହ ସିରସା ଅନଶନକାରୀ ଚାଷୀଙ୍କୁ ଫଳ ରସ ପିଆଇ ସେମାନଙ୍କ ଅନଶନ ସମାପ୍ତ କରାଇଛନ୍ତି। ଆନ୍ଦୋଳନକାରୀ ଚାଷୀ ଫସଲର ଏମଏସପି ନିମନ୍ତେ ଆଇନଗତ ଗ୍ୟାରେଣ୍ଟି ଦାବି କରୁଛନ୍ତି। ପ୍ରସ୍ତାବିତ ବୈଠକ ଘୋଷଣା ପରେ କୃଷକ ନେତା ଜଗଜିତ ସିଂହ ଡଲ୍ଲେବାଲ ଚିକିତ୍ସା ସହାୟତା ନେବା ପାଇଁ ରାଜି ହୋଇଛନ୍ତି। ତାଙ୍କ ଅନଶନ ୫୪ ଦିନରେ ପ୍ରବେଶ କରିଥିବା ବେଳେ ତାଙ୍କୁ ଗ୍ଲୁକୋଜ ଲଗାଯାଇଛି। ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେ ଅନ୍ନ ଓ ଭୋଜନ ଗ୍ରହଣ କରିବେ ନାହିଁ ବୋଲି ସଫାସଫା କହିଛନ୍ତି। ଏହା ପୂର୍ବରୁ କେନ୍ଦ୍ର କୃଷି ମନ୍ତ୍ରାଳୟଙ୍କ ଯୁଗ୍ମ ସଚିବ ପ୍ରିୟ ରଞ୍ଜନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅନଶନରେ ବସିଥିବା ଡଲ୍ଲେବାଲଙ୍କ ନିକଟକୁ ପହଞ୍ଚି ଆଲୋଚନା କରିଛନ୍ତି। ପ୍ରତିନିଧି ଦଳ ଗତ ୧୧ ମାସ ହେଲା ଆନ୍ଦୋଳନ ଚଳାଇ ଆସୁଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣ ରାଜନୈତିକ) ଓ କିଷାନ ମଜଦୂର ମୋର୍ଚ୍ଚାର ପ୍ରତିନିଧିଙ୍କ ସହିତ ଆଲୋଚନା କରିଛନ୍ତି। ଏହି ବୈଠକ ଘୋଷଣା ପରେ କୃଷକ ନେତାମାନେ ଡଲ୍ଲେବାଲଙ୍କୁ ଚିକିତ୍ସା ସହାୟତା ନେବାକୁ ଅନୁରୋଧ କରିଥିଲେ, ଯାହା ଦ୍ୱାରା ହେବାକୁ ଥିବା ବୈଠକରେ ସେ ଅଂଶଗ୍ରହଣ କରିପାରିବେ। କେନ୍ଦ୍ର ସରକାର ମଧ୍ୟ ସେ ଅନଶନ ସମାପ୍ତ କରି ବୈଠକରେ ଅଂଶଗ୍ରହଣ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଗତବର୍ଷ ଫେବୃଆରୀରେ କେନ୍ଦ୍ର ମନ୍ତ୍ରୀଙ୍କ ସହିତ ଆଲୋଚନା ବିଫଳ ହେବା ପରେ ପ୍ରଥମ ଥର କେନ୍ଦ୍ରିୟ ପ୍ରତିନିଧି ଦଳ ପ୍ରସ୍ତାବ ସହିତ ଆନ୍ଦୋଳନରତ ଚାଷୀଙ୍କୁ ଭେଟିଛନ୍ତି। ଗତବର୍ଷ ୮,୧୨,୧୫ ଓ ୧୮ ଫେବୃଆରୀରେ କେନ୍ଦ୍ରମନ୍ତ୍ରୀ ଓ ଆନ୍ଦୋଳନକାରୀ ଚାଷୀଙ୍କ ମଧ୍ୟରେ ୪ ରାଉଣ୍ଡ ଆଲୋଚନା ହୋଇଥିଲା। ତେବେ ଏହି ଆଲୋଚନା ବିଫଳ ହୋଇଥିଲା। ଏଣୁ ଗତବର୍ଷ ଫେବୃଆରୀ ୧୩ ତାରିଖରୁ ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣ-ରାଜନୈତିକ) ଓ କିଷାନ ମଜଦୂର ମୋର୍ଚ୍ଚା ବ୍ୟାନରରେ ଚାଷୀମାନେ ଶମ୍ଭୁ ଓ ଖନୌରୀ ସୀମାରେ ବସି ରହିଛନ୍ତି। କାରଣ ସୁରକ୍ଷା କର୍ମୀମାନେ ସେମାନଙ୍କୁ ଦିଲ୍ଲୀ ସୀମାରେ ପ୍ରବେଶ ଅନୁମତି ଦେଇ ନଥିଲେ।

## ସ୍ୱାସ୍ଥ୍ୟ କ୍ଷେତ୍ରରେ ସମୃଦ୍ଧିର ମନ୍ତ୍ର ନେଇ ଆଗକୁ ବଢ଼ିବ ଛତିଶଗଡ : ବିଷ୍ଣୁଦେବ



ରାୟପୁର : ଛତିଶଗଡ ରାଜ୍ୟ ସ୍ଥାପନର ରଜତ ଜୟନ୍ତୀ ପାଳନ କରୁଛି ରାଜ୍ୟ। ବିକଶିତ ଛତିଶଗଡ ପାଇଁ ଆମେ ପ୍ରୟାସ ଜାରି ରଖିଛୁ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସମୃଦ୍ଧି ଆସିଲେ ସେହି ମନ୍ତ୍ରକୁ ନେଇ ଛତିଶଗଡ ଆଗକୁ ବଢ଼ିବ ବୋଲି ମତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ସେ କହିଥିଲେ ଆଜି ଛତିଶଗଡ ମେଡିକାଲ କ୍ଷେତ୍ରରେ ଏକ ବଡ ସ୍ଥାନ ଅଧିକାର କରିଛି। ଅତୀତରେ ସମୟ ଥିଲା ଯେତେବେଳେ ଗମ୍ଭୀର ରୋଗ ପାଇଁ ଲୋକଙ୍କୁ ଦିଲ୍ଲୀ ମୁମ୍ବାଇ ଯିବାକୁ ପଡୁଥିଲା। ଆଜି କିନ୍ତୁ ସେ ରୋଗର ଉପଚାର ଛତିଶଗଡରେ ହୋଇପାରୁଛି। ରୋଗୀଙ୍କ ସେବା ମନୋଭାବ ରଖି ଡାକ୍ତରମାନେ ମଧ୍ୟ କାର୍ଯ୍ୟ କରୁଛନ୍ତି। ହାର୍ଟ ଏବଂ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟେସନ ସହ ଅନ୍ୟ ସବୁ ବେମାରିର ଉପଚାର ପାଇଁ ରାୟପୁର ହସ୍ପିଟାଲରେ ସମସ୍ତ ବ୍ୟବସ୍ଥା ରହିଛି। ରବିବାର ଇଣ୍ଡିଆନ୍ ମେଡିକାଲ ଆସୋସିଏସନର ଶପଥ ଗ୍ରହଣ ସମାରୋହରେ ଶ୍ରୀ ସାଏ ଯୋଗଦେଇ ଏହି ମତ ରଖିଛନ୍ତି। ଶ୍ରୀ ସାଏ କହିଥିଲେ ଛତିଶଗଡର ନାଗରିକଙ୍କ ପାଇଁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ପ୍ରସ୍ତୁତ ରହିଛନ୍ତି। ଆମ ସରକାର ରାଜ୍ୟର ସ୍ୱାସ୍ଥ୍ୟ ସେବାର ବିସ୍ତାର ମଧ୍ୟ କରିଛନ୍ତି। ସେ କହିଥିଲେ ଆମ ରାଜ୍ୟରେ ୧୪ଟି ମେଡିକାଲ କଲେଜ ରହିଛି। ସେହିପରି ନୂଆ ମେଡିକାଲ କଲେଜ ଗୁଡିକର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଏହି ସମାରୋହରେ ଛତିଶଗଡ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ୟାମବିହାରୀ ଜୟସ୍ୱାଲ ଯୋଗଦେଇ କହିଥିଲେ ଯେ, ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ସୁଗମ ତଥା ଅଭିବୃଦ୍ଧିଜନକ କରିବା ପାଇଁ ଆମେ ସମର୍ପଣ ମନୋଭାବ ନେଇ କାର୍ଯ୍ୟ କରୁଛୁ। ଏହି କାର୍ଯ୍ୟକ୍ରମରେ ବିଧାୟକ ପୁରନ୍ଦର ମିଶ୍ରା, ସୁନୀଲ ସୋନି, ଆଇଏମ୍ଏର ଅଧ୍ୟକ୍ଷ ପ୍ରଭାତ ପାଣ୍ଡେୟ, ପୂର୍ଣ୍ଣେନ୍ଦୁ ସକ୍‌ସେନା, ଇଣ୍ଡିଆନ ମେଡିକାଲ ଆସୋସିଏସନର ପଦାଧିକାରୀ ଓ ବହୁ ଡାକ୍ତର ଉପସ୍ଥିତ ଥିଲେ।

## ଆମେରିକାରେ ଟିକ୍‌ଟକ୍ ବ୍ୟାନ୍




ନୂଆଦିଲ୍ଲୀ: ଆମେରିକାରେ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଟିକଟକ୍ ବନ୍ଦ ହୋଇଯାଇଛି। ଦେଶରେ ପ୍ରାୟ ୧୭ କୋଟି ଆମେରିକୀୟ ୟୁଜର୍ସ ଏହି ଆପ୍ ବ୍ୟବହାର କରୁଥିଲେ। ଚାଇନାର କମ୍ପାନୀ ବାଇଟଡାନ୍ସର ମାଲିକାନା ଥିବା ଟିକଟକ୍ ଶନିବାର ରାତିରେ ଏହାର ଉପଭୋକ୍ତାଙ୍କୁ ଦେଇଥିବା ବାର୍ତ୍ତାରେ କହିଛି ଯେ, ଆମେରିକାରେ ଟିକଟକ୍ ଉପରେ ନିଷେଧାଦେଶ ଲାଗୁ ହୋଇଛି। ଏହାର ଅର୍ଥ ଆପଣ ବର୍ତ୍ତମାନ ଟିକଟକ୍ ବ୍ୟବହାର କରିପାରିବେ ନାହିଁ। ତଥାପି, ଆମେ ଖୁସି ଯେ ନୂତନ ରାଷ୍ଟ୍ରପତି ଟ୍ରମ୍ପ ପ୍ରତିଶୃତି ଦେଇଛନ୍ତି ଯେ ସେ ଟିକଟକର ପୁନରୁଦ୍ଧାର ପାଇଁ ଆମ ସହ କାମ କରିବେ। ଡୋନାଲ୍ଡ ଟ୍ରମ୍ପ କାର୍ଯ୍ୟଭାର ଗ୍ରହଣ କରିବା ପରେ ଟିକଟକ୍‌କୁ ୯୦ ଦିନ ସମୟ ଦେଇଥିବା ସୂଚନା ରହିଛି। ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ସହିତ ଏ ବିଷୟରେ ଆଲୋଚନା କରିବାକୁ ଟିକଟକ୍ ସୂଚିତ କରିଛି। ଗତବର୍ଷ ପାରିତ ହୋଇଥିବା ଏକ ଆଇନ ଅନୁଯାୟୀ ଟିକଟକ୍ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଏହି ନିଷେଧାଦେଶକୁ ଶୁକ୍ରବାର ଦିନ ଆମେରିକାର ସୁପ୍ରିମକୋର୍ଟ ମଧ୍ୟ ସମର୍ଥନ କରିଛନ୍ତି। ଟିକଟକ୍ ଉପରେ ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ନାହିଁ ତାହା ବର୍ତ୍ତମାନ ଆସୁଥିବା ଟ୍ରମ୍ପ ପ୍ରଶାସନ ଉପରେ ନିର୍ଭର କରେ। ସେପଟେ ୱାଶିଂଟନ୍‌ରେ ଥିବା ଚୀନ୍ ଦୂତାବାସ ଟିକଟକ୍‌କୁ ବନ୍ଦ କରିବା ପାଇଁ ଅଯଥା ଶକ୍ତି ବ୍ୟବହାର କରୁଥିବା ଅଭିଯୋଗ କରିଛି।

## ଗଙ୍ଗାରେ ଡଙ୍ଗା ଓଲଟି ୩ ମୃତ, ଅନେକ ନିଖୋଜ



ନୂଆଦିଲ୍ଲୀ : ବିହାରର କଟିହାରରେ ଏକ ବଡ଼ ଦୁର୍ଘଟଣା ଘଟିଯାଇଛି। ଅମଦାବାଦର କଟିହାରରେ ଗଙ୍ଗା ନଦୀରେ ଡଙ୍ଗା ବୁଡ଼ିଯିବା ଫଳରେ ଅନେକ ଲୋକ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଡଙ୍ଗାରେ ମୋଟ ୧୭ ଜଣ ଥିଲେ। ଯେଉଁଥିରୁ ତିନି ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏବେ ବି ଅନେକ ଲୋକ ନିଖୋଜ ଥିବା ଜଣାପଡ଼ିଛି। ଚାରି ଜଣ ଲୋକ ପହଁରି ନିଜ ଜୀବନ ବଞ୍ଚାଇଥିଲେ। ସମସ୍ତ ଲୋକ ଦକ୍ଷିଣ କରିମୁଲ୍ଲାପୁରର ମେଘୁ ଘାଟରୁ ଡଙ୍ଗାରେ ଚଢ଼ି ଗଦାଇ ଦିଆରା ଯାଉଥିଲେ। ଡଙ୍ଗା ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଏସ୍‌ଡିଆର୍‌ଏଫ୍ ଏବଂ ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହା ସହ ନିଖୋଜ ଲୋକଙ୍କୁ ଖୋଜା ଚାଲିଛି। ଯେଉଁ ତିନି ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ୬୦ ବର୍ଷୀୟ ପବନ କୁମାର, ୭୦ ବର୍ଷୀୟ ସୁଧୀର ମଣ୍ଡଳ ଏବଂ ଏକ ବର୍ଷର ଶିଶୁ ଅନ୍ତର୍ଭୁକ୍ତ। ବାକି ନିଖୋଜ ଲୋକଙ୍କୁ ଖୋଜିବା ପାଇଁ ଏସ୍‌ଡିଆର୍‌ଏଫ୍ ଏକ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ପୋଲିସ ଅଧିକାରୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପ୍ରବଳ ସ୍ରୋତ ଏବଂ ଗଭୀରତା ଯୋଗୁଁ, ନିଖୋଜ ଲୋକଙ୍କୁ ଖୋଜିବାରେ ଅସୁବିଧା ହେଉଛି। କୁହାଯାଉଛି ଯେ ଡଙ୍ଗାରେ ଥିବା ଲୋକମାନେ ଦିଆରା ଅଞ୍ଚଳକୁ କ୍ଷେତକୁ ଚାଷ କାମ କରିବାକୁ ଯାଉଥିଲେ। ଡଙ୍ଗା ଦୁର୍ଘଟଣାରେ ଉଦ୍ଧାର ହୋଇଥିବା ଲୋକଙ୍କୁ ଅହମଦାବାଦ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ସୈଫ ଅଲିଙ୍କ ଉପରେ ଆକ୍ରମଣ ଘଟଣା : ରିମାଣ୍ଡରେ ଅଭିଯୁକ୍ତ



ମୁମ୍ବାଇ: ବଲିଉଡ ଅଭିନେତା ସୈଫ ଅଲ୍ଲୀ ଖାନଙ୍କୁ ଛୁରୀରେ ଆକ୍ରମଣ କରିଥିବା ଅଭିଯୁକ୍ତକୁ ମୁମ୍ବାଇ ପୋଲିସ ଥାନେ ପଶ୍ଚିମ ଅଞ୍ଚଳରୁ ରବିବାର ଗିରଫ କରି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରିଥିଲା। ମୁମ୍ବାଇ ପୋଲିସର ତଦନ୍ତକାରୀ ଅଧିକାରୀ ମାଜିଷ୍ଟ୍ରେଟଙ୍କୁ କହିଥିଲେ ଯେ ଅଭିଯୁକ୍ତ ଜଣେ ବାଂଲାଦେଶୀ ଏବଂ ସେ ବୈଧ କାଗଜପତ୍ର ବିନା ଭାରତରେ କିପରି ପ୍ରବେଶ କଲା ତାହା ଖୋଜିବା ଆବଶ୍ୟକ। ଏହାର ତଦନ୍ତ ପାଇଁ ପୋଲିସ ୧୫ ଦିନର ହେପାଜତ ଦାବି କରିଥିଲା। ତେବେ ଅଦାଲତ ୫ଦିନ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି। ସରକାରୀ ଓକିଲ ମାଜିଷ୍ଟ୍ରେଟଙ୍କୁ କହିଥିଲେ, 'ଅଭିଯୁକ୍ତ ଜାଣିଥିଲା ଯେ କେଉଁ ଅଞ୍ଚଳରେ ସେଲିବ୍ରିଟିମାନେ ରୁହନ୍ତି ଏବଂ ସେଠାରେ ସୁରକ୍ଷା ବ୍ୟବସ୍ଥା ଅଛି, ତଥାପି ସେ ଭିତରକୁ ପ୍ରବେଶ କରିଥିଲେ। ଏହାର ଅର୍ଥ ହେଉଛି ସେ ଏହା ଯୋଜନା କରିଥିଲେ। ଏହାର ତଦନ୍ତ ହେବା ଆବଶ୍ୟକ। ଅଭିଯୁକ୍ତଙ୍କ ରକ୍ତ ନମୁନା ନିଆଯିବା ଆବଶ୍ୟକ। ଯେଉଁ ସମୟରେ ଅଭିଯୁକ୍ତ ଆକ୍ରମଣ କରିଥିଲେ, ସେହି ସମୟରେ ତାଙ୍କ ଶରୀରରେ ମଧ୍ୟ ରକ୍ତ ଲାଗିଥିବା ଆବଶ୍ୟକ। ଆମକୁ ସେହି କପଡାକୁ ଜବତ କରିବାକୁ ପଡିବ ଯାହା ଦ୍ୱାରା ଏହାକୁ ମେଳ କରାଯାଇପାରିବ। ଅଭିଯୁକ୍ତଙ୍କ ଓକିଲ ପୋଲିସର ଦାବିକୁ ଖଣ୍ଡନ କରି କହିଛନ୍ତି ଯେ ସେ ବାଂଲାଦେଶୀ ନୁହଁନ୍ତି ବରଂ ମୁମ୍ବାଇରେ ରହୁଥିବା ଜଣେ ଭାରତୀୟ ନାଗରିକ। ଅଭିଯୁକ୍ତଙ୍କ ଓକିଲ ମାଜିଷ୍ଟ୍ରେଟଙ୍କୁ କହିଥିଲେ ଯେ ପୀଡିତ ଜଣେ ହାଇ ପ୍ରୋଫାଇଲ ବ୍ୟକ୍ତି, ତେଣୁ ଏହି ପ୍ରସଙ୍ଗକୁ ଅଧିକ ଉଡ଼ାଇ ଦିଆଯାଉଛି। ଯଦି ନୁହେଁ, ତେବେ ଏହାକୁ ଏକ ସାଧାରଣ ଘଟଣା ଭାବରେ ବିବେଚନା କରାଯାଇଥାନ୍ତା। ଅଭିଯୁକ୍ତଙ୍କୁ ହେପାଜତରେ ରଖିବାର କୌଣସି ଆବଶ୍ୟକତା ନାହିଁ। ପୋଲିସ ତାଙ୍କୁ ଟାର୍ଗେଟ କରୁଛି। ଗିରଫ ବ୍ୟକ୍ତି ଅଭ୍ୟାସଗତ ଅପରାଧୀ ନୁହଁନ୍ତି।

# ବାଣିଜ୍ୟ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱର ସୂର୍ଯ୍ୟନଗର ଅଞ୍ଚଳରେ ରହୁଥିବା ରୋନକ ଅଗ୍ରୱାଲ ରବିବାର ଅପରାହ୍ନ ପଟିଆସ୍ଥିତ କିସ୍ନା ଜୁଏଲାରୀରୁ ଏକ ଲକି ଡ୍ର'ରେ ମାରୁତୀ ସେଲେରିଓ କାର ଜିତିଥିବା ନେଇ ଫୋନ୍ ପାଇବାରୁ ନିଜ କାନକୁ ବିଶ୍ୱାସ କରିପାରିନଥିଲେ। ସେ କହିଛନ୍ତି, 'ମୁଁ ଆଜି ନିଜକୁ ଭାଗ୍ୟବାନ ମନେ କରୁଛି। ମୁଁ ଯେଉଁଠି ବି କିଣାକିଣି କରିବାକୁ ଯାଉଥିଲି, ମୋ ସ୍ୱାମୀଙ୍କ ସହ ହେଉ କିମ୍ବା ଏକୁଟିଆ, ମୁଁ ଲକି ଡ୍ର କୁପନ୍ ପୂରଣ କରୁଥିଲି କିନ୍ତୁ କେବେ ବି ପୁରସ୍କାର ପାଇନଥିଲି। ସେଥିପାଇଁ ମୁଁ ଏକ କାର୍ ଜିତିଛି ବୋଲି ବିଶ୍ୱାସ କରିବାକୁ ମୋତେ କିଛି ସମୟ ଲାଗିଲା। ଭୁବନେଶ୍ୱରର ଅଗ୍ରଣୀ ଗହଣା ବ୍ରାଣ୍ଡ କିସ୍ନା ଜୁଏଲାରୀର ମାଲିକ ଅମିତ ଅଗ୍ରୱାଲଙ୍କ ଠାରୁ ପତ୍ନୀ ରୋନକଙ୍କୁ କାର୍ ନେଉଥିବା ଦେଖି ତାଙ୍କ ସ୍ୱାମୀ କୁନାଲ ଅଗ୍ରୱାଲଙ୍କ ଆଖିରେ ବି ଲୁହ ଆସିଯାଇଥିଲା । ପୁରସ୍କାର ମିଳିବା ପରେ ଏହି ଦମ୍ପତି ଲଙ୍ଗ ଡ୍ରାଇଭ୍ କରିବାକୁ ନିଷ୍ପତ୍ତି ନେଇସାରିଛନ୍ତି। ଆଉ ଜଣେ ଗ୍ରାହକ ଶ୍ରୀ ଆଶୁତୋଷ ମହାନ୍ତି ପ୍ରଥମ ପୁରସ୍କାର ଆକାରରେ ୫୦୦୦ ଟଙ୍କା ପାଇଥିବା ବେଳେ ଦ୍ୱିତୀୟ ବିଜେତା ଭାବେ ସ୍ମିତିରଞ୍ଜନ ରାଉତ ନଗଦ ୩୦୦୦ ଟଙ୍କାର ତୃତୀୟ ପୁରସ୍କାର ରାଶି ଜିତିଥିଲେ। କିସ୍ନା ଜୁଏଲାରୀର ମାଲିକ ଶ୍ରୀ ଅମିତ ଅଗ୍ରୱାଲ କହିଛନ୍ତି, ଏହା ପ୍ରଥମ ଥର ନୁହେଁ, ଆମେ ଆମର ମୂଲ୍ୟବାନ ଗ୍ରାହକଙ୍କ ସହ ଆମର ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଏଭଳି ଅନେକ ପଦକ୍ଷେପ ନେଇଛୁ।

## କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀଙ୍କ ପ୍ରଥମ ଓଡ଼ିଶା ଗସ୍ତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ତାଙ୍କର ପ୍ରଥମ ଓଡ଼ିଶା ଗସ୍ତରେ ଆସି ରବିବାର ଖଣି ଏବଂ କୋଇଲା ଶିଳ୍ପ ସହିତ ଜଡିତ ବିଭିନ୍ନ ସରକାରୀ କ୍ଷେତ୍ର, ଘରୋଇ କ୍ଷେତ୍ର ଏବଂ ଶିଳ୍ପ ସଂଘର ଅଂଶୀଦାରମାନଙ୍କ ସହିତ ଏକ ପାରସ୍ପରିକ ଆଲୋଚନା କରିଥିଲେ। ଭୁବନେଶ୍ୱରସ୍ଥିତ ନାଲକୋ ଭବନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀଙ୍କ ସହିତ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସଚିବ ଭି.ଏଲ. କାନ୍ତା ରାଓ, ଆଇଏଏସ୍ ଏବଂ କୋଇଲା ଏବଂ ଖଣି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ସିଜିପିବି ବୈଠକରେ ଯୋଗ ଦେଲେ ଖଣି ମନ୍ତ୍ରଣାଳୟର ସଚିବ ଭିଏଲ୍‌କାନ୍ତ ରାଓ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କେନ୍ଦ୍ରୀୟ ଭୂତତ୍ତ୍ୱ ପ୍ରୋଗ୍ରାମିଂବୋର୍ଡ (ସିଜିପିବି)ର ୬୪ତମ ବୈଠକ ଲୋକସେବା ଭବନ ସ୍ଥିତରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖଣିମନ୍ତ୍ରଣାଳୟ ସଚିବ ତଥା ସିଜିପିବିର ଅଧ୍ୟକ୍ଷ ଭିଏଲକାନ୍ତ ରାଓ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଜିଏସ୍ଆଇର ମହାନିର୍ଦ୍ଦେଶକ ଅସିତ ସାହା ଓ ଖଣିମନ୍ତ୍ରଣାଳୟର ଅତିରିକ୍ତ ସଚିବ ସୟଲୋହିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅନୁସନ୍ଧାନ, ଗବେଷଣା ଏବଂ ଖଣିକ୍ଷେତ୍ରର ପ୍ରମୁଖ ଅଂଶୀଦାରମାନଙ୍କୁ ଏକାଠି କରି ଭୂବିଜ୍ଞାନର ଅଗ୍ରଗତି, ଖଣିଜ ଅନୁସନ୍ଧାନ ରଣନୀତି ଏବଂ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଉପରେ ଆଲୋଚନା କରିଥିଲା। ଆଗାମୀ କ୍ଷେତ୍ର ଋତୁବର୍ଷ ୨୦୨୫-୨୬ ପାଇଁ ଜିଏସଆଇର ପ୍ରସ୍ତାବିତ ବାର୍ଷିକ କାର୍ଯ୍ୟକ୍ରମ ଆଲୋଚନା ପାଇଁ ବୋର୍ଡ ନିକଟରେ ଉପସ୍ଥାପନ କରାଯାଇଥିଲା। ୬୪ତମ ସିଜିପିବି ବୈଠକରେ ନିଜ ଅଭିଭାଷଣରେ ଖଣିମନ୍ତ୍ରଣାଳୟର ସଚିବ ତଥା ସିଜିପିବିର ଅଧ୍ୟକ୍ଷ ଭିଏଲ୍‌କାନ୍ତ ରାଓ ସହଯୋଗକୁ ପ୍ରୋତ୍ସାହିତ କରିବାଏବଂ ଭୂବିଜ୍ଞାନକୁ ଆଗେଇ ନେବାରେ ପ୍ଲାଟଫର୍ମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ରାଓ ୨୦୨୪-୨୫ ବର୍ଷରେ ଏପର୍ଯ୍ୟନ୍ତ ୨୪ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକର ସଫଳ ନିଲାମଏବଂ ୧୩ଟି ବିଦେଶୀ ଖଣିଜ ବ୍ଲକର ଭାରତର ପ୍ରଥମ ନିଲାମର ଶୁଭାରମ୍ଭ ଉପରେ ଆଲୋକପାତ କରିଥିଲେ। ବୈଠକର ବୈଷୟିକ ଅଧିବେଶନରେ ହାକାଥନ ବିଜେତାମାନେ- ଯଥା ପ୍ରଥମ ପୁରସ୍କାର ବିଜେତା ଦଳ ଏଏମଡି, ଦ୍ୱିତୀୟ ପୁରସ୍କାର ବିଜେତା ଦଳ ଜିଏସଆଇ ଏବଂ ତୃତୀୟ ପୁରସ୍କାର ବିଜେତା ଦଳ ଆଇଆଇଟି-ଆଇଏସଏମ, ଧନବାଦ ଏଆଇ/ଏମଏଲ ଉପକରଣ ବ୍ୟବହାର କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥକୁ ଟାର୍ଗେଟ କରିବା ପାଇଁ ସେମାନଙ୍କର ଆଲଗୋରିଦମ୍ ଏବଂ ପଦ୍ଧତି ଉପସ୍ଥାପନ କରିଥିଲେ। ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଭି.ଏଲ୍.କାନ୍ତ ରାଓ ଭୂବିଜ୍ଞାନର ବିଭିନ୍ନ ବିଷୟବସ୍ତୁ ଉପରେ ବିଭିନ୍ନ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ, ଯେଉଁଥିରେ ଜିଏସଆଇ, ପିଏସୟୁ, ଘରୋଇ ଅନୁସନ୍ଧାନ ଏଜେନ୍ସି ଏବଂ ଷ୍ଟାର୍ଟଅପ୍ ସେମାନଙ୍କର ସଫଳତା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ଏକ ପ୍ରେରଣାଦାୟକ ଭାବରେ ଶେଷହୋଇଥିଲା ଯେଉଁଥିରେ ପ୍ରଗତି, ନବସୃଜନ ଏବଂ ଆଗାମୀ ପିଢ଼ି ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏକ ମିଳିତ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ଇଲେକ୍ଟ୍ରିକ ସ୍କୁଟର ଡେଫି ୨୨ର ଶୁଭାରମ୍ଭ



ନୂଆଦିଲ୍ଲୀ : ଇଲେକ୍ଟ୍ରିକ ମୋବିଲିଟି କ୍ଷେତ୍ରର ବିଶ୍ୱସ୍ତ ନାମ ଓପିଜି ମୋବିଲିଟି (ପୂର୍ବରୁ ଓକାୟା ଇଭି ନାମରେ ପରିଚିତ) ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ ୨୦୨୫ ରେ ବହୁ ପ୍ରତୀକ୍ଷିତ ଫେରାଟୋ 'ଡେଫି ୨୨'ର ଶୁଭାରମ୍ଭ କରିଛି। ୨୦୨୫ ଜାନୁଆରି ୧୭ ତାରିଖରୁ ଡେଫି ୨୨ ର ପ୍ରି-ବୁକିଂ ଆରମ୍ଭ ହେବ। ନୂଆ ଇଲେକ୍ଟ୍ରିକ ସ୍କୁଟର ଫେରାଟୋ 'ଡେଫି ୨୨' ରେ କମ୍ବି ଡିସ୍କ ବ୍ରେକ୍ ସିଷ୍ଟମ୍ ଲାଗିଛି, ଯାହା ୮୦ କିଲୋମିଟର ରେ ସହ ୭୦ କିଲୋମିଟର ବେଗରେ ଗତି କରିଥାଏ, ଯାହାକୁ ଆଇସିଏଟି ଗୋଟିଏ ଚାର୍ଜରେ ଯାଂଚ କରିଛି। ଏଥିରେ ଅତ୍ୟନ୍ତ ସ୍ଥାୟୀ ଆଇପି ୬୭-ରେଟେଡ ଏଲଏଫପି ବ୍ୟାଟେରୀ ଏବଂ ଏକ ୱେଦରପ୍ରୁଫ ଆଇପି୬୫-ରେଟେଡ ଚାର୍ଜର ରହିଛି। ୭ ଇଂଚର ଟଚ ଡିସପ୍ଲେ ସ୍ପିଡୋମିଟର ସହିତ ମ୍ୟୁଜିକ ଫିଚର ଏବଂ ଷ୍ଟାଇଲିସ୍ ୧୨ ଇଂଚର ଆଲଏ ହ୍ୱିଲ ଏହାର ଡିଜାଇନକୁ କ୍ଲାସି ଏବଂ ବୋଲ୍ଡ କରୁଛି। ୧୨୦୦ ୱାଟର ମୋଟର ପାୱାର ଏବଂ ୨୫୦୦ ୱାଟର ପିକ୍ ପାୱାର ସହିତ ୭୨ଭି ୩୦ଏଏଚ (୨.୨ କିଲୋୱାଟ୍) ଏଲ୍‌ଏଫପି ବ୍ୟାଟେରୀ ସହିତ ଡେଫି ୨୨ ଏକ ଶକ୍ତିଶାଳୀ ଏବଂ ବ୍ୟବହାରିକ ଯାତ୍ରା ପ୍ରଦାନ କରିଥାଏ। ଓପିଜି ମୋବିଲିଟିର ମ୍ୟାନେଜିଂ ଡାଇରେକ୍ଟର ଅଂଶୁଲ ଗୁପ୍ତା ଏକ୍ସପୋରେ ଫେରାଟୋ 'ଡେଫି ୨୨' କୁ ଶୁଭାରମ୍ଭ କରି କହିଛନ୍ତି, 'ଭାରତୀୟଙ୍କୁ ଦୈନନ୍ଦିନ ଯାତାୟାତର ଚମତ୍କାର ଯାତ୍ରା ଅନୁଭୂତି ପ୍ରଦାନ କରୁଥିବା ଷ୍ଟାଇଲିସ୍ ତଥା ପ୍ରାକ୍ଟିକାଲ ସ୍କୁଟର ଶୁଭାରମ୍ଭ କରି ଆମେ ଆନନ୍ଦିତ। ଅସାଧାରଣ ଶୈଳୀ, ଅତୁଳନୀୟ ଶକ୍ତି ଏବଂ ଶୀର୍ଷସ୍ତରୀୟ ପ୍ରଦର୍ଶନର ସଠିକ ମିଶ୍ରଣ ହେଉଛି ନୂଆ ଡେଫି ୨୨। ଆଗାମୀ ଦିନରେ ଭାରତରେ ଦୁଇ ଚକିଆ ଯାନ ଇଲେକ୍ଟ୍ରିକ୍ ମୋବିଲିଟି କ୍ଷେତ୍ରରେ ଏହା ବିପ୍ଳବ ଆଣିବ।

## ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ କ୍ୟୁସି-୧ର ମୂଲ୍ୟ ଘୋଷଣା



ନୂତନଦିଲ୍ଲୀ: ହୋଣ୍ଡା ମୋଟର ସାଇକ୍ଲ ଏବଂ ସ୍କୁଟର ଇଣ୍ଡିଆ (HMSI) ଏହାର ଭବିଷ୍ୟତ ଗତିଶୀଳତାକୁ ପୁନଃ ପରିଭାଷିତ କରିବା ପାଇଁ ପ୍ରସ୍ତୁତ। HMSI ୧୭-୨୨ ଜାନୁଆରୀ୨୦୨୫ ମଧ୍ୟରେ ନୂତନ ଦିଲ୍ଲୀର ଭାରତ ମଣ୍ଡପରେ ଆୟୋଜିତ ଭାରତଗତିଶୀଳତା ଗ୍ଲୋବାଲ୍ ଏକ୍ସପୋ ୨୦୨୫ରେ କିଛି ନୂତନ ଏବଂ ପ୍ରଯୁକ୍ତିକ ଦୃଷ୍ଟିକୋଣରେ ଉତ୍ତୀର୍ଣ୍ଣ ପ୍ରଡକ୍ଟ ଦେଖାଇବାକୁ ଯୋଜନା କରିଛ। ହୋଣ୍ଡା ପଭିଲିଓ ନେତୃତ୍ୱ କରିବେ ନୂତନ ଆକ୍ଟିଭାର: ଏବଂ କ୍ୟୁସି-୧ ଇଲେକ୍ଟ୍ରି ସ୍କୁଟରଗୁଡ଼ିକ, ଯାହାର ପ୍ରାଥମିକ ମୂଲ୍ୟ ଆଜି ଘୋଷଣା କରାଯାଇଛି। ନୂତନ ଆକ୍ଟିଭାର: ଏବଂ କ୍ୟୁସି-୧କୁ ପ୍ରତି ସ୍ଥାପିତ ମୂଲ୍ୟରୁ. ୧,୧୭,୦୦୦ ଏବଂ ରୁ. ୯୦,୦୦୦ରୁ ଆରମ୍ଭ ହେଉଛି। ବେଙ୍ଗାଲୁରୁଏକ୍ସ-ଶୋ'ରୁମ୍‌ର ମୂଲ୍ୟ ଅନୁସାରେ। କମ୍ପାନୀ ଏହି ଇଭିଏସ୍ ପାଇଁ ଏକ କେୟାର ପ୍ୟାକେଜ୍ ପ୍ରସ୍ତୁତ କରିଛି। ଏହି ଅବସରରେ କଥା କହିଥିବା ସୁଟସୁମୁ ଓଟାନି, ମ୍ୟାନେଜିଂ ଡାଇରେକ୍ଟର ପ୍ରେସିଡେଣ୍ଟ ଏବଂ ସିଇଓ, ହୋଣ୍ଡା ମୋଟରସାଇକଲ୍ ଏବଂ ସ୍କୁଟର ଇଣ୍ଡିଆ, କହିଲେ, 'ହୋଣ୍ଡାରେ, ଆମେ ମୋବିଲିଟିର ଭବିଷ୍ୟତ ଆକୃତି କରିବାରେ ବିଶ୍ୱାସ କରିଛୁ ଯାହା ଅବିରତ ଉନ୍ନତି ଏବଂ ଗ୍ରାହକ କେନ୍ଦ୍ରିତ ଦୃଷ୍ଟିକୋଣ ମାଧ୍ୟମରେ ସମ୍ପନ୍ନ ହୁଏ। ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ୨୦୨୫ ହେଉଛି ଆମର କାର୍ବନ୍ୟୁଟ୍ରାଲିଟି ଏବଂ ସସ୍ଥାୟୀ ମୋବିଲିଟି ସମାଧାନ ପ୍ରତି ଆମର ପ୍ରୟାସ ଦେଖାଇବାକୁ ସର୍ବୋତ୍ତମ ପ୍ଲାଟଫର୍ମ।

## ଇଆର୍‌ଆଇସିର ପ୍ରଥମ ମହିଳା ଅଧ୍ୟକ୍ଷ ଭାବେ ସସ୍ମିତା ପଣ୍ଡା ନିର୍ବାଚିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରୀ ଅଫ୍ ଇଣ୍ଡିଆ (ଆଇସିଏସ୍‌ଆଇ)ର ଇଷ୍ଟର୍ଣ୍ଣ ଇଣ୍ଡିଆ ରିଜିଓନାଲ କାଉନସିଲ (ଇଆରଆଇସି)ର ଭୁବନେଶ୍ୱର ଚାପ୍ଟର ୨୦୨୫ ବର୍ଷ ପାଇଁ ସିଏସ୍ ସସ୍ମିତା ପଣ୍ଡାଙ୍କୁ ଏହାର ପ୍ରଥମ ମହିଳା ଅଧ୍ୟକ୍ଷ ଭାବେ ନିର୍ବାଚିତ କରି ଏକ ଐତିହାସିକ ମାଇଲଖୁଂଟ ହାସଲ କରିଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ କାରଣ ଏହି ଅଧ୍ୟାୟ ଆରମ୍ଭରୁ କେବେ ବି କୌଣସି ମହିଳାଙ୍କ ଦ୍ୱାରା ପରିଚାଳିତ ହୋଇନଥିଲା। ତାଙ୍କର ଅଧ୍ୟକ୍ଷତା ପ୍ରଗତିର ପ୍ରତୀକ ଏବଂ ଓଡ଼ିଶାରେ କମ୍ପାନୀ ସେକ୍ରେଟାରୀ ବୃତିରେ ମହିଳାମାନଙ୍କ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ସୃଷ୍ଟି କରିଛି। ନୂତନ ପରିଷଦରେ ସିଏସ୍ ଶ୍ରୀମନ୍ତ ବାବୁ ଉପାଧ୍ୟକ୍ଷ, ସିଏସ୍ ନୀଳକଣ୍ଠ ସାମଲ ସମ୍ପାଦକ, ସିଏସ୍ ଜ୍ୟୋତିର୍ମୟ ପାଣିଗ୍ରାହୀ କୋଷାଧ୍ୟକ୍ଷ, ସିଏସ୍ ସୌମ୍ୟ ସୁଜିତ ମିଶ୍ର (ଇଆଇଆରସି ଓ ଭୁବନେଶ୍ୱର ଚାପ୍ଟରର ପୂର୍ବତନ ଅଧ୍ୟକ୍ଷ) ଏବଂ ସିଏସ୍ ରୁଦ୍ର ମାଧବ ସାହୁ, ସିଏସ୍ ବିମଳ ପ୍ରସାଦ ପଟ୍ଟନାୟକ ଓ ସିଏସ୍ ଜିତେନ୍ଦ୍ର ମହାନ୍ତି ପରିଚାଳନା କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ସେମାନେ ମିଳିତ ଭାବରେ ଏହି ଅଧ୍ୟାୟର ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେବା ସହିତ ସେମାନଙ୍କ ପୂର୍ବବର୍ତ୍ତୀମାନଙ୍କର ଐତିହ୍ୟକୁ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି । ସିଏସ୍ ସସ୍ମିତା କୃତଜ୍ଞତା ଜ୍ଞାପନ କରି ପୂର୍ବ ବର୍ଷରେ ନିଜର ଉଦାହରଣୀୟ ଓ ବିନମ୍ର ନେତୃତ୍ୱ ପ୍ରଦର୍ଶନ କରିଥିବାରୁ ଏହି ଅଧ୍ୟାୟର ତତ୍କାଳୀନ ପୂର୍ବତନ ଅଧ୍ୟକ୍ଷ ସିଏସ୍ ରୁଦ୍ରମାଧବ ସାହୁ, ବରିଷ୍ଠ ସଦସ୍ୟ ସିଏସ୍ ପ୍ରିୟଦର୍ଶୀ ନାୟକ (ଇଆଇଆରସି ଓ ଭୁବନେଶ୍ୱର ଚାପ୍ଟରର ପୂର୍ବତନ ଅଧ୍ୟକ୍ଷ) ଏବଂ ସିଏସ୍ ଜ୍ୟୋତିର୍ମୟ ମିଶ୍ର (ପୂର୍ବ ଅଧ୍ୟକ୍ଷ ଭୁବନେଶ୍ୱର ଚାପ୍ଟର)ଙ୍କୁ ସର୍ବଦା ମାର୍ଗଦର୍ଶନ ଓ ସମର୍ଥନ ପାଇଁ ଉପସ୍ଥିତ ରହିବା ପାଇଁ, କର୍ମକ୍ଷେତ୍ର ପରିବେଶରେ ବନ୍ଧୁତ୍ୱ ପାଇଁ, ଏବଂ ତାଙ୍କର ସହକର୍ମୀ ଏବଂ ଭ୍ରାତୃତ୍ୱ ସଦସ୍ୟ ଏବଂ ଛାତ୍ରମାନେ ତାଙ୍କ ନେତୃତ୍ୱ ଉପରେ ବିଶ୍ୱାସ ଏବଂ ଭରସା ପାଇଁ ଧନ୍ୟବାଦ ଜଣାଇଥିଲେ। ଓଡ଼ିଶାର ଏକ ଛୋଟ ସହରରେ ରହୁଥିବାରୁ ସେ ପ୍ରେରଣା ପାଲଟି ବାସ୍ତବରେ ବଡ଼ ସ୍ୱପ୍ନ ସାକାର ହୋଇପାରିବ ବୋଲି ପ୍ରମାଣିତ କରିଛନ୍ତି। ସଦସ୍ୟ ଓ ଛାତ୍ରଛାତ୍ରୀଙ୍କ ପାଇଁ ଶୈକ୍ଷିକ ଓ ବୃତିଗତ ବିକାଶ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଭୁବନେଶ୍ୱର ଚାପ୍ଟର ପ୍ରତିଶ୍ରୁତିବଦ୍ଧତା ଜାରି ରଖିଛି।

## ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ୩ୟ ସଂସ୍କରଣ



ନୂଆଦିଲ୍ଲୀ : ମିର୍‌ଚି ଦ୍ୱାରା ପ୍ରାୟୋଜିତ ଏହି ମ୍ୟୁଜିକ ଫେଷ୍ଟିଭାଲ ଗତ ଜାନୁଆରୀ ୧୪ ତାରିଖରେ ମୁମ୍ବାଇରେ ଆୟୋଜିତ ଏକ ସ୍ୱତନ୍ତ୍ର ମିଡିଆ ପ୍ରିଭ୍ୟୁରେ ଏହାର ଆଗାମୀ ଶୃଙ୍ଖଳାକୁ ପ୍ରଦର୍ଶିତ କରିଛି। ଏହି ଅନନ୍ୟ କଲ୍‌ଚରାଲ ଫ୍ୟୁଜନ ପାରମ୍ପରିକ ଓ ଆଧୁନିକ ଭାରତୀୟ ସଙ୍ଗୀତର ମିଶ୍ରଣକୁ ପୁନଃବ୍ୟାଖ୍ୟା କରିବା ଜାରି ରଖିଛି ଯାହା ବ୍ରାଣ୍ଡର 'ଲିଭିଂ ଇଟ୍ ଲାର୍ଜ' ଦର୍ଶନକୁ ଗ୍ରହଣ କରିଛି। ଏହି ଫେଷ୍ଟିଭାଲ ଦେଶର ୪ଟି ପ୍ରମୁଖ ସହର ହାଇଦ୍ରାବାଦ, ମୁମ୍ବାଇ, ଗୁରୁଗ୍ରାମ ଓ ଗୌହାଟୀରେ ଟୁର୍ କରିବ। ପୂର୍ବ ୨ଟି ସଂସ୍କରଣ ସହରଗୁଡିକରେ ୧ ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀଙ୍କ ଧ୍ୟାନ ଆକର୍ଷିତ କରିଥିଲା ବେଳେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡିକରେ ୨୦୦ ମିଲିୟନରୁ ଅଧିକ ଭ୍ୟୁ ହାସଲ କରିଥିଲା।ଏହି ସଂସ୍କରଣ ସମ୍ପର୍କରେ ପର୍‌ନଡ ରିକାର୍ଡ ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ଓ ଗ୍ଲୋବାଲ ବିଜ୍‌ନେସ୍ ଡେଭ୍‌ଲପମେଂଟର ମୁଖ୍ୟ କାର୍ତ୍ତିକ ମହିନ୍ଦ୍ରା କହିଛନ୍ତି, 'ରୟାଲ ଷ୍ଟାଗ୍ ସଙ୍ଗୀତକୁ ଏହାର ପ୍ରମୁଖ ଯୁବ ଆଗ୍ରହ ସ୍ତମ୍ଭ ଭାବେ ପାଳନ କରିଆସୁଛି। ବର୍ତ୍ତମାନ ଆମେ ରୟାଲ ଷ୍ଟାଗ ବୁମ୍‌ବକ୍ସର ୩ୟ ସଂସ୍କରଣକୁ ଉନ୍ମୋଚନ କରିଛୁ, ଏହି ପ୍ଲାଟ୍‌ଫର୍ମ ଏକ ଉତ୍ସାହନକ ନୂତନ ସାଉଣ୍ଡସ୍କେପ ସହ ଅନୁଭୂତିକୁ ଉନ୍ନତ କରିବା ପାଇଁ ପ୍ରସ୍ତୁତ ରହିଛି ଯାହା କଳା ଓ ସାଂସ୍କୃତିକ ଅନୁଭୂତି ସମେତ ବଲିଉଡର ମେଲୋଡିଗୁଡିକୁ ହିପ୍-ହପ୍‌ର ବିଟ୍ ସହ ମିଶ୍ରଣ କରିଥାଏ। ୩ୟ ସଂସ୍କରଣ ସମ୍ପର୍କରେ ୱେଭମେକର୍‌ର ଦକ୍ଷିଣ ଏସିଆ ସିଇଓ ଅଜୟ ଗୁପ୍ତେ କହିଛନ୍ତି, 'ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ଏହି ୩ୟ ସଂସ୍କରଣରେ ଆମେ ଆମର 'ଲିଭ୍ ଇଟ୍ ଲାର୍ଜ' ଦର୍ଶନକୁ ବହୁଗୁଣିତ କରିଛୁ।



ଭଦୋଦରା: ଏଠାରେ ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କର୍ଣ୍ଣାଟକ ୩୬ ରନରେ ବିଦର୍ଭକୁ ହରାଇ ଚାମ୍ପିୟନ ହୋଇଛି। କର୍ଣ୍ଣାଟକର ଏହା ୫ମ ବିଜୟ ହଜାରେ ଟ୍ରଫି। ପ୍ରଥମେ ବ୍ୟାଟିଂ କରି କର୍ଣ୍ଣାଟକ ୬ ଓ୍ୱିକେଟ ବିନିମୟରେ ୩୪୮ ରନ କରିଥିଲା। ଜବାବରେ ବିଦର୍ଭ କଡା ସଂଘର୍ଷ କରି ୩୧୨ ରନ କରିବାକୁ ସକ୍ଷମ ହୋଇଥିଲା। ଧ୍ରୁବ ଶୋରେ ୧୧୦ ଓ ହର୍ଷ ଦୁବେ ୬୩ ରନର ଇନିଂସ ଖେଳିଥିଲେ ମଧ୍ୟ ତାହା ଦଳର ବିଜୟ ପାଇଁ ଯଥେଷ୍ଟ ହୋଇ ନଥିଲା । ସିଜନରେ ୫ଟି ଶତକ ମାରିଥିବା କରୁଣ ନାୟାର ଫାଇନାଲରେ କିନ୍ତୁ ବିଫଳ ହୋଇଥିଲେ । ସେ ମାତ୍ର ୨୭ ରନ କରିବାକୁ ସକ୍ଷମ ହୋଇଥିଲେ । କର୍ଣ୍ଣାଟକ ପକ୍ଷରୁ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ରବିଚନ୍ଦ୍ରନ ସ୍ମରଣ ୧୦୧ ରନର ଇନିଂସ ଖେଳିଥିଲେ । ଦଳ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା, ବାସୁକୀ କୌଶିକ ଓ ଅଭିଳାଷ ଶେଟ୍ଟୀ ୩ଟି ଲେଖାଏଁ ଓ୍ୱିକେଟ ନେଇଥିଲେ। ଆର.ସ୍ମରଣ ପ୍ଲେୟାର ଅଫ ଦି ମ୍ୟାଚ ଓ କରୁଣ ନାୟାର ପ୍ଲେୟାର ଅଫ ଦି ସିରିଜ ବିବେଚିତ ହୋଇଥିଲେ। ବିଦର୍ଭ ଟସ ମଜିତି ପ୍ରଥମେ ଫିଲ୍ଡିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା ।

# ଖୋ ଖୋରେ ଭାରତ ବିଶ୍ୱ ଚାମ୍ପିଅନ୍





ନୂଆଦିଲ୍ଲୀ : ରବିବାର ଥିଲା ଖୋଖୋ ପାଇଁ ଏକ ବିଶେଷ ଦିନ। ଆଜି ଉଭୟ ମହିଳା ଓ ପୁରୁଷ ଦଳ ବିଜୟ ହାସଲ କରିଛନ୍ତି। ଖୋ ଖୋର ପ୍ରଥମ ବିଶ୍ୱ ବିଜେତା ଦଳ ପାଲଟିଛି ଭାରତୀୟ ମହିଳ ଦଳ। ରବିବାର ନୂଆଦିଲ୍ଲୀରେ ଖେଳାଯାଇଥିବା ଫାଇନାଲରେ ଭାରତୀୟ ମହିଳା ଦଳ ଏକତରଫା ଢଙ୍ଗରେ ନେପାଳକୁ ୩୮ ପଏଣ୍ଟ ବ୍ୟବଧାନରେ ସହଜରେ ପରାସ୍ତ କରି ଟାଇଟଲ ଜିତ ନେଇଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ପରଠାରୁ କ୍ରମାଗତ ଭାବେ ଆଧିପତ୍ୟ ବଜାୟ ରଖିଥିବା ଭାରତୀୟ ମହିଳା ଦଳ ଫାଇନାଲରେ ସମାନ ଶୈଳୀ ଜାରି ରଖି ନେପାଳକୁ ୭୮-୪୦ ସ୍କୋରରେ ପରାସ୍ତ କରି ଚାମ୍ପିଅନସିପ୍ ଦଖଲ କରିଛି। ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଇଣ୍ଡୋର ଷ୍ଟାଡିୟମରେ ଜାନୁଆରି ୧୩ରୁ ପ୍ରଥମ ଖୋ ଖୋ ବିଶ୍ୱକପ୍ ଆରମ୍ଭ ହୋଇଥିଲା ଏବଂ ପ୍ରଥମ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୭୬ ପଏଣ୍ଟ ହାସଲ କରି ବଡ଼ ବିଜୟ ହାସଲ କରିଥିଲା। ନେପାଳ ବିପକ୍ଷରେ ଫାଇନାଲ ମ୍ୟାଚ୍‌ର ପ୍ରଥମ ତିନୋଟି ପାଳିରେ ଭାରତୀୟ ପୁରୁଷ ଖୋ-ଖୋ ଦଳ ତାର ଅଗ୍ରଣୀ ବଜାୟ ରଖିଥିବା ବେଳେ, ଚତୁର୍ଥ ପାଳିରେ ମଧ୍ୟ ସମାନ କିଛି ଦେଖିବାକୁ ମିଳିଥିଲା ଏବଂ ଟିମ୍ ଇଣ୍ଡିଆ ୫୪-୩୬ ବ୍ୟବଧାନରେ ମ୍ୟାଚ୍ ଜିତିବାରେ ସଫଳ ହୋଇଥିଲା। ଭାରତୀୟ ପୁରୁଷ ଖୋ-ଖୋ ଦଳ ଏହି ବିଶ୍ୱକପରେ ଦ୍ୱିତୀୟ ଥର ପାଇଁ ନେପାଳ ଦଳକୁ ପରାସ୍ତ କରିଛି। ପୁରୁଷ ଖୋ-ଖୋ ବିଶ୍ୱକପର ପ୍ରଥମ ସଂସ୍କରଣରେ ମୋଟ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ମହିଳା ଟିମ୍‌ଙ୍କ ପରି ପୁରୁଷ ଟିମ୍ ମଧ୍ୟ ନେପାଳ ଟିମ୍‌ଙ୍କ ସହ ଏକତରଫା ମୁକାବିଲା କରି ବିଜୟ ଲାଭ କରିଥିବା ସୂଚନା ମିଳିଛି। ଭାରତ ଏହି ବିଶ୍ୱକପ୍ ଟ୍ରଫିଙ୍କୁ ନିଜ ନାମରେ କରାଇ ନେଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ

ବାରିପଦା (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲାର ସାରସକଣା ବ୍ଲକ ଅନ୍ତର୍ଗତ ରାଜାଲୋକା ଗ୍ରାମପଞ୍ଚାୟତର ରାଜାଲୋକା ଗ୍ରାମରେ ଥିବା ପଲ୍ଲୀଜ୍ୟୋତି କ୍ଲବରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ମୟୁରଭଞ୍ଜର ଗଣପର୍ବ ମକର ପର୍ବ ଉପଲକ୍ଷେ ବାର୍ଷିକକ୍ରୀଡା ପ୍ରତିଯୋଗିତା ବହୁ ଆଡ଼ମ୍ବରେ ପାଳିତ ହେଇଯାଇଛି। କୁନିକୁନି ପିଲାମାନଙ୍କ ସହିତ ବୟସ୍କ ମାନଙ୍କ ପାଇଁ ମଧ୍ୟ ବିଭିନ୍ନ ପ୍ରକାରର କ୍ରୀଡା ଯେମିତି କି ବସ୍ତାଦଉଡ, ପୁଚି, ମିଉଜିକ ଚେଆର, ୨୦୦ମିଟର ଦଉଡ, ଅଙ୍କକସା, ହାଣ୍ଡିଫଟା, ନାଚ, ଗୀତ ଭଳି ଅନେକ ପ୍ରକାରର ଖେଳ ପ୍ରତିଯୋଗିତା ହେଇଯାଇଛି। କମିଟିର ମୁରାରୀ ମୋହନ ମହାପାତ୍ର ଏବଂ ତନ୍ମୟ ଶତପଥୀ ଖେଳ ପରିଚାଳନା ସହିତ ମଞ୍ଚ ପରିଚାଳନା କରିଥିବା ବେଳେ କମିଟିର ସଷ୍ଟି ବେଜ, ଦେବାଶିଷ ପରିଡା, ତ୍ରିଲୋଚନ ବାରିକ, ସୀତାରାମ ବାରିକ, ଆପୁ ଦତ୍ତ, ରାହୁଲ ଦତ୍ତଙ୍କ ଭଳି ଅନେକ ମେମ୍ବର ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜାଲେକା ଗ୍ରାମପଞ୍ଚାୟତର ସରପଞ୍ଚ ରବିକାନ୍ତ ସିଂ, ସମ୍ମାନିତ ଅତିଥି ଭାବରେ ମୟୁରଭଞ୍ଜ ଜିଲ୍ଲାର ବିଜେପି ଯୁବମୋର୍ଚ୍ଚା ସମ୍ପାଦକ ସତ୍ୟଜିତ ମିଶ୍ର, ମୁଖ୍ୟବକ୍ତା ଚିତ୍ତରଞ୍ଜନ ପ୍ରତିହାରୀ ଏବଂ କମିଟିର ପୂର୍ବତନ ସଭାପତି ରଞ୍ଜିତ ଦେ, ରାମ ରଞ୍ଜନ ସାହୁ ଅତିଥି ଭାବରେ ଯୋଗଦେଇଥିଲେ। ସକାଳ ୯ଘଟିକାରୁ ଆରମ୍ଭ ହୋଇ ପ୍ରତିଯୋଗିତା ଶେଷ ହେବା ପରେ ପ୍ରାୟ ରାତ୍ର ୧୧ ଘଟିକା ସମୟରେ ଖେଳ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା କ୍ରୀଡାବିତ୍‌ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରିବା ପରେ ସଭାପତିଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମଟି ସମାପ୍ତ ହେଇଥିଲା।

## ବିସିଏ କପ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ: ଉତ୍ତରକୂଳ-ହାଇଡା ବିଜୟୀ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବଳଦେବ ଜୀୟୁ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ବିସିଏ କପ-୨୦୨୫ ରବିବାରଉଦଘାଟିତ ହୋଇଯାଇଛି। ଏହି ଉଦଘାଟନ ଉତ୍ସବରେ ତାପସ ରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସାଲେପୁର ଥାନା ଆଇଆଇସି ମନୋଜ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସ, ସମ୍ମାନିତ ଅତିଥିଭାବେ ବଳଦେବ ଜୀୟୁ ମନ୍ଦିର ପରିଚାଳନା କମିଟି ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ରନାଥ ବେହେରା, ଜିଗ୍ନିପୁର ବଜାର କମିଟି ସଭାପତି ସନ୍ତୋଷ କୁମାର ପ୍ରଧାନ ଓ ଜିଗ୍ନିପୁର ଗ୍ରାମପଂଚାୟତ ନାଏବ ସରପଂଚ କୁଦରତ ଅଲ୍ଲୀ ଖାଁ ଅତିଥିରୂପେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଆଜିର ଉଦଘାଟନୀ ମ୍ୟାଚ ହାଇଡା କ୍ରିକେଟ କ୍ଲବ ଓ ନତକାଇ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ନତକାଇ କ୍ରିକେଟ କ୍ଲବର ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ କରିବା ନିମନ୍ତେ ହାଇଡା କ୍ରିକେଟ କ୍ଲବକୁ ଆମନ୍ତ୍ରଣ କରିଥିଲା। ଏହି ଦଳ ନିର୍ଦ୍ଧାରିତ ୧୫ ଓଭରରେ ୩ ଓ୍ୱିକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲା। ଜବାବରେ ନିର୍ଦ୍ଧାରିତ ଓଭରରେ ନତକାଇ କ୍ରିକେଟ କ୍ଲବ ୭ ଓ୍ୱିକେଟ ହରାଇ ୧୨୨ରନ ସଂଗ୍ରହ କରିଥିଲା। ଫଳରେ ଏହି ଖେଳରେ ହାଇଡା ବିଜୟୀ ଘୋଷିତ ହୋଇଥିଲା। ସେହିପରି ଭାବେ ଦ୍ୱିତୀୟ ମ୍ୟାଚଟି ଉତରକୂଳ କ୍ରିକେଟ କ୍ଲବ ଓ ଚାଟରା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚାଟରା କ୍ରିକେଟ କ୍ଲବର ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ କରିବା ନିମନ୍ତେ ନିଷ୍ପତି ଗ୍ରହଣ କରିଥିଲେ। ଏହି ଦଳ ନିର୍ଦ୍ଧାରିତ ୧୫ ଓଭରରେ ୮ ଓ୍ୱିକେଟ ହରାଇ ୧୦୬ରନ ସଂଗ୍ରହ କରିଥିଲା। ଜବାବରେ ଉତରକୂଳ କ୍ରିକେଟ କ୍ଲବ ୧୩.୫ ଓଭରରେ ୭ ଓ୍ୱିକେଟ ହରାଇ ୧୦୭ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଆଜିର ଏହି ଖେଳକୁ ଜ୍ୟୋତିରଞ୍ଜନ ସିଂ ଓ ପ୍ରଦିପ୍ତ କୁମାର ଦାସ ପରିଚାଳନା କରିଥିଲେ। ଏଥିରେ ଅଭୟ କୁମାର ସାହୁ ଓ ନିତ୍ୟାନନ୍ଦ ସ୍ୱାଇଁ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ।

## ମିନି ଷ୍ଟାଡିୟମ୍ ଉଦ୍‌ଘାଟିତ

କୁଜଙ୍ଗ (ଭାସ୍କର ନ୍ୟୁଜ୍): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମପଞ୍ଚାୟତର ପାରାଦ୍ୱୀପ ଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆର ଉନ୍ନତି କରଣ ଓ ଗ୍ୟାଲେରୀର ଉଦ୍‌ଘାଟନ ହୋଇଯାଇଛି। ଆର୍ସେଲର, ମିତ୍ତଲ ଓ ନିପ୍ପନ ଷ୍ଟିଲ କମ୍ପାନି ଦ୍ୱାରା ନିର୍ମିତ ମିନି ଷ୍ଟାଡିୟମକୁ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ୱାଧୀନତାର ୭୭ ବର୍ଷ ପରେ ପାରାଦ୍ୱୀପ ଅଞ୍ଚଳରେ ଏକ ଷ୍ଟାଡିୟମ ନଥିବାରୁ ପାରାଦ୍ୱୀପ ଗଡ ଗ୍ରାମପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ବିଭିନ୍ନ କଳ କାରଖାନା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଯାହା ଫଳରେ ଆର୍ସେଲର ମିତ୍ତଲ ଓ ନିପ୍ପନ୍ ଷ୍ଟିଲ କମ୍ପାନୀ ତାର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଉକ୍ତ ମିନି ଷ୍ଟାଡିୟମ ନିର୍ମାଣ କରିଥିଲେ। ରବିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଷ୍ଟାଡିୟମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କମ୍ପାନୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜି.ସୁରେଶା, ସି.ଏସ. ଆର୍ ହେଡ ବିକାଶ ଯଦେବେନ୍ଦୁ, ନୂଆଗଡ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ସଂଜୟ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ କମ୍ପାନୀ ସି.ଏସ୍.ଆର ପାରାଦ୍ୱୀପ ୟୁନିଟ୍ ମୁଖ୍ୟ ଦେବାଶିଷ ସ୍ୱାଇଁ ସଭା ସଞ୍ଚାଳନ କରିଥଲେ। ସର୍ବଶେଷରେ ଦେବଦୁର୍ଲ୍ଲବ କର ଧନ୍ୟବାଦ୍ ଦେଇଥିଲେ। ଏହି ଅବସରରେ ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚରେ ଚାମ୍ପିଅନ ହୋଇଥିବା ପାରାଦ୍ୱୀପ ଗଡ କ୍ରିକେଟ୍ ଟିମକୁ ଚମ୍ପିୟାନ ଟ୍ରଫି ଓ ନଗଦ ୨୫ ହଜାର ଟଙ୍କା ଅର୍ଥରାଶି ଏବଂ ଭୂତମୁଣ୍ଡାଇ ଟିମକୁ ରନର୍ସ ଅପ୍ ଟ୍ରଫି ଓ ନଗଦ ୧୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଆଗମୀ ବର୍ଷରେ ଷ୍ଟାଡିୟମର ଆଲୋକି କରଣ କରାଯିବା ସହିତ ଏହାର ପାରିପାର୍ଶିକ ଉନ୍ନତି କରାଯିବା ବୋଲି ମିତ୍ତଲ୍ ପାରାଦ୍ୱୀପ ୟୁନିଟ୍ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜି, ଶୁରେଶା ପ୍ରକାଶ କରିଥିଲେ।

### ସିଏମ୍ କପ୍ ଆନ୍ତଃ କ୍ଲବ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍, ମୁର୍ଗା, ରାଇଜିଂ ଷ୍ଟାର କ୍ଲବ୍ ବିଜୟୀ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ସିଏମ କପ ଆନ୍ତଃ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ ଖେଳର ପ୍ରଥମ ମ୍ୟାଚରେ ଟାଟା ଷ୍ଟିଲ ଫାଉଣ୍ଡେସନ, ମୁର୍ଗା କେନ୍ଦୁଝରର ତାରିଣୀ ଫୁଟବଲ ଏକାଡେମୀ ବିପକ୍ଷରେ ୭-୦ ଗୋଲରେ ଏକ ତରଫା ବିଜୟ ହାସଲ କରି ପୁରା ଦୁଇ ପଏଣ୍ଟ ହାସଲ କରିଛି। ଟିଏସଏଫ ପକ୍ଷରୁ ୭ ନମ୍ବର ଖେଳାଳି ରୋହିତ ଗାଗରାଇ ଟୁର୍ଣ୍ଣାମେଣ୍ଟର ପ୍ରଥମ ହ୍ୟାଟ୍ରିକ ସହ ବ୍ୟକ୍ତିଗତ ଭାବେ ୫ଟି ଗୋଲ ସ୍କୋର କରିଥିବା ବେଳେ ଡାକ୍ତର ମୁଣ୍ଡା ଏବଂ କ୍ରିଷ୍ଣା ମହାକୁଡ଼ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସେହିପରି ରବିବାର ଅନୁଷ୍ଠିତ ଦ୍ୱିତୀୟ ଖେଳରେ ରାଇଜିଂ ଷ୍ଟାର କ୍ଲବ, ରାଇକଳା ସାଗୁଇ କ୍ଲବ କଣକ୍ଷପସି ବିପକ୍ଷରେ ୬-୦ଗୋଲରେ ବିପୁଳ ବିଜୟ ସହ ପୁରା ଦୁଇ ପଏଣ୍ଟ ହାସଲ କରିଛି। ରାଇଜିଂ ଷ୍ଟାର ପକ୍ଷରୁ ତାପସ ନାଏକ ଏବଂ କ୍ରିଷ୍ଣା ମହାନ୍ତ ଦୁଇଟି ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ବିଜୟ ମୁଣ୍ଡା ଏବଂ ଦେବବ୍ରତ ମୁଣ୍ଡା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଆଜିର ଚତୁର୍ଥ ଦିବସର ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ଡ଼. ଜନାର୍ଦ୍ଦନ ଦାଶ ଏବଂ କୋଷାଧକ୍ଷ ସରୋଜ କୁମାର ରଣା ପଡିଆରେ ଉପସ୍ଥିତ ରହି ଯୁବ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଖେଳରେ ଯତୀନ କୁମାର ମହାନ୍ତ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ବୃନ୍ଦାବନ ମୁଣ୍ଡା ଏବଂ ବେଣୁଧର ମୁଣ୍ଡା ତାଙ୍କୁ ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ପ୍ରଦୀପ କୁମାର ବାରିକ। ସେହିପରି ଦ୍ୱିତୀୟ ଖେଳରେ ବୃନ୍ଦାବନ ମୁଣ୍ଡା ରେଫରୀ ଥିବା ବେଳେ ଲାଇନରେ ଥିଲେ ବେଣୁଧର ମୁଣ୍ଡା ଓ ପ୍ରଦୀପ ମାଝୀ। ଚତୁର୍ଥ ରେଫରୀ ଥିଲେ ଯତୀନ କୁମାର ମହାନ୍ତ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ଭାବେ ନିଯୁକ୍ତି ପାଇଥିବା ବେଳେ ବୀରେନ୍ଦ୍ର ମହାନ୍ତ, କୃଷ୍ଣ ଚନ୍ଦ୍ର ମହାନ୍ତ ଓ ବାଦଲ ମହାକୁଡ଼ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ରାଜ୍ୟସ୍ତରୀୟ ତ୍ରିରଙ୍ଗା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ



କଣିହାଁ (ଭାସ୍କର ନ୍ୟୁଜ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ଡେରଙ୍ଗ ଗ୍ରାମ ତ୍ରିରଙ୍ଗା କ୍ରିକେଟ କ୍ଲବ ଆନୁକୁଲ୍ୟରେ ୨୭ତମ ବାର୍ଷିକ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଶନିବାର ଗ୍ରାମର ମଝିସାହି ଖେଳ ପଡ଼ିଆରେ ତ୍ରିରଙ୍ଗା କ୍ରିକେଟ କ୍ଲବ ସଭାପତି ପବିତ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଉଦଘାଟନ ଦିବସରେ ସମ୍ମାନୀତ ଅତିଥିଭାବେ ଜେଆଇପିଏଲର ଭିପି ସୁରେଶ କୁମାର ବଂଶଲ, ଜିଲାପରିଷଦ ସଭ୍ୟ ରଞ୍ଜନ ସାହୁ, ଡେରଙ୍ଗ ଗ୍ରାମପଞ୍ଚାୟତର ସରପଞ୍ଚ ସଂଯୁକ୍ତା ବେହେରା, ସମିତି ସଭ୍ୟ ସନ୍ତୋଷ କୁମାର ନାଏକ, ସୁରେଶ ସାହୁ, ପରମା ସାହୁ, ପୁରୁଷୋତ୍ତମ ସାହୁ, ବିଦ୍ୟାଧର ସାହୁ, ନିରୋଜ୍ ସାହୁ, ଯୋଗେଶ୍ୱର ସାହୁ, ସନ୍ତୋଷ ବେହେରା, ସୁଜିତ୍ ସାହୁ,ଇନ୍ଦ୍ରମଣି ସାହୁ , ମହର୍ଗା ବେହେରା, ବିଭୂତି ସାହୁ, ଗୋଲେଖ ସାହୁ, ଭଜମନ ସାହୁ, ସୁନିଲ ସାହୁ,ମୂଳିଆ ଦାସ,ଟୁନା ସାହୁ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ , ତ୍ରିରଙ୍ଗା ପତାକା ଉତ୍ତୋଳନ କରିବାସହ ପରେ କେକ ଓ ଫିତା କାଟି ଖେଳ ଶୁଭାରମ୍ଭ କରିଥିଲେ। ପରେ ଖେଳ ଆରମ୍ଭ ହୋଇଥିଲା। ଶୁଭାରମ୍ଭ ମ୍ୟାଚ ପୁରୀ ଓ ବୌଦ୍ଧ ମଧ୍ୟରେ ହୋଇଥିବା ବେଳେ ବୌଦ୍ଧ ବିଜୟୀ ହୋଇଥିଲା କ୍ଷ ସନ୍ତପୁରା କେନ୍ଦ୍ରାପଡ଼ା ଓ କମାଣ୍ଡୋ -୧୧ ମଧ୍ୟରେ ଅନୁଷ୍ଠିତ ହୋଇ କମାଣ୍ଡୋ -୧୧ ବିଜୟୀ ହୋଇଥିଲା। ପରେ ବୌଦ୍ଧ ଓ କମାଣ୍ଡୋ -୧୧ ମଧ୍ୟରେ ଅନୁଷ୍ଠିତ ହୋଇ କମାଣ୍ଡୋ-୧୧ ବିଜୟୀ ହୋଇ ସେମିଫାଇନାଲକୁ ଯାଇଛି। ଫାଇନାଲ ମ୍ୟାଚ ୨୦ତାରିଖ ଦିନ ହେବ। ଉକ୍ତ ମ୍ୟାଚ ତ୍ରିରଙ୍ଗା କ୍ରିକେଟ କ୍ଲବର ସଭାପତି ପବିତ୍ର ସାହୁ, ସଂପାଦକ ଅନିଲ ସାହୁଙ୍କ ତତ୍ତ୍ୱାବଧାନରେ ଚାଲିଛି।

## ରଘୁନାଥପୁରରେ ମିନି ମାରାଥନ୍



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ସ୍ଥାନୀୟ ମାଘିମେଳା ପଡିଆରେ ରବିବାର ରଘୁନାଥପୁର ସମାଜମିଶନ ସେଚ୍ଛାସେବୀ ସଂଗଠନ ପକ୍ଷରୁ ପ୍ରତିଷ୍ଠାତା ସରୀତ ମହାପାତ୍ରଙ୍କ ନେତୃତରେ ୧୪ତମ ମିନି ମାରାଥନ ଦୌଡ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ତମ୍ଭକାର ପ୍ରଦୀପ୍ତ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଯଶପଡା ସ୍ପୋର୍ଟସ ଆଥେଲାଟିକ କୋଚ ରବିନ୍ଦ୍ରନାଥ ଭୋଇ ଯୋଗଦେଇ ଖେଳକୁଦ ଶରୀର ଗଠନରେ ସହାୟକ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା କୋଶଳ କ୍ରିଡାର କୋଚ ସଂଜ୍ଞୟ କୁମାର ସାହୁ, ସମ୍ମାନୀତ ଅତୀଥି ଭାବେ ଚନ୍ଦନାରାଣୀ ସାମନ୍ତ, ଦିଲିପ କୁମାର ଆଚାର୍ଯ୍ୟ ଯୋଗଦେଇ ଉପସ୍ଥିତ ପିଲାମାନଙ୍କୁ ଖେଳ ସମ୍ପର୍କିତ ଅନେକ ମହତ ଉପାଦେୟ ମାନ ବକ୍ତବ୍ୟ ମାଧମରେ ରଖିଥିଲେ। ଏହି ମିନି ମାରାଥନରେ ମୋଟ ୪ଟି ବିଭାଗରେ ୨୮୭ ଜଣ ବାଳକ, ବାଳିକା ଅଂଶଗ୍ରହଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରତ୍ୟେକ ବିଭାଗର ଶ୍ରେଷ୍ଠ ଦଶଜଣ ଲେଖାଏଁ ୪୦ ଜଣଙ୍କୁ ସାର୍ଟିଫିକେଟ, ଟ୍ରଫି ଓ ସମସ୍ତ ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ସଦସ୍ୟ, ସଦସ୍ୟାମାନେ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ। ସଭ୍ୟା ସମ୍ପା ବେହେରା ଅତିଥି ଚର୍ଚ୍ଚା ଓ ପ୍ରତିଯୋଗୀମାନଙ୍କୁ ଜଳଯୋଗାଣ ବ୍ୟବସ୍ଥା କରିଥିବାବେଳେ ସଭ୍ୟ ସୁବ୍ରତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଦେଉଳି ସାହି ଗୋପବନ୍ଧୁ ଫାଉଣ୍ଡେସନର ସଦସ୍ୟ ଓ ରଘୁନାଥପୁର ଥାନା ଏସ୍‌ଆଇ ଯୋଗେଶ ବେହେରାଙ୍କ ସମେତ ସମସ୍ତ ପୋଲିସ ବାହିନୀ ଏଥିରେ ସହଯୋଗ କରି ଶାନ୍ତିଶୃଙ୍ଖଳାରେ ପରିଚାଳାନା କରିଥିଲେ।

### ମୟୂରଭଞ୍ଜରେ ହାଫ ମାରାଥନ୍ ଉଦ୍‌ଘାଟନ କଲେ ମନ୍ତ୍ରୀ

## ଚମକିଲେ ବିଦେଶୀ ମାରାଥନ୍ ଦୌଡ଼ାଳି



ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଆୟୋଜିତ ମୟୂରଭଞ୍ଜ ହାଫ ମାରାଥନ ରବିବାର ଦିନ ହର୍ଷୋଲ୍ଲାସ ସହିତ ସଫଳ ଭାବେ ସମ୍ପାଦିତ ହୋଇଅଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ତତ୍ତ୍ୱାବଧାନରେ ବିଗତ ୧୫ ଦିନ ପୂର୍ବରୁ ଏହି ଆୟୋଜନର ପୁର୍ବପ୍ରସ୍ତୁତି ହୋଇଥିବା ବେଳେ ଏହାର ଅନଲାଇନ ପଞ୍ଜିକରଣ କାର୍ଯ୍ୟ ଚାଲୁଥିଲା ଏବଂ ଶନିବାର ଦିନ ସ୍ଥାନୀୟ ଛଉ ପଡିଆ ଠାରେ ଅଫଲାଇନ ପଞ୍ଜିକରଣ ଓ ଦୌଡାଳୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ରବିବାର ସକାଳ ୬ଟା ସମୟରେ, ବାରିପଦାର ଶୀତୁଆ କୁହୁଡି ଆଚ୍ଛନ୍ନ ପରିବେଶରେ ଏହି ମାରାଥନ ଆୟୋଜନ ତଥା ଆନୁଷ୍ଠାନିକ ଭାବେ ଗୃହ ଏବଂ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ମାରାଥନ ପ୍ରତିଯୋଗିତାରେ ତିନୋଟି ବିଭାଗ ଯଥା ହାଫ ମାରାଥନ (୨୧ କି.ମି.), ମିନି ମାରାଥନ (୧୦ କି.ମି) ଏବଂ ସଡକ ସୁରକ୍ଷା ରିଲେ ମାରାଥନ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ପାଖାପାଖି ୧୨୦୦ରୁ ୧୫୦୦ ମାରାଥନ ଦୌଡାଳୀଙ୍କ ସମେତ ୨ଜଣ ଅନ୍ତଃ ରାଷ୍ଟ୍ରୀୟ ମାରାଥନ ରନର ଅଂଶଗ୍ରହଣ କରି ମୟୂରଭଞ୍ଜର ସଦର ମହକୁମା ବାରିପଦା ଠାରୁ ଦୌଡ ଆରମ୍ଭ କରି ଶିମିଳିପାଳ ପାଦଦେଶରେ ଥିବା ପିଠାବଟା ଗେଟ ପର୍ଯ୍ୟନ୍ତ ଦୌଡ଼ି ଏହି ମାରାଥନ ସମ୍ପୂର୍ଣ୍ଣ କରିଥିଲେ। ସୂଚନା ଥାଉକି ସକାଳ ୬:୩୦ ମି ସମୟରେ ଏହି ପ୍ରତିଯୋଗିତାକୁ ମନ୍ତ୍ରୀ ଡଃ ମହାପାତ୍ରଙ୍କ ସହିତ ରାଜ୍ୟସଭା ସାଂସଦ ମମତା ମହନ୍ତ, ବିଧାୟକ, ସାରସକଣା ଭାଦବ ହାଁସଦା, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡଃ ପ୍ରକାଶ ଚାନ୍ଦ ଗୋଗିନେନି, ଶିମିଳିପାଳ ଉପନିର୍ଦ୍ଦେଶକ ସମ୍ରାଟ ଗୌଡା, ସାଇକିରଣ ପ୍ରମୁଖଙ୍କ ସମେତ ମୟୂରଭଞ୍ଜ ମାଟିର ଝିଅ ତଥା ଅନ୍ତଃରାଷ୍ଟ୍ରୀୟ କ୍ରୀଡ଼ାବିତ ପୂର୍ଣ୍ଣିମା ଚାନ୍ଦ ଓ ଜଉନା ମୁର୍ମୁ ଆନୁଷ୍ଠାନିକ ଭାବେ ବାରିପଦାସ୍ଥ ଛଉ ପଡିଆ ଠାରେ ଉଦ୍‌ଘାଟନ କରିବା ସହିତ ୫ମ ବାଟାଲିଆନର ସେନାବାହିନୀ, ମାରାଥନ ମଶାଲ ନେଇ ଅଗ୍ରସର ହୋଇଥିଲେ। ପରେ ପରେ ସମସ୍ତ ଦୌଡାଳୀ ଜଗନ୍ନାଥ ମନ୍ଦିର ବଡଦାଣ୍ଡ ରାସ୍ତାରେ ଏବଂ ଅଷ୍ଟିଆ ବ୍ରିଜ ଦେଇ ସାମାଖୁଣ୍ଟା, ଲୁଲୁଙ୍ଗ ରାସ୍ତା ଅଭିମୁଖେ ଦୌଡ଼ିଥିଲେ। ପୁଲିସ, ଡାକ୍ତରୀ ଟିମ ଏବଂ ମାଜିଷ୍ଟ୍ରେଟଙ୍କ ପର୍ଯ୍ୟାପ୍ତ ସୁରକ୍ଷା ବଳୟ ମଧ୍ୟରେ ଏହି ମାରାଥନ ପ୍ରତିଯୋଗିତା ନିର୍ଦ୍ୱନ୍ଦରେ ଅଗ୍ରସର ହୋଇ ନିର୍ଦ୍ଧାରିତ ପିଠାବଟା ଅଂଚଳରେ ସମାପ୍ତ ହୋଇଥିଲା। ଶିମିଳିପାଳ ବଞ୍ଚାଅ ଅଭିଯାନକୁ ଜନପ୍ରସାରୀ କରିବା ନିମନ୍ତେ ଏହି ମାରାଥନ ଆୟୋଜନ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଶିମିଳିପାଳ ଜୈବ ମଣ୍ଡଳ ସମଗ୍ର ଏସିଆର ସବୁଠାରୁ ବୃହତ ଜୈବ ମଣ୍ଡଳ ଯାହାର ସୁରକ୍ଷା ବାର୍ତ୍ତା ନେଇ ଜିଲ୍ଲା ପ୍ରଶାସନ ଦ୍ୱାରା ଆରମ୍ଭ ହୋଇଥିବା ଏହି ମାରାଥନ ଏକ ଉଚ୍ଚକୋଟୀର ବିଚାରଧାରା ବୋଲି ମନ୍ତ୍ରୀ ଡଃ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ସହିତ ମହାନଦୀ କୋଲ ଫିଲଡ ଲିମିଟେଡ଼, ବନଖଣ୍ଡ ବିଭାଗ, ଶିମିଳିପାଳ ଫାଉଣ୍ଡେସନ, ଆଞ୍ଚଳିକ ପରିବହନ ଅନୁଭାଗ, ପ୍ରୋ ସ୍ପୋର୍ଟ୍ସ ଅନୁଷ୍ଠାନ ମାନେ ଏହାର ପ୍ରଯୋଜକ ହୋଇ ଏହି କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ। ଏହି ମାରାଥନ ଦୌଡ ପାଇଁ, ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକଙ୍କ ପ୍ରଚେଷ୍ଟାରେ ଓଡିଶା ଅଲମ୍ପିକ ଆସୋସିଏସନ ନିଜର ବହୁ ଅଭିଜ୍ଞ ସଦସ୍ୟ ତଥା ରାଷ୍ଟ୍ରୀୟ ଓ ଅନ୍ତଃ ରାଷ୍ଟ୍ରୀୟ କ୍ରୀଡ଼ାବିତ ମାନଙ୍କୁ ଏହି ମାରାଥନ କାର୍ଯ୍ୟକ୍ରମରେ ସାମିଲ କରାଇ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ସଫଳ ଖେଳାଳି ମାନଙ୍କୁ ଚୟନ ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସର୍ବଶେଷରେ, ହାଫ ମାରାଥନ ପୁରୁଷ ବିଭାଗରେ ଉତ୍ତର ପ୍ରଦେଶର ଆରିଫ ଅଲି ପ୍ରଥମ ସ୍ଥାନରେ ରହି ପୁରସ୍କାର ଜିତିଥିବା ବେଳେ, ଇଥିଓପିଆର ମାରାଥନ ଦୌଡ଼ାଳି ତେବେଯେ କିଂଟୋ ଦ୍ୱିତୀୟ ସ୍ଥାନ ଓ ଅର୍ଜୁନ ଟୁଡୁ ତୃତୀୟ ସ୍ଥାନରେ ରହିଥିଲେ। ସେହି ଭଳି ମହିଳା ବର୍ଗରେ ଉତ୍ତର ପ୍ରଦେଶର କେ. ଏମ ସନ୍ଧ୍ୟାରାଣୀ ପଲ ପ୍ରଥମ, ନିଶା ଦ୍ୱିତୀୟ, ଓ ପଶ୍ଚିମ ବଙ୍ଗର ମଦିନା ପଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଉଭୟ ପୁରୁଷ ଓ ମହିଳା ବର୍ଗରେ ଶ୍ରେଷ୍ଠ ୨୦ ଜଣଙ୍କୁ ମଧ୍ୟ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବା ସହିତ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ମେଡାଲ ପ୍ରଦାନ କରାଯାଇଥିଲା। ସେହିଭଳି, ମିନି ମାରାଥନରେ ମହିଳା ବର୍ଗରେ ସନ୍ଧ୍ୟା ମୁର୍ମୁ ପ୍ରଥମ, ଦିପ୍ତୀରାଣୀ ସାହୁ ଦ୍ୱିତୀୟ, ଇତିଶ୍ରୀ ମହାନ୍ତ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବାବେଳେ, ପୁରୁଷ ବିଭାଗରେ ବିଶାଲ ବର୍ମା ପ୍ରଥମ, ସୁଦର୍ଶନ ବିନ୍ଦ ଦ୍ୱିତୀୟ, ଓ ସିଦ୍ଧାର୍ଥ ଗୌତମ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ।ଏହି ବିଭାଗରେ ମଧ୍ୟ ଶ୍ରେଷ୍ଠ ୧୦ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଏବଂ ତତ୍ତ୍ୱାବଧାନରେ ସାହାଯ୍ୟ କରିଥିବା ଅଧିକାରୀ, ବିଭିନ୍ନ ପ୍ରଶାସନିକ ପଦାଧିକାରୀ ଓ କ୍ରୀଡା ବିଭାଗର ସମସ୍ତ ଆୟୋଜକଙ୍କୁ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଞ୍ଚପରିଚାଳନାରେ ବରିଷ୍ଠ କ୍ରୀଡା ପ୍ରଶିକ୍ଷକ ଶ୍ରୀ କୁମାର ପଣ୍ଡା, ଅତିରିକ୍ତ କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଓରମାସ ଡେପୁଟି ସିଇଓ ବିମାନ ମଲ ପ୍ରମୁଖ ସହଯୋଗ କରିଥିବା ବେଳେ ପୋଲିସ, ବନ ବିଭାଗ, ବାରିପଦା ଉପଖଣ୍ଡର ସମସ୍ତ ତହସିଲଦାର, ବିଡ଼ିଓ ଓ ବାରିପଦା ଉପଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ କାର୍ଯ୍ୟକ୍ରମର ଆବଂଟିତ ସମସ୍ତ ସମସ୍ତ ଦାୟିତ୍ୱ ନିର୍ବାହ କରି ଏହି ମୟୂରଭଞ୍ଜ ହାଫ ମାରାଥନକୁ ସଫଳ ରୂପାୟନ ଦେଇଥିଲେ।

**ପୁରୁଷ ବର୍ଗରେ ଅରିଫ ଅଲି, ମହିଳା ବର୍ଗରେ ସନ୍ଧ୍ୟା ପଲ ହେଲେ ଶ୍ରେଷ୍ଠତମ**

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



କିସ୍‌ମିସ୍ ଖାଇବା ଦ୍ୱାରା ବି ଶରୀରକୁ ଅନେକ ଉପକାର ମିଳିଥାଏ। ଯେମିତିକି ଏହା ଆଖି ପାଇଁ ବହୁତ ଉପକାରୀ। କୁହାଯାଏ, ପ୍ରତିଦିନ ୭/୮ଟି କିସ୍‌ମିସ୍ ଖାଇବା ଦ୍ୱାରା ଆଖିର ଦୃଷ୍ଟି ଶକ୍ତି ବୃଦ୍ଧି ପାଇଥାଏ। ତା'ଛଡ଼ା ନିୟମିତ ଏହାକୁ ଖାଇଲେ ଶରୀରରେ ସୁଗାର ଲେଭଲ୍ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ଓଜନ କମାଇବା, ହଜମ ଶକ୍ତି ବୃଦ୍ଧି କରିବାରେ ବି ଏହା ଖୁବ୍ ଉପକାରୀ ହୋଇଥାଏ। ତ୍ୱଚାରେ ଚମକ୍ ଆଣିବା ସହିତ ହାଡକୁ ମଜ୍‌ବୁତ୍ କରିବାରେ ମଧ୍ୟ କିସ୍‌ମିସ୍‌ର ରହିଛି ଅନେକ ଭୂମିକା। ସେହିପରି ଶରୀରରେ ଆଇରନ୍‌ର ମାତ୍ରା କମିଗଲେ କିସ୍‌ମିସ୍ ଖାଇବା ଦ୍ୱାରା ବହୁତ ଫାଇଦା ମିଳିଥାଏ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବା ସହ କିସ୍‌ମିସ୍ ଖାଇବା ଦ୍ୱାରା ଆମର ହୃଦ୍‌ସ୍ପନ୍ଦନ ମଧ୍ୟ ଠିକ୍ ରହିଥାଏ। କିନ୍ତୁ ଧ୍ୟାନ ଦେବେ ଅଧିକ ମାତ୍ରାରେ କିସ୍‌ମିସ୍ ଖାଇବେ ନାହିଁ। ନଚେତ୍ ଏହା ଶରୀରକୁ ଫାଇଦା ଦେବା ପରିବର୍ତ୍ତେ ଶରୀର ପାଇଁ ସମସ୍ୟା ସୃଷ୍ଟି କରିଥାଏ।



## ଆଲୋଭେରା ଜେଲ ଏପରି ଘରେ ବନାନ୍ତୁ...

ସାଧାରଣତଃ ଲୋକମାନେ ବଜାରରୁ ଆଲୋଭେରା ଜେଲ କିଣିଥାନ୍ତି । ଏଥିରେ ଏପରି କିଛି କେମିକାଲ ଥାଏ ଯାହା ଧୀରେ ଧୀରେ ତ୍ୱଚା ଓ କେଶକୁ ଖରାପ କରିପାରେ । ତେବେ ଆପଣ ନିଜେ ଅତି ସହଜରେ ଆଲୋଭେରା ଜେଲ ପ୍ରସ୍ତୁତ କରିପାରିବେ । ତାହାବି ଫ୍ରେସ୍ । ଏଥିପାଇଁ ଆଲୋଭେରା, ଭିଟାମିନ୍ ସି ଓ ଭିଟାମିନ୍ ଇ କ୍ୟାପସୁଲ, ମହୁ ଆବଶ୍ୟକ ।

ପ୍ରଥମେ କିଛି ତାଜା ଆଲୋଭେରା ପତ୍ର ନିଅନ୍ତୁ ଏବଂ ଏହାକୁ ଥଣ୍ଡା ପାଣିରେ ଦଶରୁ ପନ୍ଦର ମିନିଟ ଯାଏ ଭିଜାଇ ରଖନ୍ତୁ । ପତ୍ରକୁ ଥଣ୍ଡା ପାଣିରେ ରଖିବା ଦ୍ୱାରା ଏଥିରୁ ବାହାରୁଥିବା ହଳଦିଆ ତରଳ ପଦାର୍ଥ ବାହାରିଯିବ । ଏହି ହଳଦିଆ ତରଳ ପଦାର୍ଥ ଆଲର୍ଜିର କାରଣ ଅଟେ । ଏହାପରେ ଆଲୋଭେରା ରସ ବାହାର କରନ୍ତୁ । ଏହି ରସକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ସ୍ମୁଥ ପେଷ୍ଟ ହୋଇଯିବ । ଏହାକୁ ଏକ ପାତ୍ରରେ କାଢି ଦେବେ । ଭିଟାମିନ ସି, ଇ କ୍ୟାପସୁଲ ଓ ମହୁ ମିଶାନ୍ତୁ । ଭଲ ଭାବରେ ମିଶେଇ ଦିଅନ୍ତୁ ।

କେମିକାଲ ଫ୍ରି ଏହି ଆଲୋଭେରା ଜେଲକୁ ଏକ ଏୟାରଟାଇଟ ପାତ୍ରରେ ଭର୍ତ୍ତି କରି ଫ୍ରିଜରେ ରଖନ୍ତୁ । ଏହାକୁ ଚାରି/ପାଞ୍ଚ ଦିନ ଯାଏଁ ବ୍ୟବହାର କରିପାରିବେ । ରେଫ୍ରିଜରେଟରେ ରଖିଲେ ଆଉ କିଛି ଦିନ ବ୍ୟବହାର କରି ପାରିବେ ।



ଯେତେବେଳେ କୌଣସି ଷ୍ଟାର୍ କିଡ୍ ବଲିଉଡ୍‌ରେ ପ୍ରବେଶ କରନ୍ତି, ସେତେବେଳେ ସେମାନେ ଆପେ ଆପେ ଶିରୋନାମାକୁ ଚାଲି ଆସନ୍ତି। ଗଣମାଧ୍ୟମରେ ତାଙ୍କୁ ନେଇ ଜୋର୍‌ସୋର୍ ଚର୍ଚ୍ଚା ହୁଏ। ଏବେ ବଲିଉଡ୍ ଷ୍ଟାର୍ ରବୀନା ଟଣ୍ଡନ୍‌ଙ୍କ ଝିଅ ରାଶା ଥଡ଼ାନୀଙ୍କ ଡେବ୍ୟୁ ଫିଲ୍ମକୁ ନେଇ ଆଲୋଚନା ହେଉଛି। ସେ ଜାନୁଆରି ୧୭ରେ ମୁକ୍ତିଲାଭ କରିଥିବା 'ଆଜାଦ୍'ରେ ଅଭିନୟ ଜୀବନ ଆରମ୍ଭ କରିଛନ୍ତି। ଏଥିରେ ଥିବା 'ଉୟି ଆମ୍ମା' ଗୀତରେ ରାଶାଙ୍କ ନୃତ୍ୟ ଲୋକଙ୍କ ହୃଦୟ ଜିତିଛି। ଫିଲ୍ମ ରିଲିଜ୍ ହେବା ପୂର୍ବରୁ ଏହି ଗୀତଟି ସୋସିଆଲ୍ ମିଡିଆରେ ଲୋକପ୍ରିୟ ହୋଇଥିଲା। ଗୀତ ସହ ତାଙ୍କ ନୃତ୍ୟ ଅଧିକାଂଶ ପ୍ଲାଟ୍‌ଫର୍ମରେ ଟ୍ରେଣ୍ଡ୍ କରିଥିଲା।

## ମନ ଜିଣୁଛି ରାଶାଙ୍କ 'ଉୟି ଆମ୍ମା'

୨୦୦୫ ମାର୍ଚ୍ଚ ୧୬ ତାରିଖରେ ମୁମ୍ବାଇରେ ରାଶାଙ୍କ ଜନ୍ମ। ତାଙ୍କ ବାପା ଅନୀଲ ଥଡାନୀ ଫିଲ୍ମ ବିତରକ ହୋଇଥିବା ବେଳେ ମା' ରବୀନା ନାମକରା ଅଭିନେତ୍ରୀ। ମାତ୍ର ୧୯ବର୍ଷ ବୟସରେ ରାଶା ବଲିଉଡ୍‌ରେ ଡେବ୍ୟୁ କରି ଦର୍ଶକଙ୍କ ମନ ଜିଣିଛନ୍ତି। ୨୦୨୩ରେ ଧୀରୁଭାଇ ଅମ୍ବାନୀ ଅନ୍ତର୍ଜାତୀୟ ବିଦ୍ୟାଳୟରୁ ସ୍କୁଲ୍ ପାଠ୍ୟକ୍ରମ ଶେଷ କରିଛନ୍ତି ରାଶା। ଯଦି ଆମେ ଫିଲ୍ମ 'ଆଜାଦ୍'ର କଥା କହିବା ତେବେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ କପୁର। ଫିଲ୍ମରେ ରାଶାଙ୍କ ବିପକ୍ଷରେ ଡେବ୍ୟୁ କରୁଛନ୍ତି ସୁପରଷ୍ଟାର୍ ଅଜୟ ଦେବଗନଙ୍କ ପୁତୁରା ଅମନ୍ ଦେବଗନ୍। ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ରୋନି ସ୍କ୍ରୁୟୁୱାଲା ଓ ପ୍ରଜ୍ଞା କପୁର।





## ସୁଟିଂସେଟ୍‌ରେ ଅର୍ଜୁନ ଓ ଜ୍ୟାକି ଆହତ

ସୁଟିଂ ସେଟରେ ଆହତ ହେଲେ ଅର୍ଜୁନ କପୁର ଓ ଜ୍ୟାକି ଭଗନାନି। ଅର୍ଜୁନ କପୁର ତାଙ୍କର ଆଗାମୀ ଫିଲ୍ମ 'ମେରେ ହସବ୍ୟାଣ୍ଡ କି ବିବି'ର ସୁଟିଂ କରୁଥିବା ସମୟରେ ଏକ ଦୁର୍ଘଟଣାର ଶିକାର ହୋଇଛନ୍ତି। 'ମେରେ ହସବ୍ୟାଣ୍ଡ କି ବିବି' ସେଟରେ ଏକ ଗୀତ ସୁଟିଂ ଚାଲିଥିବା ବେଳେ ହଠାତ୍ ଛାତ ଭୁଷୁଡି ଯାଇଥିଲା। ଯାହାଫଳରେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଏହି ଦୁର୍ଘଟଣାରେ ଅଭିନେତା ଅର୍ଜୁନ କପୁର ଓ ଜ୍ୟାକି ଭଗନାନୀଙ୍କ ସମେତ ଅନେକ ଲୋକ ମଧ୍ୟ ଆହତ ହୋଇଛନ୍ତି। ଏହି ଗୀତଟି ମୁମ୍ବାଇର ଇମ୍ପେରିଆଲ ପ୍ୟାଲେସ ଅଫ୍ ରୟାଲ ପାମ୍ସରେ ସୁଟିଂ କରାଯାଉଥିଲା ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ପୁରୁଣା ହଲରେ ଅତ୍ୟଧିକ ଶବ୍ଦ ଯୋଗୁଁ ସେଟ୍ ଥରି ଉଠିବାରୁ ଛାତ ଭୁଶୁଡ଼ି ଯାଇଥିଲା। ଅର୍ଜୁନ କପୁରଙ୍କ କହୁଣୀ ଏବଂ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଡିଓପି ମନୁ ଆନନ୍ଦଙ୍କ ବୁଢ଼ା ଆଙ୍ଗୁଠି ଫ୍ରାକ୍ଚର ହୋଇଛି। ଏହାବ୍ୟତୀତ କ୍ୟାମେରାମ୍ୟାନଙ୍କ ମେରୁଦଣ୍ଡରେ ଆଘାତ ଲାଗିଥିବା ଜଣାପଡିଛି। ଅଭିନେତା ଅର୍ଜୁନ କପୁର ଶେଷ ଥର ପାଇଁ 'ସିଙ୍ଘମ ଏଗେନ୍' ଫିଲ୍ମରେ ଡେଞ୍ଜର ଲଙ୍କାର ଚରିତ୍ରରେ ଅଭିନୟ କରିଥିଲେ। ଫିଲ୍ମରେ ତାଙ୍କର ନେଗେଟିଭ ଭୂମିକାକୁ ପ୍ରଶଂସକମାନେ ବହୁତ ପସନ୍ଦ ମଧ୍ୟ କରିଥିଲେ।



## ଫେଲ୍ ମାରିଲା କଙ୍ଗନାଙ୍କ 'ଏମରଜେନ୍ସି'
## ୨ ଦିନରେ ୬ କୋଟି ରୋଜଗାର

ରିଲିଜ୍ ହୋଇଯାଇଛି କଙ୍ଗନାଙ୍କ ରାଜନୈତିକ ଡ୍ରାମା ଫିଲ୍ମ 'ଏମରଜେନ୍ସି। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ନେଇ ୭୦ ଦଶକରେ ଯେଉଁ ଜରୁରୀକାଳୀନ ପରସ୍ଥିତି ସୃଷ୍ଟି ହୋଇଥିଲା, ତାକୁ ନେଇ ପୂରା ସିନେମା। ଆଉ ସେତେବେଳେ ପୂରା ଭାରତରେ ଏମରଜେନ୍ସି ଲଗାଇବାରେ ସଫଳ ହୋଇଥିଲେ ଇନ୍ଦିରା । ହେଲେ ଦୁଇ ଦିନର ସିନେମାର ରୋଜଗାର ଦେଖି ଯାହା ଲାଗୁଛି, କଙ୍ଗନାଙ୍କ ଏମରଜେନ୍ସି କିନ୍ତୁ ଫେଲ୍ ମାରିଛି । ଅନେକ ବାଦବିବାଦ ଦେଇ ଶେଷରେ ସିନେମା ହଲକୁ ଆସିଥିବା ଏମରଜେନ୍ସି ପାଇଁ ଦର୍ଶକ ଉତ୍ସାହର ସହିତ ଅପେକ୍ଷା କରିଥିଲେ । କିନ୍ତୁ ମୁକ୍ତିଲାଭ ପରେ, ଫିଲ୍ମଟି ଥିଏଟରରେ ଦର୍ଶକଙ୍କୁ ବାନ୍ଧି ରଖିବାରେ ବିଫଳ ହୋଇଛି। ବକ୍ସ ଅଫିସରେ ଫିଲ୍ମ ବହୁତ ଧିମା ଚାଲିଛି । ୧୭ ତାରିଖରେ ରିଲିଜ ହୋଇଥିବା ଏହି ସିନେମା ତୃତୀୟ ଦିନରେ ବି ନିରାଶ କରିଛି । ଯାହାକୁ ନେଇ ଏବେ ପ୍ରଶ୍ନ ସୃଷ୍ଟି ହୋଇଛି, ନିଜର ୬୦ କୋଟିର ବଜେଟ୍ କଲେକ୍ସନ କରିପାରିବ କି ନାହିଁ ? ଶୁକ୍ରବାର ମୁକ୍ତିଲାଭର ପ୍ରଥମ ଦିନରେ 'ଏମର୍ଜେନ୍ସି' ମାତ୍ର ୨.୫୦ କୋଟି ଟଙ୍କା ରୋଜଗାର କରିଛି । ଏଥିସହି ଶନିବାରର କଲେକ୍ସନକୁ ମିଶାଇଲେ, ଫିଲ୍ମଟି ଦୁଇ ଦିନରେ ମାତ୍ର ୬ କୋଟି ଟଙ୍କା କଲେକ୍ସନ କରିଛି ।

## କୁକୁର ଜନ୍ମଦିନରେ ୫ ଲକ୍ଷ ଖର୍ଚ୍ଚ

ସମ୍ପ୍ରତି ସୋସିଆଲ ମିଡିଆରେ ଏପରି ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ଜଣେ ମାଲିକାଣୀ ନିଜ ପୋଷା କୁକୁରର ଜନ୍ମଦିନ ପାର୍ଟିରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଝାଡ଼ଖଣ୍ଡର ଜାମଶେଦପୁର ନିବାସୀ ସପନା ରବିବାର ନିଜ ପୋଷା କୁକୁରର ଜନ୍ମଦିନକୁ ବହୁ ଆଡ଼ମ୍ବରରେ ସେଲିବ୍ରେଟ କରିଛନ୍ତି। ଏହି ଅବସରରେ ସେ ନିଜ ପୋଷା କୁକୁର ପାଇଁ କେବଳ ୪୦ ହଜାର ଟଙ୍କା ମୂଲ୍ୟର କେକ୍ କାଟିଥିଲେ। ସେହିପରି ଉକ୍ତ ପାର୍ଟିରେ ସପନା ୩୦୦ ଅତିଥିଙ୍କ ପାଇଁ ବିଳାସପୂର୍ଣ୍ଣ ଭୋଜିର ବ୍ୟବସ୍ଥା ମଧ୍ୟ କରିଥିଲେ। ଏହି ଜନ୍ମଦିନ ଉତ୍ସବ ପାଇଁ ସେ ନିମନ୍ତ୍ରଣ କାର୍ଡ ଛପାଇବା ସହ ଏକ ଡିଜେ ନାଇଟର ଆୟୋଜନ ମଧ୍ୟ କରିଥିଲେ। ପ୍ରତିବର୍ଷ ସେ ନିଜ ପୋଷା କୁକୁରର ଜନ୍ମଦିନ ଏପରି ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି ବୋଲି ସପନା କହିଛନ୍ତି।



## 'ବର୍ଡର-୨' ସୁଟିଂ ଆରମ୍ଭ

ସିନେ ପ୍ରଶଂସକଙ୍କ ପାଇଁ ଖୁସି ଖବର। ପରଦାକୁ ଆସିବ ନବେ ଦଶକର ସୁପରହିଟ୍ ଚଳଚ୍ଚିତ୍ର 'ବର୍ଡର'ର ଦ୍ୱିତୀୟ ଭାଗ 'ବର୍ଡର-୨'। ଇତିମଧ୍ୟରେ ଆରମ୍ଭ ହୋଇଛି ଚଳଚ୍ଚିତ୍ରର ଶୁଟିଂ। ବାସ୍ତବତାର ରୂପରେଖ ଦେବାକୁ ଯାଇ ନିର୍ମାତାମାନେ ଝାନ୍ସିରେ ଏଥିଲାଗି ସ୍ୱତନ୍ତ୍ର ସେଟ୍ ନିର୍ମାଣ କରିଛନ୍ତି। ଚଳଚ୍ଚିତ୍ରରେ ପୁରୁଣା କଳାକାରଙ୍କ ସହ କେତେଜଣ ନୂଆ କଳାକାର ଏଣ୍ଟ୍ରି କରୁଛନ୍ତି। ଶୁଟିଂ ଆରମ୍ଭ ହେବା ପରେ କଳାକାରମାନେ ଖୁସିବ୍ୟକ୍ତ କରି ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରୁଛନ୍ତି। ସେଗୁଡ଼ିକ ଭାଇରାଲ ହେଉଥିବା ବେଳେ ପ୍ରଶଂସକ ଚଳଚ୍ଚିତ୍ର ନେଇ ଶୁଭକାମନା ଜଣାଉଛନ୍ତି। ୧୯୯୭ରେ ରିଲିଜ ହୋଇଥିଲା ଚଳଚ୍ଚିତ୍ର 'ବର୍ଡର'। ଏହା ୧୯୭୧ରେ ହୋଇଥିବା ଭାରତ-ପାକିସ୍ତାନ ଯୁଦ୍ଧର ଘଟଣାବଳୀ ଉପରେ ଆଧାରିତ ଥିଲା। ଚଳଚ୍ଚିତ୍ରରେ ସନ୍ନି ଦେଓଲ, ସୁନୀଲ ସେଟ୍ଟୀ, ଜ୍ୟାକି ଶ୍ରଫ, ଅକ୍ଷୟ ଖାନ୍ନା, ସୁଦେଶ ବୈରୀ, ପୁନୀତ ଇସ୍ସାର, କୁଲଭୂଷଣ ଖରବନ୍ଦା, ତବ୍ବୁ, ରାକ୍ଷୀ, ପୂଜା ଭଟ୍ଟ ଏବଂ ଶର୍ବାନୀ ମୁଖାର୍ଜୀ ନଜର ଆସିଥିଲେ। ହେଲେ ଦ୍ୱିତୀୟ ଭାଗରେ ସନ୍ନି ଦେଓଲଙ୍କ ବ୍ୟତୀତ କେତେଜଣ ନୂଆ କଳାକାର ଯୋଡ଼ି ହେବେ। ସୁନୀଲ ସେଟ୍ଟୀଙ୍କ ପୁଅ ଅହାନ ସେଟ୍ଟୀ, ଦିଲଜିତ ଦୋସାଞ୍ଜ ଏବଂ ବରୁଣ ଧାୱନ ପ୍ରମୁଖ ଭୂମିକାରେ ନଜର ଆସିବେ। 'ବର୍ଡର-୨'କୁ ଭୂଷଣ କୁମାର, କୃଷ୍ଣ କୁମାର, ଜେ.ପି. ଦତ୍ତାଙ୍କ ସହ ଅନ୍ୟ ପ୍ରଯୋଜନା ସଂସ୍ଥା ମିଶି ନିର୍ମାଣ କରୁଛନ୍ତି। ଅନୁରାଗ ସିଂ ଏବଂ ଜେ.ପି. ଦତ୍ତା ଏହାର ନିର୍ଦ୍ଦେଶନା ଦେଉଛନ୍ତି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ): ଶ୍ରୀ ଶ୍ରୀ ସତ୍ୟସାଇବାବାଙ୍କ ୧୦୦ତମ ଜନ୍ମଜୟନ୍ତୀ ଅବସରରେ ଦିବ୍ୟ ପାଦୁକା ଯାତ୍ରା ପରିକ୍ରମା ଚୌଦ୍ୱାରରେ ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ଶ୍ରୀ ସତ୍ୟସାଇ ସେବା ସମିତିର ଆବାହକ ରଞ୍ଜିତ୍ କୁମାର ପ୍ରଧାନଙ୍କ ନେତୃତ୍ୱରେ ପାଦୁକା ଯାତ୍ରା ଚୌଦ୍ୱାର ଗ୍ରାମର ବିଭିନ୍ନ ସାହି ବସ୍ତି ପରିକ୍ରମା କରି ଚୌଦ୍ୱାର ପୌରପାଳିକାର ସମସ୍ତ ୱାର୍ଡ଼ ଏବଂ ବିଭିନ୍ନ ପଞ୍ଚାୟତରେ ବାବାଙ୍କ ପାଦୁକା ରଥ ପରିକ୍ରମା କରାଯାଇଥିବା ବେଳେ ଭଜନ କୀର୍ତ୍ତନ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ କଟକ ଜିଲ୍ଲା ଦାୟିତ୍ୱରେ ଥିବା ହେମନ୍ତ କୁମାର ସାହୁଙ୍କ ସହ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଶୁକ ଦେଈ, ମୀନାକ୍ଷୀ ପ୍ରଧାନ, ଦମୟନ୍ତୀ ଦାସ, ମମତା ରାୟ, କ୍ରିତିସ୍ମିତା ମହାନ୍ତି, ବିଜୟଲକ୍ଷ୍ମୀ ରାଉତ, ଯିନିତା ପ୍ରଧାନ, ମିନତୀ ପାତ୍ର, ଏମ୍.ସାବିତ୍ରୀ, ରୁବି ଦଳେଇ, ଶିବାନୀ ଦାସ, ମୀନା ମୁଣ୍ଡା, ପିଙ୍କିପ୍ରିୟଦର୍ଶିନୀ, ଅଲଶ୍ୱରୀୟା ସିଂ, ସୁକାନ୍ତି ବରାଳ, ରବିନାରାୟଣ ତ୍ରିପାଠୀ, ସଞ୍ଜୟ ସିଂ, ସଞ୍ଜୟ ରାଉତ, ସନ୍ତୋଷ ଦାସ ଓ ନବୀନ ରାଓଙ୍କ ସମେତ ଚୌଦ୍ୱାର ସତ୍ୟସାଇ ସମିତି, ଇଟୁଆ ଭଜନମଣ୍ଡଳୀର ସମସ୍ତ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ ।

# ପାକ୍ସ ଧାନକ୍ରୟ ଅଧିକାରୀଙ୍କୁ ବଦଳ ନିଷ୍ପତ୍ତି, ପ୍ରଶ୍ନ ଉଠାଇଲେ ସଭାପତି



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ତେସିଙ୍ଗା ପ୍ରାଥମିକ କୃଷି ସମବାୟ ସମିତିର ଧାନକ୍ରୟ ଅଧିକାରୀ ରାଜେନ୍ଦ୍ର କୁମାର ଖଣ୍ଡାଇଙ୍କୁ ଗତ ୧୮ ତାରିଖରେ ଜିଲ୍ଲା ପ୍ରଶାସନ ସହମତି ଆଧାରରେ ବଦଳ ନିଷ୍ପତ୍ତିକୁ ପ୍ରଶ୍ନ କରିଛନ୍ତି ସଂପୃକ୍ତ ପାକ୍ସ ପରିଚାଳନା ପରିଷଦ ସଭାପତି । ଗତ ୧୬ ତାରିଖରେ ତେସିଙ୍ଗା ପାକ୍ସ ଧାନକ୍ରୟ ଅନିୟମିତତା ସମ୍ପର୍କରେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା । ଏହାର ସମାଧାନ ସହ କ୍ରୟ ଅଧିକାରୀ ଶ୍ରୀ ଖଣ୍ଡାଇ ଅସୁସ୍ଥତା କାରଣ ଦର୍ଶାଇ ଚଳିତ ଧାନକ୍ରୟ ଦାଇତ୍ୱରୁ ଅବ୍ୟାହତି ନେବାକୁ ଇଚ୍ଛା ପ୍ରକାଶ କରି ଜିଲ୍ଲା ସମବାୟ ସମୂହ ଉପନିବନ୍ଧକଙ୍କୁ ପତ୍ରସଂଖ୍ୟା ୨୭/ତା୧୭.୧.୨୦୨୫ରିଖରେ ପତ୍ର ଲେଖିଥିଲେ । ଜିଲ୍ଲା ସମବାୟ ସମୂହ ଉପନିବନ୍ଧକ ଏହା ଉପରେ ତତ୍କାଳ ପଦକ୍ଷେପ ନେଇ ନେରଡା ପାକ୍ସ ପରିଚାଳନା ପରିଷଦର ଅନୁମୋଦନ କ୍ରମେ ନେରଡା ପାକ୍ସ ସମ୍ପାଦକ ସୌମ୍ୟରଞ୍ଜନ ପଣ୍ଡାଙ୍କୁ ତେସିଙ୍ଗା କ୍ରୟ ଅଧିକାରୀ ଭାବେ ଦାଇତ୍ୱ ଦେବାକୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପତ୍ରସଂଖ୍ୟା ୬୭/୧୮/୧/୨୦୨୫ରେପତ୍ର ଲେଖିଥିଲେ । ସେହିଦିନ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଯୋଗାଣ ବିଭାଗ ଆଦେଶ ସଂଖ୍ୟା ୩୬୯/୧୮/୧/୨୦୨୫ ଅନୁଯାୟୀ ଶ୍ରୀ ପଣ୍ଡାଙ୍କୁ ଶ୍ରୀ ଖଣ୍ଡାଇଙ୍କ ସ୍ଥାନରେ ତେସିଙ୍ଗା କ୍ରୟ ଅଧିକାରୀ ଭାବେ ଅତିରିକ୍ତ ଦାଇତ୍ୱ ଅର୍ପଣ କରିଥିଲେ । ମାତ୍ର ରବିବାର ତେସିଙ୍ଗା ପାକ୍ସ ପରିଚାଳନା ପରିଷଦର ସଙ୍କଳ୍ପ ଆଧାରରେ ସଭାପତି ନାରାୟଣ ଚନ୍ଦ୍ର ଦାଶ ଏହି ବଦଳି ଆଦେଶକୁ ପ୍ରଶ୍ନ ଉଠାଇଛନ୍ତି । ତେସିଙ୍ଗା ପାକ୍ସରେ ଏକ ନିର୍ବାଚିତ ପରିଚାଳନା ପରିଷଦ ରହିଛି । ତେସିଙ୍ଗା ପାକ୍ସ ଧାନକ୍ରୟ ଅଧିକାରୀଙ୍କ ଅନିଚ୍ଛା ପତ୍ର ସମ୍ପର୍କରେ ନିର୍ବାଚିତ ପରିଷଦର ବିନା ଅନୁମୋଦନରେ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେବା ବୈଧତାକୁ ନେଇ ଶ୍ରୀ ଦାଶ ପ୍ରଶ୍ନ ଉଠାଇଛନ୍ତି । ଧାନକ୍ରୟ ସମ୍ପର୍କରେ ଭବିଷ୍ୟତରେ ଯାହା କିଛି ଅସୁବିଧା ହେବ ସେଥିନେଇ ନିର୍ବାଚିତ ପରିଚାଳନା ପରିଷଦକୁ ଆଉ ପରାମର୍ଶ କରିବା ଅନାବଶ୍ୟକ । ଏଥିନେଇ ଜିଲ୍ଲା ପ୍ରଶାସନ ଦାୟୀ ରହିବ ବୋଲି ଶ୍ରୀ ଦାଶ ଚେତାବନୀ ଦେଇଛନ୍ତି । ଏଠାରେ ପ୍ରକାଶଯୋଗ୍ୟ ଯେ, ଏହି ପାକ୍ସରେ ୧୮ ତାରିଖ ସୁଦ୍ଧା ୧୪ ଜଣ ଚାଷୀଙ୍କ ଠାରୁ ୯୧୬ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି । ସେଥିମଧ୍ୟରୁ ୭ ଜଣ ଚାଷୀଙ୍କୁ ୧୦ ଲକ୍ଷ ୮୮ ହଜାର ୭୭୪ ଟଙ୍କା ପୈଠ ହୋଇଛି । ଏହି ସମୟରେ ମଧ୍ୟରେ ପାକ୍ସକୁ ୮ହଜାର ୯୧୭ କ୍ୱିଣ୍ଟାଲ ଧାନକ୍ରୟ ଟାର୍ଗେଟ ମିଳିଛି । ଏବେ କ୍ରୟ ଅଧିକାରୀ ବିବାଦ ଆରମ୍ଭ ହୋଇଥିବାରୁ ଧାନକ୍ରୟ ବାଧାପ୍ରାପ୍ତ ହେବା ଆଶଙ୍କା ପ୍ରକାଶ ପାଇଛି । ଏହି ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ଅଛି । ସମିତିରେ ଧାନକ୍ରୟ ବାଧାପ୍ରାପ୍ତ ହେବ ନାହିଁ ବୋଲି ଭାରପ୍ରାପ୍ତ ସମବାୟ ସମ୍ପ୍ରସାରଣ ଅଧିକାରିଣୀ ରତ୍ନପୂର୍ଣ୍ଣା ସାହୁ ସୂଚନା ଦେଇଛନ୍ତି ।

# ମହାକାଳପଡାର ବିକାଶ ପାଇଁ ବନ୍ଧୁମିଳନ କାର୍ଯ୍ୟକ୍ରମ



ମହାକାଳପଡ଼ା (ଭାସ୍କର ନ୍ୟୁଜ): ରବିବାର ମହାକାଳଡା, ମାର୍ଶାଘାଇ ଓ କେନ୍ଦ୍ରାପଡାର ସାମ୍ବାଦିକ ମାନଙ୍କୁ ନେଇ ମହାକାଳପଡା ବିଧାୟକଙ୍କ ଦାଦା ତଥା ବିଶିଷ୍ଟ ଶିକ୍ଷାବିତ୍ ଗନ୍ଧର୍ବ ନାୟକଙ୍କ ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମାର୍ଶାଘାଇ ସ୍ଥିତ ଡାକ ବଙ୍ଗଳାରେ ବରିଷ୍ଠ ସାମ୍ବାଦିକ ମାଧବ ନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟ କ୍ରମରେ ମୁଖ୍ୟତଃ ମହାକାଳପଡା ନିର୍ବାଚନ ମଣ୍ଡଳୀରେ କିପରି ସାମୂହିକ ବିକାଶ ଅଧିକରୁ ଅଧିକ ମାତ୍ରାରେ ହୋଇ ପାରିବ ସେ ନେଇ ଚର୍ଚ୍ଚା ଆଲୋଚନା କରିଛନ୍ତି ଶ୍ରୀ ନାୟକ । ମହାକାଳପଡା ନିର୍ବାଚନ ମଣ୍ଡଳୀରେ ଅନେକ ବିକାଶ ମୂଳକ କାର୍ଯ୍ୟ ହେବାକୁ ବାକି ରହିଛି । କିଛି କାର୍ଯ୍ୟ ଲୋକ ପ୍ରତିନିଧି ଓ ପ୍ରଶାସନର ନଜର ଆଢୁଆଳରେ ରହି ଯାଉଥାଇ ପରେ । ମହାକାଳପଡା ବିକାଶ କାର୍ଯ୍ୟରେ ସ୍ଥାନୀୟ ସାମ୍ବାଦିକ ମାନଙ୍କ ଗୁରତ ପୂର୍ଣ୍ଣ ଭୂମିକା ରହିଛି । ଏଥି ପାଇଁ ବହୁ ସାମ୍ବାଦିକ ମାନଙ୍କ ଠାରୁ ମତ ଲୋଡିଛନ୍ତି ଶ୍ରୀ ନାୟକ । ଏହି ପରିପ୍ରେକ୍ଷୀରେ ସାମ୍ବାଦିକ ଗହଗା ପାଟର ଜଳ ନିଷ୍କାସନ, ବଉଦ ପାଟରେ ଶିଳ୍ପ ପ୍ରତିଷ୍ଠା, ଜମ୍ବୁ-ମାର୍ଶାଘାଇ କେନାଲର ପୂର୍ଣ୍ଣଉଦ୍ଧାର, ରାମଚଣ୍ଡୀ ମନ୍ଦିରର ଉନ୍ନତି କାର୍ଯ୍ୟ ଏବଂ ଜବର ଦଖଲରେ ଥିବା ଠାକୁରାଣୀଙ୍କ ଭୂ-ସମ୍ପତି ଉଦ୍ଧାର କରାଯିବା ସଂପର୍କରେ ସାମ୍ବାଦିକ ମାନେ ଦାବି ଉଠାଇ ଥିଲେ । ସେହିପରି ଜିଲ୍ଲାରେ ଥିବା ଏକ ମାତ୍ର ଝୋଟ କାରଖାନାକୁ ସଠିକ୍ ମାତ୍ରାରେ ସକ୍ରିୟ କରାବା, ମହାକାଳପଡାରେ ଖାଲି ପଡିଥିବା ଅନେକ ପ୍ରଶାସନୀକ ଅଧିକାରୀ ପଦବୀ ପୂରଣ, ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହିତ ପାନ୍ୟଜଳ ପହଁଚି ପାରୁ ନଥିବା ବହୁ ଗାଁରେ ଏହି ସମସ୍ୟାକୁ ସମାଧାନ କରିବାକୁ ଉଦ୍ୟମ ହେବା ଆବଶ୍ୟକ । ବିଭିନ୍ନ ସ୍ଥାନରେ ଲଘୁ ଖଣିଜ ସମ୍ପଦକୁ ନେଇ ଚାଲିଥିବା ମାଫିଆ ରାଜକୁ ଦମନ କରିବା ଜରୁରୀ ବୋଲି ସାମ୍ବାଦିକ ମାନେ ମତବ୍ୟକ୍ତ କରିଥିଲେ । ଏହି ସଭାରେ ସାମ୍ବାଦିକ ମନୋଜ ସ୍ୱାଇଁ, ହିମାଂଶୁ ଶେଖର ନାୟକ, ରାଜେନ୍ଦ୍ର ମହାପାତ୍ର, ଯଶୋବନ୍ତ ପାତ୍ର, ସଞ୍ଜୟ ଦାସ, ସୌମେନ୍ଦ୍ର ମାହାଳି, ମୁକ୍ତେଶ୍ୱର ସ୍ୱାଇଁ, ହେମନ୍ତ ସ୍ୱାଇଁଙ୍କ ସମେତ ବହୁ ସାମ୍ବାଦକ ଉପସ୍ଥିତ ରହି ମହାକାଳପଡା ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ କ୍ଷେତ୍ରେ କଣ ସବୁ କରାଯିବା ଦରକାର ସେ ନେଇ ନିଜର ମତବ୍ୟକ୍ତ କରିଥିଲେ ।

# ଅଖିଳ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା

ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ଼ ସଦର ମହାକୁମା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ଅଖିଳ ଭାରତୀୟ ସଂସ୍କୃତିଜ୍ଞାନ ପରୀକ୍ଷା ପ୍ରଧାନଆଚାର୍ଯ୍ୟ ବିରଞ୍ଚି କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଂସ୍କୃତିଜ୍ଞାନ ପ୍ରମୁଖ ଦମୟନ୍ତୀ ସାହୁ ପରୀକ୍ଷା ପରିଚାଳନା କରି ଥିବା ବେଳେ ପରୀକ୍ଷା ନିମିତ୍ତ ସ୍ୱତନ୍ତ୍ର ଗୁରୁଜୀ ଗୁରୁମା ମାନେ ପରୀକ୍ଷାରେ ସହଯୋଗ କରିଥିଲେ । ଏହି ପରୀକ୍ଷାରେ ବିଦ୍ୟାଳୟର ୫୭ଜଣ ଅଭିଭାବକ ମାନେ ପରୀକ୍ଷା ଦେଇଥିଲେ । ଏହି ପରୀକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଭାରତ ବର୍ଷର ସଂସ୍କୃତି ଓ ପରମ୍ପରାକୁ ଜାଣିବା ସହିତ ଜ୍ଞାନ ଆହରଣ କରିବା । ଏହି ପରୀକ୍ଷାରେ ଅତିଥି ଭାବରେ ନୟାଗଡ ଷ୍ଟେଟ ବ୍ୟାଙ୍କର ସରକାରୀ କର୍ମଚାରୀ ଅଜୟ କୁମାର ବେହେରା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ମାନେ ସହଯୋଗ କରି ପରିଚାଳନା କରିଥିଲେ ।

# ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ସଦର ଥାନା ଅଂଚଳରେ ଏକ ଭଡ଼ାଘରେ ରହୁଥିବା ଜଣେ ମହିଳାଙ୍କୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି । ମହିଳା ଏକୁଟିଆ ରହୁଥିବା ସୁଯୋଗ ନେଇ ଶୁକ୍ରବାର ରାତିରେ ଜଣେ ଯୁବକ ମୁଖାପିନ୍ଧି ଛୁରି ଦେଖାଇ ଦୁଷ୍କର୍ମ କରିଥିବାର ପିଡିତା ମହିଳା ଥାନାରେ ଅଭିଯୋଗ କରିଛନ୍ତି । ସଦର ଥାନା ପୁଲିସ୍ ଅଭିଯୁକ୍ତକୁ ଗିରଫ କରିବା ସହ ତାଙ୍କଠାରୁ ଛୁରି ଜବତ କରିଛି । ଗିରଫ ଅଭିଯୁକ୍ତ ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଶରଣକୋଟ ଗାଁର ହୃଷିକେଶ ସାହୁ(୪୭) । ଘଟଣାସ୍ଥଳରେ ସାଇଂଟିଫକ୍ ଟିମ୍ ଓ ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

# ଟ୍ରକ ଦୁର୍ଘଟଣାଗ୍ରସ୍ତ, ୨ ଆହତ

ଧର୍ମଶାଳା (ଭାସ୍କର ନ୍ୟୁଜ): ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥ ଜାରକା ନିକଟସ୍ଥ କିୟୁ ବଜାର ଠାରେ ରବିବାର ଭୋର୍ ସମୟରେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ିଛି । ପଶ୍ଚିମବଙ୍ଗରୁ କଟକକୁ ଗୋ ଖାଦ୍ୟ ନେଇ ଯାଉଥିବା ଡବ୍ଲୁ ବି ୨୩ ଏପ୍ ୭୩୨୭ ନମ୍ବର ଟ୍ରକ ରାସ୍ତା ମଝିରେ ଥିବା କରଭରେ ବାଡ଼େଇ ହୋଇ ଓଲଟି ପଡ଼ିଥିଲା । ଗାଡ଼ିରେ ଥିବା ଡ୍ରାଇଭର ଓ ହେଲପର୍ ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଧର୍ମାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଏନେଇ ଧର୍ମଶାଳା ପୋଲିସ୍ ଏକ କେଶରୁଜୁ କରି ଘଟରାର ତଦନ୍ତ କରିଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

# ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ୨ଦିନ ବ୍ୟାପି ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ କୋଲଣପୁର ସରପଞ୍ଚ ଗୋପବନ୍ଧୁ ସେଠୀ, ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ସରପଞ୍ଚ ପ୍ରଶାନ୍ତ କୁମାର ଜେନା, ସମ୍ମାନିତ ଅତିଥିଭାବେ ଅବସର ପ୍ରାପ୍ତ ଶିକ୍ଷକ ଶିବ ଚରଣ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଦନମୋହନ ସାମଲ ଯୋଗଦାନ କରି ଆଜିର ସମାଜରେ କ୍ରୀଡାର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି କୃତି ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ପୁରସ୍କାର ବିତରଣ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ମନୋରମା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ଶିକ୍ଷକ ସେକ ଅବଦୁଲ ମାଲିକ,ଶିକ୍ଷୟିତ୍ରୀ ନଳିନୀ ପ୍ରଭା ମିଶ୍ର, ଯାଜ୍ଞସେନୀ ନାୟକ, କୁଦସିଆ ଖାତୁନ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ ।




# ଜାହାନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




କାକଟପୁର (ଭାସ୍କର ନ୍ୟୁଜ): କାକଟପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଜାହାନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଶିକ୍ଷକ ପ୍ରେମଶଙ୍କର ପୂଜାରୀଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମରେ ଜାହାନ ପବ୍ଲିକ ସ୍କୁଲର ନିର୍ଦ୍ଦେଶିକା ସୁମିତ୍ରା ଘୋଷ ଅଧ୍ୟକ୍ଷତା କରିଥିବାବେଳେ ସ୍କୁଲର ପ୍ରିନ୍ସପାଲ ମମତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସ୍ଥିତ ଏନଏମଆଇଇଟିର ପରିଚାଳନା ନିର୍ଦ୍ଦେଶକ ବିଜୟ କୁମାର ନନ୍ଦ, ମୁଖ୍ୟ ବକ୍ତା ଭାବେ କାକଟପୁର ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା, ସମ୍ମାନିତ ଅତିଥି ଭାବେ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରମୁଖ ଯୋଗଦେଇ ଛୋଟଛୋଟ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ନିର୍ମାଣରେ ଅଭିଭାବକମାନଙ୍କ ମୁଖ୍ୟ ଭୂମିକା ଏବଂ ସେମାନଙ୍କୁ ମୋବାଇଲର ଅପବ୍ୟବହାରରୁ ଦୂରେଇ ରଖି ଶିକ୍ଷା ସହ ମାନବିକତାର ମୂଲ୍ୟବୋଧର ଗୁରୁତ୍ୱ ଦେବାକୁ ପରାମର୍ଶ ତଥା ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିବା ସହ ଏହି ବିଦ୍ୟାଳୟର ଶିକ୍ଷା କ୍ଷେତ୍ରରେ ଅବଦାନ ତଥା ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ । ହାସ୍ୟଅଭିନେତା ପ୍ରଜ୍ଞା ରଞ୍ଜନ ଖଟୁଆଙ୍କ ବଳିଷ୍ଠ ହାସ୍ୟାଭିନୟ ସମସ୍ତ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କୁ ବେଶ ମନୋରଞ୍ଜନର ଖୋରାକ ଯୋଗାଇଥିବାବେଳେ ବିଭିନ୍ନ ବିଭାଗରେ ପରିଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପରିଶେଷରେ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ଚିତାକର୍ଷକ ନୃତ୍ୟ ତଥା ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ନେତାଜୀ କ୍ଲବ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ସହରର ପୁରାତନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନେତାଜୀର ୫୦ବର୍ଷ ପୂର୍ତ୍ତି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା ମୁଖ୍ୟ ଷ୍ଟାଡ଼ିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରଥମେ ଏହି କ୍ଲବ୍‌ର ଦିବଂଗତ ପୁରାତନ ସଭ୍ୟ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଏହି ଶିବିରକୁ ତାଙ୍କରି ନାମରେ ଉତ୍ସର୍ଗ କରାଯାଇଥିଲା । ଉକ୍ତ ଶିବିରକୁ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି, ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମିଳିତ ଲକ୍ଷ୍ମୀ ପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର, ଗଁଦିଆ ବ୍ଲକ୍ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ରକ୍ତଦାନ ଶିବିରରେ ୩୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଢେଙ୍କାନାଳ ରକ୍ତଭଣ୍ଡାର ଅଧିକାରୀ ଡା. ସ୍ୱରୂପ ରନ ସାହୁ, ଲାବରୋଟୋରୀ ଟେକ୍ନିସିଆନ୍ ରାକେଶ କୁମାର ବେହେରା, ରୋହିତ କୁମାର ଦାସ, ଅଭିମନ୍ୟୁ ସାହୁ, କାର୍ତ୍ତିକ ପଣ୍ଡା, ନର୍ସଂ ଅଫିସର ବିନୋଦିନୀ ଯୋଗାଣିଆ, ସୌଭାଗ୍ୟ ରନ ମିଶ୍ର, ଅଜୟ ସ୍ୱାଇଁ, ତପନ ଜେନା, ପୁରୁଷୋତମ ନାୟକ ପ୍ରମୁଖ ରକ୍ତ ସଂଗ୍ରହ ପରିଚାଳନା କରିଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରରବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ

କୋଣାର୍କ (ଭାସ୍କର ନ୍ୟୁଜ): କୋଣାର୍କ ଏନଏସି କଲ୍ୟାଣ ମଣ୍ଡପ ଠାରେ କୋଣାର୍କ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ନବମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ତଥା ବରିଷ୍ଠ ଶିକ୍ଷାବିତ ପୂର୍ଣ୍ଣ ଚନ୍ଦ୍ର ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନବମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ଡଃ ବିଭୂ ପ୍ରସାଦ ତରାଇ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ବିଜେପି କାର୍ଯ୍ୟକାରୀ ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରାଇ, ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଓଡିଶା ଶିକ୍ଷା ବିକାଶ ସମିତିର ପୁରୀ ଜିଲ୍ଲା ପ୍ରମୁଖ ସୁଦର୍ଶନ ମିଶ୍ର, ଶିଶୁ ମନ୍ଦିର ସଂପାଦକ ରଶ୍ମିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶିଶୁ ମନ୍ଦିରରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ସଂସ୍କାର ଧର୍ମୀ ଚିନ୍ତା ଓ ଚେତନାରେ ଅନୁପ୍ରାଣିତ ହୋଇ ଏକ ସୁସ୍ଥ ଶୃଙ୍ଖଳିତ ଓ ସଂସ୍କୃତି ସଂପନ୍ନ ସମାଜ ଗଠନ ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ । କୋଣାର୍କ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମେଘନାଦ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମକୁ ଶିଶୁ ମନ୍ଦିରର ବରିଷ୍ଠ ଶିକ୍ଷୟିତ୍ରୀ ସୁଶ୍ରୀ ଗୀତାରାଣୀ ପଣ୍ଡା ସଂଯୋଜନା କରିଥିଲେ । ଏହି ପରିପ୍ରେକ୍ଷୀରେ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ କପ ସିଲ ପ୍ରଦାନ କରି ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିଶୁ ମନ୍ଦିରର ପୂର୍ବତନ ସଂପାଦକ ବିଜୟ କୁମାର ପାଢୀଙ୍କ ସମେତ ପରିଚାଳନା କମିଟିର କର୍ମକର୍ତ୍ତା, ଛାତ୍ର ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିଲେ । ଶେଷରେ ଶିଶୁ ମନ୍ଦିରର ପୂର୍ବତନ ସଂପାଦକ ରଘୁନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଜି ଲୋକନାଥ ତ୍ରୟମ୍ବକାୟ ପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠା

କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମୁରୁସୁଆଁ ଗ୍ରାମରେ ଶ୍ରୀ ଲୋକନାଥ ତ୍ରୟମ୍ବକାୟ ପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସୋମବାର ଦିନ ଅନୁଷ୍ଠିତ ହେବ । ଶନିବାର ଦିନ ଅଙ୍କୁରା ରୋପଣ କାର୍ଯ୍ୟକ୍ରମ,ରବିବାର ଦିନ କଳସ ଅଧିବାସ କାର୍ଯ୍ୟକ୍ରମ ଶେଷ ହେବା ପରେ ସୋମବାର ଦିନ ବିଗ୍ରହ ପ୍ରତିଷ୍ଠା ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ହେବ ବୋଲି ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଅଶ୍ୱିନୀ ସାହୁ,ସଭାପତି ରବିନ୍ଦ୍ର ନାଥ ସାହୁ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରତିଦିନ ଭକ୍ତମାନଙ୍କୁ ପ୍ରସାଦ ବଂଟନ କରାଯାଉଥିବାବେଳେ ସନ୍ଧ୍ୟା ୭ ଟାରୁ ୯ ଟା ପର୍ଯ୍ୟନ୍ତ ମୀନକେତନ ପାତ୍ର ଓ ସାଥିମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ସମସ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବାରେ କମିଟି ସଭ୍ୟ ଅଭିମନ୍ୟୁ ସାହୁ, ଦୁଃଶାସନ ସାହୁ, ଜ୍ୟୋତିରଞ୍ଜନ ସେଠୀ, ସୁନନ୍ଦ ସାହୁ, ଇନ୍ଦ୍ରମଣୀ ସାହୁ, ଜ୍ଞାନେନ୍ଦ୍ର ସାହୁ, ସିପୁନ ସାହୁ, ଜ୍ୟୋତିରଞ୍ଜନ ସାହୁ, କ୍ଷିରୋଦ ସାହୁ ଏବଂ ଅନ୍ୟ ସମସ୍ତ ଗ୍ରାମବାସୀ ପୂର୍ଣ୍ଣ ମନପ୍ରାଣ ସହକାରେ ସହଯୋଗ କରୁଛନ୍ତି ।

# ଜୈବ ବିବିଧତା ପାର୍କ ଉଦ୍‌ଘାଟିତ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ନରେନ୍ଦ୍ରପୁରଠାରେ ଥିବା ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍‌ଏମ୍) ପକ୍ଷରୁ ୨୫ ଏକର ପରିମିତ ଅଞ୍ଚଳରେ ଜୈବ ବିବିଧତା ଉଦ୍ୟାନ ଉଦଘାଟିତ ହୋଇଯାଇଛି । ଓଡାପଡା ତହସିଲ ଅଧିନ ଶିବପୁର ଗ୍ରାମ ନିକଟରେ ଅବସ୍ଥିତ ଏହି ପାର୍କ ପରିବେଶ ପ୍ରବନ୍ଧନ ପ୍ରତି ଟିଏସଏମର ପ୍ରତିବଦ୍ଧତା ଏବଂ ଶିଳ୍ପ ବର୍ଜ୍ୟସ୍ଥଳୀରୁ ସମୃଦ୍ଧ ସବୁଜ ବାତାବରଣ ସୃଷ୍ଟି କରିବାରେ ଏକ ଅଭିନବ ପଦକ୍ଷେପ । ଏହି ପାର୍କକୁ ରୁଚି ନରେନ୍ଦ୍ରନ୍ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭବେ ଟିଏସ୍‌ଏମ ଅପେରସନର ଉପାଧ୍ୟକ୍ଷ ଉତ୍ତମ ସିଂହ ଏବଂ ଟିଏସ୍‌ଏମର ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ପୂର୍ବରୁ ଫ୍ଲାଇ ଆସ୍‌ଗଦା ହୋଇ ଅବ୍ୟବହୃତ ହୋଇପଡିଥିବା ଏହି ସ୍ଥାନ ଯାହାକି ସମୁଦ୍ର ପତନଠାରୁ ସର୍ବାଧିକ ୭୨-୭୪ ମିଟର ଉଚ୍ଚତା ବିଶିଷ୍ଟ ଅଟେ । ଏହି ସ୍ଥାନକୁ ବିକଶିତ କରିବା ପାଇଁ ସମସ୍ତ ବୈଧାନିକ ନିର୍ଦ୍ଦେଶାବଳୀକୁ ଅନୁସରଣ କରି ଏହି ପ୍ରକଳ୍ପର ପୁନରୁଦ୍ଧାର କରାଯାଇପାରିଛି ।



# ଗଁଦିଆ ବ୍ଲକ ପାଇଁ ଗୌରବ ଆଣିଲେ ପାୟଲ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ପାୟଲ ପ୍ରିୟଦର୍ଶନୀ ସାହୁ ଚଳିତ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୧୦୦ନମ୍ବରରୁ ୯୯ନମ୍ବର ରଖି ଗଁଦିଆ ବ୍ଲକ ଏବଂ ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି । ଛାତ୍ରୀ ପାୟଲ ପ୍ରିୟଦର୍ଶନୀ ସାହୁଙ୍କ ବାପା ପ୍ରଭାସ କୁମାର ସାହୁ ଢେଙ୍କାନାଳ ସ୍ଥିତ ସାନ୍ଧ୍ୟ ମହାବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ମାତା ଜଣେ ଗୃହିଣୀ ଉକ୍ତ ବିଦ୍ୟାଳୟର ୨ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପାୟଲ ବିଦ୍ୟାଳୟର ଏବଂ ବ୍ଲକର ସର୍ବୋଚ୍ଚ ନମ୍ବରରଖି କୃତକାର୍ଯ୍ୟ ହୋଇ ବ୍ଲକ ଓ ବିଦ୍ୟାଳୟର ଗୌରବ ଆଣିବା ସହ ପରିବାରରେ ଆନନ୍ଦର ଲହରୀ ଖେଳାଇ ଦେଇଛନ୍ତି । ପାୟଲ ପ୍ରିୟଦର୍ଶନୀ ଭବିଷ୍ୟତରେ ଶିକ୍ଷକତାକୁ ବୃତ୍ତି ଭାବେ ଗ୍ରହଣ କରିବେ ବୋଲି ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି ।



# ଆରଏସ୍‌ପିରେ ଡିଟାଚେବଲ୍ ମୋନୋ ଚ୍ୟାନେଲ୍ ହୋଷ୍ଟ୍ ବିକଶିତ




ରାଉରକେଲା (ଭାସ୍କର ନ୍ୟୁଜ): ରାଉରକେଲା ଇସ୍ପାତ କାରଖାନାର କଞ୍ଚାମାଲ ପ୍ରବନ୍ଧନ ବିଭାଗ (ଆରଏମଏଚପି)ର ଉଦ୍ୟୋଗୀ କର୍ମଚାରୀମାନେ ଅଗ୍ନି ନିର୍ବାପନ ପମ୍ପ ହାଉସରେ ଏକ ଡିଟାଚେବଲ୍ ମୋନୋ ଚ୍ୟାନେଲ୍ ହୋଷ୍ଟ୍ ସଫଳତାର ସହ ଡିଜାଇନ୍ ଏବଂ କାର୍ଯ୍ୟକାରୀ କରିଛନ୍ତି । ୧୦୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଭାର ପରିଚାଳନା କ୍ଷମତା ବହନ କରୁଥିବା ଏହି ଅଭିନବ ସୁବିଧା ପମ୍ପ ହାଉସରେ ମୋଟର ଏବଂ ପମ୍ପଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ସ୍ଥାନାନ୍ତରକୁ ସରଳ କରିବା ସଙ୍ଗେସଙ୍ଗେ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖିଛି । ଜାନୁଆରୀ ୧୭ ତାରିଖରେ ସିଜିଏମ ଆଇରନ ଆତିଶ ଚନ୍ଦ୍ର ସରକାର ଆନୁଷ୍ଠାନିକ ଭାବରେ ଡିଟାଚେବଲ୍ ମୋନୋ ଚ୍ୟାନେଲ୍ ହୋଷ୍ଟ୍ ସୁବିଧାର ଉଦଘାଟନ କରିଥିଲେ । ଏହି ଅବସରରେ ଆରଏମଏଚପି ବିଭାଗର ଜିଏମ ଇନ ଚାର୍ଜ ଜୟଦୀପ ସେଠି, ଜିଏମ ମେକାନିକାଲ ମାଧୋ ବାନ୍ରା, ଜିଏମ ଅପରେସନ ବି ପ୍ରଭାକର ଷେଣ୍ଡେ, ଜିଏମ ଇଲେକ୍ଟ୍ରିକଲ ମନୋଜ କୁମାର ଗିରି, ବିଭାଗର ଜିଏମ ପ୍ରସନ୍ନ କୁମାର ନାୟକ, ଡିଜିଏମ ପ୍ରସନ୍ନଜିତ୍ ରାୟ, ଏବଂ ବିଭାଗର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ପ୍ରସନଜିତ ରାୟଙ୍କ ନେତୃତ୍ୱରେ ଗଠିତ ଦଳ ଡିଟେଚେବଲ୍ ମୋନୋ ଚ୍ୟାନେଲ୍ ହୋଷ୍ଟ୍ ବିକଶିତ କରିଛନ୍ତି । ଉଲ୍ଲେଖନୀୟ ଯେ, ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା ସୁନିଶ୍ଚିତ କରିବାରେ ଅଗ୍ନି ନିର୍ବାପକ ପମ୍ପ ହାଉସ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ପମ୍ପ ଏବଂ ମୋଟରଗୁଡ଼ିକୁ ସର୍ବଦା କାର୍ଯ୍ୟକ୍ଷମ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାର ସ୍ଥାପନା ପରଠାରୁ, ସୀମିତ ସ୍ଥାନ ଏବଂ ପମ୍ପ ଉଠାଇବା ପାଇଁ ଅନୁପଯୁକ୍ତ ହୋଷ୍ଟ୍ ସ୍ଥିତି ଯୋଗୁଁ ପମ୍ପ ହାଉସ୍‌ରେ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ଏକ ପ୍ରମୁଖ ଆହ୍ୱାନ ରହିଆସିଥିଲା । ରକ୍ଷଣାବେକ୍ଷଣ କର୍ମଚାରୀମାନେ ପ୍ରାୟତଃ ଭାରୀ ଉପକରଣ ସ୍ଥାନାନ୍ତର କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ ଯେଉଁଥିପାଇଁ ବ୍ୟାପକ ମାନବସମ୍ବଳ, ସମୟ ଏବଂ ପ୍ରୟାସ ଆବଶ୍ୟକ ହେଉଥିଲା । ଏହା ବ୍ୟତୀତ, ସଂକୀର୍ଣ୍ଣ ସ୍ଥାନରେ ଏପରି ଉପକରଣଗୁଡ଼ିକୁ ପରିଚାଳନା କରିବାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଦୁର୍ଘଟଣାର ଆଶଙ୍କା ମଧ୍ୟ ସୃଷ୍ଟି କରୁଥିଲା । ହୋଷ୍ଟ୍ ସର୍ବନିମ୍ନ ମାନବସମ୍ବଳ ସହିତ ଗୁରୁତ୍ୱପୂର୍ଣ୍ଣ ଉପକରଣଗୁଡ଼ିକର ଦକ୍ଷ ଏବଂ ସୁରକ୍ଷିତ ସ୍ଥାନାନ୍ତରଣକୁ ସକ୍ଷମ କରୁଛି । କେବଳ ଦୁଇଜଣ ବ୍ୟକ୍ତି ବର୍ତ୍ତମାନ କମ୍ ସମୟରେ କାର୍ଯ୍ୟ ସମାପ୍ତ କରିପାରିବେ, ଯାହା ପ୍ରୟାସ ଏବଂ ସମୟକୁ ଯଥେଷ୍ଟ ହ୍ରାସ କରିଛି । ହୋଷ୍ଟ୍ ର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏହାର ପୃଥକୀକରଣ, ୧୦ ମିନିଟ୍ ମଧ୍ୟରେ ଶୀଘ୍ର ନିଷ୍କାସନ କରିହୁଏ ଏବଂ ଏହାକୁ ପୋର୍ଟବଲ୍ ଭାବରେ ଅନ୍ୟ ସ୍ଥାନରେ ଉପଯୋଗ ନିମନ୍ତେ ସ୍ଥାନାନ୍ତର ମଧ୍ୟ କରିହେବ । ଏହି ଅନନ୍ୟ କୌଶଳ, ଆରଏସପିରେ ପୁରୁଣା ପମ୍ପ ହାଉସ୍ ?ଗୁଡ଼ିକର ରକ୍ଷଣାବେକ୍ଷଣ କାର୍ଯ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ ଯାହା ମଧ୍ୟରୁ ଅନେକ ୨୦ ବର୍ଷରୁ ଅଧିକ ସମୟ ପୂର୍ବେ ସ୍ଥାପନା ହୋଇଥିଲେ । ଏହି ନବସୃଜନ ସାମଗ୍ରୀ ପରିଚାଳନାର ପାରମ୍ପରିକ ସମସ୍ୟାକୁ ଦୂର କରିବ ଏବଂ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବ ।

# କୃଷସିଂହ ପାଠାଗାରର ନୂତନ ପରିଚାଳନା ସଂଘ ଗଠିତ



ଆସିକା (ଭାସ୍କର ନ୍ୟୁଜ): ଆସିକା ନିରଞ୍ଜନ ନଗର ସ୍ଥିତ କୃଷ୍ଣସିଂହ ପାଠାଗାରର ନୂତନ ପରିଚାଳନା କର୍ମକର୍ତ୍ତା ଚୟନ କୃଷ୍ଣସିଂହ ପାଠାଗାରଠାରେ ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବି ସୁଧାଂଶୁ ପଣ୍ଡାଙ୍କ ସଭାପତିତ୍ୱରେ ଗଠନ ହୋଇଯାଇଛି । ଆଜି କୃଷ୍ଣସିଂହ ପାଠାଗାର ପରିସରରେ ସ୍ଥାନୀୟ ବୁଦ୍ଧିଜୀବୀ ସହରର ବିଭିନ୍ନ ୱାର୍ଡରୁ ଆସିଥିବା ଜନ ସାଧାରଣଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପଠାଗାରର ପୂର୍ବତନ ସଭାପତି ସୁଧାଂଶୁ ପଣ୍ଡା ଉପସଭାପତି ସୁରେନ୍ଦ୍ର ନାଥ ସାହୁ, କାର୍ଯ୍ୟକାରୀ ସମ୍ପାଦକ ଏମ. ତାରିଣୀ ସେନାପତି ଓ ପରିଚାଳନା କମିଟି ର ସମସ୍ତ ସଭ୍ୟ ଉପସ୍ଥିତ ରେ ୦୨/୦୩/୧୯୧୬ ରୁ ଆରମ୍ଭ ହୋଇଥିବା ପାଠାଗାରର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ସର୍ବପୁରାତନ ୧୦୯ ବର୍ଷର ପାଠାଗାରକୁ କିଭଳି ପୁନଃ ଜୀବିତ ହେବା ନିମନ୍ତେ ଏକ ନୂତନ ପରିଚାଳନା କମିଟି ସର୍ବ ସମ୍ମତି କ୍ରମେ ଗଠନ କରାଯାଇଥିଲା । ଏହି ସଂଘରେ ନୂତନ କର୍ମକର୍ତ୍ତା ଭାବେ ସଭାପତି ରୂପେ ଆଇନଜୀବୀ ବ୍ରହ୍ମାନନ୍ଦ ରାଓ, ଉପ ସଭାପତି ତାରିଣୀ ସେନାପତି, ସମ୍ପାଦକ ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ରନାଥ ସାହୁ, ଯୁଗ୍ମ ସମ୍ପାଦକ ଅନିଲ ପାଣିଗ୍ରାହୀ, କୋଷାଧକ୍ଷ ସାମ୍ବାଦିକ ସରୋଜ ଦାସ, ଉପଦେଷ୍ଟା ରୂପେ ପୂର୍ବତନ ନଗରପାଳ ଆଇନଜୀବୀ ଦେବୀପ୍ରସାଦ ରଥ, ଆଇନଜୀବୀ ସୁଧାଂଶୁ ଶେଖର ପଣ୍ଡା, ଆଇନଜୀବୀ ସରୋଜ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ ପାଣିଗ୍ରାହୀ, ସଦସ୍ୟ ରୂପେ ୱାର୍ଡ ନମ୍ବର ୧୫ ଓ ୧୪ ର କାଉନସିଲର ଆଇନଜୀବୀ ସୂର୍ଯ୍ୟପ୍ରକାଶ ରାଓ, ପୂର୍ଣ୍ଣ ଚନ୍ଦ୍ର ନାୟକ, ଶିକ୍ଷକ ଶିବରାମ ମହାରଣା, କିଶୋର ଚନ୍ଦ୍ର ସାହୁ,ଯୁବ ସାମ୍ବାଦିକ ହରିହର ପାଢ଼ୀ, ଦଣ୍ଡପାଣି ବେହେରା, ପ୍ରଭାକର ବେହେରା, ଏସ.ପ୍ରସାଦ ରାଓ ଆଚାରୀ, ଶେଖ ବାହାଜାନ, ଶ୍ରୀନିବାସ ପାତ୍ର, ଯୁବ ସାମ୍ବାଦିକ କମଳେନ୍ଦୁ ହୋତା,ଶକ୍ତି ପ୍ରସାଦ କର,ନିରଞ୍ଜନ ମହାନ୍ତି, ଅନିଲ କୁମାର ସ୍ୱାଇଁ ପ୍ରମୁଖଙ୍କୁ ମନୋନୀତ କରାଯାଇଛି ।




କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅଧୀନ ବନେଇକଳା ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ରବିବାର ଓ ସୋମବାର ଦୁଇଦିନ ଧରି ବିଦ୍ୟାଳୟ ପରିସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ ହେଉଛି । ରବିବାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଚମ୍ପୁଆ ବିଧାୟକ ସନାତନ ମହାକୁଡ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ତଥା ପ୍ରଥମ ପ୍ରଧାନ ଶିକ୍ଷକ ନିରଞ୍ଜନ ପଟ୍ଟନାୟକ,ଯୋଡ଼ା ପୌରଧକ୍ଷ ଡ ଜଗଦୀଶ ପ୍ରସାଦ ସାହୁ ଓ ମୁଖ୍ୟବକ୍ତା ରୂପେ ରୋଟାରିଆନ ରାଜେନ୍ଦ୍ର କୁମାର ପଲେଇ ଯୋଗ ଦେଇଥିଲେ। ୧୯୭୬ ମସିହାରେ ଆରମ୍ଭ ହୋଇଥିବା ଏହି ବନେଇକଳା ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଏକ ଅବସ୍ମରଣୀୟ ଐତିହାସିକ ପୃଷ୍ଠଭୂମି ଗ୍ରହଣ କରିଆସିଛି । ଉକ୍ତ ବିଦ୍ୟାଳୟରୁ ଶିକ୍ଷା ଅର୍ଜନ କରିଥିବା ଏହି ପୁରାତନ ଛାତ୍ରଛାତ୍ରୀ ମାନେ ମିଳିତ ଭାବେ ଆଗଭର ହୋଇ ୫୦ ବର୍ଷ ପୂର୍ତ୍ତୀ ସୁବର୍ଣ୍ଣ ଜୟନ୍ତୀ ପାଳନ କରିଛନ୍ତି । ବିଦ୍ୟାଳୟର ଗୌରବମୟ ୫୦ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ପୁରାତନ ଛାତ୍ର ଉତ୍ସାହ ଉଦ୍ଦୀପନାର ସହ ପାଳନ କରିଛନ୍ତି ।

# ଝାଡାବାନ୍ତି ପରିସ୍ଥିତି ଭୟଙ୍କର, ପ୍ରଶାସନ ଓ ରାଜନେତା ମାଲମାଲ



କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକ ଗଡିଶାଗୋଦା ଗ୍ରାମପଞ୍ଚାୟତର ନୂଆଗାଁ ଗ୍ରାମରେ ୧୭ଦିନ ତଳେ ଝାଡାବାନ୍ତି ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ସୁଧା ଉକ୍ତ ଗ୍ରାମରୁ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଗତକାଲି ପାଖ ଗ୍ରାମ ନଈକୂଳପାଟଣାର ଗୁରେଇ ସେଠି ୬୧ବର୍ଷଙ୍କ ଝାଡାବାନ୍ତିରେ ମୃତ୍ୟୁବରଣ ହୋଇଛି । ଆଜି ଉପଜିଲ୍ଲାପାଳ ରାଜକିଶୋର ଦାସ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ରୁପଭାନୁ ମିଶ୍ର, ଅତିରିକ୍ତ ଚିକିତ୍ସା ଅଧିକାରୀ ଗିରିଜା ଶଙ୍କରଥ, କଣାସ ତହସିଲଦାର ହିମାଂଶୁଶେଖର ଗିରି, ଗ୍ରାମ୍ୟଜଳଯୋଗାଣ ବିଭାଗ ଚିପ୍ ଇଞ୍ଜିନିୟର ଜୟନାରାୟଣ ସିଟ୍, ଅତିରିକ୍ତ ଚିପ୍ ଇଞ୍ଜିନିୟର ସିରେଶ କୁମାର ବେହେରା, ଏ.ସି ଅଭିମନ୍ୟୁ ଦାସ, ସହକାରୀ ଯନ୍ତ୍ରୀ ପ୍ରଭାତ ଚନ୍ଦ୍ର ବେହେରା, ଜଳଯୋଗାଣ ଯନ୍ତ୍ରୀ ଡେଲାଙ୍ଗ ରଂଜନ ମିଶ୍ର, ଜଳଯୋଗାଣ ଯନ୍ତ୍ରୀ ରଂଜନ ସାମନ୍ତରାୟ, ଜଳଯୋଗାଣ ଯନ୍ତ୍ରୀ ସ୍ମୃତିରଂଜନ ବେହେରା, ଯନ୍ତ୍ରୀ ଗୋପିବଲ୍ଲଭ ପାଣିଗ୍ରାହୀ ଝାଡାବାନ୍ତି ବ୍ୟାପିଥିବା ନୂଆଗାଁ, ନଈକୂଳପାଟଣା, ଗଡଶାଗୋଦା, ଗୋପିନାଥପୁର, କଳାପଦର, ଯାଗୁଲେଇପଦର, ହରିପୁର, ଯାମଳଗୋଡା ଗ୍ରାମକୁ ଯାଇ ଝାଡାବାନ୍ତି ବ୍ୟାପିଥିବା ଲୋକଙ୍କ ସହିତ ଆଲୋଚନା କରିଥିଲେ । ପ୍ରର୍ଯ୍ୟାପ୍ତ ପରିମାଣର ପାନୀୟଜଳ ଟ୍ୟାଙ୍କର ଯୋଗେ ଯୋଗାଇଦେବା ପାଇଁ ଉପଜିଲ୍ଲାପାଳ ରାଜକିଶୋର ଦାସ, ଚିପ୍ ଇଞ୍ଜିନିୟର ଜୟନାରାୟଣ ସିଟ୍‌ଙ୍କୁ ନିର୍ଦ୍ଦେଶ ଦେବାପରେ ଜୟନାରାୟଣ ସିଟ୍ ଘଟଣାସ୍ଥଳରେ ଉପସ୍ଥିତ ରହିବାପାଇଁ ସହକାରୀ ଯନ୍ତ୍ରୀ ପ୍ରଭାତ ଚନ୍ଦ୍ର ବେହେରା, ରଂଜନ ମିଶ୍ର, ରଂଜନ ସାମନ୍ତରାୟ, ଗୋପବଲ୍ଲଭ ପାଣଗ୍ରାହୀ, ସ୍ମୃତିରଂଜନ ବେହେରା ପ୍ରର୍ଯ୍ୟାପ୍ତ ପରିମାଣର ପାନୀୟଜଳ ଯୋଗାଇବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଦୟା ନଦୀର ଜଳ ପରୀକ୍ଷା କରାଯିବାରେ ଜଣାପଡିଛି ଯେ ଦୟାନଦୀ ଜଳରେ ଡାଇରିଆ ଭୂତାଣୁ ଥିବାରୁ ଉକ୍ତ ଜଳକୁ ନଦୀର ଆଖାପାଖ ଗ୍ରାମବାସୀମାନେ ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ନୂଆଗାଁ, ନଈକୂଳପାଟଣା, ଗଡିଶାଗୋଦା ଠାରେ ଥିବା ନଦୀଘାଟକୁ ବାଉଁଶ ବ୍ୟାରିଗେଟ୍ କରାଯାଇ ବନ୍ଦ କରିଦିଆଯାଇଛି । ଆଜି ମଧ ପାଣ୍ଡିଆକେରା ଗ୍ରାମପଞ୍ଚାୟତ ଶମଳପାଟଣା ଗ୍ରାମର ବନୋଦ ରଣସିଂହ ୬୮ବର୍ଷ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ସେହିପରି ବାଲିପାଟଣା, ନୂଆଦୋକନ୍ଦା ଗ୍ରାମରେ କେତେକ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଖବର ମିଳିଛି । ଉପଯୁକ୍ତ ଚିକିତ୍ସା ଅଭାବରୁ ଝାଡାବାନ୍ତି ବ୍ୟାପି ଲୋକ ମୃତ୍ୟୁବରଣ କଲେ ବୋଲି ନୂଆଗାଁ ଗ୍ରାମାବସୀ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତତ୍ ସହିତ ବିଧାୟକଙ୍କ ପତ୍ନୀ ଶ୍ରୀମତୀମିଶ୍ର, ପୂର୍ବତନ ସତ୍ୟବାଦୀ ବିଧାୟକ ରମାରଂଜନ ବଳିଆରସିଂହ, ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲ୍ଲାପରିଷଦ ସଭ୍ୟା ଲତାମଣି ଜଗଦେବ, ବିଜେପି ବରିଷ୍ଠ ନେତା କୃଷ୍ଣ ଜଗଦେବ, ବିଜେପି ଯୁବନେତା କାମାକ୍ଷା ପ୍ରଧାନ ଉକ୍ତ ଝାଡାବାନ୍ତି ଗ୍ରାମ ବୁଲି ଫେରିଯାଇଥିବା ଜଣାପଡିଛି । ନୂଆଗାଁ ଗ୍ରାମରେ ୭ଦିନ ପାଇଁ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବାପାଇଁ ଜିଲ୍ଲା ଅତିରିକ୍ତ ଚିକିତ୍ସା ଅଧିକାରୀ ଗିରିଜାଶଙ୍କର ରଥ ନିର୍ଦ୍ଦେଶ ଦେଇଥିଲେ ମଧ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇ ନାହିଁ । ନୂଆଗାଁ ଗ୍ରାମର କେତେକ ଯୁବକ ଗତକାଲି ଗଡିଶାଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟକର୍ମୀମାନଙ୍କୁ କାହିଁକି ଆପଣମାନେ ଆସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ନ ଖୋଲି ଏଠାରେ ରହୁଛନ୍ତି ବୋଲି ପ୍ରଶ୍ନ କରିଥିବାରୁ ସ୍ୱାସ୍ଥ୍ୟକର୍ମୀ ଓ ଯୁବକମାନଙ୍କ ମଧ୍ୟରେ ବଚସା ହୋଇଥିଲା । ଝାଡାବାନ୍ତିରେ ୧୫ଦିନ ତଳେ ନୂଆଗାଁ ଗ୍ରାମର ସାରଥି ପ୍ରଧାନ ୭୫ବର୍ଷ, ୧୧ଦିନ ତଳେ ସଚଳା ସାହୁ ୬୪ବର୍ଷ ଗତକାଲି ମାଗିଦଲାଇ ୭୭ବର୍ଷଓ ଆଜି ନଈକୂଳପାଟଣା ଗ୍ରାମର ଗୁରେଇ ସେଠୀ ୬୧ବର୍ଷଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି ।

# ଅତ୍ରି ମକର ମହୋତ୍ସବ ଉଦ୍‌ଯାପିତ



ବେଗୁନିଆ (ଭାସ୍କର ନ୍ୟୁଜ): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଅତ୍ରି ଉଷ୍ଣପ୍ରସ୍ରବଣ ପରିସରରେ ମକର ମହୋତ୍ସବ ଉଦଯାପିତ ହୋଇଯାଇଛି । ତହସିଲଦାର ତାପସ ବିଶିଙ୍କ ଆବାହକତ୍ୱରେ ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତା ଓ ଶିକ୍ଷକ ଅଖିଳେଶ ମହାପାତ୍ରଙ୍କ ସଂଯୋଜନାରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ମୁଖ୍ୟ ଅତିଥି, ସାଂସଦ ସୁଲତା ଦେଓ, ସକାଳ ଖବର କାଗଜ ପ୍ରକାଶକ ଅମିତ କୁମାର ମଲ୍ଲିକ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ,ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ସୁନନ୍ଦିତା ସାହୁ,ସୁବାସ ଚନ୍ଦ୍ର ରାୟଗୁରୁ, ପ୍ରଦୀପ୍ତ କିଶୋର ଛୋଟରାୟ,ବିଡ଼ିଓ ଲକ୍ଷ୍ମୀଧର ସାହୁ, ବୋଲଗଡ ଭାରପ୍ରାପ୍ତ ତହସିଲଦାର ଦୀପ୍ତିମୟୀ ଶର୍ମା,ବେଗୁନିଆ ଉପନିବନ୍ଧଙ୍କ ଅମିତ କୁମାର ସେଠୀ,ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବେଗୁନିଆ ବ୍ଲକ ସହକାରୀ ଯନ୍ତ୍ରୀ ସୁସ୍ମିତା ମିଶ୍ର, ଗାଇଡାନସ ଇଣ୍ଟର ନ୍ୟାସନାଲ ସ୍କୁଲ ନିର୍ଦ୍ଦେଶକ ସୟଦ ଇଞ୍ଜାମାମ ଉଲ ହକ, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ,ବାରପଲୀ କମିଟି ସଭାପତି ରବୀନ୍ଦ୍ର କୁମାର ରାୟ ପ୍ରୀତମ,ସମ୍ପାଦକ ବିରଂଚି କୁମାର ଜଗଦେବ, କୋଷାଧକ୍ଷ ଧର୍ମାନନ୍ଦ ମହାନ୍ତି, ବେଗୁନିଆ ବିଧାୟକ ପ୍ରତିନିଧି ପ୍ରଶାନ୍ତ କୁମାର ବେହେରା, ହାସ୍ୟକମେଡି ପ୍ରଜ୍ଞା ଓ ଶଙ୍କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ଯୁବପୀଢ଼ି ପାଇଁ ପ୍ରେରଣା ଯୋଗାଇଥାଏ ବୋଲି ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ବେଗୁନିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ।

# ସାମ୍ବାଦିକ ଗୌରବ ସ୍ୱର୍ଗତ ଦିବାକର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ

ତାଳଚେର (ଭାସ୍କର ନ୍ୟୁଜ): ବିଶିଷ୍ଟ ବ୍ୟଙ୍ଗ ଚିତ୍ରଶିଳ୍ପୀ ତଥା ସାମ୍ବାଦିକ ଗୌରବ ସ୍ୱର୍ଗତ ଦିବାକର ମିଶ୍ରଙ୍କର ୨୩ତମ ଶ୍ରାଦ୍ଧ ବାର୍ଷିକୀ ଆଜି ତାଳଚେରର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି ।



ସ୍ଥାନୀୟ ବଜାର ଛକ ଠାରେ ଥିବା ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ନଗରପାଳ ପବିତ୍ର ଭୂତିଆ, ପୂର୍ବତନ ନଗରପାଳ କେଶବ ଭୂତିଆ, କାଉନ୍ସିଲର ଯଶୋବନ୍ତ ମିଶ୍ର, ଜଗନ୍ନାଥ ଗଡ଼ନାୟକ, ସନ୍ତୋଷ ବେହେରା, ବିଜେଡି ଜିଲ୍ଲା କୋଷାଧକ୍ଷ ବାନାମ୍ବର ଭୂତିଆ, କଂଗ୍ରେସ ନେତା ବଜରଙ୍ଗ ଅଗ୍ରୱାଲା, ବଜାର କମିଟି ସମ୍ପାଦକ ବୁଦ୍ଧିଆ ଭୂତିଆ, ଗଣମାଧମ ପ୍ରତିନିଧି ଭାଗିରଥୀ ମହାପାତ୍ର, ତପନ କୁମାର ମହାରଣା,ବାବୁନି ସ୍ୱାଇଁ, ମନୋଜ ମହାପାତ୍ର, ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ସ୍ୱର୍ଗତ ମିଶ୍ର ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଭାବେ ସାରା ରାଜ୍ୟରେ ସୁପରିଚିତ ଥିଲା ବେଳେ ତାଳଚେର ଦରିଦ୍ର ଅସହାୟ ଲୋକଙ୍କର ସେ ଥିଲେ ମୁଖ୍ୟ କର୍ଣ୍ଣଧାର ବୋଲି ଅଭିହିତ କରିଥିଲେ । ସାମ୍ବାଦିକ ଦେବୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଡ. ରଶ୍ମିରଞ୍ଜନ ମିଶ୍ର, ଉପସଭାପତି ଦେବୀ ମିଶ୍ର, ବିଜୟ କୁମାର ଦେବତା, ପ୍ରିୟମାଧବ ଦାସ, ଗିରିଶ ସାମଲ, ରବିନ୍ଦ୍ର ମହାରଣା, ବୁବୁ ସାହୁ ଚିତ୍ତରଞ୍ଜନ ପାଣି ପ୍ରମୁଖ ଯୋଗଦେଇଥିଲେ ।

# ବେଆଇନ କଳା ମୁଗୁନି ପଥର ଖାଦାନରେ ଚଢ଼ାଉ, ୧୩ ଗିରଫ



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ତହସିଲ ଅନ୍ତର୍ଗତ କାରନ୍ଦା ମୌଜାରେ ଚାଲିଥିବା ବେଆଇନ କଳା ମୁଗୁନି ପଥର ଖଦାନରେ ଚଢ଼ାଉ କରାଯାଇଛି। ଖଣି ବିଭାଗ ଓ ହିନ୍ଦୋଳ ତହସିଲଦାର ମିଳିତ ଭାବେ ସ୍ଥାନୀୟ ରାସୋଳ ପୋଲିସ ସହାୟତାରେ ଏହି ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ସମୟରେ ବେଆଇନ ଭାବେ ଖନନ ଓ ପରିବହନ କାର୍ଯ୍ୟରେ ନିୟୋଜିତ ଥିବା ୪ଟି ଟିପ୍ପର, ଗୋଟିଏ ହାଇୱା, ଜେସିବି, ୩ଟି ପ୍ରୋକଲିନ ମେସିନ ଆଦିକୁ ଜବତ କରାଯାଇଛି। ଏହି ବେଆଇନ ଖନନ କାର୍ଯ୍ୟରେ ନିୟୋଜିତ ୧୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫଙ୍କ ମଧ୍ୟରେ ପ୍ରୋକଲିନ ଓ ଜେସିବି ମେସିନ ଅପରେଟର, ଡ୍ରାଇଭର ଆଦି ରହିଛନ୍ତି। ଦୀର୍ଘ ଦିନ ହେଲା ବେଆଇନ ଭାବେ ଖନନ କରାଯାଇ ଟ୍ରିପ ଟ୍ରିପ କଳା ମୁଗୁନି ପଥର ଚୋରା ଚାଲାଣ କରାଯାଉଥିବାର ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିଲା । ବିଶେଷ ସୂତ୍ରରୁ ଖବର୍ ପାଇ ଆଜି ସକାଳେ ଏହି ଚଢ଼ାଉ କରାଯାଇଥିଲା। ଜବତ ଗାଡି ଓ ଗିରଫ ଲୋକଙ୍କୁ ରାସୋଳ ଥାନା ଜିମା ଦିଆଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ଖଣି ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବା କାରନ୍ଦା ଗ୍ରାମର ଯୁଗଳ ସେଠି ନାମକ ଜଣେ ବ୍ୟକ୍ତି ଏହି ବେଆଇନ ଖନନ କରୁଥିଲା। ଏହି ଚଢ଼ାଉ ପରେ ଉକ୍ତ ବ୍ୟକ୍ତି ଯୁଗଳ ଫେରାର ହୋଇଯାଇଥିବା ପ୍ରକାଶ କରିଛନ୍ତି ଚଢ଼ାଉ କରିଥବା ମାଇନ୍ସ ଅଫିସର ଡମ୍ବୁରୁଧର ମାହୁନ୍ତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତନା ଘନା ଯାଂଚ ଚାଲିଛି ବୋଲି ସୂଚନା ଦେଇଛନ୍ତି। ଚଢାଉ ହୋଇଥିବା ଖଣିରୁ ପାଖାପାଖି କୋଟି କୋଟି ଟଙ୍କାରୁ ଅଧିକ କଳାପଥର ଲୁଟ ହୋଇଥିବାର ଚର୍ଚ୍ଚା ହେଉଅଛି । ଏହିପରି ଭାବେ ହିନ୍ଦୋଳ ତହସିଲ ଅଞ୍ଚଳରେ ଥିବା ଅନେକ ଗୁଡିଏ ବେଆଇନ ଖଣି ରହିଥିବାବେଳେ କେବେ ମାଇନ୍ସ ବିଭାଗର ନଜର ପଡୁଛି ତାହା ଦେଖିବାକୁ ବାକି ରହିଲା ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ଯୋର୍ ଧରିଛି।

# କେନ୍ଦ୍ରାପଡା ମହାବିଦ୍ୟାଳୟ ସ୍ୱତନ୍ତ ସଚିବ ଓ ଅଧ୍ୟାପକଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ମହାବିଦ୍ୟାଳୟରେ ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କଟକ ଭିଜିଲାନ୍ସ ଡିଭିଜନ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ଉଚ୍ଚ ଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ପ୍ରମୋଦ କୁମାର ମିଶ୍ର ଓ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଅଧ୍ୟାପକ ଡ. ଜ୍ଞାନୀନ୍ଦ୍ର ଦାସ ଯେଉଁସବୁ ଦୁର୍ନୀତିରେ ସଂପୃକ୍ତ ଅଛନ୍ତି ତାହାର ତଦନ୍ତ କରାଯାଉ। ଏହାସହ ଉଭୟଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମହାବିଦ୍ୟାଳୟରେ ହୋଇଥିବା କୋଟି କୋଟି ଟଙ୍କା ଦୁର୍ନୀତିର ତଦନ୍ତ କରିବା ପାଇଁ ସୂଚନା ଅଧିକାର ଅଭିଯାନର ଜିଲ୍ଲା ଆବାହକ ପ୍ରତାପ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଉପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଜଣେ ସ୍ୱତନ୍ତ୍ର ସଚିବ ଓ ଅନ୍ୟ ଜଣେ ଅଧ୍ୟାପକଙ୍କ ବିରୋଧରେ ତଦନ୍ତ କରିବା ପାଇଁ ଭିଜିଲାନ୍ସକୁ ନିର୍ଦ୍ଦେଶ ଜାରି କରିଛନ୍ତି।

# ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ମକର ମହୋତ୍ସବ

ବାରିପଦା (ଭାସ୍କର ନ୍ୟୁଜ): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ ୧୫ ପୂର୍ଣ୍ଣଚନ୍ଦ୍ର ପୁର ଠାରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ୬ ଦିନିଆ ମକର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ୩ ଦିନ ଧରି ବିଭିନ୍ନ ପ୍ରତିଯୋଗିତା ପରେ ୪ର୍ଥ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟସଭା ସାଂସଦ ମମତା ମହାନ୍ତ ପୁରସ୍କାର ବିତରଣ କରିବା ସହ ବାରିପଦା ସହରରେ ମକର ମହୋତ୍ସବ ଏକ ଅନନ୍ୟ ପରିକଳ୍ପନା ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣଚନ୍ଦ୍ର ମହାନ୍ତି ଓ ଏମ ସି ସି ବ୍ୟାଙ୍କ ସଭାପତି ସୁବ୍ରମନିୟମ ମହାନ୍ତି ତଥା ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତି ପ୍ରମୁଖ ଯୋଗ ଦେଇ ପୁରସ୍କାର ବିତରଣ କରିବା ସହ ତ୍ରିରଙ୍ଗା କ୍ଲବର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ଲବର ସଭାପତି ଆଲୋକ କୁମାର ମହାନ୍ତି, ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ବିଶ୍ୱରଂଜନ ବାଗ, ଅବସରପ୍ରାପ୍ତ ଶିକ୍ଷକ ନବ କିଶୋର ପାଲପାଢୁ ପ୍ରମୁଖ ଉପସ୍ଥିତ ରହି ଦୀର୍ଘ ବର୍ଷ ଧରି ତ୍ରିରଙ୍ଗା କ୍ଲବର କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ ।

# ବିବାଦ ଘେରରେ ରାଣୀଓଳା ସେବାସମବାୟ ସମିତି

ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଦେବୀ କନ୍ଦଳ ଦୀପାଞ୍ଚଳ ରାଣୀଓଳା ସେବା ସମବାୟ ସମିତିର ବିବାଦ ପିଛା ଛାଡୁନି ।ଚଳିତ ବର୍ଷ ନିଆଳି ବ୍ଲକରେ ସମସ୍ତ ମଣ୍ଡି ଖୋଲା ହୋଇସାରିଥିବା ବେଳେ ରାଣୀଓଳା ସେବାସମବାୟ ସମିତିରେ ବିବାଦ ଯୋଗୁ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲାଯାଇ ନାହିଁ। ଗତକାଲି ବିଭାଗୀୟ ଅଧିକାରୀ ମାନେ ମଣ୍ଡି ଖୋଲିବା ପାଇଁ ସ୍ଥାନ ଖୋଜୁଥିବା ବେଳେ ପୂର୍ବରୁ ପ୍ରତେକ ବର୍ଷ ଯେଉଁ ଜାଗାରେ ମଣ୍ଡି ଖୋଲା ଯାଉଥିଲା ଚଳିତ ବର୍ଷ ଉକ୍ତ ଜାଗାରେ ମଣ୍ଡି ନ ଖୋଲିବା ପାଇଁ ଦାବି ହେଉଥିବାରୁ ପ୍ରଶାସନିକ ଅଧିକାରୀଙ୍କ ଅଡୁଆ ବଢିଛି। ପ୍ରଶାସନିକ ଅଧିକାରୀ ମାନେ ଗତ କାଲିଠାରୁ ମଣ୍ଡି ଖୋଲିବା ନିମନ୍ତେ ଜାଗା ଖୋଜୁଛନ୍ତି। ନିଆଳି ବ୍ଲକରେ ଦୁଇ ସପ୍ତାହ ହବ ଅନ୍ୟ ମଣ୍ଡିରେ ଧାନ ଦିଆଯାଉଥିବା ବେଳେ ରାଣୀଓଳା ସେବା ସମବାୟ ସମିତିରେ କେବେ ମଣ୍ଡି ଖୋଲିବ ତାହା ନେଇ ପ୍ରଶ୍ନ ଉଠିଛି ।

# ନବବର୍ଷ ଅବସରରେ ବିଧାୟକଙ୍କ ବନ୍ଧୁମିଳନ




ଜଗତସିଂହପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଏକ ବିରାଟ ବନ୍ଧୁମିଳନ ଧଳତଙ୍ଗଗଡ଼ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନାଉଗାଁ ଓ ଜଗତସିଂହପୁର ବ୍ଲକ ଜଗତସିଂହପୁର ପୌରପରିଷଦର ହଜାର ହଜାର ସଂଖ୍ୟାରେ ବିଜେପି କର୍ମୀ, ଯୁବ ଛାତ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲ୍ଲାପରିଷଦ ସଭାପତି ଦେବୀଦତ୍ତ ମହାନ୍ତି, ପୂର୍ବତନ ଜଗତସିଂହପୁର ବ୍ଲକ ଅଧକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ନାଉଗାଁ ବରିଷ୍ଠ ନେତା ପ୍ରଦୀପ୍ତ ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ଦେବୀ ପ୍ରସାଦ ସାହାଣୀ, ଶ୍ରୀକାନ୍ତ ଚୌଧୁରୀ, ଅକ୍ଷୟ ପାତ୍ର, ସୁଶାନ୍ତ ମଲ୍ଲିକ ତାପସ ଦାସ,ବିଦୁର ନାୟକ, ଦେବୀ ରଞ୍ଜନ ପାଢ଼ୀ,ବିଷ୍ଣୁ ଚରଣ ବେହେରା,ଶ୍ରୀକାନ୍ତ ଚୌଧୁରୀଙ୍କ ସମେତ ଆଗଧାଡିର ବହୁ ବରିଷ୍ଠ କର୍ମୀ ଯୋଗଦେଇଥିଲେ । ଏହି ଅବସରରେ ଜଗତସିଂହପୁର ବିଧାୟକ ତାଙ୍କ ବକ୍ତବ୍ୟରେ ତ୍ରହିଥିଲେ ଯେ, ଜଗତସିଂହପୁର ନାଉଗାଁ ଅଞ୍ଚଳର କର୍ମୀ ମାନଙ୍କ ପାଇଁ ଆଜି ମୁଁ ଏଠାରେ ପଂହଁଚି ପାରିଛି । ଯାହାର ଯାହାର କିଛି କହିବାରେ ଅଛି ମନରେ କୋହ ଅଛି ଭଲ ପାଇବା ଅଛି ସେଥିପାଇଁ ଆଜି ଆମେ ଏକାଠି ହୋଇଛେ । ଆପଣ ମାନଙ୍କ ପାଇଁ ଆଜି ଓଡ଼ିଶାରେ ସରକାର ପରିବର୍ତ୍ତନ ହୋଇପାରିଛି ବୋଲି କହିଥିଲେ ।

# ଟିପ୍ପର ଧକ୍କାରେ ଜଣେ ମୃତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ କଉଡ଼ି ଗୁଡା ବାଲିଘାଟରୁ ବାଲି ଉଠାଇ ଏକ ଟିପର ଆସୁଥିବା ସମୟରେ କାଠିଗୁଡା - କଉଡ଼ି ବାଲିଘାଟ ନିକଟରେ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି । ଟିପରଟି ଦୁର୍ଘଟଣା ଘଟାଇ ଫେରାର ହୋଇ ଯାଇଥିବା ସୂଚନା ମିଳିଛି। ମୃତକ ଜଣକ କଉଡ଼ିଗୁଡା ଗ୍ରାମର ସୁନ୍ଦର ଦୋରା (୭୦) ବୋଲି ଜଣାପଡିଛି। ସୂଚନା ପାଇ ମାଥିଲି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀର ଜବତ କରିବା ସହିତ ଅଧିକ ତଦନ୍ତ ଚଳାଇଛି ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ଆସିକା (ଭାସ୍କର ନ୍ୟୁଜ): ଆସିକା କଳିଙ୍ଗ ରୋଡ଼ ସ୍ଥିତ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତସଙ୍ଗ ବିହାରର ୧୬ ତମ ବାର୍ଷିକ ମହୋତ୍ସବ ତଥା ଠାକୁର ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ୧୩୭ ତମ ଜନ୍ମ ଜୟନ୍ତୀ ଅବସରରେ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଠାକୁରଙ୍କ ପ୍ରତିମୂର୍ତ୍ତି ଏକସୁସଜିତ ରଥରେ ବିରାଜମାନ ପରେ ଏହି ରଥ ଆସିକା ସହରର ବିଭିନ୍ନ ଗଳି କନ୍ଦି ପରିଭ୍ରମଣ କରିଥିଲେ। ପ୍ରଥମେ ସତସଙ୍ଗ ବିହାର ଠାରୁ ରଥ ବାହାରିବା ପରେ ଲକ୍ଷ୍ମୀବଜାର, ବିନାୟକ ବଜାର, ଖମ୍ବେଶ୍ୱରୀ ପାଟଣା, ସୁନାମ୍ବ ସାହି, ତାଲୁକା ଦେଇ ଗ୍ରାମ ପରିକ୍ରମା କରିଥିଲା । ପ୍ରକାଶ ରାଓ ଦୋରା, ରବିନ୍ଦ୍ର କୁମାର ସାହୁ,ଭିକାରୀ ପାତ୍ର, ବଳରାମ ମହାରଣା, ହଜାରୀ ବେହେରା, ପ୍ରକାଶ ଚନ୍ଦ୍ର ରେଡ୍ଡି, ସ୍ରିନିବାସ କ୍ୟାମ୍ପ, ସନ୍ୟାସୀ ଜେନା, ରାମ ଜେନା, ବିଶ୍ୱଜିତ୍ ସାହୁ, ଦିଗମ୍ବର ରଣା, ସୁରେନ୍ଦ୍ର ସାହୁ, ସୂର୍ଯ୍ୟ ନାରାୟଣ ଦାସ, ଚନ୍ଦ୍ର ଶେଖର ମହାରଣା, ଶିବ ଶଙ୍କର ମିଶ୍ର ପ୍ରମୁଖ ସାମିଲ ହୋଇ ନଗର ପରିକ୍ରମାରେ ସହଯୋଗ କରିଥିଲେ।

# ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ସହରର କେଶପୁରବଜାରସ୍ଥିତ ସମୀର ଟିଭିଏସ ପକ୍ଷରୁ ଆସନ୍ତା ୨୩ତାରିଖ ନେତାଜୀ ଜୟନ୍ତୀ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥିନିମନ୍ତେ ରବିବାର ଏକ ପ୍ରସ୍ତୁତି ବୈଠକ ସମୀର ଟିଭିଏସ କାର୍ଯ୍ୟାଳୟରେ ନିର୍ଦ୍ଦେଶକ ସମୀର କୁମାର ଚାନ୍ଦଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁବ୍ରତ କୁମାର ସାମଲ, ଜେନେରାଲ ମ୍ୟାନେଜର ଲକ୍ଷ୍ମୀକାନ୍ତ ବେହେରା, ସେଲ୍ସ ମ୍ୟାନେଜର ଧନେଶ୍ୱର ମଳିକ ପ୍ରମୁଖ ଯୋଗଦେଇ ଶିବିର ପ୍ରସ୍ତୁତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆସନ୍ତା ୨୩ତାରିଖ ସକାଳ ୯ଟାରେ କେଶପୁରବଜାରସ୍ଥିତ ଟିଭିଏସ ସୋରୁମରେ ଉଦଘାଟନ ହେବା ସହିତ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିବ। ରକ୍ତଦାନ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ମୋବାଇଲ ନମ୍ବର- ୯୭୭୭୭୭୭୩୭୧- କ୍ଷିତିଶ କୁମାର କର ଓ ୯୭୭୬୭୭୯୬୯୧ରେ ଅନିଜା ଜେନାଙ୍କୁ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି। ଏହି ଶିବିରରେ ରକ୍ତଦାନ ଭଳି ମହତ ଦାନ କରି ପୂନ୍ୟ ଅର୍ଜନ କରିବାକୁ ସମୀର ଟିଭିଏସର ନିର୍ଦ୍ଦେଶକ ଶ୍ରୀ ଚାନ୍ଦ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଅନିଜା ଜେନା, ଲକ୍ଷ୍ମୀପ୍ରିୟା ମହାପାତ୍ର, କ୍ଷିତିଶ କର, ଶସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବୈଶ୍ୟ ବଣିଆ ସମାଜର ଜିଲ୍ଲା ବୈଠକ

ଯାଜପୁର (ଭାସ୍କର ନ୍ୟୁଜ): ନିଖିଳ ଉତ୍କଳ ବୈଶ୍ୟ ବଣିଆ ସମାଜ ଯାଜପୁର ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଯାଜପୁର ଟାଉନ୍ ବଡ଼ବଜାର ସ୍ଥିତ ଆଶୀର୍ବାଦ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। କୈଳାଶ ଚନ୍ଦ୍ର ନାୟକଙ୍କ ଅଧକ୍ଷତା କ୍ରମେ ବୈଠକରେ ଆସନ୍ତା ମାର୍ଚ୍ଚ ୨ ୟ ସପ୍ତାହ ରେ ଜିଲ୍ଲା ସଂଗଠନର ଲୋକାର୍ପଣ ଉତ୍ସବ ସହିତ ରାଜ୍ୟ ସଙ୍ଘ ର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଏଥିପାଇଁ




ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳ ବରିଷ୍ଠ ଜାତି ଭାଇ ମାନଙ୍କୁ ନେଇ ଏକ କୋର କମିଟି ଗଠନ କରାଯାଇଛି। ଏହି କମିଟିରେ କୈଳାଶ ଚନ୍ଦ୍ର ନାୟକ, ଅଜିତ ପୃଷ୍ଟି, ସଦାଶିବ ପୃଷ୍ଟି, ଗୁଣନିଧି ମହାନ୍ତି, ଜଗନ୍ନାଥ ସାହୁ, ରଘୁନାଥ ନାୟକ, ବିବେକାନନ୍ଦ ସାହୁ, ବିଭୁପ୍ରସାଦ ପୃଷ୍ଟି,ଅନନ୍ତ ପୃଷ୍ଟି, ପୁର୍ଣ୍ଣ ଚନ୍ଦ୍ର ନାୟକ, ଭିକାରୀ ନାୟକ, ଅଶୋକ ନାୟକ, ପ୍ରଶାନ୍ତ ନାୟକ,ଅରଜିତ ନାୟକ ପ୍ରମୁଖ ରହିଛନ୍ତି। ଏହି କମିଟି କୁ ସମ୍ପ୍ରସାରିତ କରାଯିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଅନ୍ୟ ମାନଙ୍କ ମଧରେ ବରିଷ୍ଠ ସଭ୍ୟ ହୃଷୀକେଶ ପୃଷ୍ଟି, ନିମାଇଁ ଚରଣ ଦାସ,ଘରଶ୍ୟାମ ଘଟୁଆରୀ, ରମେଶ ନାୟକ,ଅନିରୁଦ୍ଧ ପୃଷ୍ଟି, ସୁରେନ୍ଦ୍ର ନାୟକ, ଅଭିଜିତ ନାୟକ,ଦୀନବନ୍ଧୁ ସାହୁ,ଅଜୟରାମ ସାହୁ, ଶକ୍ତି ଭୂଷଣ ସାହୁ, ବିଳାଶ ପୃଷ୍ଟି ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

# 'ସାହିତ୍ୟ ଅନୁରାଗୀ ସାହିତ୍ୟକୁ ଭଲ ପାଏ ଓ ଆଗକୁ ବଢାଏ'



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଗାୟକ କଳାକାର ଅନିରୁଦ୍ଧ ପାଣିଗ୍ରାହୀଙ୍କ ସ୍ମୃତିରେ ଗଠିତ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଷୋଳମପୁର ହିମସାରମନା ସାହିତ୍ୟ ପରିଷଦର ଦ୍ୱାଦଶ ବାର୍ଷିକ ଉତ୍ସବ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବର ସାହିତ୍ୟ ମଞ୍ଚକୁ ଷୋଳମପୁର ସରପଞ୍ଚ ପରମାନନ୍ଦ ନାୟକ ଉଦଘାଟନ କରିଥିଲେ । ଛାତ୍ରୀ ସୁଶ୍ରୀ ପ୍ରଜ୍ଞାପ୍ତି ମିଶ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟଅତିଥି ପ୍ରାବନ୍ଧିକ ଅମରେଶ ବିଶ୍ୱାଳ, ମୁଖ୍ୟବକ୍ତା ବିଶିଷ୍ଟ ଗାୟକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଅନ୍ୟତମ ବକ୍ତା ଜିଲ୍ଲା ପରିଷଦ ଉପାଧକ୍ଷା ଟୁନୀବାଳା ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ରାକେଶ ପଣ୍ଡା, ବ୍ୟଙ୍ଗ କବି ଗୋଲକ ଚନ୍ଦ୍ର ମହାନ୍ତି, ସାହିତ୍ୟପ୍ରେମୀ ଅଜୟ କୁମାର ଘଡ଼ାଇ, ସାହିତ୍ୟିକ ବାମନ ଚରଣ ଜେନା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟ ପରିଷଦର ମୁଖପତ୍ର 'ପବନସୂତ' ସହ କବି ପ୍ରାଣକୃଷ୍ଣ ସାହୁଙ୍କ 'ପୁଷି ମାଉସୀ' ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ସାହିତ୍ୟ ପରିଷଦ ପକ୍ଷରୁ ଗାୟକ ପ୍ରଫୁଲ୍ଲ ଆଚାର୍ଯ୍ୟ, ଗାୟକ ବାଗୀଶ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, କବି ଅଞ୍ଜଳୀ କୁମାର କର, ଶିକ୍ଷାବିତ ମମତାଜ ବେଗମ, ଗୀତିକାର କୃଷ୍ଣଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ରାଜ୍ୟସ୍ତରୀୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ସାହିତ୍ୟିକା ଜାନକୀ ପାଢ଼ୀ ସଂଯୋଜନା କରିଥିବା ବେଳେ ଅତିଥିଭାବେ କବି ଦୟାନିଧି ମିଶ୍ର,ସମାଜସେବୀ ବିଜୟ କୁମାର ଦାସ, ସାହିତ୍ୟିକା ନିର୍ମଳା ମିଶ୍ର, କବି କାମେଶ୍ୱର ପଣ୍ଡା, ସାହିତ୍ୟିକ ବୃନ୍ଦାବନ ସାହୁ, ଯୋଗ ଦେଇଥିଲେ । ଅଜୟ ସାମଲ, ରମାକାନ୍ତ ବେହେରା, ଜଗନ୍ନାଥ ସାମଲ, ମୁରଲୀ ଧର ଦାସ, ନଟବର ଦାସ, ଅଶୋକ ନାୟକ ବୈଦନାଥ ପଣ୍ଡା ପ୍ରମୁଖ କବି ମାନେ ୫୦ରୁ ଉର୍ଦ୍ଧ ସ୍ୱରଚିତ କବିତା ପାଠ କରିଥିଲେ। ସାଂସ୍କୃତିକ ସଙ୍ଗୀତ ନୃତ୍ୟ କାର୍ଯ୍ୟକ୍ରମରେ ପାଲା ଗବେଷକ ଯଦୁମଣି ଦାସ, ସ୍ଥାନୀୟ ଶିଶୁ ମନ୍ଦିର ଗୁରୁଜୀ ଶରତ ବେହୁରିଆ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନବକିଶୋର ପରିଡ଼ା, କୋଷାଧକ୍ଷ ରମାକାନ୍ତ ସାହୁ,ସୁବାସିନୀ ନାୟକ,କଳାକାର ରାମଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ୨୦ ରୁ ଉର୍ଦ୍ଧ ନୃତ୍ୟ ପ୍ରତିଯୋଗୀ ନୃତ୍ୟ ପରିବେଷଣ କରିଥିଲ। ସମ୍ପାଦକ ଦାମୋଦର ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ ବିଶ୍ୱମ୍ବର ରାଉତ ପ୍ରଦାନ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସାହିତ୍ୟ ପରିଷଦର ଉପଦେଷ୍ଟା ନବକିଶୋର ପରିଡ଼ା ପ୍ରାରମ୍ଭିକ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଗାୟକ କଲ୍‌ଲୋଳ ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ ଓ ସାଥି ମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା ।କାର୍ଯ୍ୟକ୍ରମକୁ ପରିଷଦର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ବନ ସେବା ସଂଘର ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ




ମାଲକାନଗିରି (ଭାସ୍କର ନ୍ୟୁଜ): ଓଡିଶା ଅଣଗେଜେଟେଡ ବନ ସେବା ସଂଘ କୋରାପୁଟ ଜିଲ୍ଲା ଶାଖାର ନବମ ଦ୍ୱିବାର୍ଷିକ ସାଧାରଣ ସମ୍ମିଳନୀ ଓ ନୂତନ କର୍ମକର୍ତା ଚୟନ କାର୍ଯ୍ୟକ୍ରମ ମାଲକାନଗିରି ସଦର ମହକୁମା ରାଜଶ୍ରୀ ପାଲେସ ସଭା ଗୃହରେ ଜିଲ୍ଲା ସଭାପତି ମୃତ୍ୟୁଞ୍ଜୟ ସେଠିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରଶନ୍ନ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ମାଲକାନଗିରି ଡିଏଫଓ ପ୍ରତାପ କତାପାଲ୍ଲୀ, ସହକାରୀ ବନ ସଂରକ୍ଷକ (ପ୍ରଭେସନାଲ) ଡାକ୍ତର ଏଲା ବର୍ଷନ୍, ମୁଖ୍ୟ ବକ୍ତା ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର, ପୂର୍ବତନ ରାଜ୍ୟ ସଭାପତି ଦୁର୍ଯ୍ୟୋଧନ ପାତ୍ର, ସହକାରୀ ବନ ସଂରକ୍ଷକ ପ୍ରିୟଙ୍କା ମହୁକା, ମୌସୁମୀ ଖେମୁଣ୍ଡୁ ଯୋଗ ଦେଇଥିଲେ । ସମ୍ପାଦକ କନ୍ଦର୍ପ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଅଣଗେଜେଟେଡ ବନ କର୍ମଚାରୀ ମାନେ ଜଙ୍ଗଲ ସୁରକ୍ଷା, ବୃକ୍ଷ ରୋପଣ, ବନ୍ୟପ୍ରାଣୀ ସୁରକ୍ଷା, ପଶୁ ପକ୍ଷୀଙ୍କ ଗଣନା, ସହ ବିଭିନ୍ନ କାର୍ଯ୍ୟରେ ନିଜର ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଛନ୍ତି । ଅନେକ କର୍ମଚାରୀ ମାଫିଆ ମାନଙ୍କ ଦ୍ୱାରା ମୃତ୍ୟୁବରଣ ଓ ଆକ୍ରମଣର ଶିକାର ହେଉଥିବା ବେଳେ ସେମାନଙ୍କ ପରିବାର ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି । ମୃତ୍ୟୁ ବନକର୍ମଚାରୀଙ୍କୁ ସହିଦ ଆଖ୍ୟା ଦେବା ସହ ସହିଦଙ୍କ ପରିବାରକୁ ୫୦ ଲକ୍ଷ ଅନୁକମ୍ପା ମୂଳକ ସହାୟତା, ବନ କର୍ମଚାରୀ ମାନଙ୍କୁ ଆତ୍ମରକ୍ଷା ପାଇଁ ମାରଣାସ୍ତ୍ର ଯୋଗାଇବା, ମାଲକାନଗିରି ଜିଲ୍ଲାରେ ଖାଲି ପଡିଥିବା ପଦବୀ ଗୁଡିକୁ ତୁରନ୍ତ ପୁରଣ କରାଯିବା ସହ ଜିଲ୍ଲାରେ ବିଟ୍, ସେକ୍ସନ, ରେଞ୍ଜର ପୁନର୍ଗଠନ, ଜଙ୍ଗଲ କ୍ଷତି, ଜଙ୍ଗଲରେ ନିଆଁ ଲାଗିବା, ଜବରଦଖଲ କରାଗଲେ ସମ୍ପୃକ୍ତ ଅଂଚଳର ଲୋକମାନେ ବନ ସଂରକ୍ଷଣ ସମିତିକୁ ଉତରଦାୟୀ କରିବା ଇତ୍ୟାଦି ଦାବି କରାଯାଇଥିଲା। ଅପରାହ୍ନରେ ଆଗାମୀ ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରା ଯାଇଥିଲା ।



ବେତନଟୀ, (ଭାସ୍କର ନ୍ୟୁଜ୍): ପାଟଳୀପୁରା ଗ୍ରାମ ପଞ୍ଚାୟତ ଅଧିନସ୍ଥ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନରେ ପକ୍ଷୀସୁରକ୍ଷାର ଉପାଦେୟତା ଏବଂ ଉପକାରିତା ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସାହୁଙ୍କର ସଭାପତିରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବେତନଟି ଗୋଷ୍ଠୀ ଶିକ୍ଷା ସହ ଅଧିକାରୀ ରମାକାନ୍ତ ମହାନ୍ତ, ମୁଖ୍ୟ ବକ୍ତା ଭାବରେ ମୟୂରଭଞ୍ଜ ଜିଲ୍ଲା ଇକୋ କ୍ଲବ୍‌ର ମାଷ୍ଟର ଟ୍ରେନର ଅଜିତ କୁମାର ଜେନା ବିଶିଷ୍ଟ ବକ୍ତା ଭାବରେ ବିଜ୍ଞାନ ଶିକ୍ଷକ ତଥା ଓଷ୍ଟା ସଂଗଠନ ବେତନଟୀ ବ୍ଲକ ସଭାପତି ଶିଶିର କୁମାର ନାୟକ, ସମ୍ମାନିତ ବକ୍ତାଭାବରେ ବେତନଟି ରେଞ୍ଜର ବେଲାଣପୁରା ଦାରିହା କୁଣ୍ଡି ପକ୍ଷୀ ଗଣନା ଦାୟିତ୍ୱରେ ଥିବା ଟିମ ଲିଡ଼ର ବନରକ୍ଷୀ ହୃଷିକେଶ ବେହେରା ଯୋଗଦାନ କରି ପକ୍ଷୀ ଗଣନାର ଆବଶ୍ୟତା ଓ ପକ୍ଷୀ ସୁରକ୍ଷାର ଉପକାରିତା ବିଷୟରେ ଆଲୋଚନା କରିଥିଲେ। ଏଥିରେ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ବେତନଟୀ ବ୍ଲକ୍‌ର ସବୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗଦାନ କରିଥିଲେ। ସଭା କାର୍ଯ୍ୟକ୍ରମକୁ ଆୟୋଜନ ତଥା ପରିଚାଳନା ଥିଲେ ମୟୂରଭଞ୍ଜ ଜିଲ୍ଲା ଇକୋ କ୍ଲବ୍‌ର ମାଷ୍ଟର ଟ୍ରେନର ତଥା ଜିଲ୍ଲା ସଂଯୋଜକ ଡକ୍ଟର ରମାକାନ୍ତ ମହାନ୍ତ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ଚତୁର୍ଭୁଜ ମଲ୍ଲିକ।



# ନିଃଶୁଳ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ




କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଓକିଲ ସଂଘ ସଭାଗୃହ ଠାରେ ଇଣ୍ଡିଆନ ବାୟବାର୍ଥ ସଙ୍ଗଠନ ପକ୍ଷରୁ ତଥା କରଞ୍ଜିଆ ଓକିଲ ସଂଘର ସହଯୋଗରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ଓକିଲ ସଂଘର ସହଯୋଗରେ ଆୟୋଜିତ ଏହି ନିଃଶୁଳ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସା ଶିବିରକୁ କରଞ୍ଜିଆ କୋର୍ଟର ସିଭିଲ ଜଜ ସିନିୟର ଡିଭିଜନ ତଥା ସବଜଜ ଅମିତ ବିଶ୍ୱରୂପା ସେଠ ଓ ସିଭିଲଜଜ ଜୁନିୟର ଡିଭିଜନ ସୋଲୋମି ସାହୁ ଅତିଥି ଭାବେ ଯୋଗ ଦେଇ ଫିତାକାଟି ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟର ଜେଏମଏଫସି ଠାକୁରମୁଣ୍ଡା ମୋନାଲିସା ଦାସ, ଓକିଲ ସଂଘ ଉପ ସଭାପତି ବରିଷ୍ଠ ଆଇନଜୀବୀ ପଙ୍କଜବାସିନୀ ମହାନ୍ତି, ଆଇନଜୀବୀ କୁମାର ଦେବାଶିଷ ବେହେରା ଇଣ୍ଡିଆନ ବାୟ ବାର୍ଥ ସଂଗଠନ କାର୍ଯ୍ୟକ୍ରମ ସଂଯୋଜକ ସତ୍ୟଜିତ ତରେଇ, ସହପ୍ରତିଷ୍ଠାତା ସତ୍ୟରଞ୍ଜନ ସାହୁ, ଭୂମିକା ଚକ୍ଷୁ ଚିକିତ୍ସାଳୟର ଜୋନାଲ ମ୍ୟାନେଜର କର୍ଣ୍ଣଟକେଶରୀ ଜେନା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସମ ଅଲଟିମେଟ ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ ଜେନେରାଲ ମେଡ଼ିସିନ ବିଶେଷଜ୍ଞ ଡ. ପ୍ରମୋଦ କୁମାର ଟୁଡୁ, ଅସ୍ଥିସଲ୍ୟ ବିଶେଷଜ୍ଞ ଡ. ବୁଧେଶ୍ୱର ମାଝୀ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଇସିଜି ଟେକ୍ନିସିଆନ ମାନସ ରଥ, ଉତ୍ତମ ନାଏକ, ଶୁଚିସ୍ମିତା ପରିଡ଼ା, ରାହୁଲ ପ୍ରଧାନ, ମନୋଜ ବାରିକ ପ୍ରମୁଖ ଇସିଜି, ରକ୍ତଚାପ, ଶରୀରର କ୍ୟାଲସିୟମ ପରୀକ୍ଷାରେ ସହଯୋଗ କରିଥିଲେ। ଭୂମିକା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଡ. ସ୍ୱାତି ପ୍ରଧାନ, ରୁଦ୍ର ନାରାୟଣ ଲୋହାରଙ୍କ ଦ୍ୱାରା ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଇଣ୍ଡିଆନ ବାୟ ବାର୍ଥର ମୟୁରଭଞ୍ଜ ଜିଲ୍ଲା ସଭାପତି ରତିରଞ୍ଜନ ମହାନ୍ତ, ଦୀପକ କୁମାର ଦେହୁରୀ, ଜଲ୍ଲୀ ବେହେରା, ଅନିଲ ଦେହୁରୀ, ବିଶ୍ୱଜିତ ବେହେରା, ପ୍ରମୋଦ କୁମାର ସାହୁ ଓ କରଞ୍ଜିଆ ବାର ଆସୋସିଏସନ ପକ୍ଷରୁ ସରୋଜ ରାଉଳ, ଅଭିଜିତ ମହାନ୍ତ, ଦିନକୃଷ୍ଣ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ବିଭିନ୍ନ ବର୍ଗର ୧୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା କରିଥିଲେ।

## କରଞ୍ଜିଆରେ ୪୧୫ ପରୀକ୍ଷାର୍ଥୀ ଦେଲେ ନବୋଦୟ ଏଣ୍ଟ୍ରାନ୍ସ ପରୀକ୍ଷା

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ନବୋଦୟ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଶନିବାର ଦିନ କରଞ୍ଜିଆରେ ଦୁଇଟି ସେଣ୍ଟରରେ ୪୧୫ ଜଣ ପରୀକ୍ଷା ଦେଇଥିଲେ। କରଞ୍ଜିଆ ଉଚ୍ଚ ବିଦ୍ୟାଳୟରେ ୨୬୧ ଜଣ ଏବଂ କରଞ୍ଜିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୫୪ ଜଣ ପରୀକ୍ଷା ଦେଇଥିଲେ। ମୋଟ ୪୬୯ ଜଣ ପରୀକ୍ଷା ଦେବାକୁ ଆବେଦନ କରିଥିବା ବେଳେ ୪୧୫ ଜଣ ପରୀକ୍ଷା ଦେଇଥିଲେ ବୋଲି ପରୀକ୍ଷା ଦାୟିତ୍ୱରେ ଥିବା ବିଇଅ ତରୁଲତା ନାଏକ ସୂଚନା ଦେଇଛନ୍ତି।

# ସମାଜସେବୀଙ୍କ ବିୟୋଗରେ ଶୋକ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଭରତପୁର ଗ୍ରାମପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ସନ୍ତୋଷ କୁମାର ମହାନ୍ତିଙ୍କ ଧର୍ମପତ୍ନୀ ତଥା ସମାଜସେବୀ ତୃପ୍ତୀ ମହାନ୍ତିଙ୍କର ୫୨ବର୍ଷ ବୟସରେ କଟକସ୍ଥିତ ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଯୋଇଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ନଣଦ ବେବୀ, ଶସ୍ମିତା, ଦିଅର ବୁବୁ ଓ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମର ଶରୀରକୁ ଜଗନ୍ନାଥପୁରସ୍ଥିତ ବାସଭବନକୁ ଅଣାଯିବା ପରେ ସେଠାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ଝିଅ ତାନିଆ, ଜ୍ୱାଇଁ ଜନ୍, ଶଶୁର ରାଜକିଶୋର ମହାନ୍ତି, ନଣଦ ଓ ଦିଅରମାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେ ଜଣେ ମିଷ୍ଟଭାଷୀ, ଉଦାରମନା, ଧର୍ମପରାୟଣା ମହିଳା ଭାବରେ ସାଧାରଣରେ ପରିଚିତା ଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁଅ ସୋହମ ମୁଖାଗ୍ନି ଦେଇଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ସ୍ଥିତ ଏସଏସ ଉଚ୍ଚ ବିଦ୍ୟାଳୟରେ ଆଜି ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମମାନଙ୍କ ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପ ମାନ ପ୍ରତିଷ୍ଠା ହୋଇଥିଲା। ମଞ୍ଚାସୀନ ଅତିଥି ଭାବେ ମାଲକାନଗିରି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ମାଲକାନଗିରି ବିଧାୟକ ପ୍ରତିନିଧି ମୁଁୟା ମାଡ଼କାମୀ, କୋରୁକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ଚିତ୍ରକୋଣ୍ଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ଭତ୍ରା, ସହକାରୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁ, ଦିବ୍ୟାଙ୍ଗ ସଂଘ ସଭାପତି ଜଗତ ଜୀବନ ପାତ୍ର ପ୍ରମୁଖ ଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଲୋକେ ଏହି ଶିବିରରେ ଯୋଗଦେଇ ନିଜ ନିଜର ନାମ ପଞ୍ଜିକରଣ କରାଇ ପରୀକ୍ଷା କରାଇଥିଲେ। ବିଦ୍ୟାଳୟର ୫ଟି ପ୍ରକୋଷ୍ଠରେ ୫ ଗୋଟି ବିଭାଗର ପରୀକ୍ଷା କରାଯାଇଥିଲା। ବୌଦ୍ଧିକ ବାଧିତ ବିଭାଗରେ ୪୭ଜଣଙ୍କର ପଞ୍ଜିକରଣ କରାଇଥିବା ବେଳେ ଡାକ୍ତର ସନ୍ତୋଷ କୁମାର ମିଶ୍ର ଏବଂ ଡାକ୍ତର ଅଭିଦ ହୁସେନ ପରୀକ୍ଷା କରିଥିଲେ। ଅସ୍ଥିଶଲ୍ୟ ବିଭାଗରେ ୮୭୩ ଜଣଙ୍କର ପଞ୍ଜିକରଣ କରାଯାଇ ଥିବା ବେଳେ ଡାକ୍ତର ସପନ କୁମାର ଦିଣ୍ଡା ପରୀକ୍ଷା କରିଥିଲେ। ଶ୍ରବଣ ବାଧିତ ବିଭାଗରେ ୩୫୨ ଜଣ ପଞ୍ଜିକରଣ କରାଇଥିବା ବେଳେ ଡାକ୍ତର ସମୀର କୁମାର ଗୋଲଦାର ଏବଂ ଡାକ୍ତର ପ୍ରୀତମ କୁମାର ସାହା ପରୀକ୍ଷା କରିଥିଲେ। ସେହିପରି ଦୃଷ୍ଟି ବାଧିତ ବିଭାଗରେ ୩୧୦ଜଣଙ୍କ ପଞ୍ଜିକରଣ କରିଥିବାବେଳେ ଡାକ୍ତର ସଞ୍ଜୀବ କୁମାର କର ଏବଂ ସାଧାରଣ ସ୍ୱାସ୍ଥ୍ୟ ବିଭାଗରେ ଡାକ୍ତର ବାସନ୍ତୀ ହାନ୍ସଦା ପରୀକ୍ଷା କରିଥିଲେ। ଏହିପରି ସମସ୍ତ ବିଭାଗରେ ସର୍ବମୋଟ ୧୫୮୨ ଜଣ ପଞ୍ଜିକରଣ କରାଇଥିବା ସୂଚନା ମିଳିଛି। ଏହି ଅବସରରେ ମାଲକାନଗିରି ସିଡ଼ିଏମ୍‌ଓ ସିଏଚ ଏମ୍ ଜଗନ୍ନାଥ ରାଓ ଅଚାନକ ଗସ୍ତ କରି ଶିବିରରେ ଭିନ୍ନକ୍ଷମ ମାନଙ୍କ ନିମନ୍ତେ କିପରି ସ୍ୱାସ୍ଥ୍ୟସେବା ଆୟୋଜନ କରା ଯାଇଛି ତା'ର ସ୍ଥିତି ସମୀକ୍ଷା କରିବା ସହ ଭିନ୍ନକ୍ଷମ ମାନଙ୍କୁ ୧୦ ଗୋଟି ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରାଜେଶ ଗୌଡ଼ ଏବଂ ମାଲକାନଗିରି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ପରିଚାଳନା କରିଥିଲେ। ବିଦ୍ୟାଳୟର ଜୁନିୟର ରେଡ଼କ୍ରସ ଛାତ୍ରୀ ମାନେ ବହୁ ଦିବ୍ୟାଙ୍ଗ ମାନଙ୍କୁ ଟ୍ରାଇସାଇକେଲ ଯୋଗେ ବିଭିନ୍ନ ବିଭାଗକୁ ପରୀକ୍ଷା କରାଇବା ନିମନ୍ତେ ନେଉଥିବା ଦେଖିବାକୁ ମିଳିଥିଲା। ଭିଡ଼ ନିୟନ୍ତ୍ରଣ ନିମନ୍ତେ କୋରୁକୋଣ୍ଡା ପୋଲିସ ମୁତୟନ କରାଯାଇଥିଲା।

# ଉତ୍ସର୍ଗ ପରିବାର ପକ୍ଷରୁ ରକ୍ତଦାନ ଶିବିର



ଗୋପ, (ଭାସ୍କର ନ୍ୟୁଜ୍): ମନୁଷ୍ୟ ଜୀବନର ପ୍ରତିଟି ମୁହୂର୍ତ୍ତ ସଙ୍ଘର୍ଷମୟ ଓ ଅତି ମୂଲ୍ୟବାନ ଅଟେ। ସେଥିପାଇଁ ଜଣେ ସୁସ୍ଥଶବଳ ମନୁଷ୍ୟ ବର୍ଷକୁ ଅତିକମରେ ୪ ଥର ରକ୍ତ ଦାନ କରିବା ଆବଶ୍ୟକ ବୋଲି ଡାକ୍ତରଙ୍କ ପରାମର୍ଶ। କିଏ ଜାଣେ ଆଜିର ତୁମର ଏ ରକ୍ତଟି କାଲିକୁ ନିଜର ଆତ୍ମୀୟଙ୍କ କାର୍ଯ୍ୟରେ ନ ଆସିବ। ଆପଣଙ୍କ ଗୋଟିଏ ବିନ୍ଦୁଏ ରକ୍ତ ଅନ୍ୟ ଜଣଙ୍କ ଜୀବନ ରକ୍ଷା କରିବାରେ ସହାୟକ ହେବ। ଏହା ସଠିକ ମହତ କୁ ପୁରୀ ଜିଲ୍ଲାର ଗୋପ ବ୍ଲକ୍‌ର ଅଗ୍ରଣୀ ସ୍ୱେଚ୍ଛାସେବୀ ଯୁବ ସଙ୍ଗଠନଟି ହେଉଛି ଉତ୍ସର୍ଗ ପରିବାର। ଗତ ୨୦୧୭ ମସିହାରୁ ଉତ୍ସର୍ଗ ପରିବାର ଗଠିତ ହେଲାଣି ଏହା ବର୍ତ୍ତମାନ ସମଗ୍ର ରାଜ୍ୟରେ ବେଶ ପରିଚିତ ସହିତ ଅନେକ ସୁନାମ ଅର୍ଜନ କରିସାରିଲେଣି। ଏହାର ପ୍ରାଣ ପ୍ରତିଷ୍ଠାତା ଯୁବ ସମାଜସେବୀ ବିଷ୍ଣୁ ମୋହନ ପ୍ରଧାନ ଙ୍କ ତତ୍ୱଅବଧାନ ରେ ଉକ୍ତ ଅନୁଷ୍ଠାନ ଟି ବର୍ତ୍ତମାନ ବୃତ୍ତକାୟ ବଟ ବୃକ୍ଷ ହେବାକୁ ଯାଉଛି କ୍ଷ ଆଜି ସାହୁ ଟିୟୁଟରିଆଲ ଓ ଉତ୍ସର୍ଗ ପରିବାର ର ମିଳିତ ସହଯୋଗ ରେ ୫୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଏକ ମହତ ଉଦ୍ଦେଶ୍ୟ ରଖି ଆଜିର ଏ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ପୁରୀ ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ସାହିଭାଇ'ର କର୍ମକର୍ତ୍ତା ସହିତ ନିସ୍ୱାର୍ଥ ପରିବାର, ଓଡ଼ିଶା ଜନକଲ୍ୟାଣ ସଙ୍ଗଠନର କର୍ମକର୍ତ୍ତାର ସଦସ୍ୟମାନେ ମଧ ରକ୍ତଦାନ କରିଥିଲେ। ପ୍ରତେକ ରକ୍ତଦାତାଙ୍କୁ ବ୍ଲଡ଼ବ୍ୟାଙ୍କ ପକ୍ଷରୁ ଓ ଉତ୍ସର୍ଗ ପରିବାର ପକ୍ଷରୁ ଏକ ମାନପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ରକ୍ତଦାନ ଶିବିରେ କୁ ସରସ ସୁନ୍ଦର କରିବା ପାଇଁ ଅନେକ ମହାନ ବ୍ୟକ୍ତି ବିଶେଷମାନେ ଯୋଗଦେଇଥିଲେ। ଏହି ରକ୍ତଦାନ ଶିବିରଟି ନିକଟସ୍ତ ବାୟାକୁଦା ପ୍ରକଳ୍ପ ପ୍ରାଥମିକବିଦ୍ୟାଳୟ ପ୍ରାଙ୍ଗଣରେଆୟୋଜନ କରାଯାଇଥିଲା। ସମାଜସେବୀକା ମନାକ୍ଷୀ ପୃଷ୍ଟି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ସମାଜସେବୀ ସଞ୍ଜୟ କୁମାର ବରାଳ, ଗୁରୁ ପ୍ରକାଶ ଚନ୍ଦ୍ର ଖଟୋଇ, ବ୍ରଜବନ୍ଧୁ ମହାରଣା, ଚନ୍ଦ୍ର ଶେଖର ମିଶ୍ର, ବୈଦ୍ୟନାଥ ପାଣି, ପଦ୍ମଲାଭ ସାହୁ, ମାନସି ସାହୁ, ସ୍ନେହଲତା ପରିଡ଼ା। ଶେଷରେ ସଭାପତି ଲକ୍ଷ୍ମୀଧର ବେହେରା ସମସ୍ତ ରକ୍ତଦାତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଧୁମିଳନରେ ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ କରିବାକୁ ସଚେତନତା




କେନ୍ଦୁଝର, (ଭାସ୍କର ନ୍ୟୁଜ୍):ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଶୁଆକାଟୀର ୨୦୦୮ ବ୍ୟାଚ୍‌ର ମାଟ୍ରିକ ଛାତ୍ର ଛାତ୍ରୀଙ୍କର ବନ୍ଧୁମିଳନ ବଡ଼ଘାଗରା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ୨୦୦୮ ବ୍ୟାଚ୍‌ର ୫୨ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ୨୦୦୮ ମସିହା ଶୁଆକାଟୀ ବାଳକ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ କିଶୋର ଚନ୍ଦ୍ର ରାଉତ, ଦାମୋଦର ପଣ୍ଡା, ବିରଞ୍ଚି ନାରାୟଣ ମହାନ୍ତ ଓ ହୃଦାନନ୍ଦ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ସେହି ସମୟର ବିଦ୍ୟାଳୟର ପାଠ ପଢା, ଶୃଙ୍ଖଳା ଓ ପରିବେଶ ଇତ୍ୟାଦି ବିଷୟରେ ସ୍ମୃତିଚାରଣ କରିଥିଲେ। ଛାତ୍ରଛାତ୍ରୀମାନେ ଶିକ୍ଷକମାନଙ୍କୁ ଉପଢୌକନ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ରଛାତ୍ରୀମାନେ ବଡ଼ଘାଗରା ଭୋଜି ସ୍ଥଳରେ ସଫେଇ କାର୍ଯ୍ୟକ୍ରମ କରିବା ସହ ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ କରିବା ସହ ଶାଳପତ୍ରରେ ପ୍ରସ୍ତୁତ ଖଲି ଚଉପତି ଇତ୍ୟାଦି ବ୍ୟବହାର କରିବାକୁ ପର୍ଯ୍ୟଟକଙ୍କୁ ସଚେତନ କରାଇଥିଲେ।

## ଅଁଳାକୁଡ଼ାରେ ମକର ମେଳା ଓ ରାବଣପୋଡ଼ି ଉତ୍ସବ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକର ଅଁଳାକୁଡ଼ା ଠାରେ ମକର ମେଳା ଓ ରାବଣପୋଡ଼ି ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏହି ମେଳାରେ ମୋରଡ଼ା ବିଧାୟକ ତଥା ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଥିବା ହଜାର ହଜାର ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ ମନ୍ତ୍ରୀ ଡ. ମହାପାତ୍ର। ଏହି ଉତ୍ସବରେ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା। ବହୁ ଦୋକାନବଜାର ବସିଥିଲା। କମିଟି ସଦସ୍ୟମାନଙ୍କ ନିଷ୍ଠା, ଏକାଗ୍ରତା ହିଁ ମେଳାକୁ ସଫଳରୂପ ଦେଇପାରିଥିଲା।

# ବାରିପଦା ସହରରେ ଅଣାୟତ୍ତ ଟ୍ରାଫିକ ସମସ୍ୟା !



ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା ସହର ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟାଳୟ। ଜନଗହଳିପୂର୍ଣ୍ଣ ଏଇ ସହର ସଦାସର୍ବଦା ଜନସମାଗମରେ ଚଳଚଞ୍ଚଳ। ଏଇ ସହରର ଶାନ୍ତିଶୃଙ୍ଖଳା ସବୁ ସମୟରେ ଜନାଦୃତ। କିନ୍ତୁ ସବୁଠାରୁ ବଡ଼ ସମସ୍ୟା ହେଉଛି, ଏଇ ସହରର ଟ୍ରାଫିକ୍ ସମସ୍ୟା। ସହରର ମୁଖ୍ୟରାସ୍ତା ଜୀବନ ଓ ଜୀବିକାର ରାସ୍ତା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସହରର ମୁଖ୍ୟ ମାର୍କେଟର ମୁଖ୍ୟରାସ୍ତା ଟ୍ରାଫିକ ଗୋଲେଇରୁ ବାଲେଶ୍ୱର ଗୋଲେଇ। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ପ୍ରତିଷ୍ଠିତ ବୃହତ୍ ବ୍ୟବସାୟିକ ପ୍ରତିଷ୍ଠାନ ମାନ ରହିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରତିଷ୍ଠାନର ପାର୍କିଂ ବ୍ୟବସ୍ଥା ନାହିଁ। ଯଦ୍ୱାରା ଟ୍ରାଫିକ ବ୍ୟବସ୍ଥା ସାଂଘାତିକ ହେବାରେ ଲାଗିଛି। ନୂତନ ନିର୍ମାଣକୁ ବିନା ପାର୍କିଂ ବ୍ୟବସ୍ଥାରେ ନିର୍ମାଣ ଅନୁମତି ମିଳୁଛି ନା ନିର୍ମାଣ ପରେ ଏମାନେ ଆଇନ୍ ଉଲ୍ଲଂଘନ କରୁଛନ୍ତି ଓ ବାରିପଦା ମ୍ୟୁନିସିପାଲଟି ହାତବାନ୍ଧି ବସିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବଡ଼ ବଡ଼ ଦୋକାନ ଯୋଗୁଁ ଥାକଥାକ ହୋଇ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ପାର୍କିଂ କରି ରାସ୍ତାକୁ ସଂକୀର୍ଣ୍ଣ କରି ସାଧାରଣ ଯାତାୟତରେ ବାଧାସୃଷ୍ଟି କରାଯାଉଛି। ବୃହତ୍ ବ୍ୟବସାୟିକ ପ୍ରତିଷ୍ଠାନ ନିଜର ବ୍ୟବସାୟିକ ସୁବିଧା ଦୃଷ୍ଟିରୁ ବାଧତା ମୂଳକ ପାର୍କିଂ ସ୍ଥାନ ନରଖି ସର୍ବ ସାଧାରଣ ରାସ୍ତା ଉପରେ ମନଇଚ୍ଛା ଶହଶହ ଗାଡ଼ି ପାର୍କିଂ କରିବା ଏବଂ ଏଥି ନିମନ୍ତେ ଟାଉନ ପ୍ଲାନିଂ, ବାରିପଦା ମ୍ୟୁନିସିପାଲଟି ଓ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିବାକୁ ନେଇ ବିଭିନ୍ନ ସମୟରେ ଅସନ୍ତୋଷର ମୃଦୁ ଗୁଞ୍ଜରଣ ଶୁଣିବାକୁ ମିଳୁଛି।

## ସମାଜସେବୀଙ୍କ ପରଲୋକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଦୋଳସାହି ପଞ୍ଚାୟତ ଅଧୀନ ଦୋଳସାହି ଗ୍ରାମର ସମାଜସେବୀ ରାଜେନ୍ଦ୍ର ସାହୁଙ୍କର ଶନିବାର ରାତିରେ ପରଲୋକ ହୋଇ ଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୬ବର୍ଷ ହୋଇଥିଲା। ଗତ ୪ଦିନତଳେ ତାଙ୍କର ମସ୍ତିଷ୍କ ଆଘାତ ହୋଇଥିଲା। ତାଙ୍କୁ ତୁରନ୍ତ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସ୍ୱର୍ଗତ ସାହୁ ଜଣେ ଶାନ୍ତ, ସରଳ, ଅମାୟିକ ଓ ସମାଜସେବୀ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁଖବର ପାଇବା ପରେ ସମାଜସେବୀ ରବିନ୍ଦ୍ର ଜେନା, ଅକ୍ଷୟ ନାୟକ, ଅକ୍ଷୟ ନାଥ, ସୁନନ୍ଦ ଖାମୁରାଇ, ନାରାୟଣ ପାଣିଗ୍ରାହୀ ପ୍ରମୁଖ ତାଙ୍କ ବାସ ଭବନରେ ପହଞ୍ଚି ଶେଷଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପୁତୁରା ମାନସ ସାହୁ ମୁଖାଗ୍ନି ଦେଇଥିଲେ।

# ବର ଓ ଅଶ୍ୱସ୍ତ ବୃକ୍ଷ ବିବାହ ଉତ୍ସବ




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବିଲଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବର ଓ ଅଶ୍ୱସ୍ତ ବୃକ୍ଷର ବିବାହ ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ବହୁଦିନ ପୂର୍ବରୁ ସମାଜସେବୀ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ ଲଗାଇଥିଲେ। ଲଗାଯାଇଥିବା ସେହି ଗଛ ବଡ଼ ହେଲେ ସେମାନଙ୍କର ବିବାହ କରିବେ ବୋଲି ମାନସିକ ରଖିଥିଲେ। ଏହି ପରିପ୍ରେକ୍ଷୀରେ ରବିବାର ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ବର ଓ ଅଶ୍ୱସ୍ତ ବୃକ୍ଷର ବିବାହ କରାଯାଇଥିଲା। ଏହି ବିବାହରେ ବର ପିତା ଭାବେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅନୁରୂପ ଅଂଶୁମାନ ଓ କନ୍ୟା ପିତା ଭାବେ ସମାଜସେବୀ ଦେବେନ୍ଦ୍ର ପୁହାଣ କାର୍ଯ୍ୟ ସମ୍ପାଦନ କରିଥିଲେ। ପୁରୋହିତ ଭାବେ ପ୍ରତାପରୁଦ୍ର ପଣ୍ଡା ଓ ଭକ୍ତହରି ମହାପାତ୍ର ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ବିବାହ ଉତ୍ସବରେ ବର ଓ କନ୍ୟାପକ୍ଷର ବହୁ ଭଦ୍ରବ୍ୟକ୍ତି ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରେ ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ କୁମାର ନାୟକ, ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ଭାଟପଡ଼ା ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସମିତିସଭ୍ୟ ଭାଗିରଥି ମଳିକ, କ୍ଷୀରୋସିନ୍ଧୁ ବାରିକ, ଲକ୍ଷ୍ମୀକାନ୍ତ ନାୟକ, ସରପଞ୍ଚଙ୍କ ପ୍ରତିନିଧି ବିଶ୍ୱରଞ୍ଜନ ନାୟକ, ସମବାୟ ସମିତି ସମ୍ପାଦକ ଅମରେନ୍ଦ୍ର ନାୟକ, ରଘୁନାଥ ତ୍ରିପାଠୀ, ଭାଗିରଥି ଦାସ, ସୁବାଶିଷ ଦାସ, ଭାଗବତ ନାୟକ, ସନ୍ତୋଷ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଫାର୍ମାଶିଷ୍ଟ ବଳରାମ ଲେଙ୍କା, ବିତ୍ତୀୟ ଅଧିକାରୀ ବିପ୍ଲବ ରଞ୍ଜନ ପତି, ବିପିଏମ ଶାନ୍ତିଲତା ମିଶ୍ର, ଦୀପ୍ତିକାନ୍ତ ଭଞ୍ଜ, ଦୀପଂଜ୍ୟୋତି ନାୟକ, ପର୍ଶୁରାମ ନାୟକ, ସୁନୀଲ କୁମାର ମଲ୍ଲିକ, ରାମଚନ୍ଦ୍ର ମଳିକ, ଅଲେଖ ବାରିକ ପ୍ରମୁଖଙ୍କ ସହିତ ତିହିଡ଼ି ଓ ଗୁଆମାଳ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ଆଶାକର୍ମୀ, ସ୍ଥାନୀୟ ଜନସାଧାରଣ ବିବାହ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ନିଶୁଳ୍କ ଅନ୍ନ ବିତରଣ କେନ୍ଦ୍ର ଆରମ୍ଭ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବଙ୍ଗୀୟ ସମାଜର ଟାଉନ ଜୋନ ପକ୍ଷରୁ ଜିଲ୍ଲା ଚିକିତ୍ସାଳୟ ସମ୍ମୁଖରେ ରୋଗୀମାନଙ୍କ ସହିତ ଆସୁଥିବା ପରିବାର ଜନଙ୍କ ପାଇଁ ନିଶୁଳ୍କ ଅନ୍ନ ବିତରଣ କେନ୍ଦ୍ର ଆରମ୍ଭ କରାଯାଇଅଛି। ମାଲକାନଗିରି ବଙ୍ଗୀୟ



ସମାଜର ଜିଲ୍ଲା ସଭାପତି ଗୌରାଙ୍ଗ କର୍ମକାର, ସାଧାରଣ ସମ୍ପାଦକ ସୁନିଲ ବିଶ୍ୱାସ ଏବଂ ନିର୍ଦ୍ଦେଶକ ତପନ ସାନା ଶ୍ରୀଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଟାଉନ ଜୋନ ତରଫରୁ ଏମ ଭି ୪୮, ଏମ ଭି ୦୯ , ଏମ ଭି ୪୫, ଏମ ଭି ୧୧ , ଏମ ଭି ୧୦ , ଏମ ଭି ୯୧, ଏମ ଭି ୪୩, ଏମ ଭି ୪୨, ଏମ ଭି ୦୮ ଏବଂ ମାଲକାନଗିରି ସଦର ଅଞ୍ଚଳର କର୍ମକର୍ତ୍ତା ମାନେ ଆନନ୍ଦ ଉଲ୍ଲାସର ସହ ମାନବ ହିତକାରୀ କାର୍ଯ୍ୟଟିକୁ ସଫଳ କରିଛନ୍ତି। ବଙ୍ଗୀୟ ସମାଜର ଟାଉନ୍ ଜୋନର ଉପଦେଷ୍ଟା ଅଖିଲ କୁମାର ମଣ୍ଡଳ ଏବଂ ରମେନ ରାୟ କହିଛନ୍ତି ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଲୋକ ଏହାର ସୁଯୋଗ ପାଇବେ। ଏହି ଅବସରରେ ଉପସ୍ଥିତ ରୋଗୀମାନଙ୍କ ପରିବାର ସଦସ୍ୟମାନେ ଖୁସିବ୍ୟକ୍ତ କରିଥିଲେ। ଏପରି ଏକ ଜନହିତକର କାର୍ଯ୍ୟ ପାଇଁ ବଙ୍ଗୀୟ ସମାଜର ଟାଉନ ଜୋନ୍‌କୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମଧ ଭୁୟସୀ ପ୍ରଶଂସା କରିଥିଲେ।

# ଭଦ୍ରକ ଜିଲ୍ଲାଗସ୍ତରେ ମଣ୍ଡି ପରିଦର୍ଶନ କଲେ ଯୋଗାଣ ମନ୍ତ୍ରୀ

ଭଦ୍ରକ, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ଖାଦ୍ୟଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭଦ୍ରକ ଜିଲ୍ଲା ଗସ୍ତରେ ଆସି ଭଦ୍ରକ ଜିଲ୍ଲା ପ୍ରଶାସନର ଧାନ ସଂଗ୍ରହ କାର୍ଯ୍ୟ ପରିଚାଳନାର ସମୀକ୍ଷା କରିଥିଲେ। ସେ ଭଦ୍ରକରେ ପହଞ୍ଚି ପ୍ରଥମେ ଭଣ୍ଡାରିପୋଖରୀ ବ୍ଲକ୍‌ର ଆଦମପୁରର ଶକ୍ତି ସ୍ୱରୂପା ଏସ୍.ଏଚ୍.ଜି ଧାନକ୍ରୟ କେନ୍ଦ୍ର, ଭଦ୍ରକ ବ୍ଲକ୍‌ର ବହୁଦରଡ଼ାର ଶ୍ରୀରାମ ପାକ୍‌ସ ଓ ଅର୍ଣ୍ଣପାଳ ପାକ୍‌ସ, ତିନିଟି ଧାନମଣ୍ଡିକୁ ଯାଇ ସରକାରୀ ଦରରେ ଧାନକ୍ରୟ ବ୍ୟବସ୍ଥାର ତଦାରଖ କରିଥିଲେ। କଟନୀଛଟନୀ ନେଇ ଉପସ୍ଥିତ ସ୍ଥାନୀୟ ଜନସାଧାରଣ ଓ ଚାଷୀମାନଙ୍କ ଅଭିଯୋଗ ଶୁଣି ଏଫ୍.ଏ.କ୍ୟୁ ମାନର ଧାନ ବିକ୍ରୟ ପାଇଁ ମଣ୍ଡିକୁ ଆଣିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଅଣ ଏଫ୍.ଏ.କ୍ୟୁ ଧାନ ଗ୍ରହଣ କରାଯିବ ନାହିଁ, ମଣ୍ଡିରୁ ଫେରାଇ ଦିଆଯିବ ବୋଲି କହିଥିଲେ। ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଭଦ୍ରକ ଜିଲ୍ଲାପାଳ ଦିଲୀପ୍ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ପ୍ରମୁଖ ମନ୍ତ୍ରୀଙ୍କ ଗସ୍ତରେ କ୍ଷେତ୍ର ସ୍ତରରେ ଉପସ୍ଥିତ ଥିଲେ। କ୍ଷେତ୍ର ପରିଦର୍ଶନ ପରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଭଦ୍ରକଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମଧ ଏହି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସରକାରୀ ଦରରେ ଧାନକ୍ରୟ ପାଇଁ ପ୍ରସ୍ତୁତି, ପରିଚ୍ଛଳନା, ସଚେତନତା, ଅଦ୍ୟାବଧି ଧନକ୍ରୟ ପରିମାଣ, ଉପୁଜୁଥିବା ସମସ୍ୟା ସମାଧାନରେ ଜିଲ୍ଲା ପ୍ରଶାସନର ସହଯୋଗ ଆଦି ସମ୍ବନ୍ଧରେ ଦୃଶ୍ୟ ଫଳକ ଜରିଆରେ ଉପଜିଲ୍ଲାପାଳ ଉପସ୍ଥାପନ କରିଥିଲେ। ଧାନ କିଣାରେ ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପ୍ରଥମଥର ପାଇଁ ସରକାର କ୍ଷତି ପୂରଣ ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ସେହି ଫସଲର ଉତ୍ତମ ମାନ ନଥିବା ଧାନ ମଣ୍ଡିକୁ ନ ଆଣିବା ପାଇଁ ସେ ପ୍ରକାଶ କରିଥିଲେ। ଧାନ କିଣାରେ ମିଲରମାନଙ୍କ ମନମାନିକୁ ମଧ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଥିଲେ। ମଣ୍ଡିରୁ ଧାନ ଉଠାଇବାରେ ସହଯୋଗ କରୁନଥିବା ମିଲର ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରି ଆବଶ୍ୟକ ହେଲେ ଜିଲ୍ଲା ବାହାରୁ ମିଲର୍ ନିୟୋଜିତ କରାଯିବ ବୋଲି ପ୍ରକାଶ କରିଥିଲେ। କଟନୀ ଛଟନୀକୁ ସୁଯୋଗ ନଦେଇ ଖରାପ ଥିବା ଧାନକୁ ମଣ୍ଡିରୁ ଫେରାଇ ଦେବା ପାଇଁ କହିଥିଲେ। ଭଲଧାନ ନ ହେଲେ ଭଲ ଚାଉଳ ମିଳିବ ନାହିଁ। ଭଲ ଚାଉଳ ନହେଲେ, ଏଫ୍.ସି.ଆଇ. ତାହା ଗ୍ରହଣ କରିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ଚାଷୀମାନେ ଯେପରି ଅସୁବିଧାରେ ନ ପଡ଼ନ୍ତି ସୁସଙ୍ଗଠିତ ଢଙ୍ଗରେ ସରକାରୀ ମଣ୍ଡି ଜରିଆରେ ମିଲରମାନଙ୍କ ଦ୍ୱାରା ସେମାନଙ୍କ ଠାରୁ ଉତ୍ତମ ମାନର ଧାନ ସଂଗ୍ରହ କରାଯିବା ଦିଗରେ ନିୟୋଜିତ ସମସ୍ତ ପ୍ରଶାସନିକ ଅଧିକାରୀମାନେ ଅଧିକ ଯନ୍‌ବାନ୍ ହେବାକୁ ମଧ ମାନ୍ୟବର ମନ୍ତ୍ରୀ ବୈଠକରେ ପରାମର୍ଶ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟକି ଅଦ୍ୟାବଧି ଜିଲ୍ଲା ପ୍ରଶାସନ ଦ୍ୱାରା ସମୁଦାୟ ୧,୦୦,୧୭୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ବେଆଇନ ବାଲି ଚାଲାଣ କରୁଥିବା ୨ ଟି ଭାରୀଯାନ ଝାରସୁଗୁଡ଼ା ଜିଲ୍ଲା ଗାନ୍ଧିଛକ ଫାଣ୍ଡି ନିକଟରୁ ଜବତ ହୋଇଛି। ଜବତ ଭାରୀଯାନ (ଓଡି ୨୩ ଡି ୫୨୩୩) ଏବଂ (ଓଡି ୨୩ କ୍ୟୁ ୧୧୪୮) ବେଆଇନ ଭାବରେ ବାଲିଚାଲାଣ କରୁଥିଲା। ଗାନ୍ଧିଛକ ଫାଣ୍ଡି ପୁଲିସ ଗାଡ଼ିଗୁଡ଼ିକୁ ଅଟକ କରି ମାଇନିଂ ବିଭାଗ କୁ ଖବର ଦେଇଥିଲା କ୍ଷ ମାଇନିଂ ବିଭାଗ କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ପହଞ୍ଚ ବାଲି ପରିବହନ ନେଇ ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ କରିଥିଲେ। ଗାଡ଼ି ମାଲିକ ଆବଶ୍ୟକିୟ କାଗଜପତ୍ର ଦେଖାଇବାରେ ବିଫଳ ହେବାରୁ ବାଲି ବୋଝେଇ ଦୁଇଟି ଯାକ ଭାରୀଯାନକୁ ଜବତ କରିଛି ମାଇନିଂ ବିଭାଗ। ସୋମବାର ଦିନ ସରକାରଙ୍କ ନୂଆ ନିୟମ ମୁତାବକ ପରିବହନ ବିଭାଗକୁ ଡାକି ଉଭୟ ଗାଡ଼ିରୁ ଜରିମାନା ଆଦାୟ କରାଯିବ ବୋଲି ମାଇନିଂ ବିଭାଗ ପକ୍ଷରୁ ତୃପ୍ତାମଣି ବିଶ୍ୱାଳ ସୂଚନା ଦେଇଛନ୍ତି। ଏହା ସହ ଜିଲ୍ଲାରେ ବାଲି ଚୋରା ଚାଲାଣକୁ ରୋକାଯିବା ପାଇଁ ଆଗାମୀ ଦିନରେ ଚେକିଙ୍ଗ କଡାକଡ଼ି କରାଯିବାସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯିବ ବୋଲି ମାଇନିଂ ବିଭାଗ ସୂଚନା ଦେଇଛି।



# ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଶନିବାର ଦିନ ଦୀର୍ଘଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ବିଧିବଦ୍ଧ ଭାବେ ଉଦ୍‌ଯାପିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ଲଳିତ ରଞ୍ଜନ ସାହୁ ଉଦ୍‌ଯାପନି ଦିବସ ଅବସରରେ ଆତ୍ମସୁରକ୍ଷା ତାଲିମ୍ ନେଇଥିବା ଛାତ୍ରୀମାନଙ୍କୁ ନିଜ ଜୀବନରେ ପ୍ରୟୋଗ କରି ସଫଳ ହେବାକୁ ପରାମର୍ଶ ଦେଇଥିଲେ। ରସାୟନ ବିଭାଗ ମୁଖ୍ୟ ଡକ୍ଟର ବିଷ୍ଣୁ ଚରଣ ଦାସ ପିଲାମାନେ ତାଲିମ୍ ନେବା ଦ୍ୱାରା ମନୋବଳ ଦୃଢ଼ ହେବା ସହ ଶାରୀରିକ ସ୍ତରରେ ଯେ ସେମାନେ ବେଶ୍ ଦୃଢ଼ ଥିବେ ଏକଥା ନିସନ୍ଦେହରେ କୁହାଯାଇପାରେ ବୋଲି କହିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଡକ୍ଟର ରାମଚନ୍ଦ୍ର ମଲ୍ଲ ପିଲାମାନଙ୍କୁ ବର୍ତ୍ତମାନ ସମୟରେ ସମସ୍ତ ଝିଅ ପିଲାମାନେ ଶିଖିବା ଏକାନ୍ତ କାମ୍ୟ ଓ ଆମ ପିଲାମାନଙ୍କୁ ଦେଖିଲେ ଆଜି ଜଣାପଡୁଛି ଯେ ସେମାନେ ଏ ତାଲିମର ଫାଇଦା ନିଶ୍ଚିତ ଉଠେଇଛନ୍ତି ବୋଲି କହିଥିଲେ। ଆତ୍ମସୁରକ୍ଷା ତାଲିମ ପ୍ରଶିକ୍ଷିକା ମଧ୍ୟରେ ସୁଶୀଳା ମହାନ୍ତ, ପ୍ରିୟମ୍ବଦା ମହାନ୍ତ, ପୁଷ୍ପିତା ମହାନ୍ତି ଓ କଳ୍ପନା ଦେଓ ତାଲିମ୍ ରେ ଯୋଗଦେଇ ସିଖେଇବାର ଅପୂର୍ବ ଅନୁଭୂତି ସାଉଣ୍ଟିବା ସହ ଶିଖିବାର ଆଗ୍ରହ ପ୍ରକାଶ ରଖିଥିବା ଛାତ୍ରୀମାନଙ୍କୁ ନୂଆନୂଆ କୌଶଳ ସିଖାଇବାରେ ସମର୍ଥ ହୋଇଛୁ। ପିଲାମାନଙ୍କର ଏଭଳି ଆଗ୍ରହ ଓ ଉତ୍ସାହ ଦେଖି ଆସନ୍ତା ବର୍ଷ ଯଦି ଆମକୁ ନିମନ୍ତ୍ରଣ କରନ୍ତି ତେବେ ନିଶ୍ଚିତ ଆମ୍ଭେ ଯୋଗଦେବୁ ବୋଲି ତାଲିମ ପ୍ରଶିକ୍ଷିକାମାନେ କହିଛନ୍ତି। ଦୀର୍ଘଦିନର ତାଲିମ ପ୍ରଦାନ ପରେ ତାଲିମ ପ୍ରାପ୍ତ ଛାତ୍ରୀମାନଙ୍କ ଦ୍ୱାରା ସମସ୍ତଙ୍କ ଉଦ୍ଦେଶ୍ୟରେ ଏକ ଡେମୋ ପ୍ରଦର୍ଶନ କରିଥିଲେ ଯାହାକୁକି ସମସ୍ତେ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଆତ୍ମସୁରକ୍ଷା ତାଲିମର ସଂଯୋଜିକା ସସ୍ମିତା ମଞ୍ଜରୀ ନାଏକ ଉଦ୍‌ଯାପନୀ ଦିବସରେ ଏହା କିପରି ସଫଳ ରୂପାୟନ ହୋଇଛି ତାହା ସମସ୍ତଙ୍କୁ ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ସହଯୋଗ କରିବା ପାଇଁ ଓଡ଼ିଆ ଅଧ୍ୟାପିକା ଦିପ୍ତିମୟୀ ସାହୁ, ଶିକ୍ଷା ଅଧ୍ୟାପିକା କବ୍ୟାଶ୍ରୀ ନନ୍ଦ, ବ୍ୟୁଟି ଏଣ୍ଡ ୱେଲନେସ ଅଧ୍ୟାପିକା ପ୍ରିୟଙ୍କା ଦାସ, ବାଣିଜ୍ୟ ଅଧ୍ୟାପିକା ବିଜୟଲକ୍ଷ୍ମୀ ମହାପାତ୍ର ଓ ଗଣିତ ଅଧ୍ୟାପିକା ବନଜା ବେହେରା ସହଯୋଗ କରିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ମହା ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ, ଶତାଧିକ ଛାତ୍ରୀମାନେ ଯୋଗ ଦେଇଥିଲେ ଓ ତାଲିମରେ ଅଂଶଗ୍ରହଣ କରିଥିବା ପିଲାମାନଙ୍କୁ ଜଳପାନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ସଭା ଶେଷରେ ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପିକା ତଥା ଅନ୍ୟତମ ଆତ୍ମସୁରକ୍ଷା ସଂଯୋଜିକା ସନ୍ଧ୍ୟାରାଣୀ ସଂଖୁଆଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ସପ୍ତମ ବାର୍ଷିକ ସମ୍ମିଳନୀ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବନ ବିଭାଗ ଡାକବଙ୍ଗଳା ଠାରେ ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ସପ୍ତମ ବାର୍ଷିକ ସମ୍ମିଳନୀ ସଭାପତି ସୋମନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ସମ୍ମିଳନୀକୁ ଉଦଘାଟନ କରି ବରିଷ୍ଠ ନାଗରିକ ମଞ୍ଚର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବରିଷ୍ଠ ନାଗରିକ ଆମ ସମାଜର ଦର୍ପଣ ସଦୃଶ୍ୟ ବୋଲି ଉଲ୍ଲେଖ କରିଥିଲେ। ବରିଷ୍ଠ ବ୍ୟକ୍ତିଙ୍କ ଅନୁଭୂତି ହିଁ ଯୁବପିଢ଼ୀଙ୍କୁ ମାର୍ଗଦର୍ଶନ ଦେଇଥାଏ। ଏଣୁ ବରିଷ୍ଠ ନାଗରିକ ଆମପାଇଁ ଅମୂଲ୍ୟ ରତ୍ନ। ସେମାନଙ୍କୁ ହତାଦର ନକରି ସାମାଜ ପାଇଁ ସେମାନଙ୍କ ଅବଦାନକୁ ନେଇ ଗର୍ବ କରିବା ଉଚିତ ବୋଲି ସେ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ମଞ୍ଚର ଉପଦେଷ୍ଟା ତଥା ପୂର୍ବତନ ମହାବିଦ୍ୟାଳୟ ଅଧ୍ୟକ୍ଷ ଶିବରାମ ପଣ୍ଡା, ଡକ୍ଟର କମ୍ବୁପାଣି ସାମନ୍ତ, ଉପ-ସଭାପତି ସନ୍ତୋଷ କୁମାର ତିଆଡି, ସୋରଡ଼ା ବରିଷ୍ଠ ନାଗରିକ ମଞ୍ଚ ତଥା ଶଶୀଭୂଷଣ ସାହିତ୍ୟ ସଂସଦର ସଭାପତି ଧୋବା ବେହେରା, ସମ୍ପାଦକ ଉମାଶଙ୍କର ଦାସ, ବାଲିପଦର ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ, ଗୋପାଳ ଚନ୍ଦ୍ର ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡକ୍ଟର ସୁରେଶ କୁମାର ପଣ୍ଡା ଏବଂ ସମ୍ପାଦକ ରବି ନାରାୟଣ ସାମନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଅଶୋକ କୁମାର ସାହୁ, ସମାଜସେବୀ ତଥା ସାମ୍ବାଦିକ ମାଗୁଣି ମିଶ୍ର, ବ୍ରଜଗୋପାଳ ମହାରଣା, ବିଭୂତି ଭୂଷଣ ଜେନାଙ୍କୁ ତାଙ୍କର କୃତିତ୍ୱ ପାଇଁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଠଶିଳ୍ପୀ ଅଶୋକ କୁମାର ସ୍ୱାଇଁ ଏବଂ ସାଥୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିା ବେଳେ ମଞ୍ଚର ସଦସ୍ୟ ପ୍ରତାପ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ଜନଶୁଣାଣି ଆୟୋଜିତ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପଞ୍ଚଦଶ ଆର୍ଥିକ କମିଶନ ଅନୁଦାନ (ତା.୦୧ ରିଖ ଏପ୍ରିଲ - ୨୦୨୪ ରୁ ୩୦ ସେପ୍ଟେମ୍ବର ୨୦୨୪), ମଧ୍ୟରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ଜନଶୁଣାଣି ପାଇଁ ବ୍ଲକୱାରି ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଅଛି। ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଜନସାଧାରଣ, ଯୋଜନା ସହିତ ସଂପୃକ୍ତ ଥିବା ସଙ୍ଗଠନ, ବିଭିନ୍ନ ସରକାରୀ ବିଭାଗ, ସମାଜସେବୀ, ସାମ୍ବାଦିକ, ବ୍ଲକସ୍ତରୀୟ ଜନଶୁଣାଣୀ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବ୍ଲକ୍ ସ୍ତରୀୟ ଜନଶୁଣାଣି ବିଭିନ୍ନ ବ୍ଲକ୍‌ର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆସନ୍ତା ୨୧.୦୧.୨୦୨୫ ରିଖ ଠାରୁ ୨୮.୦୧.୨୦୨୫ ରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ ଘଟିକା ସମୟରେ ଅନୁଷ୍ଠିତ ହେବ। ଜାନୁଆରୀ ୨୧ ତାରିଖ ଦିନ ଏରସମା ଓ ନାଉଗାଁ ବ୍ଲକ୍‌ରେ, ଜାନୁଆରୀ ୨୨ ତାରିଖ ଦିନ କୁଜଙ୍ଗ ଓ ରଘୁନାଥପୁର ବ୍ଲକ୍ ରେ, ଜାନୁଆରୀ ୨୪ ତାରିଖ ଦିନ ବିରିଡ଼ି ଓ ତିର୍ତ୍ତୋଲ ବ୍ଲକ୍ ରେ, ଜାନୁଆରୀ ୨୮ ତାରିଖ ଦିନ ବାଲିକୁଦା ଓ ଜଗତସିଂହପୁର ବ୍ଲକ୍‌ରେ ଅନୁଷ୍ଠିତ ହେବ।

# ଜାତୀୟ ଯୁବ ସପ୍ତାହ ପାଳିତ



ବାରିପଦା, (ଭାସ୍କର ନ୍ୟୁଜ୍): ସ୍ୱାମୀ ବିବେକାନନ୍ଦଙ୍କ ପୁଣ୍ୟ ଜନ୍ମତିଥି ୧୨ ଜାନୁଆରୀକୁ ରାଷ୍ଟ୍ରୀୟ ଯୁବ ଦିବସ ଭାବେ ସମଗ୍ର ଦେଶରେ ପାଳନ କରାଯାଏ। ଜାନୁଆରୀ ୧୨ ତାରିଖରୁ ଜାନୁୟାରୀ ୧୯ ତାରିଖ ସପ୍ତାହ ବ୍ୟାପୀ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯୁବ ସପ୍ତାହ ପାଳନ ଅବସରରେ ନେହେରୁ ଯୁବ କେନ୍ଦ୍ର ମୟୂରଭଞ୍ଜ ବାରିପଦା, ମା' ମଙ୍ଗଳା କ୍ଲବ୍ କଣ୍ଡାପାଳ ଓ ଏମ୍.ଆର୍.ଡି.ସି ବାଙ୍ଗିରିପୋଷି, ସାମାଜିକ କଲ୍ୟାଣକାରୀ ସଙ୍ଗଠନର ମିଳିତ ଉଦ୍ୟମରେ କଣ୍ଡାପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ଆଜି ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଚେୟାରମେନ ରାମ ରଞ୍ଜନ ନାଏକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସ୍ୱାମୀଜୀଙ୍କ ଫୋଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଏଥି ସହିତ ଗ୍ରାମର ମୁଖିଆ ଶନିଆ ନାଏକ, ପରମେଶ୍ୱର ନାଏକ, କ୍ଲବ୍ ସେକ୍ରେଟାରୀ ଚନ୍ଦନ ନାଏକ, କାଠିଆ ନାଏକ,ଏମ୍.ଏଚ୍.ଜି ଗ୍ରୁପ୍ ପକ୍ଷରୁ ମନ୍ଦୋଦରୀ ସିଂ, ଜାମଦାପାଳ ନେହେରୁ ଯୁବ କେନ୍ଦ୍ରର ପ୍ରେସିଡ଼େଣ୍ଟ ବ୍ରହ୍ମାନନ୍ଦ ବେହେରା, ଆଣ୍ଟୁଆ ଗ୍ରାମର ଯୁବକ ସଂଘର ସେକ୍ରେଟାରୀ କ୍ଷୀରୋଦ ନାଏକ, ବିଶୋଇ ବ୍ଲକ୍ ଏଡଭକେଟ୍ ବନମାଳୀ ଗିରି ଏବଂ ଗ୍ରାମବାସୀଙ୍କ ବହୁ ସମାଗମ ପରିଲକ୍ଷିତ ହୋଇଛି। ଉପସ୍ଥିତ ମଞ୍ଚାସୀନ ଜ୍ଞାନୀ ଗୁଣୀ ସ୍ୱାମୀଜୀଙ୍କ ଜୀବନ ଦର୍ଶନ ଉପରେ ଗଭୀର ଆଲୋକପାତ କରିଥିଲେ। ଉକ୍ତ ବୃହତ୍ କାର୍ଯ୍ୟକ୍ରମକୁ ଏମ୍.ଆର୍.ଡି.ସି ବାଙ୍ଗିରିପୋଷିର କୋର୍ଡ଼ିନେଟର ରବୀନ୍ଦ୍ରନାଥ ସେଠୀ ପରିଚାଳନା କରିଥିଲେ। ପରିଶେଷରେ ପରମେଶ୍ୱର ନାଏକ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭାକାର୍ଯ୍ୟ ପରିସମାପ୍ତି କରିଥିଲେ।

# ଶୁକଦେବ ବ୍ରହ୍ମଚାରୀ ଉ.ପ୍ରା ବିଦ୍ୟାଳୟରେ ପୋଷାକ ବିତରଣ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗାଙ୍ଗପଡ଼ା ପଞ୍ଚାୟତର ଦୋବନ୍ଧାସ୍ଥିତ ଶୁକଦେବ ବ୍ରହ୍ମଚାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ଧନେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଗାଙ୍ଗପଡ଼ା ସରପଞ୍ଚ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଓ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ଶିକ୍ଷାବିତ କ୍ଷୀରୋଦ ଚନ୍ଦ୍ର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ଓ ଯୋତା ବଣ୍ଟନ କରିଥିଲେ। ଏଥିସହିତ କେନ୍ଦ୍ରାପଡା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ପ୍ରୋଗ୍ରାମ ସହକାରୀ ବିନୋଦ ବିହାରୀ ସାହୁ ଓ ପ୍ରମୋଦ କୁମାର ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବହୁ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବିଜୟ ଘଡାଇ, ୱାର୍ଡ଼ସଭ୍ୟ ଦୀପକ ରାଉତ, ପରିଚାଳନା ସମିତିର ସମସ୍ତ ସଭ୍ୟ/ସଭ୍ୟାମାନେ ଉପସ୍ଥିତ ଥିଲେ।

# କଂଗ୍ରେସ ଭାଇଙ୍କର ୭୬ ତମ ଜନ୍ମ ଜୟନ୍ତୀ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାକରଞ୍ଜିଆ ବ୍ଲକ୍‌ର ବଳା ପଞ୍ଚାୟତର କିଆପାଣପୋଷି ଗ୍ରାମରେ କଂଗ୍ରେସ ଭାଇଙ୍କର ୭୬ ତମ ଜନ୍ମ ଜୟନ୍ତୀ ତଥା ୫୪ ତମ ମାନବ ଧର୍ମ ସମ୍ମିଳନୀ ଓ ପଞ୍ଚମ ବାର୍ଷିକ ସେବା ଦିବସ ପାଳିତ ହୋଇଯାଇଛି। ବିଶ୍ୱ ବନ୍ଧୁ ଶ୍ରୀ କଂଗ୍ରେସ ଭାଇ ସେବା ଟ୍ରଷ୍ଟର ପରିଚାଳନା ସଭାପତି ଜଗଦିଶ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ପାଳିତ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ଆଦିତ୍ୟ ପଟ୍ଟନାୟକ, ନିର୍ଦ୍ଦେଶକ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ରଙ୍ଗାମାଟିଆ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡ. ଫକୀର ଚନ୍ଦ୍ର ନାୟକ, କରୁଣା କର ନାୟକ ଅବସର ପ୍ରାପ୍ତ ଅତିରିକ୍ତ ଜିଲ୍ଲାପାଳ, ରମାକାନ୍ତ ମଣ୍ଡଳ, ଉତ୍କଳ ସର୍ବୋଦୟ ମଣ୍ଡଳ ଓଡ଼ିଶା, ଅଶ୍ୱିନି କୁମାର ନାୟକ, ଅବସରପ୍ରାପ୍ତ ବିଡ଼ିଓ, ମିତ୍ରଭାନୁ ତନ୍ତୀ, ଉପଦେଷ୍ଟା କଂଗ୍ରେସ ଭାଇ ସେବା ଟ୍ରଷ୍ଟ, ମିନତୀ ନାୟକ ଜିଲ୍ଲା ପରିଷଦ ସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଲେଖକ ଓ ଗବେଷକ ରବୀନ୍ଦ୍ର ନାୟକ ଯୋଗ ଦେଇ ଗାନ୍ଧୀ, ଗୋପବନ୍ଧୁ, ବିନୋବା ଓ ଜୟପ୍ରକାଶ ନାରାୟଣଙ୍କର ଆଦର୍ଶ ରେ ଅନୁପ୍ରାଣିତ ହୋଇ ସାରା ଜୀବନ ଆଜୀବନ ବ୍ରହ୍ମଚାରୀ ରହି ସମାଜ ସେବାରେ ଜୀବନ ବିତାଇ ଥିବା କଂଗ୍ରେସ ଭାଇ ଙ୍କ ସେବା, ତ୍ୟାଗ ପୁତ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଦିବସରେ ପ୍ରଜ୍ଞା ।ପୁରୁଷ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଓ ନୟାଧର ପଡୁଆଲିଙ୍କୁ ବିଶ୍ୱବନ୍ଧୁ ଶ୍ରୀ କଂଗ୍ରେସ ଭାଇ ସେବା ସମ୍ମାନରେ ସମ୍ମାନିତ କରଯାଇଥିଲା। ଏହି ଅବସରରେ ସମାଜରେ ବାସ୍ତବ ପଛୁଆ ବର୍ଗରେ ଥିବା ଅଭାବୀ ଓ ଅସହାୟ/ ଅସହାୟତା ଗରୀବ ଲୋକ ମାନଙ୍କୁ ବସ୍ତ୍ର ଓ ଶୀତବସ୍ତ୍ର ତଥା ଶାଢ଼ୀ ଓ ଅନ୍ୟାନ୍ୟ ବସ୍ତ୍ର ଦାନ କରାଯାଇଥିଲା। ସକାଳେ ଗ୍ରାମରେ ଶ୍ରମଦାନ କରି ସଫେଇ କାମ ସହିତ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ଅନ୍ତେବାସୀଙ୍କୁ ଫଳ, ବିସ୍କୁଟ ଓ ପାଉଁରୁଟି ବଣ୍ଟନ କରା ଯାଇଥିଲା ଓ ରକ୍ତଦାନ ଶିବିର ଆୟଜନ କରଯାଇ ଥିଲା। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ପରିଚାଳନା ସମ୍ପାଦକ ଉଦୟ ନାଏକ, ଟ୍ରଷ୍ଟି ପ୍ରଦୀପ ନାଏକ, ନିଶାକର ନାୟକ, ରଣଜିତ୍ ବଡ଼ନାୟକ, ରଞ୍ଜିତ କୁମାର ସଂଖୁଆଲ, ବିପ୍ଳବ ସଂଖୁଅଲ୍, କ୍ଷୀରୋଦ ମହନ୍ତ, ଜ୍ୟୋସ୍ନାରାଣୀ ମହାନ୍ତ, ସୁଶାନ୍ତ, ବିଷ୍ଣୁ ଚରଣ, କପିଳ ନାଏକ, ଶମ୍ଭୁନାଥ ବଡନାୟକ, ସନାତନ ନାଏକ, ଚନ୍ଦ୍ର ଶେଖର ନାଏକ, ପ୍ରଫୁଲ୍ଲ ନାଏକ, ପୁରୁଷୋତ୍ତମ ନାଏକଙ୍କ ସହଯୋଗରେ ପରିଚାଳନା କରିଥିଲେ। ଏହି ଅବସରରେ କଂଗ୍ରେସ ଭାଇଙ୍କ ଉଦ୍ଦେଶ୍ୟ ରେ ଲେଖା ଯାଇଥିବା ପୁସ୍ତକ ନିଆର। ମଣିଷ ଟିଏ କଂଗ୍ରେସ ଭାଇକୁ ଅତିଥି ମାନେ ଉନ୍ମଚନ କରିଥିଲେ। ଶେଷରେ ବ୍ରହ୍ମାନନ୍ଦ ନାଏକ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ସମାଜସେବୀଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ବ୍ଲକ ଅଧିନ ଓସ୍ତପୁର ପଞ୍ଚାୟତ ଅନ୍ତର୍ଗତ କୁଶଳପୁର ଗ୍ରାମର ବର୍ଷିଆନ ସମାଜସେବୀ ଜିରା ଦେଇଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ପୃଥିରାଜ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅଭିନେତା ତୁଷାରକାନ୍ତ ଘୋଷ ଯୋଗଦେଇ ସ୍ୱର୍ଗତା ଜିରା ଦେଇଙ୍କ ସମାଜ ପ୍ରତି ଥିବା ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସମାଜସେବୀ ନିରଞ୍ଜନ ପରିଡ଼ା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶ୍ରମିକ ନେତା ଫକୀର ଚରଣ ଖଟୁଆ ଯୋଗଦେଇ କହିଲେ ସ୍ୱର୍ଗତା ଜିରାଦେଇ ଜଣେ ଆଦର୍ଶ ମହିଳା ଥିଲେ। ମୋ ଗାଁ ମୋ ସଂସ୍କୃତି ପରିବାର ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇ ଭଜନ ପରିବେଷଣ କରିଥିଲେ। ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତି ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା, ପରମେଶ୍ୱର ସ୍ୱାଇଁ, ଅଭିନେତା ପ୍ରକାଶ ସ୍ୱାଇଁ, ଅଶୋକ ରାଉତ, ପ୍ରଶାନ୍ତ ସାମଲ, ସମ୍ପିତ ରାଉତ, ଶେଖର ବେହେରା, ଅଜୟ ନାୟକ, ସୁବ୍ରତ ମହାନ୍ତି, ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

# ଓପୋଲଫେଡ଼ ଦ୍ୱାରା ବ୍ୟବସାୟିକ ଅଭିବୃଦ୍ଧି କର୍ମଶାଳା ଆୟୋଜିତ

ଫୁଲନଖରା, (ଭାସ୍କର ନ୍ୟୁଜ୍): ଓଡିଶା ରାଜ୍ୟ କୁକ୍କୁଟ ଉତ୍ପାଦନ ବିପଣନ ସମବାୟ ମହାସଂଘ (ଓପୋଲଫେଡ଼) କଟକ ଶାଖା, କଟକ ତରଫରୁ ଏକ 'ବ୍ୟବସାୟିକ ଅଭିବୃଦ୍ଧି କର୍ମଶାଳା' ସ୍ଥାନୀୟ ଓ.ଏ.ଏସ୍.ଏମ୍.ଇ ସମ୍ମିଳନୀଗୃହ ଖପୁରିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଓପୋଲଫେଡ଼ର ସଭାପତି ଭୋଲେଶ୍ୱର ସ୍ୱାଇଁ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଓପୋଲଫେଡ଼ର ପରିଚାଳନା ନିର୍ଦ୍ଦେଶକ ଡା. ଗିରିଧାରୀ ଭୋଇ ଓ ସାଧାରଣ ପରିଚାଳକ ଡା. ଭକ୍ତହରୀ ମଲ୍ଲିକ ଏବଂ ବିପଣନ ଅଧିକାରୀ ତଥା ଶାଖା ପରିଚାଳକ ଶ୍ରୀ ତାରିଣୀ କୁମାର ସାହୁ ଯୋଗ ଦେଇଥିଲେ। ଏହି କର୍ମଶାଳାରେ କଟକ ସହରର ୩୭ ଜଣ ଅଧିକୃତ ଓପୋଲଫେଡ଼ ବୁଥ୍ ଏଜେଣ୍ଟ ମାନେ ଯୋଗ ଦେଇ ନିଜର ମତ ଓ ସଫଳ କାହାଣୀ କହିଥିଲେ। ସମସ୍ତ ଏଜେଣ୍ଟ ମାନଙ୍କର ବ୍ୟବସାୟିକ ଅଭିବୃଦ୍ଧି ସମ୍ପର୍କରେ ତାରିଣୀ କୁମାର ସାହୁ, ବିପଣନ ଅଧିକାରୀ ତଥା ଶାଖା ପରିଚାଳକ, ଓପୋଲଫେଡ଼ ପ୍ରଶିକ୍ଷଣ ଦେଇଥିଲେ। ଆଗାମୀ ଦିନରେ କଟକ ମହାନଗର ଅଞ୍ଚଳରେ ୧୦୦ ଗୋଟି ଓପୋଲଫେଡ଼ ଆଦର୍ଶ ବିକ୍ରୟ କେନ୍ଦ୍ର ଓ ୧୦ ଗୋଟି ଚିକେନ ଫ୍ରେସ ଖୋଲିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହା ଦ୍ୱାରା କଟକ ସହର ବାସୀ ସ୍ୱଳ୍ପ ସମୟ ମଧ୍ୟରେ ରକ୍ତଛିଟା ବିହୀନ ସତେଜ, ସୁସ୍ୱାଦୁ ଓ ସ୍ୱାସ୍ଥ୍ୟପ୍ରଦ କୁକୁଡ଼ା ମାଂସ ତଥା ଦେଶୀ କୁକୁଡ଼ା, ବନରାଜ କୁକୁଡ଼ା, ବିଭିନ୍ନ ପ୍ରଜାତିର ମାଂସଳ କୁକୁଡ଼ାର ତଟକା ମାଂସ ଓ ଫାର୍ମ ଫ୍ରେଶ ଅଣ୍ଡା, ପ୍ୟାକେଟ୍ ଅଣ୍ଡା ଆଦି ସୁଲଭ ଦରରେ ପାଇପାରିବେ ବୋଲି ତାରିଣୀ କୁମାର ସାହୁ ସୂଚନା ଦେଇଛନ୍ତି। ଉକ୍ତ କର୍ମଶାଳା ରେ ଓପୋଲଫେଡ଼ର ବରିଷ୍ଠ ଅଧିକାରୀ ପ୍ରଦୀପ କୁମାର ମହାପାତ୍ର, ଓପୋଲଫେଡ଼ ବୁଥ୍ ଏଜେଣ୍ଟ କଟକ ଲଳିତ ମୋହନ ଶତପଥୀ, ତ୍ରିଲୋଚନ ସାହୁ, ଏମଡି କମରା ଆଲାମ, କିର୍ତ୍ତୀ ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦାନ କରିଥିଲେ।

# ତାଳଚେର ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେର ଶିଳ୍ପାଞ୍ଚଳ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଗତ ଜାନୁଆରୀ ୯ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିର ଉଦ୍‌ଯାପନୀ ଉତ୍ସବରେ ଉଚ୍ଚ ମାଧ୍ୟମିକ କଲେଜର ଅଧ୍ୟକ୍ଷା ଶିବାନି ମହାପାତ୍ର ଯୋଗ ଦେଇ ଛାତ୍ରୀ ମାନଙ୍କ ପାଇଁ ଏହି ପ୍ରଶିକ୍ଷଣ କାହିଁକି ଜରୁରୀ ଓ ଆତ୍ମରକ୍ଷା କୌଶଳ ଶିଖିବାର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ମୁଖ୍ୟଅତିଥି ଭାବେ ଯୁକ୍ତ ତିନି କଲେଜର ଅଧ୍ୟକ୍ଷ ଭୀମସେନ ଦେହୁରୀ ଯୋଗଦେଇ ଆଜିର ଯୁଗରେ ନିଜକୁ ସୁରକ୍ଷା ଦେବାକୁ ହେଲେ ଏହି ଆତ୍ମ ରକ୍ଷା କୌଶଳ ଛାତ୍ରୀମାନେ ଶିଖିବା ନିତ୍ୟାନ୍ତ ଦରକାର, ଯାହା ଫଳରେ ଛାତ୍ରୀଟିଏ ନିଜକୁ ରକ୍ଷା କରିବା ସହିତ ଅନ୍ୟପାଇଁ ମଧ୍ୟ ସହାୟକ ହୋଇପାରିବ। ଏଥି ସହିତ ଏହି ଶିକ୍ଷାର ଉପଯୋଗୀତା ସମ୍ପର୍କରେ ଅଧ୍ୟକ୍ଷ ଦେହୁରୀ ସୂଚନା ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସୁଷମା ମଞ୍ଜରୀ ଦାସ ଏହି ଶିବିରକୁ ଦୀର୍ଘ ଆଠଦିନ ଧରି ପରିଚାଳନା କରିଥିଲେ ଓ ପ୍ରଶିକ୍ଷକ ଭାବେ ରିମା କୁମାରୀ ଓ ଶୁଭଶ୍ରୀ ଭୁତିଆ ଆତ୍ମରକ୍ଷାର କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପିକା ରଶ୍ମିରେଖା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ କଲେଜ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଜାତୀୟ ଯୁବ ସପ୍ତାହ ପାଳିତ

ବାରିପଦା, (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲାର ଗଣପର୍ବ ମକର ସଂକ୍ରାନ୍ତି ଅବସରରେ ବିଭିନ୍ନ ସମ୍ପ୍ରଦାୟ ବର୍ଗଙ୍କ ଭିନ୍ନ ଭିନ୍ନ ରୀତିନୀତି ଅନୁଯାଇ ଭିନ୍ନ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ସେହିପରି ବାରିପଦା ସ୍ଥିତ ଷ୍ଟେସନ ପଡ଼ିଆରେ ମୟୁରଭଞ୍ଜ ଜିଲ୍ଲା ବିନ୍ଧାଣି ସମାଜର ଯୁବ ନେତା ଛୋଟୁରାମ ବିନ୍ଧାଣି ଓ ଯୁବ ସଂଗଠକ ଶିବ ବିନ୍ଧାଣି ଦ୍ୱାରା



ଆୟୋଜିତ ପାରମ୍ପରିକ କରମ ପୂଜା ଆୟୋଜିତ କରାଯାଇଥିଲା। ଏହି ଅବସରରେ ମୃଦଙ୍ଗର ତାଳେ ତାଳେ ନାଚଗୀତ ପର୍ବ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ମୟୁରଭଞ୍ଜ ଜିଲ୍ଲାର ସଂଗ୍ରାମୀ ଯୁବ ନେତା ତଥା ସବୁଜ ସୁନ୍ଦର ବାରିପଦାର ସଭାପତି ଏବଂ ବାରିପଦା ପୌରପାଳିକା ପୂର୍ବତନ ଉପ-ନଗରପାଳ ଜିତେନ୍ଦ୍ର ମହାନ୍ତି (ନଛିଭାଇ)ଯୋଗ ଦେଇଥିଲେ। ବିନ୍ଧାଣି ସମାଜର ରୀତିନୀତି ଅନୁସାରେ ପାରମ୍ପରିକ ପୂଜା ଓ ନାଚଗୀତରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ବିନ୍ଧାଣି ପରିବାରର ଝିଅବହୂ ଓ ପୁରୁଷମାନେ ପାରମ୍ପରିକ ପୋଷାକରେ ସାମିଲ ହୋଇଥିବାର ଦେଖିବାକୁ ମିଳିଛି।

# ଶ୍ରୀ ଶ୍ରୀ ବାୟାବାବା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ



ମହାକାଳପଡ଼ା, (ଭାସ୍କର ନ୍ୟୁଜ୍): ଶ୍ରୀ ଶ୍ରୀ ବାୟା ବାବା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାଳିକା ଆତ୍ମରକ୍ଷା ଶିବିର ଅଧ୍ୟକ୍ଷା ପ୍ରଫେସର ସୁଲୋଚନା ଦାଶଙ୍କର ଅଧ୍ୟକ୍ଷତାରେ ଉଦଯାପିତ ହୋଇଯାଇଛି। ଉକ୍ତ ଉଦଯାପାନ ସଭାରେ ମୁଖ୍ୟ ଅତିଥି ଭାବରେ ମହାକାଳପଡ଼ା ପଞ୍ଚାୟତ ସମିତିର ଜିପିଇଓ ଇତିଶ୍ରୀ ପଣ୍ଡା ଯୋଗ ଦେଇଥିଲେ। ବାଳିକା ଆତ୍ମରକ୍ଷା କମିଟିର ସଂଯୋଜକ ପ୍ରଫେସର ଇତିଶ୍ରୀ ସେଠୀ ସମଗ୍ରଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବା ସହ ବାଳିକା ମାନଙ୍କୁ କିପରି ଆତ୍ମରକ୍ଷ କୌଶଳ ଶୃଙ୍ଖଳା ଓ ନିଜକୁ ସୁରକ୍ଷିତ କରିବା ସହିତ ଓଡ଼ିଶା ସରକାରଙ୍କ ତତ୍ପରତା ସମ୍ପର୍କରେ ଆଲୋଚନା କରିଥିଲେ। ମାଷ୍ଟର ଟ୍ରେନର ସସ୍ମିତା ସାହୁ ଓ ଟ୍ରେନର ଲକ୍ଷ୍ମୀପ୍ରିୟା ଦାସ ବିଭିନ୍ନ ଆତ୍ମରକ୍ଷା ର ବିଭିନ୍ନ କୌଶଳ କୌଶଳ ଦେଖାଇଥିଲେ। କମିଟିର ଅନ୍ୟ ସଦସ୍ୟ ମାନେ ପ୍ରଫେସର ଜୟନ୍ତୀ ସାହୁ, ପ୍ରଫେସର ୱାନିଗ୍ରେସ ୱାଦେଜା ଆଦି ଉପସ୍ଥିତ ଥିଲେ। ସଭା ପରିଚାଳନା ଡ. ସଂଗ୍ରାମ ବେହାରି କରିବା ସହିତ ପ୍ରଫେସର ଯୁହି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



# ଆମ କଳାହାଣ୍ଡି







## କଳାହାଣ୍ଡି ବିକାଶ ଲକ୍ଷ୍ୟ-୨୦୩୦ ସଚେତନତା ଷ୍ଟଲରେ ଛାତ୍ରଛାତ୍ରୀ- ଯୁବଗୋଷ୍ଠୀଙ୍କ ଭିଡ଼



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଚଳିତବର୍ଷର ୨୭ ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଉପଲକ୍ଷେ ସ୍ଥାନୀୟ ଲାଲ୍ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ କଳାହାଣ୍ଡି ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା ପକ୍ଷରୁ ଖୋଲା ଯାଇଥିବା 'ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ସଚେତନତା ଷ୍ଟଲ୍'ଟି ସମସ୍ତଙ୍କୁ ବେଶ୍ ଆକର୍ଷିତ କରୁଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ଯୁବକ ଯୁବତୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ପିଲାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା ସଚେତନତା ଷ୍ଟଲରେ। ଧର୍ମଗଡ ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀମାନେ ଏହି ଷ୍ଟଲରେ ପହଞ୍ଚି ଆଗାମୀ ଦିନରେ ହେବାକୁ ଥିବା ବିକାଶର ବିଭିନ୍ନ ଦିଗର ରୂପରେଖ ସଂପର୍କରେ ପଚାରି ବୁଝୁଥିଲେ। ୧୪ତାରିଖ ସଂଧ୍ୟାରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ୍ ପ୍ରକାଶ ଏହି ଷ୍ଟଲଟିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ଏହି ଷ୍ଟଲ୍ ପ୍ରତିଷ୍ଠାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କେଆଇଓଏସକେ ମାଧ୍ୟମରେ ଲୋକଙ୍କ ନିକଟରେ ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ର ବାର୍ତ୍ତା ପହଞ୍ଚି ପାରିବ ତଥା ଲୋକମାନେ ସେମାନଙ୍କ ଦୈନନ୍ଦିନ ଜୀବନରେ ଏହାର ଗୁରୁତ୍ୱକୁ ଅନୁଭବ କରି ତାହାର ସଫଳ ରୂପାୟନ କରିପାରିବେ ତାହା ଶ୍ରୀ ଦଳେଇ ପ୍ରକାଶ କରିଥିଲେ। ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ଜିଲ୍ଲାରେ ସଫଳ ରୂପାୟନ ପାଇଁ ସମସ୍ତ ଜିଲ୍ଲା ତଥା ବ୍ଲକ୍ ଅଧିକାରୀ ମାନେ ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସମସ୍ତ ଶିକ୍ଷାନୁଷ୍ଠାନ, ଯୁବଗୋଷ୍ଠୀ ଏବଂ ସମସ୍ତ ଜିଲ୍ଲାବାସୀଙ୍କୁ ଅଗ୍ରଣୀ ଭୂମିକା ତୁଲାଇବା ପାଇଁ ଜିଲ୍ଲାପାଳ ଶ୍ରୀ ସଚିନ୍ ପ୍ରକାଶ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିକାଶ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଅଂଶ ଗ୍ରହଣ କରି ଛାତ୍ରଛାତ୍ରୀ ତଥା ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖାରେ କାର୍ଯ୍ୟରତ ଡ.କୁମୁଦିନୀ ମିଶ୍ର, କାର୍ତ୍ତିକ ପ୍ରଧାନ, ରାଜେନ୍ଦ୍ର ନାରାୟଣ ମାଝୀ, ପ୍ରଭାମୟ ମିଶ୍ର,ନରେନ୍ଦ୍ର ନାଏକ, ସୁନନ୍ଦା ଆଚାର୍ଯ୍ୟ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଥୁଆମୂଳ ରାମପୁରର ସ୍ୱାସ୍ଥ୍ୟ ସ୍ୱରାଜ, ମଦନପୁର ରାମପୁରର ମହାଶକ୍ତି ଫାଉଣ୍ଡେସନ ଓ ପିରାମଲ ଫାଉଣ୍ଡେସନର କର୍ମକର୍ତ୍ତାମାନେ ନିଜସ୍ୱ ଅଭିଜ୍ଞତାକୁ ଜନସାଧାରଣଙ୍କ ସହ ବାଣ୍ଟି ଥିଲେ।

## ମିଥ୍ୟା କେସ୍‌ରୁ ମୁକ୍ତ କରାଇଥିବାରୁ ଯୁବ ଓକିଲଙ୍କୁ କୃତଜ୍ଞତା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ନିକଟବର୍ତ୍ତୀ ଲାଞ୍ଜିଗଡ ଗ୍ରାମର ନରେନ୍ଦ୍ର ନାଏକ ତାଙ୍କ ସ୍ତ୍ରୀଙ୍କୁ ଆତ୍ମହତ୍ୟା କରିବା ପାଇଁ ପ୍ରବର୍ତ୍ତାଇ ଥିବା ଅଭିଯୋଗରେ ଥାନାରେ ସିଟି କେସ୍ ନ.୧୮୨/୨୩ ଦଫା ୪୯୮(କ) ଧାରା ୩୦୬ରେ ଥୁ.ରାମପୁର ଥାନାରେ ଅଭିଯୋଗ କ୍ରମେ ନରେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଉକ୍ତ କେସ୍ ଟ୍ରାଏଲ୍ କୋର୍ଟ ସହକାରୀ ସେସନ୍ସ ଜଜ୍ ମହିଳା କୋର୍ଟରେ ବିଚାରାଧୀନ ଥିଲା। ଉକ୍ତ କେସ୍‌କୁ ଅନ୍ୟତମ ଯୁବ ଆଇନଜୀବୀ ପ୍ରଭାକର ତାଣ୍ଡି ଓ ସୁଧାଂଶୁ ଶେଖର ନାଏକ ଅଭିଯୁକ୍ତଙ୍କ ତରଫରୁ ମକଦ୍ଦମା ଲଢୁଥିଲେ। ଶେଷରେ ଅଭିଯୁକ୍ତ ନରେନ୍ଦ୍ର ନାଏକଙ୍କୁ ମାନ୍ୟବର କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଏ ଖବର ମିଳିବା ପରେ ଗାଁରେ ଖୁସିର ଲହରୀ ଖେଳିଯାଇଥିଲା । ନରେନ୍ଦ୍ରଙ୍କୁ ମିଛ କେସରୁ ମୁକୁଳାଇ ଆଣିଥିବାରୁ ପରିବାର ଲୋକେ ଉଭୟ ଯୁବ ଆଇନଜୀବୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ପଞ୍ଚାୟତ ପକ୍ଷରୁ ଏକାଭିମୁଖୀ ବୈଠକ




କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ପଞ୍ଚାୟତ ସମିତି ସଭାଗୃହଠାରେ ଶନିବାର ସଦର ମହକୁମା ପଞ୍ଚାୟତ ପକ୍ଷରୁ ପଞ୍ଚାୟତ ସ୍ତରରେ ଶାସନ କର୍ଯ୍ୟକ୍ରମ ଶକ୍ତିସମ୍ପନ୍ନ କରିବା ନିମନ୍ତେ ସାମୂହିକ ଅସଗ୍ରହଣ ଓ ଏକାଭିମୁଖି ବୈଠକ ଅନୁଷ୍ଠିତ ହୋଇଛି। ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ଡ଼ଃ ହିମାଞ୍ଚଳ ମାଝୀ, ତହସିଲଦାର ନବୀନ କିଶୋର ପାଢ଼ୀ, ମେଡିକାଲ ଇନଚାର୍ଜ ଡାକ୍ତର ତତ୍ତ୍ୱଦର୍ସି ଦାଶ, ଗୋଷ୍ଠୀ କୃଷି ଅଧିକାରୀ ରାକେଶ ମାଝି, ଏଏଚ୍‌ଓ ସୌରଭ ପାଣିଗ୍ରାହୀ, କୋକସରା ଜିଲ୍ଲା ପରିଷଦ ସଦସ୍ୟ ତ୍ରିନାଥ ବାଗ, ଜିପିଡିଓ ରାଜେନ୍ଦ୍ର ପାତ୍ର, ବିଇଓ ରଶ୍ମିତା ନେତମ ପ୍ରମୁଖ ଯୋଗଦେଇ ଥିଲେ। ବୈଠକରେ ସରକାରଙ୍କ ବିଭିନ୍ନ ଯୋଜନା ପଞ୍ଚାୟତ ସ୍ତରରୁ କିଭଳି ଲୋକଙ୍କ ପାଖକୁ ପହଞ୍ଚି ପାରିବ ସେନେଇ ଆଲୋଚନା ହୋଇଥିଲା। ଏହା ବାଦ୍ ଅଧିକାରୀମାନେ ସାଧାରଣ ଲୋକଙ୍କ ସହିତ ଉତ୍ତମ ସମ୍ପର୍କ ରଖି ଲୋକଙ୍କୁ ବିଭିନ୍ନ ଯୋଜନା ବିଷୟରେ କରିବା, ଅଙ୍ଗନବାଡ଼ି, ସ୍କୁଲ, ମେଡିକାଲ, ପାନୀୟ ଜଳ ସହିତ ବିଭିନ୍ନ ସମସ୍ୟାକୁ ସମସ୍ତଙ୍କ ମିଳିତରେ କିଭଳ ସମାଧାନ କରାଯାଇପାରିବ ସେନେଇ ବିଶେଷ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ କୋକସରା ସଦର ମହକୁମା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭବିଷ୍ୟତ ପଟେଲ ପରିଚାଳନା କରିଥିଲେ। ବୈଠକରେ ମେଡିକାଲ, ଶିକ୍ଷା, କୃଷି, ବିଦ୍ୟୁତ୍, ପାନୀୟ ଜଳ, କ୍ଷୁଦ୍ର ଜଳ ସେଚନ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ବନ ବିଭାଗ ଆଦି ସମେତ ସରପଞ୍ଚ, ସମିତି, ୱାର୍ଡ ସଭ୍ୟ ସଭ୍ୟା ପ୍ରମୁଖ ଯୋଗଦେଇ ଥିଲେ।

## ନର୍ଲା ରେଞ୍ଜରେ ପକ୍ଷୀ ଗଣନା କାର୍ଯ୍ୟ

ନର୍ଲା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ନର୍ଲା ରେଞ୍ଜ ଅନ୍ତର୍ଗତ ଅସୁରଗଡସାଗର, ତୁଳାପଡାଡ୍ୟାମ, ପୂଜିଲଡୁଡ୍ୟାମ ଓ କୁରମେଲବନ୍ଧ ଠାରେ ଜଙ୍ଗଲ ବିଭାଗର ରେଞ୍ଜର ଭରତ ବନ୍ଧୁ ଶବରଙ୍କ ତତ୍ତ୍ୱାବଧାନରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାରିଗୋଟି ଜାଗାରେ ଚାରି ଜଣ ଫରେଷ୍ଟ ଟିମ୍ ଉପସ୍ଥିତ ଥିଲେ। ଅସୁରଗଡ ଟିମ୍ ପାଇଁ ଫରେଷ୍ଟର ଭବନୀଶଙ୍କର ନାଏକ, ମୋତିରଶ୍ମି ଛତ୍ରିଆ, ଦୀପ୍ତିମୟୀ, ରଶ୍ମିତା ରାଉତ ଓ ଷ୍ଟାଫ୍‌ଙ୍କୁ ଉପସ୍ଥିତ ଥିଲେ। ତୁଳାପଡାଡ୍ୟାମ ଠାରେ ଫରେଷ୍ଟର ସୁଶୀଲ କୁମାର ମହାରଣା, ଦାମୋଦର ସାହୁ, ପ୍ରଦୀପ ପୁଝାରୀ, ଗୁନି ମହାରଣା ଓ ଷ୍ଟାଫ୍ ଥିବାବେଳେ ପୂଜିଲଡୁଡ୍ୟାମ ଠାରେ ଫରେଷ୍ଟର ଗୟାମାଝୀ, ସୁଜିତକୁମାର ସାହୁ, ସରିତା ପୁଝାରୀ, ଚୈତନ୍ୟ ବାଗ ଓ ଷ୍ଟାଫ୍ ଏବଂ କୁରମେଲବନ୍ଧ ଠାରେ ଫରେଷ୍ଟର ଦିଆଲୁ ରାଉତ, ରଘୁମଣି ଶବର, ମଧୁସ୍ମିତା ଭୋଇ, ସଂଯୁକ୍ତା ନାଏକ ଏବଂ ଷ୍ଟାଫ୍ ପକ୍ଷୀଗଣନା କରିଥିଲେ।

## ରନ୍ନିତାଣ୍ଡି ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍



କୋକସରା/ଜୟପାଟଣା, (ଭାସ୍କର ନ୍ୟୁଜ୍ ) : ଜୟପାଟଣା ବ୍ଲକ ଗୋଡଭଞ୍ଜା ବାପୁଜୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ରନ୍ନିତାଣ୍ଡି ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍‌ର ଫାଇନାଲ ଖେଳ ଅନୁଷ୍ଠିତ ହୋଇଛି। ଏଥିରେ ମଣ୍ଡଳକୁ ହରାଇ ପାଣିଗାଁ ଦଳ ଟୁର୍ଣ୍ଣାମେଣ୍ଟ୍‌ର ଚାମ୍ପିଅନ ହୋଇଛି। ଖେଳକୁ ପର୍ଶୁରାମ ବାଣୁଆ ପରିଚାଳନା କରିଥିବାବେଳେ ଯୁଗଲ କିଶୋର ଶବର, ଜୟକର ଶବର, ତପନ ପୁଝାରୀ ଓ ମାଧବ ପୁଝାରୀ ସହଯୋଗ କରିଥିଲେ। ବୈକୁଣ୍ଠ ଜାଲ ଓ ଧନିଷ୍ଠ କଣ୍ଟା ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଜୟପାଟଣା ବ୍ଲକ ଅଧ୍ୟକ୍ଷ ଥବିର ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରକାଶ ଦୁରିଆ, ଦିପଚନ ସାହୁ, ଅନ୍ତରାମ ବାଣୁଆ, ଧ୍ରୁବ ଚରଣ ସାହୁ, ଅନ୍ତରାମ ଜାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ସ୍ୱର୍ଗତ ରନ୍ନି ତାଣ୍ଡିଙ୍କ ପରିବାରରୁ କୁଶ ତାଣ୍ଡି, ସିନ୍ଧୁସୁତା ଦେଇ, ଜାହ୍ନବି ତାଣ୍ଡି, ମଇନା ବେଣୁପାଣି ପ୍ରମୁଖ ଉପସ୍ଥିତ ରହିଥିଲେ। ଅତିଥି ମାନଙ୍କ ଦ୍ୱାରା ଉଭୟ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ମଞ୍ଚ ସଭାପତି ମନଧର ତାଣ୍ଡି ପୁରସ୍କାର ବିତରଣ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଆୟୋଜକ ଅନୁଷ୍ଠାନର ସଭାପତି ଋଷିମଣି ବାଣୁଆ, ପ୍ରତାପ ବାଣୁଆ, ଯୁଗେଶ୍ୱର ରାଉତ, ଦେବେନ୍ଦ୍ର ବାଣୁଆ, ପ୍ରତାପ ବାଣୁଆ, ତୋଫାନ ବାଣୁଆ, ମାଧବ ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫

# ଉତ୍ସବ ପଡ଼ିଆର ଏକ ବିହଙ୍ଗାବଲୋକନ



ଭବାନୀପାଟଣା(ଭାସ୍କର ନ୍ୟୁଜ୍ ) : ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷ ହେଲା କଳାହାଣ୍ଡି ଜିଲ୍ଲାର ଅନ୍ୟତମ ଗଣପର୍ବର ପରିଚୟ ଲଭିଥିବା ୨୭ ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫। ଏହି ଉତ୍ସବ ଆରମ୍ଭ ବେଳେ କେହି ସ୍ୱପ୍ନରେ ଭାବି ନଥିଲେ ଯେ ଏହା ଏତେ ଆଗକୁ ବଢ଼ିବ ଓ କେବଳ ରାଜ୍ୟ କାହିଁକି ବାହାର ରାଜ୍ୟରେ ମଧ୍ୟ ଏହା ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ ଓ ଭାଇଚାରାର କୀର୍ତ୍ତି ବାଣ୍ଟିବ ବୋଲି। ଏ ମାଟିର ଭଲପାଇବାର ମହକ ହେଉ ଅବା ଜିଲ୍ଲାବାସୀଙ୍କ ଆତ୍ମୀୟତା ସର୍ବୋପରି ଜିଲ୍ଲାରେ ସମୟକ୍ରମରେ ଆସୁଥିବା ଅଧିକାରୀମାନଙ୍କର ଆନ୍ତରିକତା ହେଉ କଳାହାଣ୍ଡି ଉତ୍ସବ ଘୁମୁରା କିନ୍ତୁ ତାହାର ଆଭିଜାତ୍ୟକୁ କ୍ରମଶଃ ବୃଦ୍ଧି କରିଚାଲିଛି। ଏ କଥା ଅନାୟସରେ ଯେ କେହିବି ସ୍ୱୀକାର କରିବାରେ ତ୍ରୁଟି କରିବ ନାହିଁ। ବିଶେଷ କରି ଗତ କିଛି ବର୍ଷର ଉତ୍ସବକୁ ଦେଖିଲେ ମନେହୁଏ ଏଥିରେ ପ୍ରଶାସନର ବିଶେଷ ସଂପୃକ୍ତି ହିଁ ଏହାକୁ ଅଧିକରୁ ଅଧିକ ସଫଳତା ଆଡକୁ ହାତ ଧରି ଆଗକୁ ନେଉଛି। ଜିଲ୍ଲାବାସୀଙ୍କ ପ୍ରଗାଢ ପ୍ରଚେଷ୍ଟା, ଆମ କଳାହାଣ୍ଡିର ଉତ୍ସବ ବୋଲି କହିବାର ଅହେତୁକ ମୋହ, ସର୍ବୋପରି ଆମ ଅସ୍ମିତା ଏ ଉତ୍ସବକୁ ସର୍ବାନ୍ତକରଣରେ ସଫଳତା ପ୍ରଦାନ କରିଛି। ବିଶେଷ କରି ଜିଲ୍ଲାମୁଖ୍ୟଙ୍କ ଆନ୍ତରିକତା, ଆବଶ୍ୟକତା ଅନୁସାରେ ଚାପ ପ୍ରୟୋଗ ଓ କାର୍ଯ୍ୟାନୁଷ୍ଠାନ ତଥା ଜିଲ୍ଲାର ସମସ୍ତ ଅଧିକାରୀଙ୍କ ନିଃସ୍ୱାର୍ଥପର ସଂପୃକ୍ତି (ନୋଡାଲ ଅଫିସର ଭାବେ)ଏକ ନୂଆ ରୂପ ଦେଇଛି କଳାହାଣ୍ଡି ଉତ୍ସବ ଘୁମୁରାକୁ। ଏ ବର୍ଷର କଳାହାଣ୍ଡି ଉତ୍ସବକୁ ନିରୀକ୍ଷଣ କଲେ ଆଉ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି ଯେ କିଛି ଜିଲ୍ଲା ଅଧିକାରୀଙ୍କ କଳାକୁ ଭଲପାଇବାର ଚିରାଚରିତ ସ୍ୱଭାବ ହିଁ ଏହାକୁ ଆହୁରି ଋଦ୍ଧିମନ୍ତ କରିପାରିଛି। ଯେମିତି କି ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମଞ୍ଚରେ ସଂଗୀତ ପରିବେଷଣ ସହ ତହସିଲଦାର ଓଡିଶୀ ନୃତ୍ୟ କରିବା ଓ ଅତିରିକ୍ତ ଜିଲ୍ଲାପାଳ ଆଦିବାସୀ ମହିଳାଙ୍କ ସହ ମିଶି ମଞ୍ଚରେ ସାମୂହିକ ଲୋକନୃତ୍ୟ ପରିବେଷଣ କରିବା ଏକ ଏକ ଉଦାହରଣ ମାତ୍ର। ଅନ୍ୟପକ୍ଷରେ ଅଭିନୟ ସମୟରେ ଜଣେ ଅଭିନେତା ଅଭିନୟ କରୁଥିବା ଚରିତ୍ର ଭିତରେ ନିଜେ ସଂପୂର୍ଣ୍ଣ ଲୀନ ହୋଇଗଲେ ହିଁ ଜୀବନ୍ତ ଅଭିନୟ କରିପାରିବା ଭଳି ଆମ ଜିଲ୍ଲା ସଂସ୍କୃତି ଅଧିକାରୀ ଏବର୍ଷର ଉତ୍ସବ ସହିତ ଦୀର୍ଘ ମାସାଧିକ କାଳ ଏମିତି ଜଡିତ ରହିଥିଲେ ଓ ନିଷ୍ଠାର ସହ ଅକ୍ଳାନ୍ତ ପରିଶ୍ରମ କରୁଥିଲେ ଯେ ଉଦ୍‌ଯାପନୀ ସଂଧ୍ୟାର ଶେଷ ଧନ୍ୟବାଦ ଅର୍ପଣ ବେଳେ କଣ୍ଠ ତାଙ୍କର ବାଷ୍ପରୁଦ୍ଧ ହେଇଗଲା ତ ଆଖି ଓଦାଓଦା। ସତରେ ଯେମିତି ଘୁମୁରା ଅଭିମାନୀ ଝିଅଟେ ପରି ତାଙ୍କ ସହ ଚାରିଦିନର ମାୟା ଲଗେଇ ଶାଶୁଘରକୁ ଚାଲିଯାଉଛି। ଏ ବର୍ଷର ମୁଖ୍ୟ ମଞ୍ଚ ରେଣ୍ଡୋମାଝୀ ମଞ୍ଚ ଏବଂ ପରବା ମଞ୍ଚ,(ଯାହା କେତେକଙ୍କ ମତରେ ଭବିଷ୍ୟତ ଖୋଜୁଥିବା ଶିଳ୍ପୀମାନଙ୍କ ମଞ୍ଚ ତ କେତେକ ନିନ୍ଦୁକଙ୍କ ମତରେ ଅବହେଳିତ ମଞ୍ଚ)ଉଭୟ ମଞ୍ଚ ବେଶ୍ ଚମତ୍କାର, ସୁସଜ୍ଜିତ ଓ ଉଭୟ ମଞ୍ଚର ପରିଚାଳନା, ଉପସ୍ଥାପନା ନିଖୁଣ। ଶିଳ୍ପୀମାନଙ୍କ ପରିବେଷଣ ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର। ବିଭିନ୍ନ କମିଟିର ଅଧ୍ୟକ୍ଷ, ଆବାହକ ତଥା ସଦସ୍ୟ ମାନଙ୍କ କର୍ମ ନିପୁଣତାର ଛବି ଏବର୍ଷର ଉତ୍ସବକୁ ନାହିଁ ନଥିବା ସଫଳତା ଆଣି ଦେଇଛି। ବିଶେଷ କରି ଖାଦ୍ୟ କମିଟିର ପ୍ରଶଂସା ଯେତେ କଲେ ମଧ୍ୟ କମ୍ ହେବ। କାରଣ ଅତିଥି କଳାକାର, ସ୍ଥାନୀୟ କଳାକାର, ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ସଦସ୍ୟ, କବି,ଆଲୋଚକ ଅଧିକାରୀ ଏମିତିକି ଶୀତରାତିର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ସମସ୍ତଙ୍କୁ ଜଗି ରହିବାର ଧୈର୍ଯ୍ୟ ଏହି କମିଟିର ସମସ୍ତଙ୍କ ଠାରେ ଦେଖିବାକୁ ମିଳିଥିଲା। ଉତ୍ସବରେ ବ୍ୟବସାୟୀଙ୍କ ଭିଡ ଥିଲା ଉଲ୍ଲେଖଯୋଗ୍ୟ।କାରବାର ମଧ୍ୟ ସେମିତି ଥିଲା ଅପର୍ଯ୍ୟାପ୍ତ। ଫୁଲଝାଡୁ ଠାରୁ ହଳଦୀ, ଆଚାର ଠାରୁ ଆମ୍ବୁଲ, ପାଟଶାଢୀ ଠାରୁ ସମ୍ବଲପୁରୀ କୁର୍ତ୍ତା, ପାପୋଛ ଠାରୁ କାର୍ପେଟ୍ କିଛିରେ ଉଣା ନଥିଲା। ଏଗାର ଡିଗ୍ରୀ ଶୀର୍ଷରେ ବି ଏବର୍ଷର ଉତ୍ସବରେ ଅଠରଟା ଆଇସକ୍ରିମ୍ ଷ୍ଟଲ ଥିଲା। ଆଉ ସେ ଷ୍ଟଲ ସାମ୍ନାରେ ଅଧିକାଂଶ ଗ୍ରାହକ ଥିଲେ ଯୁବକ ଯୁବତୀ। ଅହର୍ନିଶି ତତ୍ପର ଥିବା ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ପୌରପାଳିକା, ଟିପିଡବ୍ଲୁଓଡିଏଲ୍ ବିଜୁଳି ବିଭାଗ, ଜିଲ୍ଲା ଅଗ୍ନିଶମ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ, ଜିଲ୍ଲା ଲୋକ ସମ୍ପର୍କ ଓ ସୂଚନା ବିଭାଗର ଅବଦାନ ଅତୁଳନୀୟ ଥିଲା। ସମସ୍ତଙ୍କ ଏକ ନିଷ୍ଠ ସହଯୋଗ ଓ ମାଆ ମାଣିକେଶ୍ୱରୀଙ୍କ ଅପାର କରୁଣା ଉତ୍ସବକୁ ଅଶେଷ ସଫଳତା ଦେଇଥିବା ସହ ଆଗାମୀ ବର୍ଷକୁ ଏହା କିପରି ଅଧିକ ଲୋକାଭିମୁଖି ହେଇପାରିବ ସେ ନେଇ ସମସ୍ତେ ଆଶା ପ୍ରକଟ କରିଛନ୍ତି।

## ଚହକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ଗୋଲାମୁଣ୍ଡା ବ୍ଲକ ଚହକା ଗ୍ରାମ ପଞ୍ଚାୟତର ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟ ଚହକାର ୯ମ ବାର୍ଷିକ କ୍ରୀଡା ଉତ୍ସବ ଓ ସାହିତ୍ୟ ସୃଜନ କାର୍ଯ୍ୟକ୍ରମ ଗତ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେଶ କୁମାର ପୁଟେଲ ସଭାପତିତ୍ୱ କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଓ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏତତ ବ୍ୟତୀତ ମୁଖ୍ୟବକ୍ତା କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ସମ୍ମାନିତ ଅତିଥି ଚହକା ସରପଞ୍ଚ ହେମବନ୍ତି ତାଣ୍ଡି, କେଗାଁ ଜୋନ ଜିଲ୍ଲାପରିଷଦ ଜୟସେନ ସାହୁ, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ସିଆରସିସି ଉଛଲା ସ୍ୱରାଜ ବାଗ ସମେତ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିଚାଳନା ସଭାପତି ସଭ୍ୟ ସଭ୍ୟା ଅଭିଭାବକ ଯୋଗ ଦେଇଥିଲେ । ଉକ୍ତ ଉତ୍ସବରେ ଗଣିତ ଶିକ୍ଷକ ଜେମନ୍ତ କୁମାର ସରାପ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ, ମଳୟ କୁମାର ଦୁର୍ଗା ଓ ରାଜୀବ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱାମିତ୍ର ବଗର୍ତି ବିଦାୟ ଅଭିଭାଷଣ ଦେଇଥିବା ବେଳେ କ୍ରୀଡା ଶିକ୍ଷକ ନନ୍ଦୀ କିଶୋର ମାଝୀଙ୍କ ସହାୟତାରେ ଛାତ୍ରଛାତ୍ରୀ ଶାନ୍ତି ଶୃଙ୍ଖଳା ରକ୍ଷା କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଛାତ୍ରଛାତ୍ରୀ ମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ବାର୍ଷିକ ଉତ୍ସବକୁ ମନଛୁଆଁ କରିଥିଲା ।



## ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା: ସହାୟତାର ହାତ ବଢ଼ାଇଲେ ସାଂସଦ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗଜ୍ୱାହାଲ ପଞ୍ଚାୟତ ଗଜ୍ୱାହାଲ ଗ୍ରାମର ଶ୍ରମିକ ଇଶାନ ବିଭାର (୩୩)ବର୍ଷ ରାଜକୋଟର ଶ୍ରୀ କ୍ରିଷ୍ଣା ଇଣ୍ଡଷ୍ଟ୍ରିଜରେ କାମ କରୁଥିବା ସମୟରେ ଜାନୁଆରୀ ୨ତାରିଖରେ ମୃତ୍ୟୁ ହୋଇଥିଲା। ରାଜ୍ୟସଭା ସାଂସଦ ସୁଜିତ କୁମାର ପ୍ରଚେଷ୍ଟାରେ କଳାହାଣ୍ଡି ଜିଲ୍ଲାପାଳ ଓ ଶ୍ରମ ବିଭାଗକୁ ପକ୍ଷରୁ ଶ୍ରୀ କ୍ରିଷ୍ଣା ଇଣ୍ଡଷ୍ଟ୍ରିଜ ପ୍ଲଟ ନମ୍ବର ପି-୫/୬ଜି ଆଇ ଡି ସିଂ କଳାଭଡ ରୋଡ୍ ରାଜକୋଟରୁ ଶବ ଆଣିବା ପାଇଁ ଯୋଗାଯୋଗ କରି ନିଜ ଗଜ୍ୱାହାଲ ଜନ୍ମମାଟିକୁ ପହଞ୍ଚିବା ପାଇଁ ଚେଷ୍ଟା କରିଥିଲେ। ପରେ ଦୁଇ ଦିନ ପରେ ଇଶାନର ଶବ ନିଜ ଜନ୍ମସ୍ଥାନକୁ ପହଞ୍ଚିଥିଲା। ଇଶାନଙ୍କ ଦୁଇ ପୁଅ ଓ ସ୍ତ୍ରୀ ଓ ମା'ବାପାଙ୍କୁ ରାଜ୍ୟସଭା ସାଂସଦ ସୁଜିତ କୁମାର ପରିବାରଙ୍କୁ ସହାୟତାର ହାତ ବଢାଇଛନ୍ତି। ଏହି କାର୍ଯ୍ୟ କ୍ରମରେ ଭାରତୀୟ ଜନତା ପାର୍ଟି କଳାହାଣ୍ଡି ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ରଙ୍କ ସହ ବରିଷ୍ଠ ବିଜେପି ନେତା ଦୟାନିଧି ସାହୁ,ଶରତ ସାହୁ,ଚିନ୍ମୟ ମିଶ୍ର, ଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଶିଫଳ

ସୋମବାର, ୨୦ ଜାନୁଆରୀ ୨୦୨୫



**ମେଷ:** ସାମାଜିକ କଲ୍ୟାଣ କାମରେ ପୂର୍ଣ୍ଣ ସହଯୋଗ କରିବେ। ବ୍ୟବସାୟକ୍ଷେତ୍ରରେ ଅନେକ ସୂତ୍ରରୁ କିଛି ଧନ ପାଇବାର ଯୋଗ ଅଛି। ରାଜନୀତି କ୍ଷେତ୍ରରେ କାର୍ଯ୍ୟଭାର ବହନ କରି ଯାତ୍ରା କରିବାକୁ ପଡ଼ିବ। ବାଦ-ବିବାଦ, ପରୀକ୍ଷା, ପ୍ରତିଯୋଗୀତା, ମାଲିମୋକଦ୍ଦମାରେ କୃତକାର୍ଯ୍ୟ ହେବେ।



**ବୃଷ:** ରାଜନୀତିରେ କାର୍ଯ୍ୟରେ ପ୍ରେରଣା ଓ ଉତ୍ସାହ ପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଶାରୀରିକ ଓ ମାନସିକ ସ୍ଥିରତା ଦେଖାଦେବ। ଛାତ୍ର-ଛାତ୍ରୀମାନେ ନିଜ ଗୋଡରେ ନିଜେ ଠିଆ ହେବାକୁ ସାହସ ବାନ୍ଧିବେ।



**ମିଥୁନ:** ସାଙ୍ଗସାଥିମାନେ ସାହାଯ୍ୟ କରିବେ ଓ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଛାତ୍ର-ଛାତ୍ରୀମାନଙ୍କର ପରୀକ୍ଷା ପ୍ରତିଯୋଗିତାରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ। ମାଲିମୋକଦ୍ଦମାରେ ନିଜ ପକ୍ଷ ସବଳ ରହିବ।



**କର୍କଟ:** ସହକର୍ମୀ ମାନଙ୍କର ସମର୍ଥନ ଏବଂ ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ଏବଂ ସୁନାମ ଅର୍ଜନ କରିବେ। ବନ୍ଧୁ, ମିତ୍ର ଏବଂ ଉଚ୍ଚପଦାଧି କାରୀଙ୍କ ଠାରୁ ସାହାଯ୍ୟ ସହଯୋଗ ପାଇବେ। ଯାନବାହାନ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇ ପାରେ।



**ସିଂହ:** ସହକର୍ମୀ ଓ ଅଧସ୍ତନ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ ଓ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। ଆନୁଷ୍ଠାନିକ କାମରେ ଠିକ୍ ପରାମର୍ଶ ଦେଇ ଆଦର, ସମ୍ମାନ ଓ ପ୍ରଶଂସା ମିଳିବ। ଜାଗା, ଜମି, ଗୃହ ସମ୍ବନ୍ଧୀୟ ସମସ୍ୟା ସମାଧାନ ହୋଇପାରେ। ନୂଆଲକ୍ଷ ପୂରଣ କରିବା ପାଇଁ ସମୟ ନିର୍ଦ୍ଧାରିତ କରିବେ।



**କନ୍ୟା:** ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଛାତ୍ର-ଛାତ୍ରୀମାନଙ୍କର ବିଦ୍ୟାରେ ଉନ୍ନତି ଘଟିବ। ପାରିବାରିକ ଏବଂ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ବ୍ୟବସାୟକ୍ଷେତ୍ରରେ ବୃତ୍ତିଗତ ଦୃଷ୍ଟିରୁ ପରିଶ୍ରମ ବୃଦ୍ଧି ପାଇବା ଫଳରେ ସୁଖ ଶାନ୍ତି ବର୍ଦ୍ଧିତ ହେବ ଓ ସୁରକ୍ଷିତ ରହିବେ।



**ତୁଳା:** ସନ୍ତାନଙ୍କର ଉନ୍ନତିରେ ଖୁସି ହେବେ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନୂତନ କର୍ମପ୍ରାପ୍ତିର ସୂଚନା ପାଇବେ। ପରିବାରର ସମସ୍ୟାର ସମାଧାନ ହୋଇଯିବ। ରାଜନୀତି କ୍ଷେତ୍ରରେ ସାମାଜିକ କଲ୍ୟାଣ ଓ ଜୀବନସ୍ତର ପରିବର୍ତ୍ତନର ଉଦ୍ୟମ କରିବେ।



**ବିଛା:** ସନ୍ତାନ ସନ୍ତତିଙ୍କ ମର୍ଜି ରକ୍ଷାକରି ଶାନ୍ତି ପାଇବେ। ସାମାଜିକ କାର୍ଯ୍ୟରେ ରତ ହେଲେ ସାଧୁ-ସନ୍ଥ ଓ ଗୁରୁଜନଙ୍କ ଶୁଭାଶୀର୍ବାଦ ପ୍ରାପ୍ତ ହେବ। କିଣା ବିକା ବା କମିଶନ୍ ବ୍ୟବସାୟରେ ଆଶାତୀତ ଲାଭକରି କିଛି ନୂତନ ପଦାର୍ଥ ସଂଗ୍ରହ କରିବେ। ନିର୍ମାଣ ମୂଳକ ଯୋଜନାରେ ଆଗେଇ ପାରିବେ ଓ ଅଧା-ଅଧୁରାଥିବା କାର୍ଯ୍ୟ ପୂରଣ ହୋଇଯିବ।



**ଧନୁ:** ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ। ବ୍ୟବସାୟରେ ଉଧାର ଦେଇ ଫେରି ପାଇବା ସହଜ ହେବ। ପାରିବାରିକ କ୍ଷେତ୍ରରେ ସାଧାରଣ ଚଳଣି ଅତୁଟ ରହିବ। ପରୀକ୍ଷା, ପ୍ରତିଯୋଗୀତା, ସାକ୍ଷାତକାରରେ ବିଜୟୀ ହେବେ। ଅନେକ କ୍ଷେତ୍ରରେ ସ୍ୱାଭିମାନ ରକ୍ଷା ହେବ। ଦାମ୍ପତ୍ୟ କଳହ ସମସ୍ୟାର ସମାଧାନ ହୋଇଯିବ।



**ମକର:** ଜାଗା, ଜମି, ଗୃହପୋକରଣ କ୍ରୟ କରିବେ। ଆୟ ଉପାର୍ଜନରେ ବାଧା ନାହିଁ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ବିଜୟୀ ହେବେ। ମାନସିକ ଶାନ୍ତି ଓ ସ୍ୱାସ୍ଥ୍ୟରେ ଉନ୍ନତି ପରିଲିକ୍ଷିତ ହେବ। ପାରିବାରିକକ୍ଷେତ୍ରରେ ସ୍ନେହସଭାବର ବୃଦ୍ଧିହେବ। କର୍ମସଂଧାନୀ ମାନେ କର୍ମନିଯୁକ୍ତି କ୍ଷେତ୍ରରେ ସଫଳ ହେବେ।



**କୁମ୍ଭ:** ବ୍ୟବସାୟକ୍ଷେତ୍ରରେ ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ରାଜନୀତି କ୍ଷେତ୍ରରେ ସଫଳତା ଏବଂ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ପାଇବ। କୌଣସି ପୁରାତନ ରୋଗରୁ ମୁକ୍ତି ମିଳିବ। ପାରିବାରିକକ୍ଷେତ୍ରରେ ସ୍ୱାର୍ଥ ପ୍ରବୃତ୍ତିର ଶୀକାର ହୋଇ ସମ୍ପର୍କର ମଧୁରସ୍ୱାଦ ଆସ୍ୱାଦନ କରିବେ।



**ମୀନ:** ତଳ ମହଲରୁ ଆଶାତୀତ ଲାଭ ପାଇବେ। ବିଦ୍ୟାରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଚିନ୍ତା କରିଥିବା କାମ ଗୁଡିକ ଠିକ୍ ଭାବେ ସଂପୂର୍ଣ୍ଣ ହେବ। ଇଛା ନ ଥିଲେ ମଧ୍ୟ କେତେକ କର୍ମ କରିବାକୁ ବାଧ୍ୟ ହେବେ। ସ୍ଥାୟୀ ରୋଗୀମାନେ ଦୂରସ୍ଥାନକୁ ଯାତ୍ରା କରି ଶାରୀରିକ ଅସୁସ୍ଥତା ଅନୁଭବ କରିବେ।



ପ୍ରସ୍ତୁତିରେ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଗରଦପୁର(ଭାସ୍କର ନ୍ୟୁଜ): ଗରଦପୁର ଅଞ୍ଚଳରେ ଘରେ ଘରେ ପରିଚିତ ମିଷ୍ଟଭାଷି ମେଳାପି ମଣିଷ ତଥା ସ୍ଥାନୀୟ ଅଞ୍ଚଳର ମୁରବି ମାନବବାଦୀ ସ୍ୱର୍ଗତଃ ରାଜକିଶୋର ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଅଞ୍ଚଳବାସୀଙ୍କ ତରଫରୁ ଏକ ସ୍ମୃତିସଭା ଅନୁଷ୍ଠିତ ହେବା ସହ ହଜାର ହଜାର ପୁରୁଷ ଓ ମହିଳା ତାଙ୍କର ପ୍ରିୟ ମଣିଷଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ସ୍ମୃତି ସଭାରେ ବିଜେଡି ନେତା ତଥା ବର୍ତ୍ତମାନର ପାଟକୁରା ବିଧାୟକଙ୍କ ପ୍ରତିନିଧି କ୍ଷିତିଶ୍ ଚନ୍ଦ୍ର ଦାଶ୍, ଯୁବ ବିଜେଡି ସଭାପତି ରାଜେଶ୍ ଦାସ୍, ଗରଦପୁର ବ୍ଲକ୍‌ର ପୂର୍ବତନ ଅଧକ୍ଷ ବାସୁଦେବ ବେହେରା, ୯ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ତଥା ବିଜେପି ନେତ୍ରୀ ଡଲି ସତପଥୀ, ତଳକୁସୁମା ସରପଞ୍ଚ ପ୍ରଭାତ ନଳିନୀ ଜେନା, ସମିତି ସଭ୍ୟ ପ୍ରଭାସ ରଞ୍ଜନ ସାହୁ, ପୂର୍ବତନ ସରପଞ୍ଚ ଅଶୋକ ଜେନା, ପୂର୍ବତନ ସରପଞ୍ଚ ଅଜୟ ଦାଶ, ପୂର୍ବତନ ସମିତି ସଭ୍ୟ ପ୍ରହ୍ଲାଦ ସାହୁ ପ୍ରମୁଖ ଯୋଗଦେଇ ପ୍ରଥମେ ମାନବବାଦୀ ସ୍ୱର୍ଗତଃ ରାଜକିଶୋର ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜଣାଇବା ସହ ତାଙ୍କ ସ୍ମୃତି ଚାରଣ କରିଥିଲେ। ବକ୍ତାମାନେ ମାନବବାଦରେ ବିଶ୍ୱାସ ରଖୁଥିବା ସ୍ୱର୍ଗତଃ ରାଜକିଶୋରଙ୍କ ପଦାଙ୍କ ଅନୁସରଣ କରି ଆଗାମୀ ଯୁବ ପିଢି ବାଟ ଚାଲିବାକୁ ପରାମର୍ଶ ଦେଇଥିଲେ। ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତଃ ରାଜକିଶୋରଙ୍କ ସାନଭାଇ ସରୋଜକାନ୍ତ ମହାନ୍ତି, ବଡପୁତ୍ର କିଶୋର ମହାନ୍ତି ଉପସ୍ଥିତ ଥିବାବେଳେ ସାନ ପୁଅ ତଥା ଟ୍ୱିନ୍‌ସିଟି ର ବିଲ୍ଡର ମିହିର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।



# ନୂତନ ପାରାଦୀପ ମଣ୍ଡଳ ସଭାପତି ଓ ବୁଥ୍ ସଭାପତିଙ୍କୁ ସମ୍ବର୍ଦ୍ଧିତ କଲେ ଶିଳ୍ପମନ୍ତ୍ରୀ



ପାରାଦୀପ(ଭାସ୍କର ନ୍ୟୁଜ): ଭାରତୀୟ ଜନତା ପାର୍ଟିର ଏକ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ନିଉ କଲ୍ୟାଣ ମଣ୍ଡପ ଠାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ବିଜେପି ପାରାଦୀପ ନଗର ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନଙ୍କ ସମେତ ସମସ୍ତ ୧୯ ଗୋଟି ଓ୍ୱାର୍ଡର ବୁଥ ସଭାପତିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ବିଗତ ଦିନରେ ନିରବଚ୍ଛିନ୍ନ ଭାବରେ ତୃଣମୂଳ ସ୍ତରରେ କାର୍ଯ୍ୟ କରି ଦଳର ସଂଗଠନ ସୁଦୃଢ କରି ଦଳୀୟ କର୍ମୀଙ୍କ ମନ ଜିଣିବାରେ ସଫଳ ହୋଇଥିବା ସୁବ୍ରତ ପ୍ରଧାନଙ୍କୁ ଦଳ ପୁଣିଥରେ ପାରାଦୀପ ନଗର ମଣ୍ଡଳର ସଭାପତି ଭାବରେ ଦାୟିତ୍ୱ ପ୍ରଦାନ କରିଥିବାରୁ ଶିଳ୍ପମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇବା ସହିତ ଆଗାମୀ ଦିନରେ ବିକଶିତ ପାରାଦୀପ ଗଠନ କରିବା ସହିତ ଏହା ଆଗାମୀ ପୌର ନିର୍ବାଚନ ପ୍ରସ୍ତୁତି ଆରମ୍ଭ ବୋଲି କହିଛନ୍ତି ସୁବ୍ରତ । ଦଳର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ଦିନଠାରୁ ଆରମ୍ଭ ହୋଇଥିବା କାର୍ଯ୍ୟ ରବିବାର ବୁଥ ସଭାପତି ଓ ମଣ୍ଡଳ ସଭାପତି ଚୟନ ସରିଛି । ଆଗାମୀ ଦିନରେ ସରକାରଙ୍କର ବିଭିନ୍ନ ଜନକଲ୍ୟାଣ ମୁଖି ଯୋଜନା ଗୁଡିକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ସହିତ କିପରି ସାଧାରଣ ଲୋକ ଏହି ଯୋଜନାରେ ଉପକୃତ ହେବେ ଏହା ମୋର ଏବଂ ଦଳର ସମସ୍ତ କର୍ମୀଙ୍କର ଦାୟିତ୍ୱ ବୋଲି କହିଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ । ପାରାଦୀପ ନଗର ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଆଗାମୀ ଦିନରେ ପାରାଦୀପ ଜନସାଧାରଣଙ୍କ ଉନ୍ନତି ନିମନ୍ତେ କାର୍ଯ୍ୟ କରିବା ସହିତ ତୃଣମୂଳ ସ୍ତରରୁ କାର୍ଯ୍ୟ କରିବା ପାଇଁ ଦଳୀୟ କର୍ମୀ, ବୁଥ ସଭାପତି ଓ ନଗର ସଭାପତିଙ୍କୁ ପରାମର୍ଶ ଦେଇଛନ୍ତି ଶିଳ୍ପମନ୍ତ୍ରୀ । କାର୍ଯ୍ୟକ୍ରମରେ ପାରାଦୀପ ର ସମସ୍ତ ୧୯ ଗୋଟି ଓ୍ୱାର୍ଡରୁ ହଜାର ହଜାର ଦଳୀୟ କର୍ମୀ ଯୋଗଦେବା ସହିତ ନୂତନ ମଣ୍ଡଳ ସଭାପତି ଓ ବୁଥ ସଭାପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହା ସହିତ ବିଭିନ୍ନ ଓ୍ୱାର୍ଡରୁ ଶତାଧିକ କର୍ମୀ ବିଭିନ୍ନ ଦଳ ପରିତ୍ୟାଗ କରି ଶିଳ୍ପମନ୍ତ୍ରୀଙ୍କ ଉପସ୍ଥିତିରେ ସାମୁହିକ ଭାବରେ ବିଜେପି ରେ ଯୋଗଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ବିଜେପି ପାରିଷଦ ପ୍ରତାପ ନାୟକ, ବିଜେପି ନେତା ଗୌତମ ନାୟକ, ଭାବେନ୍ଦ୍ର ଦାଶ, ସୋଲେମନ ରାଜୁ, ସର୍ବେଶ୍ୱର ଜେନା, ଜରଙ୍ଗ ସ୍ୱାଇଁ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ ।

# ନିମାପଡା-ପିପିଲି ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ



ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ପିପିଲି ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟୟ ହୋଇପଡିଛି । ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ରହିବା ସହ ଅମାନିଆମାନେ ରାସ୍ତା ଉପରେ ବାଇକ ରଖି ଭାଣ୍ଡାମି କରୁଛନ୍ତି । ଯାହାଦ୍ୱାରା ଏହି ମୁଖ୍ୟ ରାସ୍ତା ଦେଇ ପର୍ଯ୍ୟଟକଙ୍କ ଗାଡି ଘଣ୍ଟା ଘଣ୍ଟା ଅଟକିବା ଦ୍ୱାରା ଟ୍ରାଫିକ୍ ବିପର୍ଯ୍ୟୟ ଦେଖାଦେଇଛି । ଏହି ଘଟଣା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଥିଲେ ମଧ ପ୍ରଶାସନ ଦୃଷ୍ଟି ଦେଉନାହିଁ। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ପିପିଲି ରାସ୍ତା କାକଟପୁର ଅସ୍ତରଙ୍ଗ କୋଣାର୍କ ପୁରୀକୁ ସଂଯୋଗ ହୋଇଥିବା ବେଳେ ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟକ ଯାତ୍ରିବାହୀ ବସ୍ ଓ ପର୍ଯ୍ୟଟକଙ୍କ ଗାଡି ଯାଉଅଛି । ପ୍ରତ୍ୟେକ ଛକ ମାନଙ୍କରେ ଅମାନିଆମାନେ ରାସ୍ତା ଉପରେ ବାଇକ ରଖି ତା ଉପରେ ବସି ଗପିବା ଦ୍ୱାରା ଟ୍ରାଫିକ୍ ସମସ୍ୟା ଉତ୍କଟ ହେବାରେ ଲାଗିଛି । କଣ ପାଇଁ ପୋଲିସ ଓ ପରିବହନ ବିଭାଗ ଏହି ଅମାନିଆଙ୍କ ଉପରେ ଦୃଷ୍ଟି ଦେଉନାହିଁ ତାହା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ହରିପୁର ଛକ ଖେଲାର ଛକ ରେଞ୍ଚ ବଜାର ରଟଲୋ ନିମାପଡା ଚାରିଛକ ତୁଳସୀପୁର ଆଦି ଛକ ମାନଙ୍କରେ ଅନେକ ବ୍ୟକ୍ତି ରାସ୍ତା ଉପରେ ବାଇକ ରଖି ଟ୍ରାଫିକ୍

## ଜମୁଛି ରୋଡ ରୋମିଓଙ୍କ ଆତଙ୍କ

ସମସ୍ୟା ସୃଷ୍ଟି କରୁଛନ୍ତି । ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଣ ପାଇଁ ପଦକ୍ଷେପ ନିଆଯାଉନାହିଁ ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । କେତେକ ରୋମିଓ ରାସ୍ତା ମଝିରେ ବାଇକ ରଖି ରାସ୍ତା ଅବରୋଧ କରୁଛନ୍ତି । କୌଣସି ବ୍ୟକ୍ତି ପ୍ରତିବାଦ କଲେ ରୋଡ ରୋମିଓମାନେ ଗାଳିଗୁଲଜ କରୁଛନ୍ତି। ରାସ୍ତାରେ ଥିବା ବିଭିନ୍ନ ପୋଲ ନିକଟରେ ବାଇକ ରଖି ଏହି ରୋମିଓମାନେ ଆଡ୍ଡା ଜମାଉଛନ୍ତି। ଏହି ଘଟଣା ପ୍ରତି ପୋଲିସ୍ ବିଭାଗ ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବୀ ହୋଇଛି ।

# କାମାକ୍ଷାନଗର ବସ୍‌ଷ୍ଟାଣ୍ଡରୁ ଯୁବକ ନିଖୋଜ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବ୍ଲକ ଅନ୍ତର୍ଗତ ସୁରପ୍ରତାପପୁର ଗ୍ରାମର ଅକ୍ଷୟ ନାୟକଙ୍କ ପୁଅ ଅଜିତ୍ ନାୟକ (୨୫) ସୁଦୂର ପୋଲାଭରମ୍‌ରେ ସମ୍ପର୍କୀୟ ଭାଇ ବାପି ନାୟକ ପାଖରେ ହେଲପର ଭାବେ କାର୍ଯ୍ୟ କରୁଥିଲେ । ଦୁଇଭାଇ ମିଶି ପୋଲାଭରମରୁ ଘରକୁ ଫେରୁଥିଲେ । ଢେଙ୍କାନାଳରୁ ବସ୍ ଯୋଗେ କାମାକ୍ଷାନଗର ବସଷ୍ଟାଣ୍ଡ ରେ ପହଞ୍ଚିଥିଲେ । ଅଜିତ୍ ନାୟକଙ୍କୁ ଭୋକ ଲାଗିବାରୁ ଭାଇ ବାପି ନାୟକଙ୍କୁ ଖାଇବା ପାଇଁ କହିଲେ ଏବଂ ସଙ୍ଗେ ସଙ୍ଗେ ଯାଇ ଖାଇବା ଆଣି ଆସିଲା ବେଳକୁ କୁଆଡେ ନିଖୋଜ ହୋଇଯାଇଥିଲେ । ତାଙ୍କ ଉଚ୍ଚତା ୫ ଫୁଟ୍ ଇଞ୍ଚ, ରଙ୍ଗ ଗୋରା, କଳା ପ୍ୟାଣ୍ଟ ଓ ଓ୍ୱାଇଟବ୍ଲାକ ଗଞ୍ଜି ପିନ୍ଧିଥିଲେ। ଯଦି କେହି ସହୃଦୟ ବ୍ୟକ୍ତି ଅଜିତ୍‌ଙ୍କୁ ଠାବ କରିପାରିଲେ ତେବେ ତୁରନ୍ତ ୮୭୬୩୩୮୪୩୦୨ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

## ବିଧାୟକ ପାଣ୍ଠିରେ ନିର୍ମାଣ ହେଉଥିବା କାମରେ ଚଞ୍ଚକତା

# ନଈରେ ଯାଉଥିବା ଜାଗାକୁ ଦର୍ଶାଇ କରାଯାଉଛି କାମ

କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ଅଧିନସ୍ତ ଅଡଶପୁର ପଞ୍ଚାୟତ ବାବଜା ଗ୍ରାମରେ ୪ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ବରାଦ କରାଯାଇ ଗିରି ଗୋବର୍ଦ୍ଧନ ବଳି ଗୋଠ ଘରର ଛାତ ପାଇଁ ଅନୁଦାନ ରାଶି ଦିଆଯାଇଛି। କିନ୍ତୁ ଏହି ଟଙ୍କାରେ ଚଞ୍ଚକତା କରାଯାଇ ଠାକୁର ଙ୍କ କାର୍ଯ୍ୟ କରିବା ବଦଳରେ ଯେଉଁ ପଟା ଦିଆଯାଇଛି ତାହା ମଉଜା ନୂଆ ବାବଜା ଖାତା ନମ୍ବର ୪୫୯ /୮୫ ଓ ପ୍ଲଟ ନମ୍ବର ୭୬/୧୦୨୧। ଉକ୍ତ ଜାଗାଟି ନଦୀ ଗର୍ଭରେ ଲୀନ ହୋଇଯାଇଥିବା ବେଳେ ଅନ୍ୟ ଜାଗାରେ ଏହି ଗୃହ ନିର୍ମାଣ କରାଯାଉଛି। ଯେଉଁ ଜାଗାରେ ନିର୍ମାଣ କରାଯାଉଛି ଉକ୍ତ ଜାଗାଟି ଶିଶିର କୁମାର ରାଉତଙ୍କ ନାମରେ ରହିଛି। ଏହା ପୁଣି ନିଆଳି ତହସିଲ ଅଧୀନରେ। ଏ ନେଇ ଅଡଶପୁର ସରପଞ୍ଚ ସୁବ୍ରତ ଦାଶ, ଶିଶିର କୁମାର ରାଉତଙ୍କ ସମେତ ବହୁ ଗ୍ରାମବାସୀ କଣ୍ଟାପଡା ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ବିଧିବଧ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ନଚେତ ଆଇନର ଆଶ୍ରୟ ନିଆଯିବ ବୋଲି ଶ୍ରୀ ଦାଶ ସୂଚନା ଦେଇଛନ୍ତି।

# ବାରଙ୍ଗ ଅଞ୍ଚଳରେ ସିରିଜ୍ ଚୋରି

ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିଏ ରାତିରେ ୪ଟି ସ୍ଥାନରୁ ଲୁଟ କରିଛନ୍ତି ଦୁର୍ବୃତ୍ତ । ଏହିଭଳି ଘଟଣା ଦେଖିବାକୁ ମିଳିଛି ତ୍ରିସୁଳିଆ ଛକରେ ଶନିବାର ବିଳମ୍ବିତ ରାତିରେ ତ୍ରିଶୁଳିଆ ଛକ ପୋଲିସ ପୋଷ୍ଟ ସମ୍ମୁଖ ଜଳଖିଆ ଦୋକାନ, ଚିକେନ ଦୋକାନ ଓ କୁସିନ୍ଦା ମଙ୍ଗଳା ମନ୍ଦିରରୁ ଲୁଟ୍ ହୋଇଥିବା ବେଳେ କୃଷ୍ଣଚନ୍ଦ୍ରପୁର ବାଉଁଯୋରି ମନ୍ଦିର ନିକଟ ଏକ ଭେରାଇଟି ଦୋକାନରୁ ଲୁଟେରା ମାନେ ଲୁଟ କରିଛନ୍ତି। ଖବର ପାଇ ବାରଙ୍ଗ ପୋଲିସ ଚୋରି ହୋଇଥିବା ସ୍ଥାନ ଦେଖିବା ସହିତ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରୁଛି।

# ଗୋରୁ ଗାଡି ଜବତ, ଜଣେ ଗିରଫ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ପୋଲିସ ଆଜି ଟାଟା ଏସ.ସି ଗାଡ଼ିରେ ଚାରି ଛକ ଓର ପଟା ଗ୍ରାମରୁ ଏକ ଗାଈ ନେଇ ରତନ ପୁର ଗ୍ରାମର ଲକ୍ଷ୍ମୀ ଧର ଭୋଇଙ୍କ ପୁଅ ଟାଟା ଏସସି ଓଡି-୦୪-ଏମ୍ ୬୩୧୯ରେ ପପୁ ଓରଫ ପବିତ୍ର ଭୋଇ (୩୨) ଗାଈ ନେଇ ଯାଉଥିବା ବେଳେ ମଝି ଖଣ୍ଡ ଛକରେ ନିଆଳି ଥାନା ପୋଲିସ ଅଟକ ରଖିଥିଲା। ଗାଈକୁ ଗୋଶାଳାକୁ ପଠାଇ ଥିବା ବେଳେ ଗାଡିକୁ ଜବତ କରିଛି। ଏ ନେଇ ନିଆଳି ଥାନାରେ ୧୫/୨୫ ରେ ମାମଲା ନିଆଳି ଥାନା ପୋଲିସ ରୁଜୁ କରିଛି। ଡ୍ରାଇଭର ପପୁକୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି।

# ଟ୍ରେନ୍‌ରୁ ଖସି ଯୁବକ ଗୁରୁତର

ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ରେଳ ଡିଭିଜନ ଅନ୍ତର୍ଗତ ଜୟପୁର ଫୁଟବଲ ଖେଳ ପଡିଆ ନିକଟରେ ରବିବାର ଯାତ୍ରୀବାହୀ ଟ୍ରେନ୍‌ରୁ ଖସି ଜଣେ ଯୁବକ ଗୁରୁତର ହୋଇଛନ୍ତି । ଯୁବକଙ୍କ ପରିଚୟ ମିଳି ପାରିନାହିଁ । ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଯୋଗେ କଟକ ବଡ ମେଡିକାଲ ପଠାଇଛନ୍ତି ଅଣ୍ଟା ଓ ଛାତିରେ ଆଘାତ ଲାଗିବା ସହ ମୁହଁ ନାକରୁ ରକ୍ତ ବହୁଥିବା ଜଣାପଡ଼ିଛି ।

# ନିମାପଡାରେ ଗଣଶିକ୍ଷା ବ୍ୟବସ୍ଥା ବାଟବଣା: ସରକାରଙ୍କ ଦୃଷ୍ଟି ପଡୁ

ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ବ୍ଲକ୍‌ରେ ଶିକ୍ଷା ବ୍ୟବସ୍ଥା ବାଟବଣା ହୋଇପଡିଛି । ପୂର୍ବ ସରକାର ଅମଳରେ କେତେକ ନିର୍ଦ୍ଦିଷ୍ଟ ଶିକ୍ଷକ ପୁରୁଣା ଡାଙ୍ଗାରେ କାର୍ଯ୍ୟ କରୁଛନ୍ତି। ଦେଖିବାକୁ ଗଲେ ଅନେକ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀ ବିଳମ୍ବରେ ସ୍କୁଲ ଆସୁଛନ୍ତି। ସରକାରୀ ସ୍କୁଲରେ ଉନ୍ନତମାନର ପାଠପଢା ଚାଲୁଥିବା କୁହାଯାଉଥିବା ବେଳେ ମାତ୍ର ଏହା ବାକ୍ୟବାଣରେ ସିମୀତ ରହୁଛି । ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଅନେକ ଶିକ୍ଷକ ଦୀର୍ଘ ସମୟ ବସିରହୁଥିବା ଦେଖିବାକୁ ମିଳିଛି । ସ୍କୁଲକୁ ଯାଇ ରେଜିଷ୍ଟ୍ରାରରେ ଦସ୍ତଖତ କରି ବିଇଓଙ୍କ କାର୍ଯ୍ୟାଳୟରେ ଶିକ୍ଷକମାନେ ଆଡ୍ଡା ଜମାଉଛନ୍ତି । ଏ ସଂପର୍କରେ ବ୍ଲକ ଶିକ୍ଷାଧିକାରୀ ଅବଗତ ଅଛନ୍ତିକି ନାହିଁ ତାହାକୁ ନେଇ ଗଳିକନ୍ଦିରେ ଆଲେଚନାର ଖୋରାକ୍ ଯୋଗାଇଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ଅଂଚଳରେ ଶିକ୍ଷା ବ୍ୟବସ୍ଥା ବାଟବଣା ହୋଇଛି । ଅନେକ ସ୍କୁଲରେ ଦୀର୍ଘଦିନ ହେବ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆସନ ମାଡି ବସିଥିବା ବେଳେ ସେମାନଙ୍କର ବଦଳି କରାଯାଉନାହିଁ। ପୂର୍ବ ସରକାର ସମୟରେ ନେତାଙ୍କ ଅନୁଗତ ହୋଇ କେତେଜଣ ଶିକ୍ଷକ କାର୍ଯ୍ୟ କରୁଥିଲେ। ନୂତନ ସରକାର ଆସିବା ପରେ ଶିକ୍ଷ ବ୍ୟବସ୍ଥାରେ କିଛିଟା ପରିବର୍ତ୍ତନ ହେବାର ବୁଦ୍ଧିଜିବୀ ଓ ଶିକ୍ଷାବିତ୍‌ମନେ ଆଶା କରୁଥିଲେ । ମାତ୍ର ସରକାର ବଦଳିଲା ସତ, ପୂର୍ବ ବ୍ୟବସ୍ଥା ବଦଳିନାହିଁ । ସଠିକ୍ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍କୁଲ ପହଂଚୁନଥିବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି । କେତେଜଣ ନିର୍ଦ୍ଦିଷ୍ଟ ସ୍କୁଲରେ ଏପରି ଘଟଣା ଦେଖିବାକୁ ମିଳିଛି । ଚାରିଟା ନବାଜୁଣୁ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ବାହାନା କରି ଘରକୁ ଚାଲିଯାଉଛନ୍ତି । କେତେକ ଶିକ୍ଷକ ସିଟି ପାସ୍ କରିଥିବା ବେଳେ ମାଇନର ସ୍କୁଲରେ ପ୍ରଧନ ଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଏ ସଂପର୍କରେ ନୂତନ ସରକାର ଅବଗତ ଅଛନ୍ତି କି ନାହିଁ ତାହାକୁ ନେଇ ଏବେ ଚିନ୍ତା ପ୍ରକଟ ହୋଇଛି । ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅନେକ ଫାଇଲ ଦୀର୍ଘ ସମୟ ଅଟକି ରହୁଛି । କେତେଜଣ ଶିକ୍ଷକ ଏଠାରେ ବସି ରହୁଥିଲେ ମଧ ସ୍କୁଲରେ ପାଠ ପଢାଉଛନ୍ତି ବୋଲି ରେଜିଷ୍ଟ୍ରାର କହୁଛି। ଏପରି ବ୍ୟବସ୍ଥାକୁ ଦେଖି ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସରକାରୀ ସ୍କୁଲରେ ଶିକ୍ଷାଦାନ ନକରି ଘରୋଇ ସ୍କୁଲରେ ପାଠ ପଢାଇବା ପାଇଁ ମନ ବଳାଉଛନ୍ତି। ଯାହାଦ୍ୱାରା ସରକାରୀ ସ୍କୁଲରେ ଛାତ୍ର ଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଉଛି ।

# ସାମ୍ବାଦିକଙ୍କ ପିତୃ ବିୟୋଗ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବ୍ଲକ ଅନ୍ତର୍ଗତ ଓଡିଶ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ନନ୍ଦଙ୍କ ଗତ ଶନିବାର ରାତିରେ ମସ୍ତିଷ୍କାଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା । ସନ୍ଧ୍ୟାରେ ମସ୍ତିଷ୍କାଘାତ ହେବାରୁ ତାଙ୍କୁ ପ୍ରଥମେ ଭୁବନ ଓ ପରେ କଟକ ବଡ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ଶାନ୍ତିଲତା, ବଡ଼ପୁଅ ଭୁବନ ସାମ୍ବାଦିକ ସଂଘ ସଭାପତି ତଥା ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ)ର ଜାତୀୟ ପରିଷଦ ସଭ୍ୟ ମଧୁପ ରଞ୍ଜନ ନନ୍ଦ, ଶିକ୍ଷକ ମଳୟ ରଞ୍ଜନ ନନ୍ଦ, ମିହିର ରଞ୍ଜନ ନନ୍ଦ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ବିଳମ୍ବିତ ରାତିରେ ତାଙ୍କ ମରଶରୀର ଓଡିଶ ଗ୍ରାମକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ବଡ଼ପୁଅ ମଧୁପ ରଞ୍ଜନ ନନ୍ଦ ମୁଖାଗ୍ନି ଦେଇଥିଲେ। ଏ ସମ୍ପର୍କରେ ଖବର ପାଇ ଭୁବନ ସାମ୍ବାଦିକ ସଂଘ ସଂପାଦକ ସୁଶାନ୍ତ କୁମାର ପୋଥାଳ, ଉପଦେଷ୍ଟା ଦିଲ୍ଲୀପ କୁମାର ଦାସ,ସଦସ୍ୟ ଦେବାନନ୍ଦ ସାହୁ, କମଳ ଲୋଚନ ମହାରଣା, ନିରଞ୍ଜନ ଗୁରୁ ପ୍ରମୁଖ ତାଙ୍କ ଘରେ ପହଞ୍ଚି ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ଏସୟୁଜେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ମଧ ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ ନନ୍ଦ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ଧର୍ମ ପରାୟଣ, ପରୋପକାରୀ, ସ୍ନେହୀ, ଦୟାଳୁ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ୨ ଦେଶୀ ପିସ୍ତଲ ଜବତ: ୨ ଅଭିଯୁକ୍ତ କୋର୍ଟଚାଲାଣ



ଚମ୍ପୁଆ(ଭାସ୍କର ନ୍ୟୁଜ): ଚମ୍ପୁଆ ପୋଲିସ ପକ୍ଷରୁ କୋଦଗାଡିଆ ନିକଟରେ ଚଢାଉ କରି ଦୁଇଜଣ ଯୁବକଙ୍କ ନିକଟରୁ ଦୁଇଟି ଦେଶୀ ପିସ୍ତଲ, ଦୁଇଟି ମୋବାଇଲ ଫୋନ, ଦଶ ରାଉଣ୍ଡ ଗୁଳି ଓ ଗୋଟିଏ ମୋଟର ସାଇକଲ ଜବତ କରାଯାଇଥିବା ନେଇ ଏକ ପ୍ରେସ ମିଟରେ ଚମ୍ପୁଆ ପୋଲିସ ଏସଡିପିଓ ବିଜୟ କୃଷ୍ଣ ମଲିକ ସୂଚନା ଦେଇଛନ୍ତି । ଏଥିରେ ଆଇଆଇସି ଆରଏଚ କୁଲୁ, ସବଇନିସ୍ପେକ୍ଟର ବରୋଦା ପ୍ରସନ୍ନ ସାହୁ, ହିମାଂଶୁ ଶେଖର ପ୍ରଧାନ ଆଦି ଉପସ୍ଥିତ ଥିଲେ । ଆସାମୀମାନଙ୍କ ମଧ୍ୟରେ ଝାଡଖଣ୍ଡ ରାଜ୍ୟ ତାରତଣ୍ଡ ଥାନା ଅଞ୍ଚଳର ଏମଡି ଖଲିଦ ଆନସାରୀ(୪୫) ଓ ଜଗନ୍ନାଥପୁର ଥାନା ବରଲା ଗ୍ରାମର କମଳାକାନ୍ତ ମହାନ୍ତ ଅରଫ ମଣ୍ଟୁ(୩୦)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି। ସେମାନେ ଗୋଟିଏ ହିରୋହୋଣ୍ଡା ସ୍ପେଲଣ୍ଡର ମୋଟରସାଇକଲ ଜେଏଚ୧୧ଟି୮୯୮୨ ଯୋଗେ ଚମ୍ପୁଆ ଆଡୁ କୋଦଗାଡିଆ ଅଞ୍ଚଳକୁ ଯାଇଥିଲେ । ସେଠାରେ ସେମାନେ କିଛି ଲୋକଙ୍କୁ ବନ୍ଧୁକ ଦେଖାଇଥିବା ନେଇ ଚମ୍ପୁଆ ପୁଲିସକୁ ଖବର ଦିଆଯାଇଥିଲା । ସଙ୍ଗେସଙ୍ଗେ ଚମ୍ପୁଆ ପୁଲିସ ସେଠାରେ ପହଞ୍ଚି ଯୁବକ ଦ୍ୱୟଙ୍କୁ କାବୁ କରିବା ସହିତ ଗିରଫ କରିଥିଲେ। ଏ ସମ୍ବନ୍ଧରେ ଚମ୍ପୁଆ ଥାନା କେସ ନଂ ୧୩/୨୫, ୨୫(୧-କ) ଆସ୍ତ୍ର ଶସ୍ତ୍ର ନିରୋଧୀ ଆଇନରେ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଚିଲିକାରେ ୧୦ ହଜାର ୫୩୧ ପକ୍ଷୀଙ୍କ ସଂଖ୍ୟା କମ୍

ଚିଲିକା(ଭାସ୍କର ନ୍ୟୁଜ): ଚିଲିକାରେ କମିଲା ପକ୍ଷୀଙ୍କ ସଂଖ୍ୟା । ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଓ ବାଲୁଗାଁ ବନ୍ୟପ୍ରାଣୀ ବିଭାଗର ମିଳିତ ଆନୁକୂଲ୍ୟରେ ଚିଲିକା ଏବଂ ପକ୍ଷୀ ଅଭୟାରଣ୍ୟ ନଳବଣରେ ପକ୍ଷୀ ଗଣନା ହୋଇଛି । ରିପୋର୍ଟ ଅନୁସାରେ ସମଗ୍ର ଚିଲିକାରେ ୧୯୬ ପ୍ରଜାତିର ୧୧ ଲକ୍ଷ ୨୭ ହଜାର ୨୨୮ ଟି ପକ୍ଷୀଙ୍କ ସମାଗମ ହୋଇଥିଲା ବେଳେ କେବଳ ପକ୍ଷୀ ଅଭୟାରଣ୍ୟ ନଳବଣରେ ୯୨ ପ୍ରଜାତିର ୩ ଲକ୍ଷ ୪୩ ହଜାର ୨୨୬ ଟି ପକ୍ଷୀଙ୍କ ସମାଗମ ହୋଇଛି । ଗତ ବର୍ଷ ସମଗ୍ର ଚିଲିକାରେ ୧୧ ଲକ୍ଷ ୩୭ହଜାର ୭୫୯ଟି ପକ୍ଷୀ ମାନଙ୍କ ସମାଗମ ହୋଇଥିବା ବେଳେ ପକ୍ଷୀ ଅଭୟାରଣ୍ୟ ନଳବାଣରେ ୩ଲକ୍ଷ ୪୭ହଜାର ୨୮୦ଟି ପକ୍ଷୀଙ୍କ ସମାଗମ ହୋଇଥିଲା । ଗତବର୍ଷ ଠାରୁ ଚଳିତ ବର୍ଷ ୧୦ ହଜାର ୫୩୧ ପକ୍ଷୀଙ୍କ ସଂଖ୍ୟା କମ ହୋଇଛି । ପକ୍ଷୀ ଗଣନା ଅନୁସାରେ ସମଗ୍ର ଚିଲିକାରେ, ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ଗଡ଼ୱାଲ ୨ଲକ୍ଷ ୧ହଜାର ୯୨୬ ଜଣ ଅଛନ୍ତି ।

# ଅରଡିଆପଦାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ବନ ମହୋତ୍ସବ ପାଳିତ

ଫୁଲନଖରା(ଭାସ୍କର ନ୍ୟୁଜ): କଟକ ସଦର ଥାନା ଅନ୍ତର୍ଗତ ଅରଡିଆପଦା ଗ୍ରାମର ଡିଅସହି ଆମ୍ବତୋଟାଠାରେ ପ୍ରତିବର୍ଷ ଭଳି ୨୦୨୫ର ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୁଳଚନ୍ଦ୍ରଙ୍କର ସତସଙ୍ଗ ଓ ବନ ମହୋତ୍ସବ କାର୍ଯ୍ୟକ୍ରମ ୧୯ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ସତସଙ୍ଗ ଉତ୍ସବରେ ସ: ପ୍ର: ରତିକ ପ୍ରଶାନ୍ତ ମହାରଣା ଅଧ୍ୟକତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସହପ୍ରତି ରତିକ ବିଜୟ ପରିଡା ସହପ୍ରତି ରତିକ ଗିରିଧାରୀ ଦାସ ଓ ଲକ୍ଷ୍ମୀକାନ୍ତ ମହାନ୍ତି ସହଯୋଗ କରିଥିବା ବେଳେ ଯାଜକ ଗୋଲଖ ମହାନ୍ତି, ଅକ୍ଷୟ କୁମାର ବେଉରା, ତପନ ଦାଶ, ସୁଧୀର ବେଉରା,ଅଜୟ କୁମାର ବେଉରା, ଉପେନ୍ଦ୍ର ବେଉରା, ଲଳିତ କୁମାର ଦାଶ, ଶରତ କୁମାର ବେଉରା ଓ ପ୍ରଶାନ୍ତ ବେଉରା ପ୍ରମୁଖ ଉକ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ । ଏକ ହଜାରରୁ ଊର୍ଦ୍ଧ୍ୱ ସତସଙ୍ଗ ପ୍ରେମୀ ବନ ଭୋଜନ ମହୋତ୍ସବରେ ସାମିଲ ହୋଇଥିଲେ ।

# ପାଞ୍ଚରାଜ୍ୟ ଥୋରିଆ ସମାଜ ଅଷ୍ଟାଦଶ ମହାସଭା



ଭାପୁର(ଭାସ୍କର ନ୍ୟୁଜ): ନୟାଗଡ ଜିଲ୍ଲା ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ଅନ୍ତର୍ଗତ ମାଳିବେରେଣି ଗ୍ରାମରେ ପୂଜିତ ଆଳେଶ୍ୱର ଦେବଙ୍କ ଯାତ୍ରା ପଡ଼ିଆରେ ଶନିବାର ଓ ରବିବାର ଦୁଇ ଦିନ ଧରି ପାଞ୍ଚରାଜ୍ୟ (ବାଙ୍କୀ, ଖଣ୍ଡପଡା, ଦଶପଲ୍ଲା, ବଡମ୍ବା ଏବଂ ନରସିଂହପୁର) ଥୋରିଆ ସମାଜର ଅଷ୍ଟାଦଶ ମହାସଭା ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇ ଉଦ୍ଘାଟନ କରିବା ସହିତ ଠାକୁର ନୀଳମାଧବ ଜୀଉ, ସୋମନାଥ ଦେବ, ଆଳେଶ୍ୱର୍ ଦେବଙ୍କୁ ସଭାସ୍ଥଳରେ ବିରାଜମାନ କରାଯାଇ ପ୍ରଦୀପ ପ୍ରଜ୍ୱଳନ ସହିତ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଦ୍ୱିତୀୟ ଦିନର ଉଦଯାପନି ଦିବସରେ ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗ ଦେଇ ନିଜର ବହୁ ମୂଲ୍ୟ ମତାମତ ରଖିଥିଲେ । ସମାଜର ସାମାଜିକ ସମ୍ବିଧାନ ପୁସ୍ତିକା ସଂଶୋଧନ କରାଯାଇ ସମାଜ ର ବିଭିନ୍ନ ସମସ୍ୟା ସମାଧାନ କରାଯାଇଥିଲା । ସମ୍ପାଦକ ପ୍ରଦୀପ କୁମାର ପୃଷ୍ଟିଙ୍କ ଦ୍ୱାରା ସଂପାଦକୀୟ ବିବରଣୀ ପଠନ ସହିତ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା ଏବଂ ଆୟବ୍ୟୟର ହିସାବ, ଛାତ୍ରବୃତ୍ତି, ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଏକ ହଜାରରୁ ଊର୍ଦ୍ଧ୍ୱ ପାଞ୍ଚ ରାଜ୍ୟର ଭାଇ ଯୋଗଦେଇ ମହାସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ବ୍ରିଜ୍‌ରୁ ଖସିଲା କାର୍: ଜଣେ ମୃତ

ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ ମା' ଉଗ୍ରତାରା ଦେବୀ ଛକ ଜାତୀୟ ରାଜପଥର ବଡ଼ପୋଖରୀଆ ଛକ ନିକଟରେ ଥିବା ଓଭରବ୍ରିଜ ନିକଟରେ କାର ଗାଡ଼ିର ଚକା ହଠାତ୍ ଫାଟିବାରୁ କାର୍ ଗାଡ଼ି ଭାରସାମ୍ୟ ହରାଇ ଓଭର୍ ବ୍ରିଜରୁ ୩୦ ଫୁଟ୍ ତଳକୁ ଖସି ପଡିଲା । କାର୍ ଚାଳକ ସମେତ ୩ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି । ଚିକିତ୍ସା ପାଇଁ ଭୁବନେଶ୍ୱର ମେଡିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି ଆହତମାନେ । ଏହି କାର୍ ଗାଡ଼ିଟି ବାଲୁଗାଁରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଥିବା ଜଣାଯାଇଛି ।

# ଏନ୍‌ଡିଆର୍‌ଏଫ୍‌ରେ ଉଦୟ ଦିବସ ପାଳିତ




ବାରଙ୍ଗ(ଭାସ୍କର ନ୍ୟୁଜ): ମୁଣ୍ଡଳୀଠାରେ ଥିବା ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ ତଥା ଏନଡିଆରଏଫ ତୃତୀୟ ବାଟାଲିଅନ ତାର ୨୦ତମ ଉଦୟ ଦିବସକୁ ମହାନତା ସହ ପାଳନ କରିଛି। ଏହି ଅବସରରେ ଏକ୍ସ.ପି. କେ ବାରିକଙ୍କ ତତ୍ତ୍ୱାବଧାନରେ ଏନଡିଆରଏଫ ପରିସରରେ ଏକ ବିରାଟ ପ୍ୟାରେଡ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଟାଲିୟନର ମୁଖ୍ୟ ଚିକିତ୍ସା ଅଧିକାରୀ (ଏସ.ଜି.) ନୀରଜ କୁମାର ଏହି ଚମତ୍କାର ପ୍ୟାରେଡର ସମୀକ୍ଷା କରିଥିଲେ। ଶ୍ରୀ କୁମାର ତାଙ୍କ ସମ୍ବୋଧନରେ ବିପର୍ଯ୍ୟୟ ପରିଚାଳନାରେ ଏନଡିଆରଏଫର ପ୍ରମୁଖ ଭୂମିକା ଉପରେ ଗୁରୁତ୍ୱାରୋପ କରି ଏନଡିଆରଏଫ ୧୯ ଜାନୁୟାରୀ ୨୦୦୬ରେ ପ୍ରତିଷ୍ଠା ହୋଇ ଆଜି ପର୍ଯ୍ୟନ୍ତ ଦେଶ ପ୍ରତି ତାର ଦାୟିତ୍ୱକୁ ଗୁରୁତ୍ୱର ସହିତ ନିର୍ବାହ କରି ଆସିଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସଠିକ ପରିଚାଳନା ୨୦୨୪ରେ ବାତ୍ୟା ଦାନା, ଆନ୍ଧ୍ରପ୍ରଦେଶ ବନ୍ୟାରେ ବିପର୍ଯ୍ୟୟ ପରିଚାଳନାକିଭଳି କରୁଛି ତା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ୮ଗୋଟି ବାଟାଲିୟନ ନେଇ ଗଠିତ ହୋଇଥିବା ଏନଡିଆରଏଫ ବର୍ତ୍ତମାନ ୧୬ଟି ବାଟାଲିୟନକୁ ନେଇ ଗଠିତ ହୋଇସାରିଲାଣି। ଯେଉଁଥିରେ ସିଆଇଏସଏଫ, ସିଆରପିଏଫ, ଆଇଟିବିପି, ବିଏସଏଫ, ଏସଏସବି ଏବଂ ଆସାମ ରାଇଫଲ୍ସ ଭଳି ବିଭିନ୍ନ ସାମରିକ ବାହିନୀର କର୍ମକର୍ତ୍ତା ଅଛନ୍ତି । ଓଡିଶାରେ ସାଇକ୍ଲୋନ୍ ସମୟରେ ସେମାନଙ୍କର ଭୂମିକା, ଆନ୍ଧ୍ରପ୍ରଦେଶରେ ବନ୍ୟା ପରିସ୍ଥିତି ଏବଂ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ଏନ୍‌ଡିଆରଏଫ୍ ବାହିନୀର ଯବାନମାନେ ନିୟୋଜିତ ରହି ତାଙ୍କ ଦାୟିତ୍ୱ ସଠିକ ଭାବେ ତୁଲାଉଛନ୍ତି ।

## ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ବେଖାତିର

# ଅଧିକାରୀଙ୍କ ପୃଷ୍ଠପୋଷକତାରେ ଚାଲିଛି ଶହ ଶହ ବେଆଇନ୍ ସ୍କୁଲ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗଣଶିକ୍ଷା ବିଭାଗ ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକୁ ଅବମାନନା କରି ରାଜ୍ୟରେ ଚାଲିଛି ଦେଢ଼ ହଜାର ପାଖାପାଖି ଅଣସ୍ୱିକୃତୀପ୍ରାପ୍ତ ବେସରକାରୀ ବିଦ୍ୟାଳୟ,ଏହା ଉପରେ ଆଇନଗତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ରାଷ୍ଟ୍ରୀୟ ଅଭିଭାବକ ମହାସଂଘର ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଶିକ୍ଷା ସଚିବଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଓଡ଼ିଶା ଶିକ୍ଷା ଆଇନ-୧୯୬୯ ଏବଂ ଓଡ଼ିଶା ଶିକ୍ଷା ଅଧିକାର ଆଇନ-୨୦୧୦ ଅନୁଯାୟୀ ବେସରକାରୀ ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ଅନୁମତି ପାଇବାକୁ ହେଲେ ହେଲେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ନିର୍ଦ୍ଦିଷ୍ଟ ନୀତି ନିୟମ ଏବଂ ସର୍ତ୍ତାବଳୀ ପାଳନ କରିବାର ଆବଶ୍ୟକତା ଅଛି ତଦନୁଯାୟୀ ବିଭାଗ ତରଫରୁ ସ୍ୱୀକୃତି ଦିଆଯାଇଥାଏ। ସରକାରୀ ତଥ୍ୟ ଅନୁଯାୟୀ ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ଅଣସ୍ୱିକୃତୀ ପ୍ରାପ୍ତ ବିଦ୍ୟାଳୟ ରାଜ୍ୟରେ ଚାଲୁଛି ଯାହା ଉପରେ ବିଭାଗୀୟ ନିୟନ୍ତ୍ରଣ ନାହିଁ ଫଳରେ ଶିକ୍ଷା ବିଭାଗର ବିଭିନ୍ନ ନିୟମ ଏବଂ ନିର୍ଦ୍ଦେଶ ଯଥା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶିତ ବିଦ୍ୟାଳୟ ସୁରକ୍ଷା ଏବଂ ନିରାପତ୍ତା ନୀୟମାବଳୀ, ଶିଶୁ ଅଧିକାର ଆଇନ୍ ଅନୁଯାୟୀ ୨୫% ସ୍ଥାନ ସଂରକ୍ଷଣ, ଶିକ୍ଷକମାନଙ୍କ ନିମନ୍ତେ ଥିବା ଶିକ୍ଷାଗତ ଯୋଗ୍ୟତା, ସ୍କୁଲ ପରିଚାଳନା କମିଟି, ପରିମଳ ବ୍ୟବସ୍ଥା ଏବଂ ବିଦ୍ୟାଳୟ ଫି ନିର୍ଧାରଣ ଇତ୍ୟାଦି ଆଇନ୍ ଉକ୍ତ ବିଦ୍ୟାଳୟମାନଙ୍କରେ କାର୍ଯକାରୀ ହେଉନାହିଁ ସ୍କୁଲ କର୍ତ୍ତୃପକ୍ଷ ଖୋଲାଖୋଲି ଭାବରେ ଉଲ୍ଲଂଘନ କରୁଛନ୍ତି। ଏହିଭଳି ବିଦ୍ୟାଳୟ ରେ ପଢୁଥିବା ଛାତ୍ରଛାତ୍ରୀ ମାନେ କେନ୍ଦ୍ରୀୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଇତ୍ୟାଦିରେ ନାମ ଲେଖାଇବା ସମୟରେ ସମସ୍ୟା ଉପୁଜୁଛି ଯାହାକି ବହୁ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଉଛି । ଏହାର ପ୍ରଭାବ ପାର୍ଶ୍ୱବର୍ତ୍ତୀ ସରକାରୀ ବିଦ୍ୟାଳୟ ଉପରେ ମଧ ପଡୁଛି ଫଳରେ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା କମିବାରେ ଲାଗିଛି, ଆଶ୍ଚର୍ଯ୍ୟର କଥା ପ୍ରତ୍ୟେକ ଜିଲ୍ଲା ଶିକ୍ଷାଧିକାରୀ ଏବଂ ବ୍ଲକ୍ ଶିକ୍ଷାଧିକାରୀ ଏ ବିଷୟରେ ସଂପୂର୍ଣ୍ଣ ଅବଗତ ଅଛନ୍ତି ଏବଂ ସେମାନଙ୍କର ଛତ୍ରଛାୟା ତଳେ ବିଦ୍ୟାଳୟ ଗୁଡିକ ଚାଲୁଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ୨୦୧୯ ମସିହାରୁ କ୍ରମାଗତ ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ମାନଙ୍କୁ ଚିଠି ମାଧ୍ୟମରେ ଜିଲ୍ଲାରେ ଥିବା ଅଣସ୍ୱିକୃତୀ ପ୍ରାପ୍ତ ବେସରକାରୀ ବିଦ୍ୟାଳୟମାନଙ୍କର ତଥ୍ୟ ପ୍ରଦାନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ୍ କରାଯାଉଥିବା ସତ୍ତ୍ୱେ ସେମାନେ ସଂପୂର୍ଣ୍ଣ ରୁପେ ଏହାକୁ ବେଖାତିର କରୁଥିବାର ତଥ୍ୟ ସାମ୍ନାକୁ ଆସିଛି। ରାଷ୍ଟ୍ରୀୟ ଅଭିଭାବକ ମହାସଂଘ ତରଫରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଏ ସମ୍ବନ୍ଧରେ ଅଭିଯୋଗ ପତ୍ର ଦିଆଯିବା ସତ୍ତ୍ୱେ ନିର୍ଦ୍ଦେଶାଳୟ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନ ନିଆଯିବାରୁ ଗଣଶିକ୍ଷା ସଚିବଙ୍କୁ ଏସମ୍ପର୍କରେ ଅଭିଯୋଗ ପତ୍ର ପ୍ରଦାନ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି ଅନ୍ୟଥା ଆଇନଗତ ପଦକ୍ଷେପ ନିଆଯିବ ବୋଲି ମହାସଂଘ ର ଉପସଭାପତି ରଞ୍ଜନ ଦାସ୍ ପ୍ରେସର୍ ବିବୃତିରେ ଜଣାଇଛନ୍ତି।



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଜୋରିମାନା ଅର୍ଥ ଦେଇ ନ ପାରିବାରୁ ଜେଲରେ ସଜା କାଟୁଥିବା ଜଣେ କଏଦୀଙ୍କୁ ସହାୟତାର ହାତ ବଢାଇଛି ବନବାସୀ କଲ୍ୟାଣ ଫାଉଣ୍ଡେସନ। ଜୋରିମାନା ବାବଦକୁ ଫାଉଣ୍ଡେସନ ପକ୍ଷରୁ ୧୦ ହଜାର ଟଙ୍କା ଜମା କରିବା ପରେ ଆଜି ତାଙ୍କୁ କେନ୍ଦୁଝର ଜେଲରୁ ମୁକ୍ତି ମିଳିଛି। ତାଙ୍କ ନାମ ସିଲେଇ ମୁଣ୍ଡା(୫୨) ଏବଂ ତାଙ୍କ ଘର ସଦର ବ୍ଲକ ଅନ୍ତର୍ଗତ ଆମୁଣୀ ଗ୍ରାମ ମୁଣ୍ଡାସାହିରେ ବୋଲି ଜଣାପଡିଛି। ସେ ଏକ ମାମଲାରେ ଗିରଫ ହୋଇ ଦଣ୍ଡିତ ହୋଇଥିଲେ। ତାଙ୍କୁ ୧୦ ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜୋରିମାନା ଆଦେଶ ହୋଇଥିଲା। ଜୋରିମାନା ଅନାଦେୟ ଆଉ ୬ ମାସ ଜେଲ ଦଣ୍ଡ ଆଦେଶ ହୋଇଥିଲା। ତେବେ ଅର୍ଥ ଅଭାବରୁ ଜୋରିମାନା ନ ଦେଇ ପାରି ୧୦ବର୍ଷ ଜେଲ ଶେଷ ହେବା ପରେ ମଧ୍ୟ ସଜା କାଟୁଥିଲେ। ଏ ନେଇ ସୂଚନା ପାଇବା ପରେ ବନବାସୀ କଲ୍ୟାଣ ଫାଉଣ୍ଡେସନ ପକ୍ଷରୁ ଜୋରିମାନା ବାବଦ ୧୦ ହଜାର ଟଙ୍କା କୋର୍ଟରେ ଜମା କରାଯାଇଥିଲା ବୋଲି ବନବାସୀ କଲ୍ୟାଣ ଫାଉଣ୍ଡେସନର ଓଡିଶା ଅଧକ୍ଷ ଇଂ ବସନ୍ତ କୁମାର ଦାନୀ ସୂଚନା ଦେଇଛନ୍ତି। ଜେଲରୁ ମୁକ୍ତ ପରେ ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ଥଇଥାନ କରାଯିବ ବୋଲି ଶ୍ରୀ ଦାନି କହିଛନ୍ତି। ଓଡିଶାର ବିଭିନ୍ନ ଜେଲରେ ଛୋଟ ଛୋଟ ମାମଲାରେ ବହୁ ବନ୍ଦୀ ରହିଛନ୍ତି। ତାଙ୍କ ମୁକ୍ତି ପାଇଁ ସହଯୋଗର ହାତ ବଢାଯିବ ବୋଲି ଫାଉଣ୍ଡେସନର ଉପଦେଷ୍ଟା ଅବସରପ୍ରାପ୍ତ ଜେଲ ଡିଆଇଜି ଅମିୟ ପଟ୍ଟନାୟକ କହିଛନ୍ତି। ଜେଲରୁ ମୁକ୍ତ ସମୟରେ ଫାଉଣ୍ଡେସନର ସଦସ୍ୟ ଉପସ୍ଥିତ ଥିଲେ। ସିଲେଇ ମୁଣ୍ଡା ଜଣେ ଗରିବ ବାସହୀନ ହୋଇଥିବାରୁ ପ୍ରଶାସନ ପକ୍ଷରୁ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାକୁ ଫାଉଣ୍ଡେସନ ପକ୍ଷରୁ ଦାବୀ ହୋଇଛି।

# ସିଆରପିଏଫଙ୍କ ଦ୍ୱାରା ମାଗଣା ମେଡିକାଲ୍ କ୍ୟାମ୍ପ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଜିଲ୍ଲା ସୀମାନ୍ତ ଶୁକମା ଜିଲ୍ଲା କମାଣ୍ଡଣ୍ଟ ରତିକାନ୍ତ ବେହେରାଙ୍କ ନିର୍ଦ୍ଦେଶନାମାରେ ଦ୍ୱିତୀୟ ବାହିନୀ ସିଆର୍‌ପିଏଫ୍‌ର ସାପ୍ତାହିକ ବଜାର ଏଲମାଗୁଣ୍ଡା ଠାରେ ଏକ ମାଗଣା ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରରେ ଦ୍ୱିତୀୟ ବାହିନୀ ସିଆର୍‌ପିଏଫ୍‌ର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପି ନୀତେଶ ନାନାଜୀ ଏବଂ ତାଙ୍କର ସହକର୍ମୀ ଦ୍ୱାରା ପ୍ରାୟ ୨୫୦ ଜଣ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ମାଗଣରେ ଔଷଧ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁର୍କରାଜକୋଣ୍ଡା ଏବଂ ଡୁଲେଡ୍ କମ୍ପାନୀର ଅଧିକାରୀ ଏବଂ ଯବାନମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ରତିକାନ୍ତ ବେହେରା (କମାଣ୍ଡାଣ୍ଟ) ସାଧାରଣ ଲୋକଙ୍କ ସହ କଥାବାର୍ତ୍ତା କରି ସେମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ଦ୍ୱିତୀୟ ବାହିନୀ ସିଆର୍‌ପିଏଫ୍ ଆପଣଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା କ୍ଷେତ୍ରରେ ଯେତେବେଳେ ଆମର ସେବା ଆବଶ୍ୟକ ହୁଏ ଆମେ ଆପଣଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ। ସେହି ସମୟରେ, ମୁର୍କାରାଜକୋଣ୍ଡା ଏବଂ ଡୁଲେଡ୍ କ୍ୟାମ୍ପ ସର୍ବଦା ଆପଣଙ୍କ ସେବା ପାଇଁ ଉତ୍ସର୍ଗୀକୃତ ହେବ । ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ପି ନିତେଶ ନାନାଜୀ ଗ୍ରାମବାସୀଙ୍କୁ ଅବଗତ କରାଇ କହିଛନ୍ତି ଯେ ସେମାନେ ବିଶୁଦ୍ଧ ଜଳ ବ୍ୟବହାର କରିବା ଉଚିତ, ସେମାନଙ୍କ ଚାରିପାଖର ପରିବେଶକୁ ସଫା ସୁତୁରା ରଖିବା ଉଚିତ ଏବଂ ମ୍ୟାଲେରିଆରୁ ରକ୍ଷା ପାଇଁ ଅବଶିଷ୍ଟ ଜଳକୁ ସେମାନଙ୍କ ଚାରିପାଖରେ ଜମା ହେବାକୁ ଦିଅନ୍ତୁ ନାହିଁ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକ ବହୁତ ପ୍ରଶଂସା କରିଛନ୍ତି। ଗ୍ରାମବାସୀମାନେ ନିୟମିତ ଭାବରେ ଏହିପରି ମେଡିକାଲ କ୍ୟାମ୍ପ ଆୟୋଜନ କରିବାକୁ ମଧ୍ୟ ନିବେଦନ କରିଛନ୍ତି। ଶେଷରେ ରତିକାନ୍ତ ବେହେରା ଗ୍ରାମବାସୀଙ୍କୁ ଶୁଭେଚ୍ଛା ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଲହୁଣୀପଡ଼ା, (ଭାସ୍କର ନ୍ୟୁଜ୍ ) : କୋଇଡା ବ୍ଲକ ଅନ୍ତର୍ଗତ ଗୋପନା ପଞ୍ଚାୟତର ଗୋପନା ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅଧକ୍ଷତା କରି ଥିଲେ ବଣାଇର ଅତିରିକ୍ତ ଜନମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା । ମୂଖ୍ୟ ଅତିଥି ଭାବେ ବଣାଇଁ ସମ୍ମାନୀତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିକାରୀ ବିଶ୍ୱଦର୍ଶୀ ସାହୁ । ଏବଂ ସମ୍ମାନିତ ଅତିଥି ଭାବେ ଆଦିବାସୀ ଉନ୍ନୟନ ସଂସ୍ଥାର ଅତିରିକ୍ତ ଜନମଙ୍ଗଳ ଅଧିକାରୀ ବାବୁଲାଲ ମାଝୀ, ଡଃ କମଳାକାନ୍ତ ମାହାନ୍ତ, ଗୋପନା ସରପଞ୍ଚ ମୁକ୍ତା ମୁଣ୍ଡା, ଗୋପନା ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ରାଉତ, ଜାମଡିହି ମହିଳା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ରାଉତ, ସ୍ୱୟମ୍ଭା ଅନୁସୂଚିତ ଜନଜାତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମସାଗର ନାଏକ, ବିଦ୍ୟାଳୟର ଏସ୍‌ଏମ୍‌ସି ଚେୟାରମେନ ସୁଦର୍ଶନ ହାଁସଦା ପ୍ରମୁଖ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ କୋଇଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରା ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିଥିଙ୍କ କରକମଳରେ ଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସଭା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ, ବ୍ୟାଚ ଓ ଉପଢ୍ୱୌକନ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଗଗନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କର୍ଣ୍ଣ ମାଝୀ ବାର୍ଷିକୀ ବିବରଣୀ ପଠନ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ଶିକ୍ଷା ଯୋଗାଇବାରେ ଶିକ୍ଷକ ଏବଂ ଅଭିଭାବକ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିବା ଅତିଥି ମାନେ ବକ୍ତବ୍ୟ ମାଧ୍ୟମରେ ଉପଦେଶ ଦେଇଥିଲେ। ଗଗନ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭା ଶେଷରେ ବିଦ୍ୟାଳୟର ଅଧ୍ୟାପିକା ମଞ୍ଜୁଲତା କର ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଆଦିବାସୀ ଛାତ୍ରୀଙ୍କ ଆଦିବାସୀ ଗୀତରେ ମିଳିତ ଗୃପ ଡ୍ୟାନ୍ସ ପରିବେଷଣ ଅତ୍ୟନ୍ତ ମନମୁଗ୍ଧକର ଥିଲା। ଗୋପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶିକ୍ଷକ ଶିକ୍ଷୟିତ୍ରୀ, ସୁପ୍ରଭା ମହାକୁଳ,ଲାଲୁ ମାହାନ୍ତ, କୁନୀଲତା ମାଝୀ, ଭାରତୀ ସିଂ, ନମିତା ରାଣୀ କରଙ୍କ ସହ ବିଦ୍ୟାଳୟ ସମସ୍ତ କର୍ମଚାରୀଙ୍କ ପୂର୍ଣ୍ଣ ସହଯୋଗରେ ଉତ୍ସବ ପାଳିତ ହୋଇଛି।

# ତୀବ୍ର ଗାଡ଼ି ଚାଳନାରୁ ଚାଳକର ମୃତ୍ୟୁ

କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡା ନିକଟରେ ଦୁଇଟା ବାଇକ ମଧ୍ୟରେ ମୁହାଁମୁହିଁ ବାଡେଇ ହେଇଯିବା ଫଳରେ ଉଭୟ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଥିବା ଖବର ମିଳିଛି । ମୃତକ ଦୁଇ ଜଣଙ୍କ ମଧ୍ୟରୁ ଜଣେ ନୂଆପଦର ହାଇସ୍କୁଲ ପ୍ରଧାନଶିକ୍ଷକ ପୁର୍ଣ୍ଣଚନ୍ଦ୍ର ଦାଶ ହୋଇଥିବା ବେଳେ ଅନ୍ୟ ଜଣେ ସଲାଗୁଡା ଅଞ୍ଚଳର ବିସେମ୍ବର କଂହର ବୋଲି ଜଣାପଡିଛି । ପ୍ରଧାନ ଶିକ୍ଷକ ଦାଶ କୌଣସି କାମରେ ଯାଉଥିବାବେଳେ ବିସେମ୍ବର ଦ୍ରୁତ ଗତିରେ ବାଇକରେ ଆସି ଭାରସାମ୍ୟ ହରାଇ ପ୍ରଧାନ ଶିକ୍ଷକ ଦାଶଙ୍କ ବାଇକକୁ ବାଡେଇ ଦେବ। ଫଳରେ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଡାକ୍ତରଖାନାକୁ ଅଣା ଯାଉଥିବା ବେଳେ ବିସେମ୍ବରର ମୃତ୍ୟୁ ହୋଇଥିଲା । ଖବର ପାଇ ପୋଲିସ ଓ ଆମ୍ବୁଲାନ୍ସ ପହଂଚି ଉଦ୍ଧାର କରିଥିଲା । ପୋଲିସ ଘଟଣାର ତଦନ୍ତ କରୁଛି । ମୃତ ପ୍ରଧାନ ଶିକ୍ଷକଙ୍କ ପତ୍ନୀ ଗୁମାଗଡ଼ ସ୍କୁଲରେ ଶିକ୍ଷୟତ୍ରୀ ଅଛନ୍ତି । ପ୍ରଧାନ ଶିକ୍ଷକଙ୍କ ଅକାଳ ମୃତ୍ୟୁରେ ଶିକ୍ଷକ ଶିକ୍ଷୟତ୍ରୀ ମହଲରେ ଶୋକର ଛାୟା ଖେଳିଯାଇଛି । ଏହାରି ଉପରେ ପୋଲିସ ତଦନ୍ତ ଆରମ୍ଭ କରିଛନ୍ତି।

# କୋରାପୁଟ ଡିଭିଜନ ୬ରେଞ୍ଜରେ ୫୪୧୩ ପକ୍ଷୀ ଚିହ୍ନଟ

କୋରାପୁଟ, (ଭାସ୍କର ନ୍ୟୁଜ) କୋରାପୁଟ ବନଖଣ୍ଡର ୬ଟି ରେଞ୍ଜର ୨୫ଟି ସ୍ଥାନରେ ହୋଇଥିବା ପକ୍ଷୀ ଗଣନାରେ ୪୦ଟି ପ୍ରକାର ୫୪୧୩ ପକ୍ଷୀ ଚିହ୍ନଟ କରାଯାଇଛି । ୬ଟି ରେଞ୍ଜର ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡ, ପାରାଷ୍ଟାଫ୍ ଓ ସ୍କ୍ୱାର୍ଡ ପ୍ରମୁଖ ପକ୍ଷୀ ଗଣନାରେ ସାମିଲ ହୋଇଥିଲେ। ପୂର୍ବରୁ କମର୍ଚାରୀମାନେ ପକ୍ଷୀ ଚିହ୍ନଟ ପାଇଁ ସ୍ୱତନ୍ତ୍ର ଆପ୍ ଡାଉନଲୋଡ କରି ରଖିଥିଲେ। ଏଥିରେ ସେମାନେ ଅପଲୋଡ୍ କରିଥିଲେ । କୋରାପୁଟ ବନାଂଚଳର କୋଲାବ ଜଳଭଣ୍ଡାର, ଦାମନଯୋଡି ଆସ୍‌ପଣ୍ଡ, ଡଙ୍ଗରି, ମାଳିଗୁଡା, ବାଗ୍ରା ଡ୍ୟାମ୍, ରାଣୀଗଡ ଡ୍ୟାମ୍ ଭଳି ୫ଟି ସ୍ଥାନରେ ଗଣନା କରାଯାଇଥିଲା । ଏଠାରେ ୨୦୧୨ଟି ପକ୍ଷୀ ଚିହ୍ନଟ ହୋଇଛି । ବ୍ରାହ୍ମଣୀ ସେଲଡକ୍(ଚକୁଆ), ବିଦେଶୀ ପକ୍ଷୀ ୯୭୯ଟି ଚିହ୍ନଟ ହୋଇଥିବା କହିଛନ୍ତି କୋରାପୁଟ ବନାଂଚଳ ଅଧିକାରୀ ଏସ୍‌କେ ପାହାଡସିଂ । କୋରାପୁଟ ବନାଂଚଳ ପକ୍ଷୀ ଗଣନାରେ ଏସିଏଫ ନଳିନୀକାନ୍ତ ବେହେରା, ରେଞ୍ଜର ଶ୍ରୀ ପାହାଡସିଂ, ଫରେଷ୍ଟର ଗୌତମ ବେନିଆ, ଏଫଇଏସ୍ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଦୀପ ମିଶ୍ର, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପକ୍ଷୀ ଗଣନାରେ ଭାଗ ନେଇଥିଲେ। ସେହିପରି ସେମିଳିଗୁଡା ରେଞ୍ଜର ୬ଟି ସ୍ଥାନରୁ ୪୦୩, ନାରାୟଣପାଟଣା ରେଞ୍ଜର ୪ଟି ସ୍ଥାନରୁ ୬୧୧, ଲକ୍ଷ୍ମୀପୁର ରେଞ୍ଜରୁ ୨ ସ୍ଥାନରୁ ୬୪, ଲମତାପୁଟ ରେଞ୍ଜର ୫ଟି ସ୍ଥାନରୁ ୪୬୭ ଓ ବାଲଡା ରେଞ୍ଜର ୩ଟି ସ୍ଥାନରୁ ୧୮୫୬ ପକ୍ଷୀ ଚିହ୍ନଟ କରାଯାଇଥିବା କୋରାପୁଟ ବନଖଣ୍ଡରୁ ସୂଚନା ମିଳିଛି।

# ସମାଜସେବୀ କୃଷ୍ଣଚନ୍ଦ୍ର ସମ୍ବର୍ଦ୍ଧିତ

ଆଳି (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅଧୀନ ନିଆଳ ପଞ୍ଚାୟତ ରାଧାନଗର ଗ୍ରାମର ନିଆରା ବ୍ୟକ୍ତିତ୍ୱ ଦୁଖୀ ମଣିଷର ଦରଦୀ ବନ୍ଧୁ ତଥା ବରିଷ୍ଠ ସମାଜସେବୀ ଭାବେ ପରିଚିତ କୃଷ୍ଣ ଚନ୍ଦ୍ର ବାରିକ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ସ୍ଥିତ ଗୁଲନ ଭାଇ ସେବା ସଦନରେ ସମ୍ବର୍ଦ୍ଧିତ କରାଯାଇଛି। କୃଷ୍ଣଚନ୍ଦ୍ର ବାରିକ ନିଜର ସ୍ୱଳ୍ପ ରୋଜଗାର ଥାଇ ମଧ ନିସ୍ୱାର୍ଥପର ରୋଗୀସେବା, ବେସାହାରା ଓ ଅସହାୟ ଲୋକମାନଙ୍କୁ ସର୍ବଦା ସାହାଯ୍ୟ ସହଯୋଗ ଯୋଗାଇବାକୁ ହୃଦୟଙ୍ଗମ କରି ଜଣାଶୁଣା ସାମାଜିକ ଅନୁଷ୍ଠାନ ଭୁବନେଶ୍ୱରର ଗୁଗୁଲ ଟ୍ରଷ୍ଟ ଓ ଆୟୁଷ୍ମାନ ଫାଉଣ୍ଡେସନ ନୂଆଦିଲ୍ଲୀର ମିଳିତ ସହଯୋଗରେ ଆୟୋଜିତ ସମ୍ବୋର୍ଦ୍ଧନା ସଭାରେ କୃଷ୍ଣଚନ୍ଦ୍ର ବାରିକଙ୍କୁ ବରିଷ୍ଠ ସମାଜସେବୀ ଭାବେ ଉତ୍ତରୀୟ ଓ ଗଛଚାରା ସହିତ ମାନପତ୍ର ଦିଆଯାଇ ମାନ୍ୟବର ପୂର୍ବତନ ରାଜ୍ୟସଭା ସାଂସଦ ପ୍ରସନ୍ନ ପାଟ୍ଟଶାଣି ଓ ଡାକ୍ତର ମମତା ମହାନ୍ତିଙ୍କ କରକମଳରୁ ସମ୍ବର୍ଦ୍ଧିତ କରାଯାଇଛି।

## ଉତ୍ତର ଓଡିଶା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

# ଚାରି ଜିଲ୍ଲାକୁ ଏକ ସୂତ୍ରରେ ବାନ୍ଧିବାର ପ୍ରୟାସ




କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର , ମୟୁରଭଞ୍ଜ, ବାଲେଶ୍ୱର ଓ ବାରିପଦା ଜିଲାର କଳା ଐତିହ୍ୟ ସଂସ୍କୃତି, ପରମ୍ପରାକୁ ଉଦଜୀବିତ କରିବା ତଥା ବିକାଶ କରିବା ଲକ୍ଷରେ ଆସନ୍ତା ଜାନୁଆରୀ ୩୧ ରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଉତ୍ସବ ଉତ୍ତର ଓଡିଶା କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ କେନ୍ଦୁଝର ରୋଟାରୀ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ଉତ୍ତର ଓଡିଶା ସଂଯୋଜକ ସଞ୍ଜୀବ ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉତ୍ସବକୁ ସରସ ସୁନ୍ଦର ଓ ଚିତାକର୍ଷକ କରିବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଚାରି ଜିଲାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ତଥା ଆଗାମୀ ଦିନର ପାରଦର୍ଶୀ ବ୍ୟକ୍ତିତ୍ୱଙ୍କୁ ଚୟନ କରାଯାଇ ଏହି ଉତ୍ସବରେ ବିଶେଷ ଭାବେ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ଦଳ ମତ ନିର୍ବିଶେଷରେ କୋ ?ଣସି ରାଜନୈତିକ ଚିନ୍ତାଧାରରୁ ଉର୍ଦ୍ଧ୍ୱରେ ରହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଏହି ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଚାରି ଜିଲାର ବିଭିନ୍ନ କଳାକାରଙ୍କ କଳା ପ୍ରଦର୍ଶନ ସହିତ ଓଲିଉଡ ନାଇଟ ଓ ବଲିଉଡ ନାଇଟ କରାଯିବା ବିଷୟରେ ସୂଚନା ଦିଆଯାଇଥିଲା। ଏହା ସହିତ କେନ୍ଦୁଝରର ଆଦିବାସୀ ନୃତ୍ୟ, ମୟୁରଭଞ୍ଜର ଛଉ, କେନ୍ଦୁଝରର ବଡ଼ି, ଭଦ୍ରଖର ପାଲୁଅ ଲଡୁ ଆଦି ଷ୍ଟଲ ମାନଙ୍କରେ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ରୋଟାରୀ କ୍ଲବ ସମ୍ପାଦକ ଦୀପକ ନାୟକ, ସଂଗ୍ରାମ ଦାସ, ପ୍ରଫୁଲ୍ଲ କୁମାର ସାହୁ,ଡାକ୍ତର ସଞ୍ଜୀବ କୁମାର ଓଡା, ସୁଧାଂଶୁ ଶେଖର ପଟ୍ଟନାୟକ, ଆଲୋକ ମିଶ୍ର, ଆଇନଜୀବୀ ମୋହନ ପରିଡା, ଶିକ୍ଷାବିତ ରାଜେନ୍ଦ୍ର ପଲେଇ, ନୃତ୍ୟଗୁରୁ ଗୁରୁ ଦାସ, ସୁନେଶ ଧୀର, ସାମ୍ବାଦିକ ଦିଲ୍ଲୀପ ସାହୁ, ସତ୍ୟଜିତ ସାମନ୍ତରାୟ, ସୁକୁମାର ପାଣିଗ୍ରାହୀ, ସରୋଜ ମାହାନା, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ଶୁଭମ ରାଜ, ସୁଢଳ ସେଠୀ, ପ୍ରମୁଖ ଉପସ୍ଥିତ ଥିଲେ।

# ପିତାଶ୍ରୀ ପ୍ରଜାପିତା ବ୍ରହ୍ମା ବାବାଙ୍କ ଅବ୍ୟକ୍ତ ସ୍ମୃତିଦିବସ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କେନ୍ଦୁଝର ସେବା କେନ୍ଦ୍ରରେ ପିତାଶ୍ରୀ ପ୍ରଜାପିତା ବ୍ରହ୍ମା ବାବାଙ୍କ ୫୬ ତମ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଶିବ ପରମାତ୍ମାଙ୍କ ମହାବାକ୍ୟ ଶ୍ରବଣ ପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ମୃତିଚାରଣ ପୂର୍ବକ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଜିଲ୍ଲା କୃଷି ଅଧିକାରୀ ଶ୍ରୀ ପର୍ଶୁରାମ ବେହେରା, ସହକାରୀ କୃଷି ଅଧିକାରୀ ରବୀନ୍ଦ୍ର କୁମାର ବେହେରା ଓ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ମେହେର ସମ୍ମାନୀୟ ଅତିଥି ରୂପେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ରହ୍ମାକୁମାରୀଜ୍ କେନ୍ଦୁଝରର ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ବିନ୍ଦୁ ସ୍ମୃତିଚାରଣ କରି କହିଥିଲେ ଯେ ପିତାଶ୍ରୀ ପ୍ରଜାପିତା ବ୍ରହ୍ମାବାବାଙ୍କର ଲୌକିକ ନାମ ଥିଲା ଦାଦା ଲେଖରାଜ । ୧୯୩୬ମସିହା ବେଳକୁ ନିରାକାର ପରମପିତା ଶିବ ପରମାତ୍ମା ଦୁଃଖ ଅଶାନ୍ତିମୟ କଳିଯୁଗ ଦୁନିଆକୁ ସୁଖଶାନ୍ତିପୂର୍ଣ୍ଣ ଦିବ୍ୟ ଦୁନିଆରେ ପରିବର୍ତ୍ତନ କାର୍ଯ୍ୟ କରିବା ପାଇଁ ତାଙ୍କୁ ସାକାର ମାଧ୍ୟମ ରୂପେ ଗ୍ରହଣ କରିଥିଲେ। ନିଜର ସମସ୍ତ ସ୍ଥାବର, ଅସ୍ଥାବର ସମ୍ପତି ଦାନକରି ସେ ଏହି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ଜୀବନ ଥିଲା ତ୍ୟାଗ, ତପସ୍ୟା ଓ ସେବାର ଏକ ଆଦର୍ଶ ମୂର୍ତ୍ତି। ୧୯୬୯ ମସିହା ଜାନୁଆରୀ ୧୮ ତାରିଖରେ ସେ ତାଙ୍କ ପାର୍ଥିବ ଶରୀର ତ୍ୟାଗ କରି ଅବ୍ୟକ୍ତ ହୋଇଥିଲେ। ଏହି ଦିବସକୁ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବିଶ୍ୱଶାନ୍ତି ଦିବସ ରୂପେ ପାଳନ କରିଥାଏ। ତାଙ୍କ ଜୀବନାଦର୍ଶ ଓ ସାଧନାକୁ ପ୍ରେରଣା ନେଇ ଆଧାତ୍ମିକ ଜୀବନରେ ଅଗ୍ରଗତି କରିବାକୁ ଉପସ୍ଥିତ ଭାଇଭଉଣୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ।

# ଶିଶୁ ସାହିତ୍ୟ ପତ୍ରିକା 'ସୁନା ଭଉଣୀ'ର ବାର୍ଷିକ ଉତ୍ସବ



ଜଗତସିଂହପୁର, ( ଭାସ୍କର ନ୍ୟୁଜ୍ ) : ଶିଶୁ ସାହିତ୍ୟ ପତ୍ରିକା 'ସୁନା ଭଉଣୀ'ର ବାର୍ଷିକ ଉତ୍ସବ ତଥା ଏହାର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ବିଜୟ କୁମାର ମହାପାତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ ଜନିତ ସ୍ମୃତିସଭା ଜଗତସିଂହପୁର ପୁସ୍ତକମେଳା ପରିସର ମଧ୍ୟରେ ସୁଚାରୁରୂପେ ସମ୍ପାଦିତ ହୋଇଯାଇଛି । ସଭାର ସର୍ବ ପ୍ରଥମେ 'ସୁନା ଭଉଣୀ' ପତ୍ରିକାର ଇତିହାସ ଓ ବାର୍ଷିକ ବିବରଣୀ ଏହାର ବର୍ତ୍ତମାନର ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର ପାଠ କରିଥିଲେ । ସଭାପତି ଶୁକଦେବ ପରିଡା (ଲୋକ ଭାଷାର ପ୍ରକାଶକ)ଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଅଧ୍ୟାପକ ବିଜୟ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଚିତ୍ରୋତ୍ପଳା ପ୍ରକାଶନୀର ସତ୍ତ୍ୱାଧିକାରୀ ସଦାଶିବ ଦାଶ, ମୁଖ୍ୟ ବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ରମାରଞ୍ଜନ ସ୍ୱାଇଁ ଓ ସମ୍ମାନିତ ଅତିଥି ଗଣେଶ୍ୱର ମହାନ୍ତି ସ୍ୱର୍ଗତ ବିଜୟଙ୍କ ସାରସ୍ୱତ ଜୀବନ ଓ ତାଙ୍କର ବହୁବିଧ କୃତିତ୍ୱର ସ୍ମୃତି ଚାରଣ କରିଥିଲେ । କବି, କବୟତ୍ରୀଗଣ ସ୍ୱରଚିତ କବିତାମାନ ପାଠ କରି ମାନପତ୍ର ପ୍ରାପ୍ତ ହୋଇଥିଲେ । ଏହି ମହାର୍ଘ ଉତ୍ସବରେ ବହୁ ଜ୍ଞାନୀ ଗୁଣୀ ବ୍ୟକ୍ତିଙ୍କ ସମେବତ ବିଶିଷ୍ଟ ସାହିତ୍ୟିକ ଅଜୟ କୁମାର ବେହେରା, ଉମାକାନ୍ତ ନାୟକ, କୈଳାଶ ଚନ୍ଦ୍ର ସ୍ୱାଇଁ, ପ୍ରତାପ ମହାନ୍ତି, କୈଳାଶ ମଲ୍ଲିକ, ସୁବାଷ ଚନ୍ଦ୍ର ରାଉତ ପ୍ରତାପ ଚନ୍ଦ୍ରବେହେର ପତିତପାବନ ଜେନା ଖଗେଶ୍ୱର ମହାରଣା, ଇନ୍ଦୁମତି ସାହୁ ରଶ୍ମି ରଞ୍ଜନ ସ୍ୱାଇଁ, ସେହଂଶୁ ଜେନା, ପ୍ରତିଭାର ରାଣୀ ରାୟ ତିଳୋତ୍ତମା ଦାଶ, ମାତୃ ପ୍ରସାଦ ସତ୍ପଜିତ୍, ଆରତୀ ଦାସ, ଆର୍ତ୍ତତ୍ରାଣ ପତି, ପୁରୁଷୋତ୍ତମ ଦାସ ପ୍ରମୁଖ ଉପସ୍ଥିତିରେ ପୁସ୍ତକ ଉନ୍ମୋଚନ ହୋଇଥିଲା । ସର୍ବୋଦୟ କର୍ମୀ ରବି ମହାନ୍ତି ମଞ୍ଚ ପରିଚାଳନା ସହ ସ୍ୱାଗତ ଭାଷଣ ଦେଇଥିଲେ । କବିତା ମଞ୍ଚରେ କବି ଅମିତ ଦାସ, ଶୀତାଂଶୁ ଜେନା ସବ୍ୟସାଚୀ ତ୍ରିପାଠୀ କବିତା ସଂଯୋଜନା କରିଥିଲେ। ସର୍ବଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ସାମାଜିକ କର୍ମୀ ଗୋବିନ୍ଦ ଓଝା ।

# ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ନାଁ ଆରମ୍ଭରୁ ରହିବ ଡିଏଭି

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ନାଁ ଆରମ୍ଭରୁ ଡିଏଭି (ଦୟାନନ୍ଦ ଆଙ୍ଗଲୋ ବେଦିକ) ଯୋଡିବାକୁ ବହୁ ଦିନ ହେଲା ଦାବି ହେଉଥିଲା। ଯାହାକୁ ସରକାର ଗ୍ରହଣ କରିଥିବା ସୂଚନା ମିଳିଛି । ଯାହା'ଳରେ ଆଗକୁ ଡିଏଭି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ପରିଚିତ ହେବ ବୋଲି ସୂଚନା ମିଳିଛି। ଏହି ଖବର ପ୍ରଚାର ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ୧୯୬୮ମସିହାରେ ପ୍ରତିଷ୍ଠିତ ମହାବିଦ୍ୟାଳୟକୁ ଡିଏଭି କଲେଜ ଭାବେ ନାଁ ଦିଆଯାଇଥିଲା। ୨୦୧୨ ମସିହାରେ ଉଚ୍ଚ ଶିକ୍ଷା ବିଭାଗ ନାଁ ପରିବର୍ତ୍ତନ କରି ସରକାରୀ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ବୋଲି କୁହାଗଲା। ସେହିପରି ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ମଧ୍ୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ପରିଚୟ ମିଳିଲା। ଯାହାକୁ ପୁରାତନ ଛାତ୍ର ଗ୍ରହଣ କରିନଥିଲେ । ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ସଚିବଙ୍କୁ ଭେଟି ଅବଗତ କରିଥିଲେ । ସେହିପରି କୋରାପୁଟ ବିଧାୟକ ରଘୁରାମ ମାଛ ଓ ପୂର୍ବତନ ଛାତ୍ର ସଂସଦ ଆବାହକ ଅଯୋଧ୍ୟାନାଥ ସାମଲ ବିଭାଗୀୟ ମନ୍ତ୍ରୀ ଏବଂ ତାଙ୍କ ସଚିବ ବିଶ୍ୱଜିତି ଦାସଙ୍କୁ ଭେଟି ଆଲୋଚନା କରିଥିଲେ । ଏହାପରେ ନାଁ ପରିବର୍ତ୍ତନ ନେଇ ମନ୍ତ୍ରୀ ସବୁଜ ସଂକେତ ଦେଇଥିବା ସୂଚନା ମିଳିଛି।

# 'ବଡଯାତ୍ରା' ପ୍ରସ୍ତୁତି ନେଇ ଜିଲ୍ଲାପାଳଙ୍କ ସମୀକ୍ଷା



ମାଲକାନାଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲାର ଗଣପର୍ବ 'ବଡ଼ଯାତ୍ରା' ଫେବୃଆରୀ ୧୧ ତାରିଖରୁ ଆରମ୍ଭ ହେବ । ଜିଲ୍ଲାର ବଡ଼ଯାତ୍ରା ପ୍ରତି ଦୁଇ ବର୍ଷରେ ଥରେ ହୋଇଥାଏ ଓ ଏହି ଯାତ୍ରାରେ ପ୍ରଭୁ କାନମ ରାଜୁ, ବାଲ ରାଜୁ, ପୋତ ରାଜୁ ଓ ମୁତ୍ୟାଲୁମ୍ମା ପୂଜା ପାଇଥାନ୍ତି ଏହି ଯାତ୍ରା କାହିଁ କେଉଁ ଆଦିମ କାଳରୁ ପାଳନ ହୋଇ ଆସୁଛି, ଏହି ଯାତ୍ରାକୁ ଦେଖିବାକୁ ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ତେଲେଙ୍ଗାନା ଭଳି ଅନେକ ସ୍ଥାନରୁ ଲକ୍ଷାଧିକ ଭକ୍ତ ଆସିଥାନ୍ତି । ଏହି ଯାତ୍ରା ସୁରୁଖୁରୁରେ ପାଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପୋଲେରୁ ଓ ମାଲକାନଗିରି ଜିଲ୍ଲାର ସଦର ମହକୁମା ଠାରେ ଭକ୍ତମାନଙ୍କ ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇ ବଡ଼ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ କିପରି ପାଳନ କରାଯିବ ସେ ପ୍ରତି ବୈଠକରେ ଯାତ୍ରା କମିଟି ଓ ଅନ୍ୟାନ ବୁଦ୍ଧିଜୀବୀ ମାନଙ୍କ ମତାମତ ପ୍ରତି ଗୁରୁତ୍ୱ ଦିଆଯାଇ ଆଲୋଚନା କରାଯାଇଛି ବଡଯାତ୍ରା ପ୍ରସ୍ତୁତି କିପରି ରହିଛି ସେ ନେଇ ମାଲକାନଗିରି ଜିଲ୍ଲାପାଳ ଈଶ୍ୱର ପାଟିଲ ଶନିବାର ଦିନ କାଳିମେଳା ବ୍ଲକ ଗସ୍ତ କରିଥିଲେ । କାଳିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ମଧ ଆଲୋଚନା କରିଥିଲେ । ଠାକୁରଙ୍କ ବାସସ୍ଥାନ ମାନ୍ୟମକୋଣ୍ଡା ଓ ପୋଲୁର ଗସ୍ତ କରି ଯାତ୍ରା ପରିଚାଳନା ନେଇ ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଓ ସମୀକ୍ଷା ସମୟରେ ଜିଲ୍ଲାପାଳଙ୍କ ସମେତ କାଳିମେଳା ବିଡିଓ ପ୍ରଦୀପ କର, ତହସିଲଦାର ରାମ କୃଷ୍ଣ ସତ୍ୟରାଜ ଗୁରୁ, ମାଲକାନଗିରି ତହସିଲଦାର, କାଳିମେଳା ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀଧର ମାଡକାମି, ମାନ୍ୟମ କୋଣ୍ଡାର ପୂର୍ବତନ ସରପଞ୍ଚ ହରି ଗୋଲରି ପ୍ରମୁଖ ଆଲୋଚନା କରିଥିଲେ ଆନ୍ଧ୍ରପ୍ରଦେଶ ପୋଲେରୁ ନଦୀରେ ନୌକା ବିହାର ଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ପାଇଁ ସ୍ୱତନ୍ତ୍ର ବ୍ୟାରିକେଟ ବ୍ୟବସ୍ଥା, ଭକ୍ତମାନଙ୍କ ପାଇଁ ପାନୀୟ ଜଳ, ପ୍ରସାଦ, ରହିବାର ବ୍ୟବସ୍ଥା ସହିତ ପୂଜା ମଣ୍ଡପ ଗୁଡିକରେ ଆଲୋକ ବ୍ୟବସ୍ଥା ନେଇ ସମୀକ୍ଷା କରିଥିଲେ ।

# ଡିଏଭି ପିଟିଏସ୍‌ଆର୍ ପବ୍ଲିକ ସ୍କୁଲ ହେବ ସି.ବି.ଟି ପରୀକ୍ଷା କେନ୍ଦ୍ର

ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : ଭଞ୍ଜନଗର ଡିଏଭି ପିଟିଏସ୍‌ଆର୍ ପବ୍ଲିକ ସ୍କୁଲ ଭଞ୍ଜନଗରକୁ ଚଳିତବର୍ଷର ଡିଏଭି ବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି ନିମନ୍ତେ ସିବିଟି ପରୀକ୍ଷା କେନ୍ଦ୍ର ରୂପେ ଚୟନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ପାଣିଗ୍ରାହୀ ସେଣ୍ଟର ସୁପରିଟେଡେଣ୍ଟ ଓ ବ୍ରହ୍ମପୁର ବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗର ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା ଅବଜରଭର୍ ରୂପେ ଯୋଗଦାନ କରିଥିଲେ। ପରୀକ୍ଷା କେନ୍ଦ୍ରକୁ ଆଖି ଆଗରେ ରଖି ବିଦ୍ୟାଳୟ ତରଫରୁ ଡିଏଭି ସିଏମ୍‌ସିର ନିୟମ ପ୍ରକାରେ ପରୀକ୍ଷାର୍ଥୀ ମାନଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିଲା । ଆଇଟି ବିଭାଗର ସଂଚାଳକ ରବୀନ କୁମାର ଆରୁଖ ଓ ମନୋରଞ୍ଜନ ଦାଶ ଏହାର ପରିଚାଳନା ଦାୟିତ୍ୱ ବହନ କରିଥିଲେ। ସକାଳ ଓ ଅପରାହ୍ନ ଦୁଇଟି ପର୍ଯ୍ୟାୟରେ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ସୁଯୋଗ ପାଇଥିଲେ।

# ଭାରୀଯାନ ଚଳାଚଳ ଯୋଗୁଁ ପୋଲରେ ବିରାଟ ଗର୍ତ୍ତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ପାଟଣା ବ୍ଲକ ଅନ୍ତର୍ଗତ ଗ୍ରାମ ଉନ୍ନୟନ ବିଭାଗ କେନ୍ଦୁଝର-୨ ଅଧିନସ୍ଥ ଖିରେଇଟାଙ୍ଗିରୀ-ନୂଆଗାଁ ରାସ୍ତାରେ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଏହି ରାସ୍ତାରେ ଚିପ୍ସ ବୋଝେଇ ଟ୍ରକ ଯାଉଥିବାବେଳେ ଜହ୍ନେଇନାଳ ଉପରେ ଥିବା ପୋଲରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଉକ୍ତ ସ୍ଥାନଟି ଅସୁରକ୍ଷିତ ହୋଇପଡିଛି। ପ୍ରକାଶ ଯେ ଉକ୍ତ ରାସ୍ତା ଉପରେ ପାଟଣା ବ୍ଲକ, ସଦର ବ୍ଲକର ବହୁ ଲୋକ ନିର୍ଭରଶୀଳ ଅଛନ୍ତି। ଏହି ରାସ୍ତାଟି ୨ଟିବ୍ଲକର ନୂଆଗାଁ, ବଡପଶି, କେରୀ, ମଇଦାନକେଲ, ବଡତାଳପଦା, ହରିହରପୁର, ଦେଓବନ୍ଧ, ଛେମୁଣ୍ଡିବିଲ, ପାଟନାଳୀ, ବାସୁଦେବପୁର ଆଦି ଗ୍ରାମର ମୁଖ୍ୟ ରାସ୍ତା ହୋଇଥିବାବେଳେ ୨.୫ କିଲୋମିଟର ରାସ୍ତା ଉପରେ ବହୁ ଗ୍ରାମର ଲୋକ ନିର୍ଭର କରିଥାନ୍ତି। ଏହି ରାସ୍ତାରେ ଦୈନକି ବହୁ ଛୋଟ ବଡ ଗାଡି ଚଳାଚଳ କରୁଛି। ତେବେ ଏହି ରାସ୍ତା ଦୀର୍ଘ ବର୍ଷ ହେଲା ଉନ୍ନତିକରଣ କରାଯାଉନଥିବାରୁ ଗାଡି ଚଳାଚଳ ବେଳେ ଖରା ଦିନରେ ଧୂଳି ଉଡି ଯାତାୟତରେ ସମସ୍ୟା ସୃଷ୍ଟି କରୁଛି। ବର୍ଷା ଦିନରେ ବଡ ବଡ ଖାଲ ହୋଇ ଗମନଗମନ ଅନୁଯୋଗୀ ହୋଇପଡୁଛି। ସରକାର ପ୍ରତ୍ୟେକ ଗ୍ରାମକୁ ପିଚୁ ଏବଂ ପକ୍କା ରାସ୍ତା କରି ସଂଯୋଗୀକରଣ କରୁଥିବାବେଳେ ଉକ୍ତ ରାସ୍ତାଟି ଅବହେଳିତ ହୋଇ ପଡିରହିଛି। ସ୍କୁଲ ବସ, ଆମ୍ବୁଲାନ୍ସ, ଅଟୋ, ବସ ଆଦି ଗାଡି ଅସୁରକ୍ଷିତ ଭାବେ ଦୈନିକ ଯାତାୟତ କରୁଛି। ଏ ନେଇ ନୂଆଗାଁ ଗ୍ରାମର ଗ୍ରାମବାସୀ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବା ସହ ନିକଟରେ ଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ କରି ଏହାର ନିର୍ମାଣ ଦାବୀ କରିଛନ୍ତି। ବର୍ତ୍ତମାନ ଉକ୍ତ ସ୍ଥାନକୁ ଉନ୍ନତିକରଣ କରିବା ସହ ଭାରୀଯାନ ଚଳାଚଳ ଉପରେ କଟକଣା କରିବାକୁ ସ୍ଥାନୀୟ ଲୋକ ଅଭିମନ୍ୟୁ ନାଏକ, ସୁମନ୍ତ ନାଏକ, ମନ୍ଦାକିନୀ ନାଏକ, ବିଦ୍ୟାଧର ନାଏକ, ରକ୍ଷିନାଥ ନାଏକ, ବିନତୀ ନାଏକ, କବିନାଥ ନାଏକ, ତୁଳସୀ ନାଏକ, କ୍ଷେତ୍ରବାସୀ ନାଏକ, ବାସୁଦେବ ସିଂ, ହରିଶ ଚନ୍ଦ୍ର ନାଏକ, ଲୋକନାଥ ମହାକୁଡ, ବେଣୁଧର ନାଏକ, ପ୍ରମିଳା ସିଂ, ବାମେଦେବ ସିଂ,ବିନୋଦ କୁମାର ସିଂ, ଅଲେଖ ଚନ୍ଦ୍ର ନାଏକ, ସାଧୁ ନନ୍ଦନ ନାଏକ ପ୍ରମୁଖ ଦାବୀ କରିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ମାଲକାନାଗିରି (ଭାସ୍କର ନ୍ୟୁଜ୍): ଖୁବଶୀଘ୍ର ଜୟପୁର- ମାଲକାନଗିରି ନୂଆ ରେଳ ଲାଇନ୍ କାମ ଆରମ୍ଭ ହେବ। ଜୟପୁର ଠାରୁ ଟାଙ୍ଗିଣି ଗୁଡ଼ା ପର୍ଯ୍ୟନ୍ତ କାମ ଲାଗି ୬୪୨ କୋଟିର ଟେଣ୍ଡର ପରେ ଆଉ ପାଦେ ଆଗେଇଛି। ଗୋବିନ୍ଦପାଲ୍ଲି ଘାଟିରେ ତିଆରି ହେବ ୧୧ ଗୋଟି ଟନେଲ୍ । ଏଥିରେ ରହିଛି ସର୍ବାଧିକ ୩ କିମି ଏବଂ ସର୍ବନିମ୍ନ ୧୨୦ ମିଟରର ସୁଡ଼ଙ୍ଗ । ଟେବୁଲଟପ୍ ସର୍ଭେ, ମ୍ୟାପିଙ୍ଗ ସହ ଅନ୍ୟାନ୍ୟ ପ୍ରାରମ୍ଭିକ କାମ ଲାଗି ବିଭାଗ ୬ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରିଛି। ଟେଣ୍ଡର ପ୍ରକ୍ରିୟା ସରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପୂର୍ବତଟ ରେଳୱେ ୱାଲ୍‌ଟିଅର ଡିଭିଜନ୍ ର ଡେପୁଟି ଚିଫ୍ ଇଞ୍ଜିନିୟର ବାଉରୀ ବନ୍ଧୁ ମହାରଣା କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ଜାନୁଆରୀ ୧୩ ରେ ଇ-ଟେଣ୍ଡର ଡକାଯାଇଛି। ଟେବୁଲଟପ୍ ସର୍ଭେ, ମ୍ୟାପିଙ୍ଗ ପାଇଁ ୬ କୋଟି ମଞ୍ଜୁର ହୋଇଛି ।ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପ ଲାଗି ବ୍ରଡଗଜ୍ ଲାଇନ୍ ବିଛାଯିବ। କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ୍ ର ଟାଙ୍ଗିଣିଗୁଡ଼ା ଏବଂ ମାଲକାନଗିରି ଜିଲ୍ଲାର ଗୋବିନ୍ଦପାଲ୍ଲି ଷ୍ଟେସନ୍ ମଧ୍ୟରେ ରାସ୍ତା ହେବ। ଗୋବିନ୍ଦପାଲ୍ଲି ଘାଟି କୁହାଯାଉଥିବା ଅଞ୍ଚଳରେ ତିଆରି ହେବ ୧୧ ଗୋଟି ଛୋଟବଡ଼ ଟନେଲ । ପ୍ରଥମ ଟନେଲ୍ ସର୍ବାଧିକ ୩ କିମି, ସର୍ବନିମ୍ନ ୧୨୦ ମିଟରର ସୁଡ଼ଙ୍ଗ ପ୍ରଥମ ଟନେଲ ୪୬୦ ମିଟର, ଦ୍ୱିତୀୟ ୭୫୦, ତୃତୀୟ ୫୯୦, ଚତୁର୍ଥ ୧୦୦, ପଞ୍ଚମ ୩ କିମି, ଷଷ୍ଠ ୧୭୫୦, ସପ୍ତମ ୫୩୦, ଅଷ୍ଟମ ୧୮୦, ନବମ ୧୨୧, ଦଶମ ୧୨୦ ଏବଂ ଏକାଦଶର ଲମ୍ବ ହେଉଛି ୪୫୦ ମିଟର । ଏଥିଲାଗି ବିଜ୍ଞାପନ ମୂଲ୍ୟ ରହିଛି ୬ କୋଟି ୧୬ ହଜାର ୮୬୫ ଟଙ୍କା।



## ପ୍ରଭୁ ଗୋରେଖନାଥଙ୍କୁ ଦର୍ଶନକଲେ ଆଇଓସିଏଲ୍ ଏମ୍‌ଡି



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲାର ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ଙ୍କ ଦର୍ଶନ ପାଇଁ ରବିବାର ଆୟୋଓସିଏଲର ଏମ୍‌ଡି ରୁଚି ଶ୍ରୀବାସ୍ତବ ପୀଠରେ ପହଞ୍ଚି ପ୍ରଭୁଙ୍କୁ ଦର୍ଶନ କରିଥିଲେ। ତାଙ୍କ ସହିତ ଆୟୋଓସିଏଲର ଜି ଏମ୍ ବି ପି ସୁବୁଦ୍ଧି ଉପସ୍ଥିତ ଥିଲେ। ଏହି ଦର୍ଶନ ସମୟରେ ସଦାସର୍ବଦା ପୀଠକୁ ସହଯୋଗ ପ୍ରଦାନ କରିଆସୁଥିବା ସ୍ଥାନୀୟ ଗ୍ରାମର ଆଇନିଜୀବୀ ଜୀବନ ବଲ୍ଲବ ମହାନ୍ତି ତାଙ୍କୁ ପୀଠରେ ବୁଲାଇ ଦର୍ଶନ କରାଥିଲେ ।ଦର୍ଶନରେ ଆନନ୍ଦ ପ୍ରକାଶ କରି ଶ୍ରୀବାସ୍ତବ ପୀଠକୁ କିଛି ଅନୁଦାନ ଦେବାପାଇଁ ଇଛାପ୍ରକଟ କରିବାରୁ ଉପସ୍ଥିତ ଥିବା ଆଇନଜୀବୀ ଶ୍ରୀ ମହାନ୍ତି ପୀଠକୁ ଦର୍ଶନ ପାଇଁ ଆସୁଥିବା ଦିବ୍ୟାଙ୍ଗ ଓ ବୃଦ୍ଧ ବୃଦ୍ଧାଙ୍କ ନିମନ୍ତେ ଏକ ବ୍ୟାଟେରୀ ଚାଳିତ ଗାଡି ପ୍ରଦାନ ନିମନ୍ତେ ଆପତ୍ତି କହିଥିଲେ। ଏହି ଆପତ୍ତିକୁ ସେ ତୁରନ୍ତ ପୁରଣ କରିବେ ବୋଲି ସହମତି ପ୍ରକାଶ କରିଥିଲେ।

## ହେଉନି ବଳଦେବ ଜିଉଙ୍କ ନିୟମିତ ସମୀକ୍ଷା ବୈଠକ କି ଖୋଲୁନି ସମ୍ପତ୍ତି ଗୁମର

କେନ୍ଦୁଝର (ଭାସ୍କର ନ୍ୟୁଜ୍): ସମଗ୍ର କେନ୍ଦୁଝର ଜିଲ୍ଲା ସମେତ ପଡୋଶୀ ଅଧିବାସୀଙ୍କ ରାଷ୍ଟ୍ରଦେବତା ଭାବେ ପରିଗଣିତ ବିଜେ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପାଇଁ ଜିଲ୍ଲା ପ୍ରଶାସନ ପାଖରେ ବର୍ଷରେ ମାତ୍ର ଦିନଟିଏ ସମୟ, ତାହା ପୁଣି କେଇ ଘଣ୍ଟା ପାଇଁ । ପ୍ରଭୁ ବଳଦେବଜୀଉ, ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ସହ ଶକ୍ତିର ପ୍ରତୀକ ସୁଦର୍ଶନ ରଥଯାତ୍ରାରେ ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ଯାଇଥାନ୍ତି । ସର୍ବସାଧାରଣରେ ଏହି ରଥଯାତ୍ରାକୁ ନେଇ ବେଶ ଉତ୍ସୁକତା ରହିଥିବାବେଳେ ମନ୍ଦିର ପ୍ରଶାସନ ଏହାକୁ ନେଇ ତତ୍ପରତା ଦେଖାଇଥାନ୍ତି । ରଥଯାତ୍ରାକୁ ଛାଡି ଏହି ଷୋଡଶ ଶତାବ୍ଦୀର ନିର୍ମିତ ଶ୍ରୀ ବଳଦେବଜୀଉ ମନ୍ଦିରରେ ବିଭିନ୍ନ ପର୍ବପର୍ବାଣୀ ପାଳିତ ହୋଇଥାଏ । ରାଜ୍ୟ ଆଇନ ବିଭାଗ ଅଧିନରେ ଥିବା ଦେବୋତ୍ତରର ପ୍ରତ୍ୟକ୍ଷ ପରିଚାଳନାରେ ଏହି ମନ୍ଦିର ପରିଚାଳିତ ହେଉଥିବାବେଳେ କେନ୍ଦୁଝର ଉପଜିଲ୍ଲାପାଳ ଏହି ମନ୍ଦିର ସହ ସଦର ଉପଖଣ୍ଡର ଅନ୍ୟାନ୍ୟ ପୁରୁଣା ମନ୍ଦିରମାନଙ୍କର ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ସଂପାଦନ କରୁଛନ୍ତି । ରାଜ୍ୟର ଦ୍ୱିତୀୟ ସୁବିଶାଳ ବିଷ୍ଣୁ ମନ୍ଦିର ସହ ବିଶ୍ୱର ସୁଉଚ୍ଚ ରଥଭାବେ ପ୍ରସିଦ୍ଧି ହାସଲ କରିଥିବା କେନ୍ଦୁଝର ରଥ ପାଇଁ ଜଣାଶୁଣା ଏହି ମନ୍ଦିରର ସବୁଠାରୁ ବଡ ପର୍ବ ଭାବେ ରଥଯାତ୍ରା ଦେଖିବା ପାଇଁ ଅନେକ ଜନସମାଗମ ଦେଖିବାକୁ ମିଳିଥାଏ । ଅନେକ ପ୍ରଥା, ପରମ୍ପରା, ବିଶ୍ୱାସ ଓ ଅପେକ୍ଷାକୁ ନେଇ ଏହି ରଥଯାତ୍ରାରେ ଜିଲ୍ଲା ପ୍ରଶାସନ,ପୋଲିସ ପ୍ରଶାସନ ସହ ଅନ୍ୟାନ ବିଭାଗମାନଙ୍କର ଗୁରୁଦାୟିତ୍ୱ ରହିଥାଏ । ତେବେ କେବଳ ଉପର ଠାଉରିଆ ଭାବରେ ବର୍ଷରେ ମାତ୍ର ଦିନଟିଏ ଜିଲ୍ଲା ପ୍ରଶାସନ ଏପରିକି ଜିଲ୍ଲାପାଳ ବୈଠକଟିଏ କରିଥାନ୍ତି। ବୈଠକକୁ ଲୋକପ୍ରତିନିଧି, ସେବକ, ସାମ୍ବାଦିକ, ବୁଦ୍ଧିଜୀବି,ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି,ସରକାରୀ ଅଧିକାରୀ ଯୋଗ ଦେଇଥାନ୍ତି । ପ୍ରଶାସନ ପୂର୍ବରୁ ପ୍ରସ୍ତୁତ କରି ଆଣିଥିବା ବିବରଣୀକୁ ପାଠ କରି ବୈଠକ ଶେଷ କରିବାକୁ ଉଦ୍ୟମ କରିଥାନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ସମୀକ୍ଷା ବୈଠକ ତ ଦୂରର କଥା ସୁବିଧା-ଅସୁବିଧା ସମ୍ପର୍କରେ ଆଲୋଚନା ମଧ୍ୟ ହୋଇନଥାଏ। ବିପୁଳ ଭୂ-ସମ୍ପତ୍ତିର ମାଲିକ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ସ୍ଥାବର, ଅସ୍ଥାବର ସମ୍ପତ୍ତି ସଂପର୍କରେ କାହାରିକୁ ଜଣାଯାଇନଥାଏ ବା କେହି ଜାଣିବାକୁ ଚାହିଁଲେ ସେହି ତଥ୍ୟ ପ୍ରଦାନ କରାଯାଇନଥାଏ । କେନ୍ଦୁଝର ମହାରାଜଙ୍କ ପ୍ରଦତ୍ତ ସୁନା, ହୀରା, ରୁପା ଅଳଙ୍କାର କେତେ ପରିମାଣର ଅଛି, କେତେ ଅର୍ଥ କେଉଁ ବ୍ୟାଙ୍କରେ ରହିଛି, ବାର୍ଷିକ କେତେ ସୁଧ ଆକାରରେ ମିଳୁଛି ତାହା ସାଧାରଣ ଲୋକଙ୍କ ପାଇଁ ଅଗୋଚରରେ ରହିଯାଉଛି । ଲକ୍ଷାଧିକ ଲୋକଙ୍କ ଆବେଗର ଯାତ୍ରାରେ ରାଜ୍ୟ ସରକାର ଟଙ୍କାଟିଏ ବି ଦେଉନଥିବାବେଳେ ଏହା ଭକ୍ତଙ୍କ ଭାବନାରେ କୁଠାରଘାତ କରୁଥିବା ଆଲୋଚନା ହେଉଛି । ଜିଲ୍ଲାପାଳ ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଆଲୋଚନା ହେଉଛି ।



## କେଏସ୍‌ୟୁବି କଲେଜରେ ଆତ୍ମରକ୍ଷା ତାଲିମ ଶିବିର

ଭଞ୍ଜନଗର(ଭାସ୍କର ନ୍ୟୁଜ୍) : ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ରେ ୮ ଦିନ ବ୍ୟାପୀ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି । ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ଉଦଯାପନୀ ଉତ୍ସବରେ ଯୋଗ ଦେଇ ଛାତ୍ରୀ ମାନକୁ ଉତ୍ସାହିତ କରିବା ସହ ଶିବିରର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଯୋଜନା ଅଧିକାରୀ ଡ ରବିନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୋଜନା ଅଧିକାରିଣୀ ଅଧାପିକା ତୃପ୍ତିମୟୀ ଦାସ ଧନ୍ୟବାଦ୍ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ ହର ପ୍ରସାଦ ଶତପଥୀ, ରେଡକ୍ରସ ଅଧିକାରୀ ବିଦେଶୀ ରାଉତ ପ୍ରମୁଖ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ।



## ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ଉତ୍ସବ ପାଳିତ

କୃଷ୍ଣପ୍ରସାଦ(ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସ୍ତରୀୟ ଯୁଗ ପୁରୁଷୋତ୍ତମ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ର ପୂଣ୍ୟ ୧୩୭ ତମ ଜନ୍ମ ମହୋତ୍ସବ ତଥା କୃଷ୍ଣପ୍ରସାଦ ବ୍ଲକସ୍ତରୀୟ ବାର୍ଷିକ ସତସଙ୍ଗ ଓ ନାମ ସଙ୍କୀର୍ତ୍ତନ ଉତ୍ସବ ମାଲୁଦ ନିକଟସ୍ଥ ମଳେଶ୍ୱରୀ ସତସଙ୍ଗ ବିହାର ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଓ ପଡୋଶୀ ଜିଲ୍ଲା ଗଞ୍ଜାମ ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲା ର ସମସ୍ତ ଠାକୁର ଅନୁକୂଳ ଚନ୍ଦ୍ର ପ୍ରେମୀ ଗୁରୁ ଭାଇ ଓ ମାତୃ ମଣ୍ଡଳୀ ତଥା ଅଞ୍ଚଳର ବହୁ ଶିକ୍ଷାବିତ ବିଦ୍ୟାନ ମାନ୍ୟ ଗଣ୍ୟ ବ୍ୟକ୍ତି ପ୍ରାୟ ୨ ହଜାରରୁ ଅଧିକ ଯୋଗଦେଇ । ବ୍ରାହ୍ମମୂହୁର୍ତ୍ତରୁ ଯୋଗଦେଇ ବେଦମାଙ୍ଗଳିନୀ ପ୍ରତ୍ୟୁଷରେ ଉଷାକୀର୍ତ୍ତନ ଉଷାବିନତି ପ୍ରଣାମ ଅମିୟ ଗ୍ରନ୍ଥାଦି ପଠନ କରାଯାଇ ବରନାଢ୍ୟ ଶୋଭାଯାତ୍ରା ସତସଙ୍ଘ ବିହାର ଠାରୁ ମାଲୁଦ ବଜାର ଶୋଭାଯାତ୍ରାରେ ସଂକୀର୍ତନ ବଜା ସାଙ୍ଗକୁ ହୁଳହୁଳି ହରିବୋଲ ଶବ୍ଦରେ ପ୍ରକମ୍ପିତ କରି ସାହି ନଗର ପରିକ୍ରମା କରିଥିଲେ । ଦୁଇଘଣ୍ଟା ସମଗ୍ର ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ସାଙ୍ଗକୁ ଶୁକ୍ଳ ବର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା । ସତସଙ୍ଗ ବିହାର ଠାରେ ସତସଙ୍ଗ ଓ ସତାଲୋଚନା ଭାତୃ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ସତସଙ୍ଗରେ ପ୍ରବଚକ କହିଥିଲେ ଯେ ଠାକୁରଙ୍କ ବିନା ଇଚ୍ଛାରେ ଗଛରୁ ପତ୍ରଟିଏ ପଡେ ନାହି । ତାଙ୍କର ମଙ୍ଗଳ ବିଧାନରେ ଯାହା ସଂଶୋଧିତ ହୋଇଅଛି । ସେଥିପାଇଁ ଅନୁଶୋଚନା କରିବା ମଧକାର୍ଯ୍ୟ । ତାଙ୍କ ଇଚ୍ଛାରେ ଯାହା ସମ୍ପାଦିତ



ହେଉଛି ତାହା ବିପଦ ନୁହେଁ ସମ୍ପଦର ନିଦାନ ତାହା ନିଷ୍ଠୁରତା ନୁହେ ଦୟାର ଅମୃତ ଧାର ବୋଲି ଉଦବୋଧନ ଦେଇଥିଲେ । ଏହି ବାର୍ଷିକ ସତସଙ୍ଗ କାର୍ଯ୍ୟକ୍ରମକୁ ନିରଞ୍ଜନ ବିଶ୍ୱାଳ ମହେନ୍ଦ୍ର ବେହେରା ମାରୁତି ମୋହନ ପ୍ରଧାନ ପୂର୍ଣ୍ଣ ଚନ୍ଦ୍ର ଦଳେଇ ଦୈତାରୀ ବିଶ୍ୱାଳ ପ୍ରମୁଖ ସମସ୍ତ ଗୁରୁ ଭାଇ ପରିଚାଳନା କରିଥିଲେ। ଆଗନ୍ତୁକ ସମସ୍ତ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ

## ବନ୍ଦର ବିରୋଧରେ ବିସ୍ଥାପିତଙ୍କ ମେଳି

- ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ
- ମୋ ମାଟି ମୋ ପରିଚୟ
- ଆସନ୍ତା ୨୧ଓ ୨୩ତାରିଖରେ ସର୍ବସାଧାରଣ ଶୁଣାଣି

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀ ମୁହାଁଣ ଦକ୍ଷିଣ ପାର୍ଶ୍ୱରେ ପ୍ରସ୍ତାବିତ ବନ୍ଦର ପାଇଁ ଗତ ସେପ୍ଟେମ୍ବର ୧୩ତାରିଖରେ ଅସ୍ତରଙ୍ଗ ବ୍ଲକ ପଡିଆରେ ଜନଶୁଣାଣି ଶିବିର ହୋଇଥିଲା। ପୁନର୍ବାର ଜନଶୁଣାଣି ୨୪ଅକ୍ଟୋବର ଜନ ଶୁଣାଣି ପ୍ରବଳ ପବନ ଏବଂ ବର୍ଷା ଜନିତ ପାଇଁ ବାତିଲ ପରେ ଡିସେମ୍ବର ୬ ଓ ୮ଜନଶୁଣାଣି ଅନେକ କାରଣବଶତଃ ବନ୍ଦ ରହିବା ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ସର୍ବସାଧାରଣ ଶୁଣାଣି ପାଇଁ ଜାନୁଆରୀ ୨୧ଓ ୨୩ତାରିଖ ଧାର୍ଯ୍ୟ କରିଛନ୍ତି। ଅନ୍ୟ ପଟେ ପ୍ରସ୍ତାବିତ ବନ୍ଦର କୁ ବିରୋଧ କରି ଆସୁଥିବା ସ୍ଥାନୀୟ ଜନସାଧାରଣ ପୁନର୍ବାର ରବିବାର ଅପରାହ୍ନରେ ଅସ୍ତରଙ୍ଗ ବ୍ଲକ ପୀରଜାହାନିଆ ନିକଟରେ ଏକତ୍ରିତ ହୋଇ ନିଜ ଭିଟାମାଟିକୁ ସୁରକ୍ଷା ପାଇଁ ମରିବୁ ପଛେ ଛାଡ଼ିବୁ ନାହିଁ। ଜୈବବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ଅସ୍ତରଙ୍ଗ ଅଞ୍ଚଳକୁ ପ୍ରତିବର୍ଷ ବିଦେଶାଗତ ପକ୍ଷୀଙ୍କ ସମାଗମ ହେଉଛି। ସେହିପରି ଏହି ଅଞ୍ଚଳ ଅଲିଭ ରିଡେଲ କଇଁଛଙ୍କ ଅଣ୍ଡାଦାନ ସ୍ଥଳୀ ଭାବେ ବେଶ ପରିଚିତ ଅଟେ। ସ୍ଥାନୀୟ ଅଞ୍ଚଳବାସୀ ନିଜର ପରିବାର



ପ୍ରତିପୋଷଣ ପାଇଁ ଧାନ, ପାନ ଓ ମୀନ ଉପରେ ନିର୍ଭର କରି ଜୀବନ ନିର୍ବାହ କରୁଛନ୍ତି। ଏଠାରେ ବନ୍ଦର ହେଲେ ଅନେକ ସମସ୍ୟା ସୃଷ୍ଟି ହେବ। ଜୀବନ ପଛେ ଚାଲିଯିବ ନିଜ ଭିଟାମାଟିକୁ ଛାଡ଼ିବୁ ନାହିଁ ବୋଲି ବିସ୍ଥାପିତମାନେ ଏକ ସ୍ୱରରେ ମତ ପ୍ରକାଶ କରିଥିଲେ। ଏହା ସହ ମୋ ମାଟି ମୋ ପରିଚୟ ବାର୍ତ୍ତା ରଖିଥିଲେ। ପୀରଜାହାନିଆ ପୀଠରେ ପୀରଜାହାନିଆ ଭିଟାମାଟି ସୁରକ୍ଷା ମଞ୍ଚ ତରଫରୁ ରବିବାର ଅପରାହ୍ନରେ ନିଜ ଭିଟାମାଟି ସୁରକ୍ଷା ପାଇଁ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି।

## ୨୫ଲକ୍ଷର ମୋବାଇଲ ଚୋରି ଘଟଣାକୁ ମାସେ ବିତିଲା, ପୋଲିସ ହାତ ଖାଲି

### ୫୦ରୁ ଊର୍ଦ୍ଧ୍ୱ ମୋବାଇଲ ବଙ୍ଗଳାଦେଶ ଚାଲିଯାଇଥିବା କହି ପୋଲିସ ନିରୁପାୟ

ଚମ୍ପୁଆ(ଭାସ୍କର ନ୍ୟୁଜ୍): ଏକ ମାସ ପୂର୍ବେ ଚମ୍ପୁଆ ବଜାର ଉପରେ ଚମ୍ପୁଆ ପୋଲିସ ଥାନାରୁ ମାତ୍ର ୨୦୦ମିଟର ଦୂରରେ ଜେଲଖାନା ନିକଟରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସର ଉପର ମହଲାରେ ଥିବା ରାଜ ଏଣ୍ଡ୍ ରାଜ ମୋବାଇଲ ଦୋକାନରୁ ଏକ ବଡ ଧରଣର ଚୋରି ହୋଇଥିଲା। ଚୋରମାନେ ଚମ୍ପୁଆ ପୋଲିସର ନାକ ତଳୁ ୨୫ ଲକ୍ଷ ଟଙ୍କାର ମୋବାଇଲ ଚୋରି କରି ଚମ୍ପୁଆ ପୋଲିସ କୁ ଦେଇଥିଲେ ଖୋଲା ଚାଲେଞ୍ଜ । ଚମ୍ପୁଆ ପୋଲିସ ମଧ୍ୟ ଏହାକୁ ଏକ ଚାଲେଞ୍ଜ ଭାବରେ ଗ୍ରହଣ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଚୋରମାନଙ୍କୁ ଧରିବା ପାଇଁ ଜୋରଦାର ପ୍ରୟାସ ଆରମ୍ଭ କରିଦେଇଥିଲେ । କିନ୍ତୁ ଚୋରି ହୋଇଥିବା ଘଟଣାକୁ ମାସେ ବିତିବା ପରେ ମଧ୍ୟ ପୋଲିସର ହାତ ଏବେ ସୁଦ୍ଧା ଖାଲି । ଚମ୍ପୁଆ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି, ଲୁଟ ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାବେଳେ ଚମ୍ପୁଆ ବଜାର ଉପରେ ୨୫ ଲକ୍ଷ ଟଙ୍କାର ମୋବାଇଲ ଓ ମୋବାଇଲ ସରଞ୍ଜାମ ଚୋରି କରିନେଇ ଥିବା ଚୋର ମାନଙ୍କ ଟେର ଚମ୍ପୁଆ ପୋଲିସ ପାଉ ନଥିବା ଯୋଗୁଁ ଦିନକୁ ଦିନ ଚୋରମାନଙ୍କ ମନୋବଳ ବୃଦ୍ଧି ପାଇବାରେ ଲାଗିଛି । ଚମ୍ପୁଆ ପୋଲିସ ଉକ୍ତ ଚୋରି ଘଟଣାକୁ କେସ ନମ୍ବର ୩୧୮/୨୪ ରେ ଏକ ମକଦ୍ଦମା ରୁଜୁ କରି ସାଇଣ୍ଟିଫିକ ଟିମର ସହାୟତାରେ ବିଭିନ୍ନ ସିସିଟିଭି ଫୁଟେଜକୁ ତର୍ଜମା କରି ତଦନ୍ତ ଚଳାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଚୋର କିମ୍ବା ଚୋରି ସାମଗ୍ରୀ ଜବତ କରିବାରେ ବିଫଳ ହୋଇଛନ୍ତି । ସୂଚନା ଅନୁସାରେ ରାଜ ଏଣ୍ଡ ରାଜ ମୋବାଇଲ ଦୋକାନର ମାଲିକ ଦିଲ୍ଲିପ କୁମାର ରାଜ ଗତ ଡିସେମ୍ବର ମାସ ୧୨ ତାରିଖ ରାତି ୯ ଟା ବେଳେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ତା'ପରଦିନ ସକାଳେ ଦୋକାନ ଖୋଲିବାକୁ ଆସିଥିବା ବେଳେ ଦୋକାନର ସଟର କଟା ହୋଇଥିବା ଦେଖିବାକୁ ପାଇଥିଲେ । ତୁରନ୍ତ ସଟର ଉଠାଇ ଦେଖିବାରୁ ଦୋକାନ ଥାକରେ ଥିବା ମୋବାଇଲ ଓ ଆସୋସେରିଜ୍ ଗୁଡିକ ନଥିଲା। ଦୋକାନ ନିକଟରେ ଥିବା ସର୍ବସାଧାରଣ ଜାତାୟତ ସିଡିରେ ଚୋରି ହୋଇଥିବା ମୋବାଇଲ ଗୁଡିକର ଖୋଳ ପଡିଥିବା ଦେଖିବାକୁ ପାଇଥିଲେ । ଦୋକାନ ରୁ ୧୪୯ ଗୋଟି ସ୍ମାର୍ଟ




ମୋବାଇଲକୁ ଚୋରମାନେ ନେଇ ଯାଇଥିବା ବେଳେ ମୋବାଇଲ ଖୋଳ ଗୁଡ଼ିକୁ ଫିଙ୍ଗି ଦେଇ ଚାଲି ଯାଇଥିଲେ। ଦୋକାନ ମାଲିକଙ୍କ କହିବା ଅନୁସାରେ ଚୋରି ହୋଇଥିବା ମୋବାଇଲ ଗୁଡ଼ିକର ଅନୁମାନିକ ମୂଲ୍ୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଚୋର ମାନେ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଉପରେ ପଲିଥିନ ଘୋଡାଇ ଚୋରି କରିବା ସହିତ ଦୋକାନ ଭିତରେ ଥିବା ସିସିଟିଭି ହାର୍ଡଡିସ୍କକୁ ମଧ୍ୟ ନେଇଯାଇଥିଲେ । ତେବେ ଚମ୍ପୁଆ ପୋଲିସ ଦ୍ୱାରା ଚମ୍ପୁଆ ବଜାରରେ ଲଗାଯାଇଥିବା ସିସିଟିଭି ଓ ଆଖ ପାଖ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜରୁ ଚୋରମାନେ ରାତିରେ ବାଇକରେ ଆସି ୩ ଘଣ୍ଟା ରୁ ଉର୍ଦ୍ଧ୍ୱ ସମୟ ଧରି ଚୋରି କରିଥିବା ଦେଖା ଯାଇଥିବାବେଳେ ଚମ୍ପୁଆ ପୋଲିସ ପେଟ୍ରୋଲିଂ ଗାଡ଼ି କିପରି କିପରି ତାହାର ସୁରାକ ପାଇ ପାରିଲା ନାହିଁ ତାହା ଏକ ବଡ ପ୍ରଶ୍ନବାଚୀ ହୋଇ ରହିଯାଇଛି। ଖବର ପାଇ ଚମ୍ପୁଆ ଏସଡିପିଓ ବିଜୟ ମଲ୍ଲିକ,ଚମ୍ପୁଆ ଆଇଆଇସି ଅବିନାଶ ପରିଡା,ବାରିଆ ଆଇଆଇସି ଦେବକି ନାଏକ,ଭଜମନ ରାଜ ସାହୁ ପ୍ରମୁଖ ପୋଲିସ ଅଧିକାରୀମାନେ ଘଟଣା ସ୍ଥଳରେ ପହଁଚି ଚୋରିର ବିଭିନ୍ନ ଦିଗ ପ୍ରତି ଦୃଷ୍ଟିପାତ କରିବା ସହିତ ତଦନ୍ତ ଆରମ୍ଭ କରିଥିଲେ। ତେବେ ଚୋରିହେବାର ୧ମାସରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ୍ୟ ପୋଲିସର ହାତ ଏବେ ସୁଦ୍ଧା ଖାଲି ରହିଛି। ଚୋରି ହୋଇଥିବା ଦୋକାନୀଙ୍କୁ ମୋବାଇଲ କମ୍ପାନୀ ନିକଟରୁ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ୫୦ରୁ ଉର୍ଦ୍ଧ୍ୱ ମୋବାଇଲ ଆକଟିଭସେନ ହୋଇସାରିଲାଣି । ଦୋକାନୀ ଏକ୍ଟିଭ ହୋଇଥିବା ମୋବାଇଲ ଗୁଡ଼ିକର ତଥ୍ୟ ଚମ୍ପୁଆ ପୋଲିସ କୁ ଦେଇଥିବା ବେଳେ ଚୋରି ମୋବାଇଲଗୁଡ଼ିକ ଭାରତର ପଡୋଶୀ ଦେଶ ବାଙ୍ଗଲାଦେଶରେ ଏକ୍ଟିଭ ହୋଇଥିବା ନେଇ ଆଇଆଇସି ଦେବକୀ ନାଏକ ସୂଚନା ଦେଇଛନ୍ତି । ତେବେ ଚୋରମାନେ କଣ ଧରା ପଡ଼ିବେ ନାହିଁ କି ପ୍ରଶ୍ନ କରିବାରୁ ଆଇଆଇସି ଦେବକୀ ନାଏକ ଚୋରି ମୋବାଇଲ ଗୁଡ଼ିକ ବାଙ୍ଗଲାଦେଶ ଚାଲି ଯାଇଥିବାରୁ ଆମେ ନାଚାର, କିନ୍ତୁ ଏକ୍ଟିଭ ହୋଇ ନ ଥିବା ମୋବାଇଲ ଗୁଡ଼ିକ ଏକ୍ଟିଭ ହେବାକୁ ଆମେ ଅପେକ୍ଷା କରିଛୁ। ଭାରତ ଭିତରେ ଗୋଟିଏ ମଧ୍ୟ ମୋବାଇଲ ଏକ୍ଟିଭ ହେଲେ ଆମେ ମୋବାଇଲ ଚୋରକୁ ଧରିବାରେ ତିଳେ ମାତ୍ର ବିଳମ୍ବ କରିବୁ ନାହିଁ ବୋଲି କହିଛନ୍ତି। ତେବେ ଚମ୍ପୁଆ ରୁ ଚୋରମାନଙ୍କ ରାକେଟ ଯେ ବିଦେଶ ବାଙ୍ଗଲାଦେଶ ପର୍ଯ୍ୟନ୍ତ ବ୍ୟାପିଗଲାଣି ତାହା ନିଶ୍ଚିତ ଭାବରେ ଚମ୍ପୁଆ ବାସୀଙ୍କ ପାଇଁ ଏକ ଚିନ୍ତାଜନକ ବିଷୟ । ଦିନଥିଲା ଚୋରମାନେ ଚୋରି କରି ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ କୁ ଚାଲି ଯାଉଥିଲେ। କିନ୍ତୁ ଚୋର ମାନେ ଆଉ ପାଦେ ଆଗକୁ ଯାଇ ଚୋରି କରି ପଡୋଶୀ ଦେଶ ବଙ୍ଗଳାଦେଶ କୁ ଚାଲି ଯାଉଛନ୍ତି। ତେଣୁ ଚମ୍ପୁଆ ପୋଲିସକୁ ନିଜର ଚିରାଚରିତ କାର୍ଯ୍ୟଶୈଳୀକୁ ପରିବର୍ତ୍ତନ କରି ଆଗକୁ ଅଧିକ ସଜାଗ ଓ ସତର୍କ ହେବାକୁ ପଡିବ। ତେବେ ଚମ୍ପୁଆ ପୋଲିସ କେବେ ସେ ମୋବାଇଲ ଚୋରକୁ ଧରିବାରେ ସଫଳ ହେଉଛନ୍ତି ତାହା ଦେଖିବା ବାକି ରହିଲା।

## ଓମ୍ ଶିଶୁଶିକ୍ଷା କେନ୍ଦ୍ରରେ ରାଜ୍ୟସ୍ତରୀୟ ଅଲମ୍ପିଆଡ୍ ଟେଷ୍ଟ୍

ଶୁଳିଆପଦା (ଭାସ୍କର ନ୍ୟୁଜ୍) : ଶୁଳିଆପଦା ବ୍ଲକର ଦେଉଳିସ୍ଥିତ ଓମ ଶିଶୁଶିକ୍ଷାକେନ୍ଦ୍ର ଠାରେ ଭାରତୀୟ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର, ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଅଲିମ୍ପିଆଡ଼ ଟେଷ୍ଟ, ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ପରୀକ୍ଷାଟି ମୟୂରଭଂଜ ଜିଲ୍ଲାରେ ପ୍ରଥମଥର ଅନୁଷ୍ଠିତ ହେଉଥିବାରୁ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଅଭିଭାବିକା ତଥା ଶିକ୍ଷକଶିକ୍ଷୟିତ୍ରୀମାନେ ବେଶ ଉତ୍ସାହିତ ଥିଲେ । ଉକ୍ତ ପରୀକ୍ଷାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରିକା ପୁଥାଳ,ନୀରିକ୍ଷକ ଥିବାବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅର୍ଚ୍ଚନା ଟିପିରିଆ, ପ୍ରଜ୍ଞା ପାରମିତା ଧୀର, ଲକ୍ଷ୍ମୀମଣୀ ଧଳ, ମାମି ବେହେରା, ବିଷ୍ଣୁପ୍ରିୟା ନାୟକ,ସୁଦେଶୀ ଥୟାଳ,ପ୍ରମୁଖ ଉକ୍ତ ପରୀକ୍ଷାରେ ସଂପୂର୍ଣ୍ଣ ସହଯୋଗ କରିଥିଲେ। ଉକ୍ତ ରାଜ୍ୟସ୍ତରୀୟ ପରୀକ୍ଷା ନିମନ୍ତେ ବାରିପଦାର ଶ୍ରୀ ଶ୍ରୀହରି ବଳଦେବଜିଉ ଶିଶୁ ମନ୍ଦିରର ଗୁରୁଜୀ ବିମଳକୁମାର ମହାପାତ୍ର, ଓ ଦେବବ୍ରତ ପାତ୍ର ପରୀକ୍ଷା ପର୍ଯ୍ୟବେକ୍ଷକ ରୂପେ ଆସି ସୂଚାରୁରୂପେ ପରୀକ୍ଷାର ତଦନ୍ତ ଓ ନିରିକ୍ଷଣ କରିଥିଲେ । ଏହି ବିଦ୍ୟାଳୟର ୩ୟ ଶ୍ରେଣୀଠାରୁ ୮ ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯୩ ଜଣ ଛାତଛାତ୍ରୀ,ପରୀକ୍ଷା ଦେଇଥିଲେ ଶେଷରେ ଓମ ଶିଶୁଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ମନୋଜ କୁମାର ବେହେରା ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ରାଶିଫଳ

**ସୋମବାର, ୨୦ ଜାନୁଆରୀ ୨୦୨୫**



**ମେଷ:** ସାମାଜିକ କଲ୍ୟାଣ କାମରେ ପୂର୍ଣ୍ଣ ସହଯୋଗ କରିବେ। ବ୍ୟବସାୟକ୍ଷେତ୍ରରେ ଅନେକ ସୂତ୍ରରୁ କିଛି ଧନ ପାଇବାର ଯୋଗ ଅଛି। ରାଜନୀତି କ୍ଷେତ୍ରରେ କାର୍ଯ୍ୟଭାର ବହନ କରି ଯାତ୍ରା କରିବାକୁ ପଡ଼ିବ। ବାଦ-ବିବାଦ, ପରୀକ୍ଷା, ପ୍ରତିଯୋଗୀତା, ମାଲିମୋକଦ୍ଦମାରେ କୃତକାର୍ଯ୍ୟ ହେବେ।



**ବୃଷ:** ରାଜନୀତିରେ କାର୍ଯ୍ୟରେ ପ୍ରେରଣା ଓ ଉତ୍ସାହ ପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଶାରୀରିକ ଓ ମାନସିକ ସ୍ଥିରତା ଦେଖାଦେବ। ଛାତ୍ର-ଛାତ୍ରୀମାନେ ନିଜ ଗୋଡରେ ନିଜେ ଠିଆ ହେବାକୁ ସାହସ ବାନ୍ଧିବେ।



**ମିଥୁନ:** ସାଙ୍ଗସାଥିମାନେ ସାହାଯ୍ୟ କରିବେ ଓ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଛାତ୍ର-ଛାତ୍ରୀମାନଙ୍କର ପରୀକ୍ଷା ପ୍ରତିଯୋଗିତାରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ। ମାଲିମୋକଦ୍ଦମାରେ ନିଜ ପକ୍ଷ ସବଳ ରହିବ।



**କର୍କଟ:** ସହକର୍ମୀ ମାନଙ୍କର ସମର୍ଥନ ଏବଂ ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ଏବଂ ସୁନାମ ଅର୍ଜନ କରିବେ। ବନ୍ଧୁ, ମିତ୍ର ଏବଂ ଉଚ୍ଚପଦାଧି କାରୀଙ୍କ ଠାରୁ ସାହାଯ୍ୟ ସହଯୋଗ ପାଇବେ। ଯାନବାହାନ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇ ପାରେ।



**ସିଂହ:** ସହକର୍ମୀ ଓ ଅଧସ୍ତନ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ ଓ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। ଆନୁଷ୍ଠାନିକ କାମରେ ଠିକ୍ ପରାମର୍ଶ ଦେଇ ଆଦର, ସମ୍ମାନ ଓ ପ୍ରଶଂସା ମିଳିବ। ଜାଗା, ଜମି, ଗୃହ ସମ୍ବନ୍ଧୀୟ ସମସ୍ୟା ସମାଧାନ ହୋଇପାରେ। ନୂଆଲକ୍ଷ ପୂରଣ କରିବା ପାଇଁ ସମୟ ନିର୍ଦ୍ଧାରିତ କରିବେ।



**କନ୍ୟା:** ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଛାତ୍ର-ଛାତ୍ରୀମାନଙ୍କର ବିଦ୍ୟାରେ ଉନ୍ନତି ଘଟିବ। ପାରିବାରିକ ଏବଂ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ବ୍ୟବସାୟକ୍ଷେତ୍ରରେ ବୃତ୍ତିଗତ ଦୃଷ୍ଟିରୁ ପରିଶ୍ରମ ବୃଦ୍ଧି ପାଇବା ଫଳରେ ସୁଖ ଶାନ୍ତି ବର୍ଦ୍ଧିତ ହେବ ଓ ସୁରକ୍ଷିତ ରହିବେ।



**ତୁଳା:** ସନ୍ତାନଙ୍କର ଉନ୍ନତିରେ ଖୁସି ହେବେ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନୂତନ କର୍ମପ୍ରାପ୍ତିର ସୂଚନା ପାଇବେ। ପରିବାରର ସମସ୍ୟାର ସମାଧାନ ହୋଇଯିବ। ରାଜନୀତି କ୍ଷେତ୍ରରେ ସାମାଜିକ କଲ୍ୟାଣ ଓ ଜୀବନସ୍ତର ପରିବର୍ତ୍ତନର ଉଦ୍ୟମ କରିବେ।



**ବିଛା:** ସନ୍ତାନ ସନ୍ତତିଙ୍କ ମର୍ଜି ରକ୍ଷାକରି ଶାନ୍ତି ପାଇବେ। ସାମାଜିକ କାର୍ଯ୍ୟରେ ରତ ହେଲେ ସାଧୁ-ସନ୍ଥ ଓ ଗୁରୁଜନଙ୍କ ଶୁଭାଶୀର୍ବାଦ ପ୍ରାପ୍ତ ହେବ। କିଣା ବିକା ବା କମିଶିନ୍ ବ୍ୟବସାୟରେ ଆଶାତୀତ ଲାଭକରି କିଛି ନୂତନ ପଦାର୍ଥ ସଂଗ୍ରହ କରିବେ। ନିର୍ମାଣ ମୂଳକ ଯୋଜନାରେ ଆଗେଇ ପାରିବେ ଓ ଅଧା-ଅଧୁରାଥିବା କାର୍ଯ୍ୟ ପୂରଣ ହୋଇଯିବ।



**ଧନୁ:** ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ। ବ୍ୟବସାୟରେ ଉଧାର ଦେଇ ଫେରି ପାଇବା ସହଜ ହେବ। ପାରିବାରିକ କ୍ଷେତ୍ରରେ ସାଧାରଣ ଚଳଣି ଅତୁଟ ରହିବ। ପରୀକ୍ଷା, ପ୍ରତିଯୋଗୀତା, ସାକ୍ଷାତକାରରେ ବିଜୟୀ ହେବେ। ଅନେକ କ୍ଷେତ୍ରରେ ସ୍ୱାଭିମାନ ରକ୍ଷା ହେବ। ଦାମ୍ପତ୍ୟ କଳହ ସମସ୍ୟାର ସମାଧାନ ହୋଇଯିବ।



**ମକର:** ଜାଗା, ଜମି, ଗୃହପୋକରଣ କ୍ରୟ କରିବେ। ଆୟ ଉପାର୍ଜନରେ ବାଧା ନାହିଁ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ବିଜୟୀ ହେବେ। ମାନସିକ ଶାନ୍ତି ଓ ସ୍ୱାସ୍ଥ୍ୟରେ ଉନ୍ନତି ପରିଲିକ୍ଷିତ ହେବ। ପାରିବାରିକକ୍ଷେତ୍ରରେ ସ୍ନେହସଦ୍ଭାବର ବୃଦ୍ଧିହେବ। କର୍ମସଂଧାନୀ ମାନେ କର୍ମନିଯୁକ୍ତି କ୍ଷେତ୍ରରେ ସଫଳ ହେବେ।



**କୁମ୍ଭ:** ବ୍ୟବସାୟକ୍ଷେତ୍ରରେ ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ରାଜନୀତି କ୍ଷେତ୍ରରେ ସଫଳତା ଏବଂ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ପାଇବ। କୌଣସି ପୁରାତନ ରୋଗରୁ ମୁକ୍ତି ମିଳିବ। ପାରିବାରିକକ୍ଷେତ୍ରରେ ସ୍ୱାର୍ଥ ପ୍ରବୃତ୍ତିର ଶୀକାର ହୋଇ ସମ୍ପର୍କର ମଧୁରସ୍ୱାଦ ଆସ୍ୱାଦନ କରିବେ।



**ମୀନ:** ତଳ ମହଲରୁ ଆଶାତୀତ ଲାଭ ପାଇବେ। ବିଦ୍ୟାରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଚିନ୍ତା କରିଥିବା କାମ ଗୁଡିକ ଠିକ୍ ଭାବେ ସଂପୂର୍ଣ୍ଣ ହେବ। ଇଚ୍ଛା ନ ଥିଲେ ମଧ୍ୟ କେତେକ କର୍ମ କରିବାକୁ ବାଧ ହେବେ। ସ୍ଥାୟୀ ରୋଗୀମାନେ ଦୂରସ୍ଥାନକୁ ଯାତ୍ରା କରି ଶାରୀରିକ ଅସୁସ୍ଥତା ଅନୁଭବ କରିବେ।



ଶ୍ରୀପତି ଗୁରୁ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ସମ୍ବଲପୁର(ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲାପ୍ରଶାସନ ଓଜେଏସ୍‌ଡବ୍ଲୁ ମିଳିତ ଆନୁକୁଲ୍ୟରେ ୩୬ତମ ଜାତୀୟ ସଡ଼କ ସୁରକ୍ଷା କର୍ମଶାଳା ୨୦୨୫ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ୭୦୦ ଏକର ପରିମିତ ଜାଗାରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଆର୍ଟିଓ, ରାମ ପ୍ରସାଦ ତୁଡୁ ମୁଖ୍ୟ ଅତିଥିଭାବେ ଯୋଗଦେ ଇ-ଭାରି ଜାନ ଚଳାଉଥିବା ଡ୍ରାଇଭରଙ୍କୁ ସଚେତନ କରିବାସହ ' ଓ 'ପାଲମ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ୨୫୦ ଜଣ ଡ୍ରାଇଭର ଯୋଗଦାନ କରିଥିଲେ। ୭ଗୋଟି ଭିନ୍ନଭିନ୍ନ କାର୍ଯ୍ୟକ୍ରମ ଚାଲିଥିଲା। ସେଥିମଧ୍ୟରୁ ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ମାଗଣା ଚକ୍ଷୁ ଚିକିତ୍ସା ସହ, ଔଷଧ ପ୍ରଦାନ,ପ୍ରଥମ ଆଇଡି ତାଲିମ ଡ୍ରାଇଭର ଟ୍ରେନିଂ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାର ସ୍ୱାସ୍ଥ୍ୟବିଭାଗର ବିଶେଷଜ୍ଞ ଡାକ୍ତର, ଅଗ୍ନିଶମ ଏବଂ ସମ୍ବଲପୁର ପୋଲିସ ଅଧିକାରୀ ଯୋଗଦାନ କରି ପାଳମ ପ୍ରଦାନ କରିଥିଲେ। ଯୋଗଦାନ ଅଧିକାରୀଙ୍କ ମଧ୍ୟରେ ଅତିରିକ୍ତ ଆର୍ଟିଓ କାହ୍ନୁଚରଣ ବାନରା, ଭିଜିଲାନ୍ସ ଅଧିକାରୀ ମନୋଜ କୁମାର ସିଂହ, ଅଶୋକ କୁମାର ବିଶ୍ୱାଳ, ଜିଏମ.ରବିପ୍ରସାଦ, କୁଳଦୀପ ଭରଦ୍ୱାଜ, ଟ୍ରାନ୍ସପୋର୍ଟ ବିଭାଗର ରଂଜନ କୁମାର ସିଂହ, ଜିଏମ୍ ସିପିଟି ମହେଶ ଠାକୁର, ଜେଏସ୍‌ଡବ୍ଲୁ ଡେ଼ପୁଟି ମ୍ୟାନେଜର ପ୍ରମୋଦ କୁମାର ପାତ୍ର ପ୍ରମୁଖ ସହଯୋଗ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲକ୍ଷାଧିକ ଟଙ୍କାର ସମ୍ବଲପୁରୀ ବସ୍ତ୍ର କିଣିଲେ ସିଙ୍ଗାପୁର ରାଷ୍ଟ୍ରପତି



ବରଗଡ଼(ଭାସ୍କର ନ୍ୟୁଜ୍): ସମ୍ବଲପୁରୀ ବସ୍ତ୍ରାଳୟର କଳାଭୂମି ଭୁବନେଶ୍ୱର ଠାରେ ଥିବା ଷ୍ଟଲକୁ ସିଙ୍ଗାପୁର ରାଷ୍ଟ୍ରପତି ଥରମନ ସନ୍ ମୁଗରନ୍ମ ବୁଲି ଦେଖିବା ସହିତ ସମ୍ବଲପୁରୀ ଶାଢ଼ି, ବେଡସିଟ୍, ସାଲ ଏବଂ ଅନ୍ୟାନ୍ୟ ଏକଲକ୍ଷରୁ ଊର୍ଦ୍ଧ୍ୱ କିଣିବା ସହିତ ଆଗାମୀ ଦିନରେ ହ୍ୟାଣ୍ଡଲୁମ ବ୍ୟବସାୟ ସିଙ୍ଗାପୁର ସହିତ ଯୋଡ଼ି ହେବ ବୋଲି ଆଶା କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ , ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଙ୍କ ସହ ଟେକ୍ସଟାଇଲ କମିଶନର , ଡାଇରେକ୍ଟର ତଥା ମାର୍କେଟିଂ ଅଧିକାରୀ ହେମନ୍ତ ମିଶ୍ର ଉପସ୍ଥିତ ଥିଲେ ।

## ନବୋଦୟ ପ୍ରବେଶିକା ପରୀକ୍ଷା ଦେଲେ ୨୫୮ ଜଣ, ୩୮ ଅନୁପସ୍ଥିତ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ସାଙ୍ଗାନ୍ନା ହାଇସ୍କୁଲ କେନ୍ଦ୍ରରେ ଶନିବାର ଦିନ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କେନ୍ଦ୍ରରେ ଲକ୍ଷ୍ମୀପୁର ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟର ଫର୍ମ ପୂରଣ କରିଥିବା ୨୯୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୫୮ ଜଣ ପରୀକ୍ଷା ଦେଇଥିବା ବେଳେ ୩୮ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ଏହି ପରୀକ୍ଷା ସକାଳ ସାଢେ ଏଗାରଟାରୁ ଆରମ୍ଭ ହୋଇ ସାଢେ ଗୋଟାଏରେ ଶେଷ ହୋଇଥିଲା। ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳ ଅଧିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିବା ବେଳେ ୧୩ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିରୀକ୍ଷକ ଭାବେ ନିୟୋଜିତ ହୋଇଥିଲେ।ଏହି ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ଭାବେ କୋରାପୁଟ ନବୋଦୟ ବିଦ୍ୟାଳୟ ତରଫରୁ ମହମ୍ମଦ ତାରିକ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁତି ଭୂଷଣ ଟାକ୍ରୀ ଯୋଗ ଦେଇଥିଲେ। ଲକ୍ଷ୍ମୀପୁର ପୋଲିସ ଉପସ୍ଥିତିରେ ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ସଂପନ୍ନ ହୋଇଥିବା ଜଣାଯାଇଛି। ଏହି ପରୀକ୍ଷାର ପରିଚାଳନା ଦାୟିତ୍ୱ ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ସୁଚାରୁ ରୂପେ ତୁଲାଇ ଥିବା ବେଳେ ବିଜୟ ସୁରଜ୍ ନାୟର,ଡଲି ରାଣୀ ଖରା,ସଂଯୁକ୍ତା ତୁରୁକ୍, ବୈଜୟନ୍ତୀ ମିଣିଆକା ଓ ନୂତନ ଚେଟୀ ସବୁ କ୍ଷେତ୍ରରେ ସହଯୋଗ କରିଥିଲେ।

ଶିକ୍ଷା ବିଭାଗର ବିକଳ ଚିତ୍ର

## ଗୋଟିଏ ଶ୍ରେଣୀ ଗୃହରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୭୦ ଛାତ୍ରଛାତ୍ରୀ

ମାଲକାନଗିରି (ଭାସ୍କର ନ୍ୟୁଜ୍): ଜିଲ୍ଲାରେ ଶିକ୍ଷା ବିଭାଗର ବିକଳ ଚିତ୍ର ଦେଖିବାକୁ ମିଳିଛି । ଗୋଟିଏ ଶ୍ରେଣୀରେ ବସି ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୭୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ମୁଦାଖାଲ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୭୦ ଜଣ ଛାତ୍ରଛାତ୍ରୀ ଗୋଟିଏ ଶ୍ରେଣୀ ଗୃହରେ ଅଧ୍ୟୟନ କରୁଛନ୍ତି। ଏଥିସହ ଉକ୍ତ ବିଦ୍ୟାଳୟରେ ୭୦ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ପାଇଁ କେବଳ ଦୁଇ ଜଣ ଶିକ୍ଷକ ଅଛନ୍ତି । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଚିତ୍ରାଙ୍ଗପାଲ୍ଲୀ ପଂଚାୟତ ଅନ୍ତର୍ଗତ ମୁଦାଖାଲ ପ୍ରାଥମିକ ବିଦ୍ୟାଳୟରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି । ଏ ସମ୍ବନ୍ଧରେ ମୁଦାଖାଲ ଗ୍ରାମବାସୀ ପ୍ରକାଶ କରିଛନ୍ତି ଯେ, ଆଜକୁ ପ୍ରାୟ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ମୁଦାଖାଲ ପ୍ରାଥମିକ ବିଦ୍ୟାଳୟ କେବଳ ଦୁଇ ଜଣ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ଚାଲିଛି । ଏଥିସହ ଏହି ବିଦ୍ୟାଳୟରେ ମୋଟେ ୭୦ଜଣ ଛାତ୍ରଛାତ୍ରୀ ଥିବାବେଳେ କେବଳ ଗୋଟିଏ କକ୍ଷରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ଚାଲିଛି । କେବଳ ଏତିକୁ ନୁହେଁ ଏହି ବିଦ୍ୟାଳୟର ଉକ୍ତ ଶ୍ରେଣୀଗୃହ ମଧ୍ୟ ଅଚଳ ଅବସ୍ଥାରେ ପଡିଥିବାବେଳେ ଏହାର ମରାମତିର ଆବଶ୍ୟକତା ରହିଛି । ତେଣୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ଶ୍ରେଣୀ ଗୃହକୁ ମରାମତି କରିବା ସହ ନୂତନ ଶ୍ରେଣୀଗୃହ ନିର୍ମାଣ କରିବା, ବିଦ୍ୟାଳୟକୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦେବା ପାଇଁ ଦାବି କରିଛନ୍ତି । ତେବେ ଏହାକୁ ନେଇ ପୂର୍ବରୁ ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ପ୍ରଶାସନ, ବ୍ଲକ ଶିକ୍ଷାଧିକାରୀ, ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଗ୍ରାମବାସୀ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ମୁଦାଖାଲ ଗ୍ରାମର ମୁଖିଆ ଜଗା ମାଢ଼ି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମନାଥ ମାଢ଼ି, ୱାର୍ଡମେମ୍ବର ଶିଙ୍ଗା ମାଢ଼ି, କନା ସୋଡି, ଉଙ୍ଗା କବାସୀ, ଭିମା ସୋଡି, ଦେବା ସୋଡି, ମହେନ୍ଦ୍ର ମାଢ଼ି ପ୍ରମୁଖ ଦାବି କରିଛନ୍ତି । ତେବେ ଏନେଇ କାଲିମେଳା ବ୍ଲକ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲିଙ୍କୁ ପଚାରିବାରୁ ସେ ପ୍ରକାଶ କରିଛନ୍ତି ଯେ, ବିଦ୍ୟାଳୟ ଗୃହ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ତେବେ ଖୁବଶୀଘ୍ର ଏ ନେଇ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।




## ଗୁଣି ଗାରେଡି ସନ୍ଦେହରେ ବୃଦ୍ଧାଙ୍କୁ ଛୁରାମାଡ଼

ରାୟଗଡା(ଭାସ୍କର ନ୍ୟୁଜ୍):ଗୁଣି ଗାରେଡି ସନ୍ଦେହରେ ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କୁ ଛୁରାମାଡ କରାଯାଇଛି। ଏଭଳି ଅଭାବନୀୟ ଘଟଣା ରାୟଗଡା ଟାଉନ୍ ଥାନା ଅନ୍ତର୍ଗତ ମାଙ୍କଡ଼ଝୋଲା ଗ୍ରାମରେ ଦେଖିବାକୁ ମିଳିଛି। ଆହତ ବୃଦ୍ଧା ଖାଳିମଣି ଜାନୀଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୃଦ୍ଧାଙ୍କ ପେଟର ଡାହାଣ ପାଖରେ ଛୁରାରେ ଆଘାତ ଲାଗିଥିବା ଦେଖିବାକୁ ମିଳିଛି।



ଗତକାଲି ରାତି ୧୦ ଟା ସମୟରେ ବାଲୁ ଝୋଡିଆ ଓ ବେଜୁ ଜାନି ମିଶି ବୃଦ୍ଧା ଖାଲିମଣିଙ୍କୁ ଘରୁ ବାହାରକୁ ଡାକିବା ସହ ପେଲାଠେଲା କରିଥିଲେ। ପରେ ଏକ ଧାରୁଆ ଛୁରୀରେ ଖଲିମଣିଙ୍କୁ ଆକ୍ରମଣ କରି ମାଡ ମାରିବା ସହ ପାଖ ନଦୀପଠାରେ ଫିଙ୍ଗି ଦେଇଥିଲେ। ଆଜି ସକାଳୁ ସ୍ଥାନୀୟ ଲୋକେ ଖବର ପାଇ ପରିବାର ଲୋକଙ୍କୁ ଜଣାଇବା ପରେ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇଥିଲା। ଗତ କିଛି ମାସ ତଳେ ଅଭିଯୁକ୍ତ ବାଲୁ ଝୋଡିଆର ବୋହୁ ଓ ନାତି ଅସୁସ୍ଥତା ଯୋଗୁଁ ମୃତ୍ୟୁବରଣ କରିଥିଲେ। ତେବେ ଉକ୍ତ ଘଟଣାକୁ କେନ୍ଦ୍ରକରି କାଲିମଣି ଗୁଣିଆ କରି ମାରିଥିବା ନେଇ ବୁଲୁ ପୂର୍ବରୁ ଝଗଡ଼ା କରିଥିଲା। ଏବଂ ଦିନେ ତାଙ୍କୁ ନିଷ୍ଠୁକ ମାଡ ମଧ୍ୟ ମାରିଥିଲେ। ତେବେ ଗତକାଲି ରାତିରେ ବୃଦ୍ଧା କଲିମଣୀଙ୍କୁ ଏକୁଟିଆ ପାଇ ଆକ୍ରମଣ କରିଥିଲେ। ଏବଂ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# ପୂରଣ ହେଲାନି ବିଡିଓଙ୍କ ପଦବୀ

## ଚେତାବନୀ ଦେଲେ ବ୍ଲକ ଅଧ୍ୟକ୍ଷା, ୨୦ରୁ ପୁଣି ଅନିର୍ଦ୍ଦିଷ୍ଟକାଳ ତାଲା ପଡ଼ିବ

ଉମରକୋଟ(ଭାସ୍କର ନ୍ୟୁଜ୍): ଦୀର୍ଘ ୨ ମାସ ହେଲା ଉମରକୋଟ ବିଡ଼ିଓ ପଦବୀ ଖାଲି ରହିଛି । ଦାୟିତ୍ୱରେ ରହିଛନ୍ତି ରାଇଘର ବିଡିଓ । ଫଳରେ ଉମରକୋଟ ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହେଇ ଯିବା ସହ ଦୂର ଦୂରାନ୍ତର ଲୋକେ ବିଭିନ୍ନ ସମସ୍ୟା ନେଇ ବ୍ଲକ ଅଫିସକୁ ଆସିଲେ ବିଡିଓଙ୍କୁ ଭେଟି ପାରୁନାହାନ୍ତି। ଏପରିକି ଉମରକୋଟ ବ୍ଲକ ଅଧ୍ୟକ୍ଷା ବିଡିଓଙ୍କୁ ଭେଟି ପାରୁନାହାନ୍ତି। ସମିତି ସଭ୍ୟ ଓ ସରପଞ୍ଚମାନେ ମଧ୍ୟ ବିଡିଓଙ୍କୁ ଦେଖା କରିପାରୁ ନ ଥିଲେ। ଦୀର୍ଘ ୨ ମାସ ବିତିଯାଇଥିଲେ ସୁଧା ରାଜ୍ୟ ସରକାର ବିଡିଓ ପଦବୀ ପୂରଣ କରି ପାରିଲେ ନାହି। ଶେଷରେ ୬/୧/୨୫ ତାରିଖ ଦିନ ବ୍ଲକ୍ ଅଧ୍ୟକ୍ଷା ଙ୍କ ନେତୃତ୍ୱରେ ସମସ୍ତ ସମିତି ସଭ୍ୟ ଓ ସରପଞ୍ଚମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବା ସହ କାର୍ଯ୍ୟାଳୟରେ ଚାବି ପାକାଇ ଦେଇଥିଲେ। ତେବେ ନବରଙ୍ଗପୁର ଜିଲ୍ଲାପାଳ ଅଧ୍ୟକ୍ଷାଙ୍କୁ ୧୧ ତାରିଖ ସୁଦ୍ଧା ବିଡିଓ ନିଯୁକ୍ତି ହେଇଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୮ ଦିନ ବିତି ଯାଇଥିଲେ ସୁଦ୍ଧା ନୂଆ ବିଡିଓ କୁ ନିଯୁକ୍ତି ଦେଇ ପାରିଲେ ନାହିଁ ରାଜ୍ୟ ସରକାର। ଦାବୀ ପୂରଣରେ ସରକାର ବିଫଳ ହୋଇଥିବା ବେଳେ ବ୍ଲକ କାର୍ଯ୍ୟାଳୟ ରେ ପୁଣି ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି । ତେଣୁ ଆଗାମୀ ୨୦/୧/୨୦୨୫ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଅନଶନ କରିବା ପାଇଁ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି , ବରିଷ୍ଠ ବିଜେଡି ନେତା ଦେବୀସିଂ ମାଝିଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟା ସମେତ ଶତାଧିକ କର୍ମୀ ବ୍ଲକ ମୁଖ୍ୟ ଫାଟକରେ ଧାରଣା ଦେବାପାଇଁ ମଧ୍ୟ ଚେତାବନୀ ଦେଇଛନ୍ତି ବ୍ଲକ୍ ଅଧ୍ୟକ୍ଷା ସୁଶୀଳା ମାଝି।

## କୁମ୍ବିଂ ଅପରେସନ୍‌ବେଳେ ମାଓବାଦୀଙ୍କ ସୁଡଙ୍ଗ ଠାବ



ମାଲକାନଗିରି(ଭାସ୍କର ନ୍ୟୁଜ୍): ସୀମାନ୍ତ ଛତିଶଗଡ଼ରେ ମାଓବାଦୀଙ୍କୁ ଲାଗିଲା ବଡ଼ ଝଟକା । ବିଜାପୁର ସୁକୁମା ସୀମାନ୍ତରେ ଏନକାଉଣ୍ଟର ପରେ ଯବାନଙ୍କ କୁମ୍ବିଂ ଅପରେସନ ବେଳେ ଜଙ୍ଗଲ ଭିତରେ ଠାବ ହେଲା ମାଓବାଦୀଙ୍କ ବିଶାଳ ସୁଡଙ୍ଗ । ସୁଡଙ୍ଗ ଭିତରେ ମାଓବାଦୀଙ୍କ ବନ୍ଧୁକ ତିଆରି କରିବା କାରଖାନା ଦେଖିବାକୁ ମିଳିଛି। ସେଠାରୁ ଶତାଧିକ ବନ୍ଧୁକ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ସେହି ସୁଡଙ୍ଗ ଭିତରେ ଦୀର୍ଘ ବର୍ଷ ଧରି ମାଓବାଦୀମାନେ ଅସ୍ତ୍ର ଶସ୍ତ୍ର ତିଆରି କରୁଥିଲେ । ସୂଚନା ମୁତାବକ, ପୂଜାରୀ ଲଙ୍କା ଜଙ୍ଗଲକୁ ନିଜର ସୁରକ୍ଷା ସ୍ଥାନ ଭାବି ନେଇଥିଲି ମାଓବାଦୀ । ହେଲେ ବିଜାପୁର ଓ ସୁକୁମା ଜିଲ୍ଲାର ଡିଆରଜି ଓ ଏସଟିଏଫ ବାହିନୀର ଯବାନମାନେ କୁମ୍ବିଂ ଅପରେସନ କରୁଥିବା ସମୟରେ ଜଙ୍ଗଲ ଭିତରେ ମାଓବାଦୀଙ୍କ ସୁଡଙ୍ଗକୁ ଠାବ କରିଥିଲେ । ପରେ ଏହି ସୁଡଙ୍ଗ ଭିତରେ ଯବାନମାନେ ପଶିଲା ପରେ ବନ୍ଧୁକ ତିଆରି ହେଉଥିବା ସମସ୍ତ ଯନ୍ତ୍ରପାତି ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ପରେ ସମ୍ପୃକ୍ତ ଅଞ୍ଚଳକୁ ଘେରି ଶତାଧିକ ବନ୍ଧୁକ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିବା ନେଇ ସୂଚନା ଦେଇଛନ୍ତି ସୁକୁମା ଏସପି କିରଣ ଚୌହାନ ।

## ଜିଆଇଇଟି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଜାତୀୟସ୍ତରରେ ସଫଳତା

ଗୁଣୁପୁର(ଭାସ୍କର ନ୍ୟୁଜ୍): ପୂର୍ବ ଭାରତର ଅଗ୍ରଣୀ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ଜିଆଇଇ ଟି ବିଶ୍ୱବିଦ୍ୟାଳୟ ଗୁଣୁପୁର ଅଧ୍ୟାୟରେ ଯୋଡ଼ି ହୋଇଯାଇଛି ଆଉ ଏକ ସଫଳତା। ଚଳିତ ମାସ ୧୭ ଓ ୧୮ ତାରିଖରେ କଳିକତା ସ୍ଥିତ ଆଡ଼ାମାସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଲ ଇଣ୍ଡିଆ ଷ୍ଟୁଡେଣ୍ଟ ରିସର୍ଚ୍ଚ କନଭେନସନ୍ (ଇଷ୍ଟ ଜୋନ) ଅନ୍ୱେଷଣ -୨୦୨୪ ଜାତୀୟ ସ୍ତରରେ ଆୟୋଜନ କରାଯାଇଥିଲା। ଆସୋସିଏସନ୍ ଅଫ ଇଣ୍ଡିଆନ୍ ୟୁନିଭରସିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦୦୦ ରୁ ଉର୍ଦ୍ଧ୍ୱ ଆଇ ଆଇଟି, ଏନଆଇଟି ଏବଂ ପ୍ରିମୀୟର ଇନଷ୍ଟିଚ୍ୟୁଟ ସହ ସରକାରୀ ଓ ବେସରକାରୀ ଅନୁଷ୍ଠାନର ଛାତ୍ରଛାତ୍ରୀ ଦଳ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଜିଆଇଇଟି ବିଶ୍ୱବିଦ୍ୟାଳୟର ଏମଏସସି, ଲାଇଫ ସାଇନ୍ସର ଚତୁର୍ଥ ସେମିଷ୍ଟର ଛାତ୍ରଛାତ୍ରୀ (ମ୍ୟୁସିନେକ୍ସ) ଦଳ ସ୍ୱାସ୍ଥ୍ୟ ବିଜ୍ଞାନ ଓ ସହଯୋଗ ବିଷୟରେ ଉତ୍ତମ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଦଳରେ ତାପସ ରଂଜନ ଗୁରୁ , ସୁଶ୍ରୀ ଯୁଗମା ସେନାପତି,ଅଭିପ୍ସା ପ୍ରଧାନ, ଅନାଦୀ ସାହୁ ପ୍ରମୁଖ ଯୋଗଦେଇଥିବା ବେଳେ ଏହି ଦଳର ମେଣ୍ଟର ଥିଲେ ପ୍ରଫେସର ଘନିଷ୍ଠା ପୃଷ୍ଟି । ସେହିପରି ଟ୍ରିବିକାର ଦଳ ସ୍ୱାସ୍ଥ୍ୟ ବିଜ୍ଞାନ ଓ ସହଯୋଗ ବିଷୟରେ ଦେବାଶିଷ ମିଶ୍ର, ଆୟୁଷ୍ମାନ ପାଣଗ୍ରାହୀ, ଆଶୁତୋଷ ବେହେରା, ପୃଥିବିରାଜ ଚାର୍ଚ୍ଚି ଯୋଗଦେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି ବିଷୟରେ କୋଡ ପନଗ୍ରାମ ଦଳର ସ୍ୱୟଂ ସ୍ୱପ୍ନିଳ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ।ଏହି ଦୁଇ ଦଳର ମେଣ୍ଟର ଭାବେ ଡ. ରଘେବେନ୍ଦ୍ର କୁମାର ରହିଥିବା ବେଳେ ବିଶ୍ୱବିଦ୍ୟାଳୟର ଅନ୍ୱେଷଣ ସଂଯୋଜକ ଭାବେ ଡତୁଷାର କାନ୍ତ ପଣ୍ଡା ଏହି ଦଳ ଗୁଡ଼ିକୁ ପରିଚାଳନା କରିଛନ୍ତି। ସେହିପରି ମୁସିନେକ୍ସ ଦଳ ଜାତୀୟ ରାଉଣ୍ଡ ପାଇଁ ବିବେଚିତ ହୋଇଥିବା ଜଣାପଡିଛି।

## ମହିଳା ମହାବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ ପାଳିତ




ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖଡିଆଳ ଠାରେ ଏକ ମାତ୍ର ଡିଗ୍ରୀ ମହିଳା ମହାବିଦ୍ୟାଳୟ ର ନବମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଅଛି। ପ୍ରଥମେ ଅତିଥି ମାନେ ଦୀପ ପ୍ରଜ୍ଜ୍ୱଳନ କରି ମଞ୍ଚାସୀନ ହୋଇଥିଲେ। ସଭାରେ ସମାଜ ସେବୀ ବିନୋଦ ବିହାରୀ ପାଢ଼ୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଫଣିନ୍ଦମ ସିଂ ଦେଓ ଯୋଗଦେଇ ଦୃଢ଼ ମନୋବଳ ଏବଂ ଆତ୍ମବିଶ୍ୱାସ ଦ୍ୱାରା ନିଜର ଲକ୍ଷ୍ୟପଥ ସାଧିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀ ମାନଙ୍କୁ ରାଜହଂସ, କ୍ଷୀର, ପାଣିର ଉଦାହରଣ ଦେଇ ତାଙ୍କ ମନୋବଳ କୁ ଦୃଢ କରିଥିଲେ। ମୁଖ୍ୟବକ୍ତା ରୂପେ ସାହିତ୍ୟକ, ଶିକ୍ଷକ ଗୌରାଙ୍ଗ ଚରଣ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଖଡ଼ିଆଳ ନଗରପାଳ ନିମାଇ ଚରଣ ତାଣ୍ଡି ବରିଷ୍ଠ ସାମ୍ବାଦିକ ଅଜିତ କୁମାର ପଣ୍ଡା, ବରିଷ୍ଠ ସାମ୍ବାଦିକ ତପନ ରଂଜନ ଦାଶ ଯୋଗଦେଇ ଛାତ୍ରୀ ମାନଙ୍କୁ ତାଙ୍କ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରି ପାଠ ପ୍ରତି ତାଙ୍କ ମନୋବଳକୁ ବଢାଇ ଥିଲେ।ଅଧ୍ୟାପିକା ପ୍ରିୟଙ୍କା ମୁଣ୍ଡ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ମହେଶ୍ୱତା ପଣ୍ଡା ଧନ୍ୟବାଦ ଦେଇଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି ସମାରୋହରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟୟନରତ ଛାତ୍ରୀ, ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ସାମିଲ ଥିଲେ।

## ଗୋକୁଳ ପାର୍ବତୀ ଗୁରାଲ କଲେଜରେ ସୁରକ୍ଷା ତାଲିମ ଶିବିର



କୁଚିଣ୍ଡା (ଭାସ୍କର ନ୍ୟୁଜ୍): ଗୋକୁଳ ପାର୍ବତୀ ରୁରାଲ୍ ହାଇୟର ସେକେଣ୍ଡାରୀ ସ୍କୁଲ,କୁନ୍ତରାରେ ଆତ୍ମସୁରକ୍ଷା ତାଲିମ ଶିବିରର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଖଗପତି ଅମାତ ମୁଖ୍ୟ ଅତିଥି ଓ ସଭାପତି ରୂପେ ଯୋଗ ଦେଇ ଆତ୍ମସୁରକ୍ଷା ତାଲିମ୍‌ର ଗୁରୁତ୍ୱ ବିଷୟରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଛାତ୍ରୀମାନେ ନିଜେ ନିଜ ସୁରକ୍ଷା କରିବାକୁ ସକ୍ଷମ ହେବା ସହ ପ୍ରତ୍ୟେକ ସଶକ୍ତ ନାରୀ ଭାବେ ସୁସ୍ଥ ସମାଜ ଗଠନ କରିବାରେ ଅଂଶ ଗ୍ରହଣ କରି ପାରିବେ, ଏହାହିଁ ହେଉଛି ଏହି ଶିବିରର ମୂଳ ଉଦ୍ଦେଶ୍ୟ । ଦୀର୍ଘ ୮ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରକୁ ଆତ୍ମସୁରକ୍ଷା ତାଲିମ୍ ପ୍ରଶିକ୍ଷଣ ଦାୟିତ୍ୱରେ ଥିବା ଅଧ୍ୟାପିକା ଦୀପିକା ବେହେରା ପରିଚାଳନା କରିବେ। ଅଞ୍ଜନା କିସାନ ଓ ଉପାସି ନାଏକ ମାଷ୍ଟର ଟ୍ରେନର ରୂପେ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିବେ। ଏହି ସଭାରେ ହାରାହାରି ୧୫୦ ଛାତ୍ରୀ ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ସମସ୍ତ ବିଭାଗର ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ ଓ ତାଲିମ୍ ଶିବିରର ସହକାରୀ ଅଧ୍ୟାପିକା ବର୍ଷା ମୁଦୁଲି ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ରାଷ୍ଟ୍ରୀୟ ମତଦାତା ଦିବସ ପାଇଁ ପ୍ରସ୍ତୁତି ବୈଠକ



ନବରଙ୍ଗପୁର( ଭାସ୍କର ନ୍ୟୁଜ୍): ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୫ ତାରିଖରେ ହେବାକୁ ଥିବା ରାଷ୍ଟ୍ରୀୟ ମତଦାତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନବୀନ ଚନ୍ଦ୍ର ନାୟକ,ସିଡିଓ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ୍, ଡେପୁଟି କଲେକ୍ଟର ମିରା ନାୟକ ଉପସ୍ଥିତ ଥିଲେ । ମତଦାତା ଦିବସ ପାଳନ ଅବସରରେ ଜିଲ୍ଲାରେ ସମସ୍ତ ବ୍ଲକସ୍ତରୀୟ ଓ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ନୂଆ ପଞ୍ଜିକୃତ ଭୋଟରମାନଙ୍କୁ ସମ୍ବର୍ଦ୍ଧନା କରାଯିବ । ଭୋଟର ସଚେତନତା କାର୍ଯ୍ୟକ୍ରମ ସହ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ,ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୫ତାରିଖ ଦିନ ସ୍ଥାନୀୟ ଉପ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରୁ ଏକ ଭୋଟର ସଚେତନତା ଶୋଭାଯାତ୍ରା ସ୍ଥାନୀୟ ସ୍କୁଲ କଲେଜର ଛାତ୍ରଛାତ୍ରୀ, ଏନ୍‌ସିସି, ସ୍କାଉଟ, ଗାଇଡ,ନେହେରୁ ଯୁବ କେନ୍ଦ୍ର ସଭ୍ୟ,ସରକାରୀ ଅଧିକାରୀ,ମୁଁ ବି ମିତାର ସଭ୍ୟା,ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭ୍ୟମାନଙ୍କୁ ନେଇ ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ପହଞ୍ଚିବ ଏବଂ ସେଠାରେ ଶପଥ ପାଠ,ସଭା ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ । ପ୍ରସ୍ତୁତି ବୈଠକରେ ବିଭିନ୍ନ କଲେଜର କର୍ମକର୍ତ୍ତା, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଡିପିଏମ,ଏନଏଚଏମ ସୁଶାନ୍ତ ପ୍ରହରାଜ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାଶିଆ ହରିଜନ, ପୌରପାଳିକା ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ବିଭିନ୍ନ ବ୍ଲକର ବିଡିଓ, ବିଭାଗୀୟ ଅଧିକାରୀଙ୍କ ସମେତ ନିର୍ବାଚନ ଶାଖାର କର୍ମଚାରୀ ଉପସ୍ଥିତ ଥିଲେ । ଡେପୁଟି କଲେକ୍ଟର(ନିର୍ବାଚନ) ପି.ମନସ୍ମିତା ବୈଠକ କୁ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ ।

## ଡାରଉଇନ୍ ସ୍ମାରକୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମା ସ୍ଥିତ ଡାରଉଇନ୍ ସ୍ମାରକୀ ଉଚ୍ଚମଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଗୌରୀ ଶଙ୍କର ବେହେରା, ବରିଷ୍ଠ ଅଧ୍ୟାପକ ରଘୁନାଥ ମହାନ୍ତି, ଅଧ୍ୟାପିକା ସୁନିତା ପୂଜାରା, କ୍ରୀଡ଼ା ଶିକ୍ଷକ ଜ୍ଞାନରକ୍ଷନ ମହାପାତ୍ରଙ୍କ ସହିତ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରଛତ୍ରୀମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୧୬ ତାରିଖରୁ ଆରମ୍ଭ ହୋଇଥିବା କ୍ରୀଡା ଉତ୍ସବ ଶନିବାର ଦିନ ସନ୍ଧ୍ୟାରେ ଶେଷ ହୋଇଥିବା ବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ସଡ଼କ ସୁରକ୍ଷା ସପ୍ତାହ ପାଳିତ

ଉମରକୋଟ(ଭାସ୍କର ନ୍ୟୁଜ୍): ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଦ୍ୱାରା ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଛି । ପୁରୁଣା ବସଷ୍ଟାଣ୍ଡ ଠାରୁ ଏକ ପଦଯାତ୍ରାରେ ବାହାରି ସହର ପରିକ୍ରମା କରି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପର୍ଯ୍ୟନ୍ତ ଆସିଥିଲା । ଏହି ସଡକ ସୁରକ୍ଷା ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଙ୍କ ସମେତ ଅନୁଷ୍ଠାନର ଅଧ୍ୟକ୍ଷ ସଞ୍ଜୟ କୁମାର ଠାକୁର, ଟ୍ରେନିଂ ଅଫିସର ପ୍ରଦୀପ କୁମାର ବର୍ମନ, ବରିଷ୍ଠ ପ୍ରଶିକ୍ଷକ ସୌରଭ ମିଶ୍ର, ଥାନା ଅଧିକାରୀ ଏବଂ ପୁଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସଡକ ସୁରକ୍ଷା ନିୟମ ବିଷୟରେ ଛାତ୍ର ଛାତ୍ରୀ, ଜନସାଧାରଣ ବାଇକ ଆରୋହି ଏବଂ କାର ଆରୋହିମାନଙ୍କୁ ବୁଝାଇଥିଲେ। ରାସ୍ତାରେ ଯିବା ଆସିବା କରୁଥିବା ଗାଡି ମୋଟର, ଯାନବାହାନ ଚାଳକଙ୍କୁ ହେଲମେଟ ପିନ୍ଧିବା ର ତାତ୍ପର୍ଯ୍ୟ ବିଷୟରେ ବୁଝାଇଥିଲେ। ହେଲମେଟ ପିନ୍ଧିଥିବା ଏବଂ ସିଟ ବେଲ୍ଟ ପିନ୍ଧିଥିବା ଚାଳକମାନଙ୍କୁ ଉପହାର ଦେଇ ପୁରସ୍କୃତ କରଯାଇଥିଲା । ନପିନ୍ଧିଥିବା ଚାଳକମାନଙ୍କୁ ଗୋଲାପ ଫୁଲ ଉପହାର ଦେଇ ସଚେତନ କରାଯାଇଥିଲା। ଏହି ସଚେତନ କାର୍ଯ୍ୟକ୍ରମରେ



ସୁଶାନ୍ତ କୁମାର ଡାକୁଆ, ସିଂରାଇ ମୁର୍ମୁ, ଆଶିଷ କୁମାର ନାୟକ, ଜାନୁରମ ସୋରେନ, ସୂରଜ ସାମନ୍ତସିଂହାର, ପ୍ରଦୋଷ ମହାପାତ୍ର, ଦିପ୍ତିମୟୀ ସିଂହାରୀ, ସଞ୍ଜୁକ୍ତା କୁମାରୀ ଡାକୁଆ, ଅଜୟ ସାହୁ, ଇପ୍ସିତା ସାମଲ ଏବଂ ବାଲାଜୀ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## କନଗାଁ କ୍ଲଷ୍ଟରର ମାସିକ ବୈଠକ

ବରଗଡ଼(ଭାସ୍କର ନ୍ୟୁଜ୍): ସୋହେଲା ବ୍ଲକ ଅନ୍ତର୍ଗତ କନଗାଁ କ୍ଲଷ୍ଟରର ଅଷ୍ଟମ ମାସିକ ବୈଠକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଢ଼ାମାଲ ଠାରେ ଅନୁଷ୍ଠିତ ହୋଇଯାଇଛି । କନଗାଁ ସିଆରସିସି କେଦାରନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ । ସଭା ପ୍ରାରମ୍ଭରେ ବୁଢ଼ାମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୁଦ୍ଧଦେବ ସାହୁ ଏବଂ ବଡିହାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ପଧାନ ସରସ୍ୱତୀଙ୍କ ଫଟୋଚିତ୍ର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିଥିଲେ । ସହକାରୀ ଶିକ୍ଷକ



ତୁଷାରକାନ୍ତ ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହାପରେ ଭାଷା ଓ ଗଣିତର ଶିକ୍ଷଣ ଫଳାଫଳ, ପାଠ୍ୟ ଯୋଜନାର ସୋପାନ, ଏକକ ଓ ବହୁ ଶ୍ରେଣୀରେ ଶିକ୍ଷାଦାନ, ସି ଆର ଏ ପଦ୍ଧତି, ଡିକୋଡିଂ, ଶିକ୍ଷଣ ସୋପାନ, ନିପୁଣ ଓଡ଼ିଶା ମେଳା ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା। ମଧ୍ୟାହ୍ନ ଭୋଜନ ପରେ ଶିକ୍ଷୟିତ୍ରୀ ବିଜୟା ସାହୁ ଏବଂ ବର୍ଷା ସାହୁ ଜି କେ ଏ କିଟ ଓ ଶିକ୍ଷଣ ସାମଗ୍ରୀ ନେଇ ଦଶମିକ ସଂଖ୍ୟା ବିଷୟରେ ଆଦର୍ଶ ଶିକ୍ଷାଦାନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପିରାମଲ ଫାଉଣ୍ଡେସନର ପ୍ରଜ୍ୱଳ ଯୋଗଦାନ କରିଥିଲେ । ଶେଷରେ ସହକାରୀ ଶିକ୍ଷକ ବାଳମୁକୁନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।